# ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ନଭେମ୍ବର ୧୧/୨୦୧୮ (୧୬ ପୃଷ୍ଠା) | Bhubaneswar, Sunday, November 11/ 2018 (ଛୁଟିଦିନ ସହ) | ★★★★

୪୪ଶ ଭାଗ ୩୪୫ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-




## ବଜରଙ୍ଗ ନମ୍ବର ୱାନ

ଭାରତର ଷ୍ଟାର ରେସ୍‌ଲର ବଜରଙ୍ଗ ପୁନିଆ ୬୫ କେଜି ଶ୍ରେଣୀରେ ବିଶ୍ୱର ନମ୍ବର ୱାନ ର୍ୟାଙ୍କିଙ୍ଗ ହାସଲ କରିଛନ୍ତି।

୧୪

**ଭୁଲ ବଟନ ଦବାଇଦେଲେ ପାଇଲଟ**

## ବିମାନ ଅପହରଣ ଆତଙ୍କ

ନୂଆଦିଲ୍ଲୀ,୧୦।୧୧(ପି.ଟି.)

ନୂଆଦିଲ୍ଲୀସ୍ଥିତ ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ ବିମାନବନ୍ଦରରୁ ଶନିବାର ଆଫଗାନିସ୍ତାନର କାନ୍ଦାହାର ଅଭିମୁଖେ ଯାତ୍ରା କରିବାକୁ ଥିବା ଏକ ବିମାନରେ ଅପହରଣ ଆତଙ୍କ ସୃଷ୍ଟି ହୋଇଛି। ବିମାନ ଉଡାଣ ଆରମ୍ଭ କରିବାବେଳେ ପାଇଲଟ ଜଣକ ଭୁଲବଶତଃ 'ହାଇଜାକ୍ ବଟନ୍' ଦବାଇଦେବାରୁ ଏଭଳି ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଥିଲା। ସୁରକ୍ଷା ଯାଞ୍ଚ ପରେ ବିମାନ ସ୍ୱାଭାବିକ ଭାବେ ଯାତ୍ରା ଆରମ୍ଭ କରିଥିଲା।

ଆରିଆନା ଆଫ୍‌ଗାନ୍ ଏୟାରଲାଇନ୍ସର ବିମାନ ଏଫ୍‌ଜି-୩୧୨ ଶନିବାର ଅପରାହ୍ନ ୩ଟା ୩୦ରେ ଦିଲ୍ଲୀରୁ ୧୨୪ ଯାତ୍ରୀ, ଜଣେ ଶିଶୁ ଓ ୯ ବିମାନ କର୍ମଚାରୀଙ୍କୁ ନେଇ କାନ୍ଦାହାର ଯାତ୍ରା କରିବାକୁ ଥାଏ। ଏହା ଠିକ୍ ଉଡାଣ ଆରମ୍ଭ କରିବାବେଳେ ପାଇଲଟ ଭୁଲ୍‌ରେ ବିମାନର 'ହାଇଜାକ୍ ବଟନ୍' ଦବାଇଦେଇଥିଲେ। ଫଳରେ ଯାତ୍ରୀମାନେ ବିମାନ ଅପହରଣ ହୋଇଥିବା ମନେକରି ଆତଙ୍କିତ ହୋଇପଡ଼ିଥିଲେ। ଆତଙ୍କବାଦୀ ନିରୋଧୀ ବଳ ଜାତୀୟ ସୁରକ୍ଷା ଗାର୍ଡ (ଏନ୍‌ଏସ୍‌ଜି) କମାଣ୍ଡୋ ଓ ଅଧିକାରୀମାନେ ଏହାକୁ ନେଇ ତତ୍ପର ହୋଇଉଠିଥିଲେ। ସେମାନେ ୨ ଘଣ୍ଟା ଧରି ବିମାନକୁ ଯାଞ୍ଚ କରିବା ପରେ କୌଣସି ବିପଦ ନାହିଁ ବୋଲି ଜଣାପଡ଼ିଥିଲା। ପରେ ଉକ୍ତ ବିମାନକୁ ଯାତ୍ରା ପାଇଁ ଅନୁମତି ଦିଆଯାଇଥିଲା।

**ଆପଣଙ୍କ ଏହି କପି ସହିତ ପାଇବେ ଛୁଟିଦିନ**




**ହକର ଭାଇଙ୍କଠାରୁ ମାଗି ନିଅନ୍ତୁ**

# ଆଜିଠୁ ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ

ଭୁବନେଶ୍ୱର,୧୦।୧୧(ବ୍ୟୁରୋ)




- ଯୋଗଦେବେ ୮୦୦ ପ୍ରତିନିଧି
- ଉଦ୍‌ଘାଟନ କରିବେ ମୁଖ୍ୟମନ୍ତ୍ରୀ
- ପୂର୍ବ ଭାରତର ବୃହତ୍ କନ୍‌କ୍ଲେଭ
- ପ୍ରଦର୍ଶନ ହେବ ସଂସ୍କୃତି, କଳା, ପର୍ଯ୍ୟଟନ
- ପ୍ରଥମ ଥର ପାଇଁ ଓଡ଼ିଶା ସିଏସ୍‌ଆର ପୁରସ୍କାର

ରାଜ୍ୟ ସରକାରଙ୍କ ଦ୍ୱିତୀୟ ବାର୍ଷିକ ବିଜ୍‌ନେସ ମେଗା ଇଭେଣ୍ଟ 'ମେକ୍ ଇନ ଓଡିଶା କନ୍‌କ୍ଲେଭ' ରବିବାରଠାରୁ ସ୍ମାର୍ଟ ସିଟି ଭୁବନେଶ୍ୱରରେ ଅନୁଷ୍ଠିତ ହେଉଛି। ଏହି କନ୍‌କ୍ଲେଭକୁ ଐତିହାସିକ କରିବା ପାଇଁ ରାଜ୍ୟ ସରକାରଙ୍କ ସମସ୍ତ ବିଭାଗ ଦିନରାତି ଏକ କରି ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ଦେଶବିଦେଶର ପ୍ରାୟ ୮୦୦ ପ୍ରତିନିଧି ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ରିଲାଏନ୍ସ ଇଣ୍ଡଷ୍ଟ୍ରିଜର ମୁକେଶ ଅମ୍ବାନୀ, ଟାଟା ସନ୍ସର ଚେୟାରମ୍ୟାନ ନଟରାଜନ ଚନ୍ଦ୍ରଶେଖରନ, ବିର୍ଲା ଗ୍ରୁପ୍‌ର କୁମାରମଙ୍ଗଳମ୍ ବିର୍ଲା, ଆଦିତ୍ୟ ବିର୍ଲା ଗ୍ରୁପ, ବେଦାନ୍ତ ମୁଖ୍ୟ ଅନିଲ ଅଗ୍ରୱାଲଙ୍କ ସମେତ ଦକ୍ଷିଣ କୋରିଆ, ଜାପାନ, ଫ୍ରାନ୍ସ, ସୌଦି ଆରବ ଏବଂ ୟୁଏଇ ଆଦି ୬ ଦେଶର ପ୍ରତିନିଧିମାନେ ଏହି କନ୍‌କ୍ଲେଭରେ ଯୋଗ ଦେବେ। ମହିନ୍ଦ୍ରା ଗ୍ରୁପ ଚେୟାରମ୍ୟାନ ଆନନ୍ଦ ମହିନ୍ଦ୍ରା, ଜିନ୍ଦଲ ଷ୍ଟିଲ୍ ଆଣ୍ଡ ପାୱାର ଲିମିଟେଡର ନବୀନ ଜିନ୍ଦଲ ଏବଂ ଆଦାନୀ ଗ୍ରୁପ ମୁଖ୍ୟ ଗୌତମ ଆଦାନୀ ଆସନ୍ତା ୧୫ ତାରିଖ ଉଦ୍‌ଯାପନୀ ଉତ୍ସବରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏହାଛଡା କେତେକ ଦେଶର ରାଷ୍ଟ୍ରଦୂତମାନେ ମଧ୍ୟ ଯୋଗଦେବେ। ଓଡିଶାର ବିଶିଷ୍ଟ ଉଦ୍ୟୋଗୀ ଅମରେନ୍ଦ୍ର ସାହୁ, ନେଷ୍ଟ ଆୱେର ସିଇଓ ରାହୁଲ ଦାସ ପ୍ୟାନେଲ ଆଲୋଚନାରେ ଭାଗନେବେ।

ଶିଳ୍ପମନ୍ତ୍ରୀ ଅନନ୍ତ ଦାସ କହିଛନ୍ତି, ଏହି ମେଗା ଇଭେଣ୍ଟକୁ ରବିବାର ଅପରାହ୍ନ ୫ଟାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ଘାଟନ କରିବେ। ନଭେମ୍ବର ୧୨ ତାରିଖ ☞ପୃଷ୍ଠା-୪



ପ୍ରଥମ ବିଶ୍ୱଯୁଦ୍ଧର ୧୦୦ ବର୍ଷ ପୂର୍ତ୍ତି ଅବସରରେ ଫ୍ରାନ୍ସର ଭିଲେର୍ସ ଗୁଇସ୍ଲାଇନ୍ ସହରରେ ଭାରତ ପକ୍ଷରୁ ନିର୍ମିତ ଯୁଦ୍ଧ ସ୍ମାରକୀ ଉଦ୍‌ଘାଟନ ଅବସରରେ ଉପରାଷ୍ଟ୍ରପତି ଏମ୍. ଭେଙ୍କାୟା ନାଇଡୁଙ୍କ ସହ ସେନା ଅଧିକାରୀମାନେ। (ରିପୋର୍ଟ ପୃଷ୍ଠା-୨)

**ସ୍ୱତନ୍ତ୍ର ପୃଷ୍ଠା**

ପ୍ରଥମ ବିଶ୍ୱଯୁଦ୍ଧର ୧୦୦ ବର୍ଷ ପୂର୍ତ୍ତି

........୭........

## ଦାରିଙ୍ଗବାଡ଼ିରେ ଭୂକମ୍ପ ଆତଙ୍କ

ଦାରିଙ୍ଗବାଡ଼ି,୧୦।୧୧ (ଡି.ଏନ.ଏ)

କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ବ୍ଲକ ଅଞ୍ଚଳରେ ଶନିବାର ପୂର୍ବାହ୍ନ ୧୦ଟା ୩୧ ମିନିଟରେ ମୃଦୁ ଭୂକମ୍ପ ଅନୁଭୂତ ହୋଇଥିବା ଲୋକମାନେ ଆଶଙ୍କା କରିଥିଲେ। ଏହାକୁ ନେଇ ଲୋକେ ଭୟଭୀତ ହୋଇ ଘରୁ ପଦାକୁ ବାହାରି ଆସିଥିଲେ। ତେବେ କୌଣସି କ୍ଷୟକ୍ଷତି ହୋଇ ନାହିଁ। କିନ୍ତୁ ବିପଦ ଆଶଙ୍କା କରି ଲୋକମାନେ ବହୁ ସମୟ ଧରି ବାହାରେ ରହିଥିଲେ। ଏନେଇ ଅଞ୍ଚଳରେ ଆତଙ୍କ ଦେଖାଦେଇଥିଲା। ତେବେ ଭୂକମ୍ପ ନେଇ ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ନିକଟରେ କୌଣସି ସୂଚନା ନାହିଁ ବୋଲି ନିର୍ଦ୍ଦେଶକ ଏଚ୍.ଆର. ବିଶ୍ୱାସ କହିଛନ୍ତି।

# ଦାମ ଗଢ଼ିବେ ବିଜୁ ସମତା କ୍ରାନ୍ତି ଦଳ

ପାରାଦୀପ,୧୦।୧୧(ସ୍ୱ.ପ୍ର.)



- ୩ରୁ ୪ ଦିନ ମଧ୍ୟରେ ହେବ ବିଧିବଦ୍ଧ ଘୋଷଣା
- ବିଜେଡି ନେତା ଓ ନବୀନ ସରକାରଙ୍କୁ ସମାଲୋଚନା

ବିଜେଡିରୁ ବହିଷ୍କୃତ ହେବା ପରେ ବରିଷ୍ଠ ନେତା ତଥା ପାରାଦୀପ ବିଧାୟକ ଦାମୋଦର ରାଉତ କ'ଣ କରିବେ? ନୂଆ ଦଳ ଗଢିବେ ନା ଅନ୍ୟ କୌଣସି ଦଳରେ ସାମିଲ ହେବେ? ଏଭଳି ଅନେକ ପ୍ରଶ୍ନକୁ ନେଇ ରାଜନୈତିକ ମହଲରେ ଦୀର୍ଘଦିନ ହେଲା ଆଲୋଚନା ଜୋର ଧରିଥିବାବେଳେ ଶନିବାର ଏହା ଉପରୁ ପରଦା ଉଠାଇଛନ୍ତି ଦାମ। ଆସନ୍ତା ୩ ରୁ ୪ ଦିନ ମଧ୍ୟରେ ରାଜ୍ୟରେ ତାଙ୍କ ନେତୃତ୍ୱରେ ଏକ ନୂଆ ଦଳ ଗଠନ ହେବ। ଏହାର ନାମ 'ବିଜୁ ସମତା କ୍ରାନ୍ତି ଦଳ' ରହିବ ବୋଲି ସେ କହିଛନ୍ତି। ପାରାଦୀପ ସର୍କିଟ ହାଉସଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସେ ଏ ସମ୍ପର୍କରେ ସୂଚନା ଦେଇଛନ୍ତି। ତେବେ ଏହି ଦଳରେ ଅନ୍ୟ କେଉଁ ନେତା ରହିବେ, କିଏ ପାଣ୍ଠି ଯୋଗାଇବେ ଆଦି ପ୍ରଶ୍ନ କରିବାରୁ ସେ ଚିରାଚରିତ ଢଙ୍ଗରେ କଟୂକ୍ତି କରିଥିଲେ। କହିଲେ ଦଳରେ କିଏ ରହିବ ଏବେ ଘୋଷଣା କରିବି ନାହିଁ। ଯେଉଁଦିନ ଦଳ ବିଧିବଦ୍ଧ ଭାବେ ଆତ୍ମପ୍ରକାଶ ପାଇବ ସେହିଦିନ ଦଳର ନୀତିଗତ ଆଭିମୁଖ୍ୟ ସମ୍ପର୍କରେ ସ୍ପଷ୍ଟ କରାଯିବ। ଏହି ନୂଆ ଆଞ୍ଚଳିକ ଦଳର ପାଣ୍ଠି ଖର୍ଚ୍ଚ ବିଜେଡି ନେତା ମନ୍ତ୍ରୀ ପ୍ରତାପ ଜେନା ଓ ପ୍ରଫୁଲ୍ଲ ସାମଲ ଭରଣା କରିବେ ବୋଲି ଦାମ କଟାକ୍ଷ କରିଥିଲେ। ଏହି ଅବସରରେ ସେ ଏମ୍‌ପି କୁଳମଣି ସାମଲଙ୍କଠାରୁ ଆରମ୍ଭ କରି ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

ବ୍ୟକ୍ତି ସ୍ୱାଧୀନତା

**ଆଜିର ମନ୍ତବ୍ୟ**

"ଭାରତ ସବୁବେଳେ ଶାନ୍ତି ଓ ଅହିଂସାର ବାର୍ତ୍ତାବହ ହୋଇ ରହିଆସିଛି।
-ଏମ୍.ଭେଙ୍କାୟା ନାଇଡୁ, ଉପରାଷ୍ଟ୍ରପତି


NECC NATIONAL EGG CO-ORDINATION COMMITTEE | 10.11.2018 | Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 60 | 106 | 116 |
| CTC | 61 | 107 | 117 |
| DKL | 62 | 109 | 119 |
| BDK | 60 | 106 | 116 |
| BLS | 60 | 106 | 116 |
| ANG | 64 | 111 | 121 |

*Conditions Apply

Eggs Retail Price- 51/-Dozen
Issued in the Interest of Consumers







"କଂଗ୍ରେସ ସହ ମିଶି ୧୦-୧୫ ବର୍ଷ କାମ କରିସାରିଛି। ଭାଜପା କ୍ଷମତାରେ ରହିଲେ ଏହି ଦଳ ସହ ୧୫-୨୦ ବର୍ଷ କାମ କରିବି। କିନ୍ତୁ ପବନ ଅନ୍ୟ ଦିଗକୁ ବହିଲେ ମୁଁ ବି ପଟପରିବର୍ତ୍ତନ କରିବି।

- ରାମଦାସ ଅଠାଓ୍ୱଲେ, କେନ୍ଦ୍ରମନ୍ତ୍ରୀ ତଥା ଆର୍‌ପିଆଇ ଅଧ୍ୟକ୍ଷ

## ସଂକ୍ଷେପରେ

### କାଲିଫର୍ନିଆରେ ନିଆଁ ୯ ଦଗ୍ଧ, ୩୫ ନିଖୋଜ



**ସାନ୍ ଫ୍ରାନ୍ସିସ୍କୋ,୧୦।୧୧(ଆଇଏଏନ୍ଏସ୍):** ଆମେରିକାର ଦକ୍ଷିଣ କାଲିଫର୍ନିଆସ୍ଥିତ ସିଏରା ପାର୍ବତ୍ୟାଞ୍ଚଳରେ ଭୀଷଣ ଅଗ୍ନିକାଣ୍ଡ ଘଟିଛି। ଏଥିରେ ୯ ଜୀବନ୍ତ ଦଗ୍ଧ ଓ ୩୫ ଜଣ ନିଖୋଜ ହୋଇଯାଇଛନ୍ତି। ଜଙ୍ଗଲରୁ ଚତୁର୍ଦ୍ଦିଗକୁ ନିଆଁ ବ୍ୟାପିବା ପରେ ପାରାଡାଇଜ୍‌ରେ ୬,୩୧୭ଟି ଘର ଓ ଦୋକାନ ଗୃହ ଜଳିପୋଡ଼ି ଧ୍ୱଂସ ହୋଇଯାଇଛି। ୨୨ ବର୍ଗ ମାଇଲ ବ୍ୟାପୀ ଅଞ୍ଚଳରେ ୩୦ ହଜାରରୁ ଊର୍ଦ୍ଧ୍ୱ ଲୋକ ବାସହରା ହୋଇ ସୁରକ୍ଷିତ ସ୍ଥାନକୁ ପଳାୟନ କରିଛନ୍ତି। ସେହିପରି ସାନ୍ତା ମୋନିକା ପାର୍ବତ୍ୟମାଳାରୁ ମାଲିବୁ ଅଞ୍ଚଳକୁ ମଧ୍ୟ ନିଆଁ ମାଡ଼ିଯାଇଛି। ୨୦୧୭ ଅକ୍ଟୋବର ପରେ ଏହା ହେଉଛି କାଲିଫର୍ନିଆରେ ସବୁଠୁ ବଡ଼ଧରଣର ଅଗ୍ନିକାଣ୍ଡ। ଜଙ୍ଗଲ ବିଭାଗର ଅପାରଗତା ଯୋଗୁ ନିଆଁକୁ ଆୟତ୍ତ କରାଯାଇ ପାରି ନାହିଁ ବୋଲି ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଟୁଇଟର୍‌ରେ ସମାଲୋଚନା କରିଛନ୍ତି।

### ପୋଲିସ-ଲୁଟେରା ଗୁଳି ବିନିମୟ: ୧୧ ନିହତ

**ରିଓ-ଡି-ଜେନିରୋ,୧୦।୧୧(ଏ.ଏଫ୍.ପି.):** ବ୍ରାଜିଲର ପେର୍ନାମ୍ବୁକୋ ରାଜ୍ୟର ଅଗୁଆସ୍ ବେଲାସ୍‌ସ୍ଥିତ ଏକ ବ୍ୟାଙ୍କ ଲୁଟ୍ ବେଳେ ଗୁଳିକାଣ୍ଡ ଘଟିଛି। ପୋଲିସ ଓ ଲୁଟେରାଙ୍କ ମଧ୍ୟରେ ଗୁରୁବାର ରାତିରେ ଗୁଳି ବିନିମୟ ହୋଇଛି। ଏଥିରେ ୧୧ ଅପରାଧୀ ନିହତ ହୋଇଛନ୍ତି। ମୃତକଙ୍କ ବିରୋଧରେ ବ୍ୟାଙ୍କ ଡକାୟତି ସମେତ ବିଭିନ୍ନ ଆପରାଧିକ ମାମଲା ଥିଲା ବୋଲି ପୋଲିସ ପକ୍ଷରୁ କୁହାଯାଇଛି।

■ ଛତିଶଗଡ଼ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପ୍ରଚାର ଥମିଲା

# ଏଥର କଡ଼ା ମୁକାବିଲା

**ନୂଆଦିଲ୍ଲୀ,୧୦।୧୧**

ଛତିଶଗଡ଼ର ପ୍ରଥମ ପର୍ଯ୍ୟାୟ ନିର୍ବାଚନ ଲାଗି ୧୮ ଆସନରେ ଶନିବାର ସନ୍ଧ୍ୟାରେ ପ୍ରଚାରରେ ପୂର୍ଣ୍ଣଚ୍ଛେଦ ପଡ଼ିଛି। ଶାସକ ଭାଜପା ଓ ବିରୋଧୀ କଂଗ୍ରେସ ସମେତ ସମସ୍ତ ଦଳ ପକ୍ଷରୁ ହାଇଭୋଲ୍ଟେଜ୍ ପ୍ରଚାର ଶେଷ ହୋଇଛି। ଭାଜପା ପକ୍ଷରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ୍ ଶାହ ଷ୍ଟାର୍ କ୍ୟାମ୍ପେନର ଭାବେ ପ୍ରଚାର ମଙ୍ଗ ଧରିଥିବାବେଳେ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ନିଜ ଦଳର ପ୍ରାର୍ଥୀଙ୍କ ସପକ୍ଷରେ ମତଦାତାଙ୍କୁ ଭୋଟ ମାଗିଛନ୍ତି। ଏଥର ମୋଟାମୋଟି ଭାବେ ଦୁଇ ଦଳ ମଧ୍ୟରେ ପୁଣିଥରେ କଡ଼ା ଟକ୍କର ହେବ ବୋଲି ଏକାଧିକ ଜନମତ ସର୍ବେକ୍ଷଣ ସଂସ୍ଥା ପକ୍ଷରୁ ଭବିଷ୍ୟବାଣୀ କରାଯାଇଛି।

ଛତିଶଗଡ଼ର ମାଓବାଦୀ ପ୍ରଭାବିତ ୧୮ ନିର୍ବାଚନମଣ୍ଡଳୀରେ ସୋମବାର ଭୋଟ ଗ୍ରହଣ କରାଯିବ। ଅବଶିଷ୍ଟ ୭୨ ଆସନରେ ନଭେମ୍ବର ୨୦ରେ ମତଦାନ ହେବ। ଦୁଇ ପର୍ଯ୍ୟାୟର ଭୋଟ ଗଣତି ଡିସେମ୍ବର ୧୧ରେ କରାଯିବ। ତେବେ



ଚଳିତ ନିର୍ବାଚନରେ ଭାଜପା ଓ କଂଗ୍ରେସ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ପୂର୍ବାପେକ୍ଷା ଅଧିକ ତୀବ୍ରତର ହେବ ବୋଲି ଏବିପି-ସି ଭୋଟର, ଟାଇମ୍ସ ନାଓ କ୍ରୋମ୍ ଡିଏମ୍ ଏବଂ ଟାଇମ୍ସ ନାଓ-ୱାର୍‌ରୁମ୍ ପକ୍ଷରୁ କରାଯାଇଥିବା ସର୍ଭେ ରିପୋର୍ଟଗୁଡ଼ିକୁ ବିଶ୍ଳେଷଣ କଲେ ଜଣାପଡ଼େ। ପୂର୍ବତନ ମୁଖ୍ୟମନ୍ତ୍ରୀ ଅଜିତ୍ ଯୋଗୀଙ୍କ ନେତୃତ୍ୱାଧୀନ ଜନତା କଂଗ୍ରେସ ଛତିଶଗଡ଼ (ସିଜେସି), ମାୟାବତୀଙ୍କ ବହୁଜନ ସମାଜ ପାର୍ଟି (ବିଏସ୍‌ପି) ଏବଂ ଭାରତର କମ୍ୟୁନିଷ୍ଟ ପାର୍ଟି (ସିପିଆଇ) ମଧ୍ୟରେ ପ୍ରାକ୍ ନିର୍ବାଚନୀ ମେଣ୍ଟ ହୋଇଛି। ଏହି ମେଣ୍ଟ ଦୁଇ ପର୍ଯ୍ୟାୟ ନିର୍ବାଚନରେ ଏକ ନୂଆ ଦିଗ ଯୋଡ଼ିଛି। ଛତିଶଗଡ଼ ଭାଜପା ଏବଂ କଂଗ୍ରେସର ପାରମ୍ପରିକ ରଣଭୂମି ହୋଇଥିବାବେଳେ ଏହି ନବଗଠିତ ମେଣ୍ଟ ମତଦାତାଙ୍କୁ କିଭଳି ଆକର୍ଷିତ କରିପାରିବ ତାହା ସ୍ପଷ୍ଟ ହୋଇନାହିଁ। କିନ୍ତୁ ନୂଆ ମେଣ୍ଟ ପ୍ରତିଦ୍ୱନ୍ଦ୍ୱିତାକୁ ତ୍ରିମୁଖୀ କରାଇବ। ଏଥିରେ ଭାଜପା ଓ କଂଗ୍ରେସ ଆଗରେ ରହିବେ ବୋଲି ଏକ୍‌ଜିଟ୍ ପୋଲ୍ ଅନୁମାନ କରିଛି। ୯୦ ଆସନ ବିଶିଷ୍ଟ ବିଧାନସଭାରେ କୌଣସି ଦଳ ବା ମେଣ୍ଟକୁ ସରକାର ଗଠନ ପାଇଁ ୪୫ ଆସନ ଦଖଲ କରିବା ଜରୁରୀ। ଏବିପି- ସି ଭୋଟରର ସର୍ଭେ ଅନୁସାରେ କଂଗ୍ରେସ ୪୦% ଭୋଟ ପାଇ ୪୭ ଆସନ ଅକ୍ତିଆର କରିବାକୁ ସଫଳ ହେବ। ଭାଜପାକୁ ୪୦ ନିର୍ବାଚନମଣ୍ଡଳୀରେ ସନ୍ତୁଷ୍ଟ ହୋଇ ବିରୋଧୀ ଦଳ ଆସନରେ ବସିବାକୁ ପଡ଼ିବ। ଅନ୍ୟ ଦଳଗୁଡ଼ିକୁ ୩ଟି ଆସନ ମିଳିବ। ସେହିପରି ଟାଇମ୍ସ ନାଓ କ୍ରୋମ୍ ଡିଏମ୍ ଏବଂ ଟାଇମ୍ସ ନାଓ ୱାର୍‌ରୁମ୍ ଷ୍ଟ୍ରାଟେଜିକ୍ ସର୍ଭେର ବିଶ୍ଳେଷଣ ମୁତାବକ, ଭାଜପା ୪୭ ଆସନ ଦଖଲ କରିବ। କଂଗ୍ରେସ ୩୩ ଓ ଅନ୍ୟଦଳର ପ୍ରାର୍ଥୀ ୧୦ ଆସନ ଦଖଲ କରିବେ। ଅନ୍ୟପକ୍ଷରେ ନ୍ୟୁଜ୍ ନେଶନ୍‌ର ସର୍ଭେ ଅନୁସାରେ, ଭାଜପା ୪୩-୪୭ ଆସନ ଏବଂ କଂଗ୍ରେସ ୩୬ରୁ ୪୦ ନିର୍ବାଚନମଣ୍ଡଳୀରେ ସଫଳତା ପାଇବ। ଭାଜପା ଯଦି ୪୩ ଆସନ ଦଖଲ କରେ ତେବେ ଏହାକୁ ସରକାର ଗଢ଼ିବା ପାଇଁ ବାହ୍ୟ ସମର୍ଥନ ଆବଶ୍ୟକ ହେବ।

■ ଫ୍ରାନ୍ସରେ ଯୁଦ୍ଧ ସ୍ମାରକୀ ଉଦ୍‌ଘାଟନ କଲେ ଉପରାଷ୍ଟ୍ରପତି

## ପ୍ରଥମ ବିଶ୍ୱଯୁଦ୍ଧର ଭାରତୀୟ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି

**ପ୍ୟାରିସ୍,୧୦।୧୧(ପି.ଟି.)**

ପ୍ରଥମ ବିଶ୍ୱଯୁଦ୍ଧକୁ ପୂରିଛି ୧୦୦ ବର୍ଷ। ଏହି ଅବସରରେ ଉତ୍ତର ଫ୍ରାନ୍ସରେ ଭାରତ ପକ୍ଷରୁ ନିର୍ମିତ ପ୍ରଥମ ଯୁଦ୍ଧ ସ୍ମାରକୀକୁ ଶନିବାର ଉପରାଷ୍ଟ୍ରପତି ଏମ୍.ଭେଙ୍କାୟା ନାଇଡୁ ଉଦ୍‌ଘାଟନ କରିଛନ୍ତି। ଉଦ୍‌ଘାଟନୀ ଉତ୍ସବରେ ନାଇଡୁ ପ୍ରଥମ ବିଶ୍ୱଯୁଦ୍ଧରେ ପ୍ରାଣବଳି ଦେଇଥିବା ଭାରତୀୟ ଯବାନମାନଙ୍କୁ ଶ୍ରଦ୍ଧାଞ୍ଜଳି ଦେଇଛନ୍ତି। ଫ୍ରାନ୍ସର ରାଜଧାନୀ ପ୍ୟାରିସ୍‌କୁ ତିନିଦିନିଆ ଗସ୍ତ କରିଥିବା ଉପରାଷ୍ଟ୍ରପତି ନାଇଡୁ ଭିଲ୍ଲେର୍ସ ଗୁଇସ୍ଲାଇନ୍ ଠାରେ ଭାରତୀୟ ଯୁଦ୍ଧ ସ୍ମାରକୀକୁ ଉଦ୍‌ଘାଟନ କରିଛନ୍ତି। ସେ ସେଠାକାର ସଶସ୍ତ୍ର ବଳର ଅବସରପ୍ରାପ୍ତ ଅଧିକାରୀ ଓ ସ୍ଥାନୀୟ ଛାତ୍ରୀଛାତ୍ରଙ୍କ ସହ ଭାବବିନିମୟ କରିଛନ୍ତି। ଏହି ଅବସରରେ ନାଇଡୁ କହିଛନ୍ତି, ହଜାର ହଜାର ଭାରତୀୟ ଯବାନ ସେମାନଙ୍କ ତ୍ୟାଗ ପାଇଁ ସାରା ବିଶ୍ୱରେ ସ୍ୱୀକୃତି ଲାଭ କରିଛନ୍ତି। ସେମାନଙ୍କୁ ଶ୍ରଦ୍ଧାଞ୍ଜଳି ଦେଇ ସେ ଆନନ୍ଦିତ। ବିଶ୍ୱଯୁଦ୍ଧ ବେଳେ ସାରା ବିଶ୍ୱର ଯୁଦ୍ଧଭୂଇଁରେ ବିଶେଷକରି ଫ୍ରାନ୍ସ, ବେଲ୍‌ଜିୟମ୍, ଏଡେନ୍, ଆରବ, ପୂର୍ବ ଆଫ୍ରିକା, ଇଜିପ୍ଟ, ମେସୋପଟାମିଆ, ପାଲେଷ୍ଟାଇନ୍ ଏବଂ ପର୍ସିଆରେ ଭାରତ ଉଭୟ ସୈନ୍ୟବଳ ଓ ସାମଗ୍ରୀ ଯୋଗାଇଦେଇଥିଲା। ତେଣୁ ଫ୍ରାନ୍ସର ମାଟି ଓ ସମାଜ ସହ ଭାରତ ତ୍ୟାଗର ବନ୍ଧନରେ ଯୋଡ଼ିହୋଇ ରହିଛି ବୋଲି ନାଇଡୁ ଟୁଇଟ୍ କରିଛନ୍ତି। ପ୍ରକାଶ ଯେ, ଫ୍ରାନ୍ସରେ ଭାରତ ପକ୍ଷରୁ ପ୍ରଥମଥର ପାଇଁ ଏଭଳି ସ୍ମାରକୀ ନିର୍ମାଣ କରାଯାଇଛି। ଗତ ଜୁନ୍‌ରେ ବହିର୍ବ୍ୟାପାର ମନ୍ତ୍ରୀ ସୁଷମା ସ୍ୱରାଜ ପ୍ୟାରିସ୍ ଗସ୍ତ ବେଳେ ଏହି ସ୍ମାରକୀ ପ୍ରତିଷ୍ଠା ପାଇଁ ଘୋଷଣା କରିଥିଲେ।

## ବିସ୍ଫୋରଣରେ ୪୧ ନିହତ



**ମୋଗାଡ଼ିଶୁ,୧୦।୧୧**

ସୋମାଲିଆର ରାଜଧାନୀ ମୋଗାଡ଼ିଶୁ ସ୍ଥିତ ବିଳାସପୂର୍ଣ୍ଣ ହୋଟେଲ ଶାହାଫି ନିକଟରେ ଅଲ୍-ଶବାବ୍ ଆତଙ୍କବାଦୀମାନେ କାର୍ ବିସ୍ଫୋରଣ ଘଟାଇଛନ୍ତି । ଏଥିରେ ୪୧ ନିହତ ଓ ୧୦୬ ଆହତ ହୋଇଛନ୍ତି। ନିହତଙ୍କ ମଧ୍ୟରେ ହୋଟେଲ ମାଲିକ ଅବ୍‌ଦିଫତାହ ଅବ୍‌ଦିରଶିଦ୍ ଅଛନ୍ତି। ୩ ବର୍ଷ ପୂର୍ବେ ଅନୁରୂପ ଆକ୍ରମଣରେ ତାଙ୍କ ବାପା ନିହତ ହୋଇଥିଲେ। ପ୍ରକାଶ ଯେ, ମୋଗାଡ଼ିଶୁରେ ଆତଙ୍କବାଦୀ ସଙ୍ଗଠନ ଅଲ୍-କାଏଦା ସହ ଅନୁବନ୍ଧିତ ଅଲ୍-ଶବାବ୍ ଗୋଷ୍ଠୀ ଅନ୍ତର୍ଜାତୀୟ ସମୁଦାୟ ସମର୍ଥିତ ସୋମାଲିଆ ସରକାରଙ୍କ ପାଇଁ ୧ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଧରି ଚ୍ୟାଲେଞ୍ଜ ସାଜିଛି।

## ୨ ଆତଙ୍କବାଦୀ ନିହତ, ଯବାନ ଶହୀଦ

**ଶ୍ରୀନଗର,୧୦।୧୧(ପି.ଟି.)**

ଜମ୍ମୁ-କଶ୍ମୀରର ପୁଲଓ୍ୱାମାରେ ସୁରକ୍ଷା ବଳର ଏନ୍‌କାଉଣ୍ଟରରେ ୨ ହିଜ୍‌ବୁଲ ମୁଜାହିଦ୍ଦିନ ଆତଙ୍କବାଦୀ ନିହତ ହୋଇଛନ୍ତି। ସେହିପରି ରାଜୌରି ସେକ୍ଟର ସଂଲଗ୍ନ ନିୟନ୍ତ୍ରଣରେଖା (ଏଲ୍‌ଓସି)ରେ ପାକିସ୍ତାନୀ ସେନାର ସ୍ନାଇପର ଆକ୍ରମଣରେ ଜଣେ ଯବାନ ଶହୀଦ ହୋଇଛନ୍ତି। ପୁଲଓ୍ୱାମାର ଟିକ୍କେନ୍ ଅଞ୍ଚଳରେ ଆତଙ୍କବାଦୀଙ୍କ ଉପସ୍ଥିତି ନେଇ ସୁରକ୍ଷା ବଳକୁ ଗୋଇନ୍ଦା ସୂଚନା ମିଳିଥିଲା। ଶନିବାର ସକାଳେ ଯବାନମାନେ ସମ୍ପୃକ୍ତ ଅଞ୍ଚଳକୁ ଘେରି ତଲାସି ଅଭିଯାନ ଚଳାଉଥିବାବେଳେ ଆତଙ୍କବାଦୀମାନେ ସେମାନଙ୍କ ଉପରକୁ ଆଖିବୁଜା ଗୁଳିବର୍ଷା କରିଥିଲେ। ଯବାନଙ୍କ ଜବାବୀ କାର୍ଯ୍ୟାନୁଷ୍ଠାନରେ ୨ ହିଜ୍‌ବୁଲ ଆତଙ୍କବାଦୀ ନିହତ ହୋଇଛନ୍ତି। ସେମାନେ ହେଲେ ପୁଲଓ୍ୱାମାର ଦର୍ଗୁଣ୍ଡା ବାସିନ୍ଦା ଲିୟାକତ ମୁନିର୍ ଓ୍ୱାନି ଓ ବଭାର ନିବାସୀ ଓ୍ୱାଜିଦ୍ ଉଲ୍ ଇସ୍‌ଲାମ୍। ଆତଙ୍କବାଦୀଙ୍କ ମୃତଦେହ ନିକଟରୁ ଗୋଟିଏ ଲେଖାଏ ଏକେ ୪୭ ଏବଂ ଆଇଏନ୍ଏସ୍ଏସ୍ ରାଇଫଲ ସମେତ ବିପୁଳ ଅସ୍ତ୍ରଶସ୍ତ୍ର ଜବତ ହୋଇଛି। ଅନ୍ୟପକ୍ଷରେ ରାଜୌରି ଜିଲା ସଂଲଗ୍ନ ଏଲ୍‌ଓସିରେ ପାକିସ୍ତାନୀ ସୈନ୍ୟ ଅସ୍ତ୍ରବିରତି ଉଲ୍ଲଂଘନ କରିଛନ୍ତି। ସ୍ନାଇପର ଆକ୍ରମଣରେ ଜଣେ ଯବାନ ଶହୀଦ ହୋଇଛନ୍ତି। ଭାରତୀୟ ସେନା ମଧ୍ୟ ଏହାର ମୁହଁତୋଡ଼ ଜବାବ ଦେଉଥିବା ଜଣେ ଅଧିକାରୀ କହିଛନ୍ତି।

## ଫୁର୍‌ସତ

### କୁହୁଡ଼ି ଏଡ଼ାଇବ 'ଫଗ୍ ପାସ୍' ଡିଭାଇସ୍



**ଗୁଆହାଟୀ:** ନର୍ଥ ଇଷ୍ଟ ଫ୍ରଣ୍ଟିୟର ରେଲଓ୍ୱେ (ଏନ୍ଏଫ୍ଆର) ଟ୍ରେନ୍‌ରେ ଏକ ଛୋଟ 'ଫଗ୍ ପାସ୍' ଡିଭାଇସ୍ ବ୍ୟବହାର କରିବାକୁ ଯାଉଛି। ଏହାଦ୍ୱାରା ଡ୍ରାଇଭର ଶୀତଦିନେ କୁହୁଡ଼ିକୁ ଭେଦକରି କିଛିଦୂର ପର୍ଯ୍ୟନ୍ତ ଦେଖିବାକୁ ସକ୍ଷମ ହୋଇପାରିବ। ଏନ୍ଏଫ୍ଆର ମୁଖ୍ୟ ମୁଖପାତ୍ର ପ୍ରଣବ ଜ୍ୟୋତିଶର୍ମାଙ୍କ କହିବାନୁଯାୟୀ, ଏହା ସ୍ୱଳ୍ପ ମୂଲ୍ୟର ଗ୍ଲୋବାଲ ପୋଜିଶନିଂ ସିଷ୍ଟମ୍ (ଜିପିଏସ୍)। ଏହି ଉପକରଣ ସହାୟତାରେ ସମ୍ମୁଖ ଟ୍ରେନ୍‌ଲାଇନ୍ ଦୃଶ୍ୟମାନ ହେବା ସହିତ ଦ୍ରୁତଗାମୀ ଟ୍ରେନ୍‌ର ଦୁର୍ଘଟଣା ଆଶଙ୍କାକୁ ହ୍ରାସ କରାଯାଇ ପାରିବ। ଉକ୍ତ ଡିଭାଇସ୍‌ରେ ଅଡିଓ ଭିଜୁଆଲ୍ ନ୍ୟାଭିଗେଶନ୍ ସିଷ୍ଟମ୍ ରହିଛି। ଟ୍ରେନ୍ ଯାତ୍ରା କରିବା ବେଳେ ସିଗ୍‌ନାଲ୍, ଟ୍ରାକ୍ ପାର୍ଶ୍ୱସ୍ଥ ଭୂଭାଗର ସୁସ୍ପଷ୍ଟ ଚିତ୍ର, ଲେଭଲ କ୍ରସିଂ ଗେଟ୍ ଆଦି ଦୃଶ୍ୟମାନ ହୋଇପାରିବ ବୋଲି ଶର୍ମା ପ୍ରକାଶ କରିଛନ୍ତି। ଏହି ଯନ୍ତ୍ରାଂଶକୁ ସ୍ଥାୟୀ ଭାବରେ ବ୍ୟବହାର କରାଯିବ ନାହିଁ। ବରଂ ଆବଶ୍ୟକ ସମୟରେ ଡ୍ରାଇଭରମାନେ ଏହାକୁ ବ୍ୟବହାର କରିପାରିବେ।

### ଚୋରି ହୋଇପାରେ ସ୍ମୃତିଶକ୍ତି

**ଓ୍ୱାଶିଂଟନ୍:** ଅଧୁନା ପ୍ରଯୁକ୍ତି ଓ ଜ୍ଞାନକୌଶଳ ପ୍ରୟୋଗ କରି ମାନବ ମସ୍ତିଷ୍କକୁ ଅପବ୍ୟବହାର କରାଯିବା ସହିତ ଏହାକୁ ଅଦଳବଦଳ କରାଯାଇପାରେ ବୋଲି ବୈଜ୍ଞାନିକମାନେ ସତର୍କ କରାଇ ଦେଇଛନ୍ତି। ମାସାଚୁସେଟ୍ସ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି (ଏମ୍ଆଇଟି)ର ନ୍ୟୁରୋ ବୈଜ୍ଞାନିକମାନେ ଏକ ଗବେଷଣାମୂଳକ ପ୍ରଦର୍ଶନ ମାଧ୍ୟମରେ ଦର୍ଶାଇଛନ୍ତି, ସେମାନେ ମୂଷାର ମସ୍ତିଷ୍କରେ ପ୍ରତାରଣାପୂର୍ଣ୍ଣ ସ୍ମୃତିଶକ୍ତି ପ୍ରତିରୋପଣ କରିପାରିବେ। ଉକ୍ତ ଜ୍ଞାନକୌଶଳ ପ୍ରୟୋଗ କରି ଦୁଃଖ ଓ ଯନ୍ତ୍ରଣା ସହ ଜଡ଼ିତ ସ୍ମୃତିକୁ ମଧ୍ୟ ଲିଭାଇ ଦିଆଯାଇପାରିବ। ତେବେ କେତେକ ଖଳ ପ୍ରକୃତିର ବ୍ୟକ୍ତି ଏହି ପଦ୍ଧତି ଦ୍ୱାରା ମାନବଠାରେ ଅବାସ୍ତବ ସ୍ମୃତିଶକ୍ତି ପ୍ରତିରୋପଣ କରିବା ସହିତ ବୁଦ୍ଧିମାନ



ବ୍ୟକ୍ତିଙ୍କ ଜ୍ଞାନକୁ ମଧ୍ୟ ଅପହରଣ କରି ନେଇପାରିବେ। ସାଇବର ଆକ୍ରମଣକାରୀମାନେ ମାନବ ସ୍ମୃତିଶକ୍ତିକୁ ଚୋରାଇନେଇ ଏଥିସହ ଗୁପ୍ତଚର ବୃତ୍ତିକରିବା ସହିତ ମାନବର ସ୍ମୃତିଶକ୍ତିକୁ ନିୟନ୍ତ୍ରଣ ମଧ୍ୟ କରିପାରିବେ। ଏହା ଆଉ କିଛି ଦଶନ୍ଧି ମଧ୍ୟରେ ବାସ୍ତବତାରେ ପରିଣତ ହେବାକୁ ଯାଉଥିବା ବେଳେ ଏଥିପାଇଁ ଆବଶ୍ୟକ ଜ୍ଞାନକୌଶଳ ଉଦ୍‌ଭାବନ ହୋଇସାରିଲାଣି, ଯାହାକୁ ମସ୍ତିଷ୍କରେ ପ୍ରତିରୋପଣ କରାଯାଇପାରିବ। ଅକ୍ସଫୋର୍ଡ ଫଙ୍କ୍‌ସନାଲ୍ ନ୍ୟୁରୋସର୍ଜରୀ ଗ୍ରୁପ୍ ୟୁନିଭର୍ସିଟି ଏବଂ କାସ୍‌ପରସ୍କି ଲାବ୍‌ର ଗବେଷକଙ୍କ ଦ୍ୱାରା ନଭେମ୍ବର ୧ରେ ଏ ସମ୍ପର୍କିତ ଏକ ରିପୋର୍ଟ ପ୍ରକାଶ ପାଇଛି। ପ୍ରତିରୋପଣଯୋଗ୍ୟ ପଲ୍ସ ଜେନେରେଟର ବା ନ୍ୟୁରୋଷ୍ଟିମୁଲେଟର ଦ୍ୱାରା ମସ୍ତିଷ୍କର ଏକ ସ୍ୱତନ୍ତ୍ର ସ୍ଥାନକୁ ବୈଦ୍ୟୁତିକ ପଦ୍ଧତିରେ ଉତ୍ତେଜିତ କରି ପାର୍କିନ୍‌ସନ୍, ବାତ, ମାନସିକ ଚାପ ଏବଂ ପୃଥୁଳତା ଭଳି ସମସ୍ୟାକୁ ଦୂର କରାଯାଇ ପାରୁଛି।

### ଇତିହାସର ଆଇନାରେ

**ନଭେମ୍ବର ୧୧ର ପ୍ରମୁଖ ଘଟଣା**

୧୯୪୦ ନଭେମ୍ବର ୧୧ରେ ଟରଣ୍ଟୋଠାରେ ବ୍ରିଟିଶ୍ ନୌସେନା ଏବଂ ଇଟାଲୀୟ ନୌସେନା ମଧ୍ୟରେ ଯୁଦ୍ଧ ହୋଇଥିଲା। ବ୍ରିଟିଶ୍ ନୌସେନା ଆଡମିରାଲ୍ କୁନିଙ୍ଗହାମ୍‌ଙ୍କ କହିବାନୁଯାୟୀ ଟରଣ୍ଟୋ ଏବଂ ୧୯୪୦ ନଭେମ୍ବର ୧୧-୧୨ ରାତ୍ରୀ ଅବିସ୍ମରଣୀୟ ହୋଇ ରହିବ। କାରଣ ବ୍ରିଟିଶ୍ ନୌସେନା ଏହି ସମୟରେ ଅତି ଧ୍ୱଂସାତ୍ମକ ଅସ୍ତ୍ରଶସ୍ତ୍ର ବ୍ୟବହାର କରିଥିଲା।

୧୯୭୫ ନଭେମ୍ବର ୧୧ରେ ରିପବ୍ଲିକ୍ ଅଫ ଆଙ୍ଗୋଲା ସ୍ୱାଧୀନତା ଲାଭ କରିଥିଲା। ଏହା ଦକ୍ଷିଣ-କେନ୍ଦ୍ରୀୟ ଆଫ୍ରିକାର ପଶ୍ଚିମ ଉପକୂଳସ୍ଥ ଏକ ଦେଶ। ଏହା ଆଫ୍ରିକା ମହାଦେଶର ସପ୍ତମ ବୃହତ୍ତମ ଦେଶ। ଏହାର ଦକ୍ଷିଣକୁ ନାମିବ୍ୟା, ଉତ୍ତରକୁ ଡେମୋକ୍ରାଟିକ୍ ରିପବ୍ଲିକ ଅଫ୍ କଙ୍ଗୋ, ପୂର୍ବରେ ଜାମ୍ବିଆ ଏବଂ ପଶ୍ଚିମକୁ ଆଟଲାଣ୍ଟିକ୍ ମହାସାଗର ରହିଛି। ଲୁଆଣ୍ଡା ହେଉଛି ଏହାର ରାଜଧାନୀ ତଥା ବୃହତ୍ ନଗରୀ।



ଶନିବାର ଅପରାହ୍ଣ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

### କେମିତି ରହିବ ଆଜିର ପାଗ

**ରାଜ୍ୟ**-ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ଶୁଖିଲା ରହିବା ସମ୍ଭାବନା ଅଛି।

**ସ୍ଥାନୀୟ ଅଞ୍ଚଳ**- ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ଆଂଶିକ ମେଘାଚ୍ଛନ୍ନ ରହିବ। ରବିବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୨ ଡିଗ୍ରୀ ଏବଂ ସର୍ବନିମ୍ନ ୨୧ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ଶନିବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପାମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୧.୧ | ୧୮.୪ |
| ଚାନ୍ଦବାଲି | ୩୦.୨ | ୧୯.୭ |
| କଟକ | ୩୦.୪ | ୧୯.୨ |
| ପାରାଦ୍ୱୀପ | ୨୯.୫ | ୨୧.୮ |
| ଭୁବନେଶ୍ୱର | ୩୧.୯ | ୨୦.୬ |
| ଗୋପାଳପୁର | ୩୨.୬ | ୨୨.୨ |
| ପୁରୀ | ୩୧.୨ | ୨୨.୫ |
| ଅନୁଗୋଳ | ୨୭.୧ | ୧୬.୦ |
| ବାରିପଦା | ୨୮.୦ | ୧୮.୬ |
| ଝାରସୁଗୁଡ଼ା | ୩୧.୦ | ୧୪.୧ |
| କେନ୍ଦୁଝର | ୨୭.୮ | ୧୫.୪ |
| ସମ୍ବଲପୁର | ୩୨.୦ | ୧୬.୯ |
| ସୁନ୍ଦରଗଡ଼ | ୩୦.୦ | ୧୫.୦ |
| ହୀରାକୁଦ | ୩୧.୬ | ୧୬.୯ |
| ତାଳଚେର | --- | ୧୮.୫ |
| ଭବାନୀପାଟଣା | --- | ୧୮.୬ |
| ବଲାଙ୍ଗୀର | ୩୧.୫ | ୧୭.୫ |
| କୋରାପୁଟ | ୨୮.୫ | ୧୬.୦ |
| ଫୁଲବାଣୀ | ୨୯.୫ | ୧୧.୦ |
| ଟିଟିଲାଗଡ଼ | --- | ୧୬.୦ |
| ମାଲକାନଗିରି | --- | --- |
| ସୋନପୁର | ୩୧.୪ | ୧୮.୦ |
| ଦାରିଙ୍ଗିବାଡ଼ି | --- | ୧୮.୦ |
| ଢେଙ୍କାନାଳ | --- | ୧୩.୦ |

ଡିଗ୍ରୀ ସେଲ୍‌ସିୟସ୍

### ବିବାହ ପାଇଁ ଇଟାଲୀ ଗଲେ ଦୀପିକା

**ମୁମ୍ବାଇ:** ବଲିଉଡ୍ ଅଭିନେତ୍ରୀ ଦୀପିକା ପାଦୁକୋନ୍ ଏବଂ ଅଭିନେତା ରଣବୀର ସିଂ ସେମାନଙ୍କ ପ୍ରସ୍ତାବିତ ବିବାହ ଲାଗି ଇଟାଲୀ ଗସ୍ତ କରିଛନ୍ତି। ଆସନ୍ତା ସପ୍ତାହରେ ପ୍ରାକୃତିକ ସୌନ୍ଦର୍ଯ୍ୟଭରା ଲେକ୍ କୋମୋ ନିକଟରେ ସେମାନଙ୍କ ଶୁଭପରିଣୟ ଅନୁଷ୍ଠିତ ହେବ। ମୁମ୍ବାଇ ବିମାନବନ୍ଦରରେ ସେମାନେ ହସହସ ମୁହଁରେ ପ୍ରଶଂସକଙ୍କୁ ବିଦାୟ ଜଣାଇ ଇଟାଲୀ ଅଭିମୁଖେ ଯାତ୍ରା କରିଛନ୍ତି। ଦୀପିକା ସ୍ମିତହାସ୍ୟ କରିଥିବାବେଳେ ରଣବୀର ସମବେତ ପ୍ରଶଂସକଙ୍କ ସହ କରମର୍ଦ୍ଦନ କରି ପ୍ରେମ ବିବାହ ପାଇଁ କୃତଜ୍ଞତା ପ୍ରକାଶ କରିଥିଲେ। ଦୀପିକା ଏକ ଧଳା ସ୍କର୍ଟ ଏବଂ ଟର୍ଟଲ ନେକ୍ ସ୍ୱେଟର ଏବଂ ରଣବୀର ବନ୍ଧଗଳା ପରିଧାନ କରିଥିଲେ। ନଭେମ୍ବର ୧୪ ଓ ୧୫ରେ ସେମାନଙ୍କ ବିବାହ ଅନୁଷ୍ଠିତ ହେବ। 'ଗୋଲିଓଁ କି ରାସଲୀଳା: ରାମ-ଲୀଳା' ଏବଂ 'ବାଜିରାଓ ମସ୍ତାନି'ରୁ ସେମାନଙ୍କ ଭଲ ପାଇବାର କେମିଷ୍ଟ୍ରି ଆରମ୍ଭ ହୋଇଥିଲା। ସେମାନେ ୬ବର୍ଷ ହେଲା ଡେଟିଂ କରିଆସୁଥିଲେ ହେଁ ମାତ୍ର କିଛିଦିନ ତଳେ ଏହି ବିଷୟ ପ୍ରକାଶ କରିଥିଲେ। ସେମାନେ ସୋସିଆଲ ମିଡିଆରେ ବିବାହ ତାରିଖ ଘୋଷଣା କରିବା ପରେ ସେମାନଙ୍କ ପ୍ରେମକୁ ନେଇ ସୃଷ୍ଟି ହୋଇଥିବା ସବୁ କଳ୍ପନାଜଳ୍ପନାର ଅବସାନ ଘଟିଛି। ଚଳିତମାସ ପ୍ରାରମ୍ଭରେ ବେଙ୍ଗାଲୁରୁସ୍ଥିତ ଦୀପିକାଙ୍କ ଘରେ ପାରମ୍ପରିକ ପୂଜା ଓ 'ହଳଦୀ ଉତ୍ସବ' ପାଳନ କରାଯାଇଥିଲା। ବିବାହ ପରେ ଏହି ମାସ ଶେଷଭାଗରେ ସେମାନେ ଭାରତରେ ରିସେପ୍ସନ୍ ଭୋଜି ଆୟୋଜନ କରିବା କାର୍ଯ୍ୟକ୍ରମ ରହିଛି।



**ଧରିତ୍ରୀର ବିଭିନ୍ନ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର**

ଭୁବନେଶ୍ୱର-(Code.0674) 2580101(Advt.), 2549302(News), Fax No. 2549795.Dharitri, ନୂଆଦିଲ୍ଲୀ-(011)23329821, 23329822, ନୂଆଦିଲ୍ଲୀ ପ୍ରତିନିଧି-09999032822, କଟକ ଅଫିସ-(0671)2321004, 2322004, ସମ୍ବଲପୁର-(0663) 2405816, ଢେଙ୍କାନାଳ ଅଫିସ-(06762)224254, ଫୁଲବାଣୀ ଅଫିସ-(06842)253116, 9438367053, ବଲାଙ୍ଗୀର ଅଫିସ-(06652)234333, ବରଗଡ ଅଫିସ-(06646)234789, ଅନୁଗୋଳ-(06764)237556, (ତାଳଚେର-(06760)241177, ରାଉରକେଲା ଅଫିସ-(0661)2643242, ସୁନ୍ଦରଗଡ଼-9437346088, ଯାଜପୁର ଅଫିସ-8895242449, ପାରାଦୀପ-(06722)221081, ବାଲେଶ୍ୱର ଅଫିସ-(06782)240604, ବାରିପଦା ଅଫିସ-9437018073, ଭବାନୀପାଟଣା-9437153870, ରାୟଗଡା ଅଫିସ-(06856)225625, 9437090496, କୋରାପୁଟ ଅଫିସ-06852252599, ଜୟପୁର-9437182105, ନବରଙ୍ଗପୁର-9437119068, ସୋନପୁର-9438739383, ଯାଜପୁର ରୋଡ଼-(06726)265030, ଖୋର୍ଦ୍ଧା ଅଫିସ-(06755)223444, ପୁରୀ ଅଫିସ-(06752)221922, ଆସ୍କା-(06822)273440, 272144, କେନ୍ଦୁଝର-9437197395, ଜଗତ୍‌ସିଂହପୁର ଅଫିସ-(06724)224030, 8763968203, ନୟାଗଡଅଫିସ-(06753)252710, ଭଦ୍ରକଅଫିସ-(06784)242101, ନୂଆପଡ଼ାଅଫିସ-(06678)223068, ଝାରସୁଗୁଡ଼ାଅଫିସ-(06645)272799, ଦେବଗଡ-9437121562, କେନ୍ଦ୍ରାପଡ଼ାଅଫିସ-06727233825, ପାରଳାଖେମୁଣ୍ଡି-9437140002.



ଗୋଡ଼ ହଲାଇବା ଏକ ରୋଗର ଲକ୍ଷଣ ବୋଲି କହିଛନ୍ତି ମିଚିଗାନ୍ ୟୁନିଭର୍ସିଟିର ଗବେଷକ। ଶରୀରରେ ଆଇରନ୍‌ର ମାତ୍ରା କମ୍ ହେଲେ ଏପରି ଲକ୍ଷଣ ଦେଖାଦେଇଥାଏ। ବିଶେଷ କରି ୩୫ ବର୍ଷରୁ ଊର୍ଦ୍ଧ୍ୱ ବୟସର ବ୍ୟକ୍ତିଙ୍କ ପାଖରେ ଏପରି ଲକ୍ଷଣ ଦେଖାଯାଏ। ଏହା ରେଷ୍ଟଲେସ୍ ସିଣ୍ଡ୍ରୋମର ଲକ୍ଷଣ ହୋଇଥାଇ ପାରେ ବୋଲି ଗବେଷକମାନେ କହିଛନ୍ତି। ଏହା ସ୍ନାୟୁ ସଂସ୍ଥାନ ସହ ଯୋଡି ହୋଇଥାଏ। ଗୋଡ଼ ହଲାଇବା ଦ୍ୱାରା ଡୋପାମାଇନ୍ ହର୍ମୋନ୍ ନିର୍ଗତ ହୋଇଥାଏ। ଯାହାକି ବାରମ୍ବାର ଗୋଡ଼ ହଲାଇବାକୁ ଇଚ୍ଛା ପ୍ରକାଶ କରାଏ ବୋଲି ଗବେଷଣାରୁ ଜଣାପଡ଼ିଛି।


DSPL-244

ODISHA INDIA'S BEST KEPT SECRET. | ODISHA HOCKEY MEN'S WORLD CUP BHUBANESWAR 2018

#HWC2018 #Odisha2018

ସୁଖବିନ୍ଦର୍ ସିଂହଙ୍କ ଦ୍ୱାରା ରଙ୍ଗାରଙ୍ଗ ସଙ୍ଗୀତ କାର୍ଯ୍ୟକ୍ରମ

ଓଡିଶା ସ୍ପୋର୍ଟ୍ସ; ଉତ୍କର୍ଷ ପାଇଁ ସହଭାଗିତା

ହାଇ ପର୍ଫମାନ୍ସ ସେଣ୍ଟର୍ ପ୍ରତିଷ୍ଠା ପାଇଁ ବୁଝାମଣାପତ୍ର ସାକ୍ଷର
ଏବଂ ଓଡିଶା ହକି ପୁରୁଷ ବିଶ୍ୱକପ ଭୁବନେଶ୍ୱର ୨୦୧୮ର ଟ୍ରଫି ଉନ୍ମୋଚନ

ନିଃଶୁଳ୍କ ପ୍ରବେଶ
(ସୀମିତ ପାସ୍ ଉପଲବ୍ଧ)

କଳିଙ୍ଗ ହକି ଷ୍ଟାଡିୟମ୍
୧୨ ନଭେମ୍ବର ୨୦୧୮, ସନ୍ଧ୍ୟା ୫:୩୦ ଘଟିକା

www.hockey.sportsodisha.gov.in Sports_odisha sports.odisha

ପାସ୍ ଉପଲବ୍ଧ ସ୍ଥାନ ଓ ସମୟ :
୧୧ ନଭେମ୍ବର, ୨୦୧୮ (ସକାଳ ୧୦ରୁ ସନ୍ଧ୍ୟା ୫ ଘଟିକା)
୧୨ ନଭେମ୍ବର, ୨୦୧୮ (ସକାଳ ୧୦ରୁ ଅପରାହ୍ନ ୧ ଘଟିକା)
ଗେଟ୍ ନଂ-୪, କଳିଙ୍ଗ ଷ୍ଟାଡିୟମ୍

29001/13/0059/1819





■ ଗ୍ରାମ୍ୟ ବ୍ୟାଙ୍କରୁ ୨କୋଟି ଋଣ ଠକେଇ

# ପୂର୍ବତନ ବ୍ରାଞ୍ଚ ମ୍ୟାନେଜରଙ୍କ ସମେତ ୪ ଗିରଫ

ଭୁବନେଶ୍ୱର, ୧୦।୧୧(ବ୍ୟୁରୋ)

ଭୁବନେଶ୍ୱର ରସୁଲଗଡ ଗ୍ରାମ୍ୟ ବ୍ୟାଙ୍କ୍ ଶାଖାରୁ ଜାଲ କାଗଜପତ୍ର ଦେଇ ୨କୋଟି ଋଣ ଠକେଇ ଘଟଣାରେ କ୍ରାଇମବ୍ରାଞ୍ଚ ଇଓଡବ୍ଲ୍ୟୁ ପୂର୍ବତନ ବ୍ରାଞ୍ଚ ମ୍ୟାନେଜର ସମେତ ୪ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ପୂର୍ବତନ ମ୍ୟାନେଜର ପ୍ରସନ୍ନ କୁମାର ଜେନା, ବିକ୍ରମ କେଶରୀ ପ୍ରଧାନ, ଗଙ୍ଗୋତ୍ରୀନଗରର ରାଜଲକ୍ଷ୍ମୀ ପ୍ରଧାନ ଓ ଶିଶୁପାଳଗଡର ମଦନମୋହନ ପ୍ରଧାନ। ସେମାନଙ୍କ ବିରୋଧରେ ଦଫା ୪୨୦, ୪୦୬, ୪୬୭, ୪୬୮, ୪୭୧ ଓ ୧୨୦(ବି)ରେ ଏକ ମାମଲା(୨୩/୧୮) ରୁଜୁ ହୋଇଛି। ସୂଚନା ଅନୁଯାୟୀ, ୨୦୧୭-୧୮ରେ ପ୍ରସନ୍ନ ରସୁଲଗଡ ଗ୍ରାମ୍ୟ ବ୍ୟାଙ୍କ୍ ଶାଖାର ମ୍ୟାନେଜର ଥିଲେ। ତାଙ୍କୁ ୩ଜଣ ଅଭିଯୁକ୍ତ ହାତ କରି ଜାଲ କାଗଜପତ୍ର ଦେଇ ଋଣ ନେଇଥିଲେ। ଅଭିଯୁକ୍ତ ବିକ୍ରମ ବ୍ୟାଙ୍କ୍ ମ୍ୟାନେଜରଙ୍କ ଶଳା। ତେଣୁ ସେ ଜାଲ କାଗଜପତ୍ର ଦେଇ ଦୁଇଟି ଭାରିଯାନ ପାଇଁ ଋଣ ନେଇଥିଲେ। ପ୍ରଥମେ ସେ ୪୧.୭୦ ଲକ୍ଷ ଟଙ୍କା ନେଇଥିବା ବେଳେ ଦ୍ୱିତୀୟ ଥର ୩୬ ଲକ୍ଷ ଟଙ୍କା ନେଇଥିଲେ। ସେହିଭଳି ତାଙ୍କ ସ୍ତ୍ରୀ ରାଜଲକ୍ଷ୍ମୀ ପ୍ରଧାନ ସ୍କର୍ପିଓ ଗାଡି ପାଇଁ ୯ଲକ୍ଷ ଟଙ୍କା ଋଣ ନେଇଥିଲେ। ସେହିଭଳି ମଦନମୋହନ ପ୍ରଧାନ ଦୁଇଟି ଭାରିଯାନ ପାଇଁ ୪୦ ଲକ୍ଷ ଟଙ୍କା ଋଣ ନେଇଥିଲେ। ସେମାନେ ବ୍ୟାଙ୍କ୍‌କୁ ଜାଲ ଆରସି ବୁକ୍ ଓ ଇନ୍ସ୍ୟୁରାନ୍ସ କାଗଜପତ୍ର ଦେଇଥିଲେ। ଗ୍ରାମ୍ୟବ୍ୟାଙ୍କ ପିପିଲି ଶାଖାର ମ୍ୟାନେଜର ଦେବଦତ୍ତ ନନ୍ଦଙ୍କର ଏ ନେଇ ସନ୍ଦେହ ହୋଇଥିଲା। ସେ ଇଓଡବ୍ଲ୍ୟୁରେ ଅଭିଯୋଗ କରିଥିଲେ। ତାଙ୍କ ଅଭିଯୋଗ ଆଧାରରେ ଇଓଡବ୍ଲ୍ୟୁ ଏକ ମାମଲା ରୁଜୁ କରି ତଦନ୍ତ କରୁଥିବା ବେଳେ ଶନିବାର ୪ଜଣଙ୍କୁ ଗିରଫ କରିଛି। ବ୍ୟାଙ୍କ୍‌ରୁ ଏହିଭଳି ଅନ୍ୟ କେଉଁମାନେ ଋଣ ନେଇଛନ୍ତି ସେନେଇ ମଧ୍ୟ ଇଓଡବ୍ଲ୍ୟୁ ତଦନ୍ତ କରୁଥିବା ଜଣାପଡିଛି।


**OFFICE SPACE REQUIRED**

"A very reputed Indian company is looking out for 800 - 1000 sq.ft. office space, with toilet and small pantry, either in standalone building or commercial complex, preferably on ground floor and in proximity to main/service road, either on outright purchase or long-term lease, for immediate possession basis. Interested parties may send details of their property/premise in mail id **dr.mishra@amul.coop** within 3 days of release of this Advt."


# ଅବପାତ ଘୂର୍ଣ୍ଣିଝଡ଼ ରୂପ ନେଉଛି

- ■ ମତ୍ସ୍ୟଜୀବୀଙ୍କୁ ସମୁଦ୍ର ମନା
- ■ ଓଡ଼ିଶା ଉପରେ ପ୍ରଭାବ ନାହିଁ
- ■ ପାରଦ ତଳକୁ ଖସିଲା
- ■ ଫୁଲବାଣୀ ୧୧ ଡିଗ୍ରୀ

ଭୁବନେଶ୍ୱର,୧୦।୧୧(ବ୍ୟୁରୋ)

ଦକ୍ଷିଣ ପୂର୍ବ ବଙ୍ଗୋପ ସାଗର ଆଣ୍ଡାମାନ ନିକଟରେ ସୃଷ୍ଟି ହୋଇଥିବା ଲଘୁଚାପ ଶନିବାର ଡିପ୍ରେସନ(ଅବପାତ)ରେ ପରିଣତ ହୋଇଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଏହା ଡିପ୍ ଡିପ୍ରେସନ(ଭୟଙ୍କର ଅବପାତ) ରୂପ ନେବ। ୭୨ ଘଣ୍ଟା ମଧ୍ୟରେ ଏହା ସାମୁଦ୍ରିକ ଝଡରେ ପରିଣତ ହେବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଲଘୁଚାପ ପୋର୍ଟବ୍ଲେୟାରଠାରୁ ୨୦ କିଲୋମିଟର ଏବଂ ପୂର୍ବ ଦକ୍ଷିଣ ପୂର୍ବ ଚେନ୍ନାଇଠାରୁ ୧୩୦୦ କିଲୋମିଟର ଦୂରରେ ରହିଛି। ଏହା ଧୀରେ ଧୀରେ ଘନୀଭୂତ ହେବାରେ ଲାଗିଛି। ଆସନ୍ତା ୪୮ ଘଣ୍ଟା ମଧ୍ୟରେ ଏହା ପଶ୍ଚିମ ଉତ୍ତର ପଶ୍ଚିମ ଦିଗ ଏବଂ ପରେ ଏହା ଗତି ବଦଳାଇ ପଶ୍ଚିମ ଦକ୍ଷିଣ ପଶ୍ଚିମ ଦିଗ ଦେଇ ଉତ୍ତର ତାମିଲନାଡୁ ଓ ଦକ୍ଷିଣ ଆନ୍ଧ୍ରପ୍ରଦେଶ ମୁହାଁ ହେବ। ୧୧ ତାରିଖରେ ଦକ୍ଷିଣ ପଶ୍ଚିମ ଓ କେନ୍ଦ୍ରୀୟ ବଙ୍ଗୋପସାଗରରେ ସମୁଦ୍ର ଅଶାନ୍ତ ରହିବା ସହ ଘଣ୍ଟାକୁ ୪୫ରୁ ୫୫ କିଲୋମିଟର ବେଗରେ ପବନ ବହିବ। ସମୁଦ୍ରକୁ ନ ଯିବା ଲାଗି ମତ୍ସ୍ୟଜୀବୀମାନଙ୍କୁ ପରାମର୍ଶ ଦିଆଯାଇଛି। ୧୨ ତାରିଖରେ ଲଘୁଚାପର ବେଗ ବଢିବ। ଘଣ୍ଟାକୁ ୫୦ରୁ ୬୦ ଓ ବେଳେ ବେଳେ ୭୦ କିମି ବେଗରେ ପବନ ବହିବ। ଗଭୀର ସମୁଦ୍ରରେ ଯେଉଁ ମତ୍ସ୍ୟଜୀବୀମାନେ ଅଛନ୍ତି ସେମାନେ ତୁରନ୍ତ କୂଳକୁ ଫେରି ଆସିବାକୁ ପାଣିପାଗ ବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇଛି। ୧୩ ତାରିଖରେ ଲଘୁଚାପ ସାମୁଦ୍ରିକ ଝଡ଼ରେ ପରିଣତ ହେବ। ପୂର୍ବ କେନ୍ଦ୍ରୀୟ ବଙ୍ଗୋପସାଗରରେ ତାଣ୍ଡବ କରିବ। ଘଣ୍ଟାକୁ ୯୦ରୁ ୧୦୦ କିଲୋମିଟର ବେଗରେ ପବନ ବହିବ। ୧୪ ତାରିଖରେ ଝଡ ଭୟଙ୍କର ରୂପ ଧାରଣ କରି ଘଣ୍ଟାକୁ ୧୦୦ରୁ ୧୧୦ କିଲୋମିଟର ବେଗରେ ଗତି କରିବ। ଏହି ସମୟରେ ସମୁଦ୍ରରେ ଉଚ୍ଚ ଲହଡି ଉଠିବା ସହ ଅଶାନ୍ତ ରହିବ। ସମୁଦ୍ରକୁ ନ ଯିବା ଲାଗି ମତ୍ସ୍ୟଜୀବୀମାନଙ୍କୁ ସତର୍କ କରାଯାଇଛି। ଏହାର ପ୍ରଭାବ ତାମିଲନାଡୁ ଓ ଦକ୍ଷିଣ ଆନ୍ଧ୍ର ପ୍ରଦେଶ ଉପରେ କିଛିମାତ୍ରାରେ ପଡିବ ବୋଲି ଅନୁମାନ କରାଯାଇଛି। ତେବେ ଓଡିଶା ଉପରେ ଝଡ଼ର ପ୍ରଭାବ ସେପରି କିଛି ପଡିବ ନାହିଁ। ତେବେ ଆସନ୍ତା ଦିନେ ଦୁଇ ଦିନ ମଧ୍ୟରେ ଏ ନେଇ ସ୍ପଷ୍ଟ କରାଯିବ ବୋଲି ଆଞ୍ଚଳିକ ପାଣିପାଗ ନିର୍ଦ୍ଦେଶକ ଏଚ.ଆର. ବିଶ୍ୱାସ କହିଛନ୍ତି। ତେବେ ଝଡ଼ର ପ୍ରଭାବରେ ଦକ୍ଷିଣ ଓଡିଶାର କେତେକ ସ୍ଥାନରେ ଆକାଶ ମେଘାଚ୍ଛନ୍ନ ରହିବା ସହ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହେବା ସମ୍ଭାବନା ରହିଛି। ଆସନ୍ତା ୪ ଦିନ ଯାଏ ରାଜ୍ୟରେ ପାଗ ଶୁଖିଲା ରହିବ। ଶୀତର ପ୍ରକୋପ ବଢିବ। ଶନିବାର ରାଜ୍ୟରେ ସର୍ବନିମ୍ନ ତାପମାତ୍ରା ୩ରୁ ୪ ଡିଗ୍ରୀ ସେଲସିୟସ ଯାଏ ତଳକୁ ଖସି ଯାଇଛି। ଫୁଲବାଣୀରେ ସର୍ବନିମ୍ନ ତାପମାତ୍ରା ୧୧ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିବା ବେଳେ ଦାରିଙ୍ଗବାଡି ୧୩, ଝାରସୁଗୁଡା ୧୪.୧, ସୁନ୍ଦରଗଡ ୧୫, କେନ୍ଦୁଝର ୧୫.୪, ଅନୁଗୋଳ ୧୬, କୋରାପୁଟ ୧୬ ଏବଂ ହୀରାକୁଦରେ ସର୍ବନିମ୍ନ ୧୬.୯ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି।


**ଆଲ୍ଲାହାବାଦ ବ୍ୟାଙ୍କ**

ଭୁବନେଶ୍ୱର ମୁଖ୍ୟ ଶାଖା,
୧୫୯, ବାପୁଜୀ ନଗର, ଭୁବନେଶ୍ୱର - ୭୫୧୦୦୯,
ଫୋନ୍ - (୦୬୭୪) ୨୫୯୭୭୪୫ / ୨୫୯୭୦୮୭

**ଦଖଲ ନୋଟିସ୍**
(ସ୍ଥାବର ସମ୍ପତ୍ତି ନିମନ୍ତେ)

ନିମ୍ନ ସ୍ୱାକ୍ଷରକାରୀ **ଆଲ୍ଲାହାବାଦ ବ୍ୟାଙ୍କ**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ ଅଫ୍ ଫାଇନାନ୍‌ସିଆଲ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୩ ଅନୁଯାୟୀ କ୍ଷମତା ପ୍ରୟୋଗ କରି ନିମ୍ନଲିଖିତ ଋଣଗ୍ରହୀତା ଓ ଜାମିନଦାରମାନଙ୍କୁ କଥିତ ଆକ୍ଟର ଧାରା ୧୩(୨) ଅନୁଯାୟୀ ଡିମାଣ୍ଡ ନୋଟିସ୍ ଜାରିକରି ନୋଟିସ ଦର୍ଶିତ ବକେୟା ରାଶି ଏବଂ ସେବାବଦ ସୁଧ ଓ ଆଇନଗତ ଖର୍ଚ୍ଚ ନୋଟିସ୍ ପାଇବାର ୬୦ ଦିନ ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା।

ଯେହେତୁ ଋଣଗ୍ରହୀତା / ଜାମିନ୍‌ଦାରମାନେ ସେମାନଙ୍କର ଋଣ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ ମାଧ୍ୟମରେ ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ କଥିତ ନିୟମର ଧାରା ୧୩(୪) ସହିତ କଥିତ ରୁଲ୍ସର ୮ ଅନୁଯାୟୀ ନ୍ୟସ୍ତ ହୋଇଥିବା କ୍ଷମତା ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ଗୁଡ଼ିକୁ ଦଖଲକୁ ନେଇଛନ୍ତି। ଏତଦ୍ଦ୍ୱାରା ବିଶେଷ କରି ଋଣଗ୍ରହୀତା / ଜାମିନ୍‌ଦାର(ମାନେ) ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ ଓ ଆଇନଗତ ଖର୍ଚ୍ଚ ନିମନ୍ତେ **ଆଲ୍ଲାହାବାଦ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ।

ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଛି ସେମାନେ ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ ଅଫ୍ ଫାଇନାନ୍‌ସିଆଲ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ର ଧାରା ୧୩ର ଉପଧାରା (୮) ଅନୁସାରେ ସେମାନଙ୍କର ସୁରକ୍ଷିତ ସମ୍ପତ୍ତିକୁ ସମୟମତେ ବନ୍ଧକମୁକ୍ତ କରନ୍ତୁ।

| ଋଣଗ୍ରହୀତା/ ଜାମିନ୍‌ଦାରମାନଙ୍କ ନାମ ଓ ଠିକଣା | ନୋଟିସ୍‌ରେ ପ୍ରଦତ୍ତ ବକେୟା ପରିମାଣ | ଡିମାଣ୍ଡ ନୋଟିସ୍ / ଦଖଲ ନୋଟିସ୍ ତାରିଖ | ସ୍ଥାବର ସମ୍ପତ୍ତିର ସମ୍ପୂର୍ଣ୍ଣ ବିବରଣୀ |
|---|---|---|---|
| **ଋଣଗ୍ରହୀତା: ମେସର୍ସ ଚିତ୍ରା ବିଲ୍ଡର୍ସ ପ୍ରା.ଲିଃ., ନିର୍ଦ୍ଦେଶକ: ଶ୍ରୀ ସୁନିଲ୍ କୁମାର ଶାହ,** ପିତା: ଶ୍ରୀ ସୀତାରାମ ଶାହ, ଠିକଣା: ରୁମ୍ ନଂ.: ୪୦୫, ୪ର୍ଥ ମହଲା, ସେଣ୍ଟର ପଏଣ୍ଟ ବିଲ୍ଡିଂ, ୨୧, ହେମନ୍ତ ବସୁ ସରଣୀ, କୋଲକାତା- ୭୦୦୦୦୧, ଅନ୍ୟ ଠିକଣା - ୭-ଡି, ମନୋରମା ଇଷ୍ଟେଟ, ରସୁଲଗଡ଼, ଭୁବନେଶ୍ୱର / **ଜାମିନ୍‌ଦାରମାନେ: ୧) ଶ୍ରୀ ସୁନିଲ୍ କୁମାର ଶାହ (ନିର୍ଦ୍ଦେଶକ),** ପିତା: ଶ୍ରୀ ସୀତାରାମ ଶାହ, **୨) ଶ୍ରୀମତୀ ରାଖୀ ଶାହ (ନିର୍ଦ୍ଦେଶକ),** ସ୍ୱାମୀ: ଶ୍ରୀ ସୁନିଲ କୁମାର ଶାହ, ଉଭୟଙ୍କ ଠିକଣା : ୨୫୭, ଅଣ୍ଣାମୁଥୁର ରୋଡ଼, ଗ୍ରୀନ୍ ପ୍ଲେ ଆମ୍ପ୍ଟସ୍, କୋଏମ୍ବାଟୁର, ତାମିଲନାଡୁ - ୬୪୧୧୦୮ | ୨୮.୦୮.୨୦୧୮ ସୁଦ୍ଧା ଟ.୩,୧୩,୩୧,୫୧୨/- + ସେବାବଦ ସୁଧ ଏବଂ ଆଇନଗତ ଖର୍ଚ୍ଚ | ୨୮.୦୮.୨୦୧୮ / ୦୮.୧୧.୨୦୧୮ | ୧) ଘର ବାରି ଜମି, ଜିଲ୍ଲା - ଯାଜପୁର, ସବ୍ ରେଜିଷ୍ଟର: ଧର୍ମଶାଳା, ତହସିଲ.: ଧର୍ମଶାଳା, ସବ୍ ଡିଭିଜନ: ଯାଜପୁର, ଥାନା.: ଜେନାପୁର, ଗ୍ରାମ.: ଋଣସିଂହବାଟି, ଥାନା ନଂ.: ୨୪୮, ଖାତା ନଂ.: ୭୯, ପ୍ଲଟ୍ ନଂ.: ୯୮, କ୍ଷେତ୍ର.: ଏକର ୦.୩୭ ଡିସିମିଲି, ୨) ଖାତା ନଂ.: ୪୦, ପ୍ଲଟ୍ ନଂ.: ୨୧, କ୍ଷେତ୍ର.: ଏକର୦.୦୪ ଡିସିମିଲି, ପ୍ଲଟ୍ ନଂ.: ୬୨, କ୍ଷେତ୍ର.: ଏକର୦.୧୦ ଡିସିମିଲି, ପ୍ଲଟ୍ ନଂ.: ୬୩, କ୍ଷେତ୍ର.: ଏକର୦.୧୬ ଡିସିମିଲି, ପ୍ଲଟ୍ ନଂ.: ୬୪, କ୍ଷେତ୍ର.: ଏକର୦.୨୦ ଡିସିମିଲି, ପ୍ଲଟ୍ ନଂ.: ୬୫, କ୍ଷେତ୍ର.: ଏକର୦.୦୩ ଡିସିମିଲି, ପ୍ଲଟ୍ ନଂ.: ୭୧/୪୩୦, କ୍ଷେତ୍ର: ଏକର୦.୦୨ ଡିସିମିଲି, ପ୍ଲଟ୍ ନଂ.: ୬୫/୪୩୧, କ୍ଷେତ୍ର: ଏକର୦.୦୩ ଡିସିମିଲି, ପ୍ଲଟ୍ ନଂ.: ୬୨/୪୩୨, କ୍ଷେତ୍ର: ଏକର୦.୧୦ ଡିସିମିଲି, ପ୍ଲଟ୍ ନଂ.: ୨୧/୪୨୮, କ୍ଷେତ୍ର: ଏକର୦.୦୪ ଡିସିମିଲି, ପ୍ଲଟ୍ ନଂ.: ୨୧/୪୨୯, କ୍ଷେତ୍ର: ଏକର୦.୦୨ ଡିସିମିଲି, ପ୍ଲଟ୍ ନଂ.: ୬୬, କ୍ଷେତ୍ର: ଏକର୦.୦୮ ଡିସିମିଲି, ପ୍ଲଟ୍ ନଂ.: ୬୭, କ୍ଷେତ୍ର: ଏକର୦.୦୬ ଡିସିମିଲି, ୩) ଖାତା ନଂ.: ୪୧, ପ୍ଲଟ୍ ନଂ.: ୫୯, କ୍ଷେତ୍ର: ଏକର୦.୦୬ ଡିସିମିଲି, ପ୍ଲଟ୍ ନଂ.: ୬୮, କ୍ଷେତ୍ର: ଏକର୦.୨୨ ଡିସିମିଲି, ପ୍ଲଟ୍ ନଂ.: ୮୮, କ୍ଷେତ୍ର: ଏକର୦.୬୪ ଡିସିମିଲି, ପ୍ଲଟ୍ ନଂ.: ୯୨, କ୍ଷେତ୍ର: ଏକର୦.୧୫ ଡିସିମିଲି, ପ୍ଲଟ୍ ନଂ.: ୯୩, କ୍ଷେତ୍ର: ଏକର୦.୨୫ ଡିସିମିଲି, ପ୍ଲଟ୍ ନଂ.: ୯୬, କ୍ଷେତ୍ର: ଏକର୦.୨୪ ଡିସିମିଲି, ୪) ଖାତା ନଂ.: ୮୨, ପ୍ଲଟ୍ ନଂ.: ୮୫/୪୫୮, କ୍ଷେତ୍ର: ଏକର୦.୨୯ ଡିସିମିଲି, ୫) ଖାତା ନଂ.: ୫, ପ୍ଲଟ୍ ନଂ.: ୭୩/୪୫୫, କ୍ଷେତ୍ର: ଏକର୦.୨୦ ଡିସିମିଲି, ପ୍ଲଟ୍ ନଂ.: ୧୨୦/୪୫୬, କ୍ଷେତ୍ର: ଏକର୦.୧୦ ଡସିମିଲି, ପ୍ଲଟ୍ ନଂ.: ୧୨୨/୪୫୭, କ୍ଷେତ୍ର: ଏକର୦.୩୪ ଡିସିମିଲି, ୬) ଖାତା ନଂ.: ୪, ପ୍ଲଟ୍ ନଂ.: ୮୭, କ୍ଷେତ୍ର: ଏକର୦.୫୦ ଡିସିମିଲି। |

ସ୍ଥାନ : ଭୁବନେଶ୍ୱର
ତାରିଖ : ୦୯.୧୧.୨୦୧୮

ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ
ଆଲ୍ଲାହାବାଦ ବ୍ୟାଙ୍କ


# ଏଟିଏମ୍‌ରେ ଟଙ୍କା ଭରିବା ଆଳରେ ୭୦ ଲକ୍ଷ ହେରଫେର

- ■ ଥାନା ଦ୍ୱାରସ୍ଥ ହେଲେ ବ୍ୟାଙ୍କ ମ୍ୟାନେଜର
- ■ ୪ ଅଟକ, ଟଙ୍କା ନେଉଥିବା ଗାଡ଼ି ଜବତ

ଭୁବନେଶ୍ୱର, ୧୦।୧୧(ବ୍ୟୁରୋ)

ଏଟିଏମ୍‌ରେ ଟଙ୍କା ଭର୍ତ୍ତି କରିବା ଆଳରେ ୭୦ ଲକ୍ଷ ଟଙ୍କା ହରିଲୁଟ ହୋଇଛି। ଟଙ୍କାର ହିସାବ ମିଳୁ ନ ଥିବା ବ୍ୟାଙ୍କ୍ ମ୍ୟାନେଜର ଏ ନେଇ କ୍ୟାପିଟାଲ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଟଙ୍କା ଭର୍ତ୍ତି କରିବା ଦାୟିତ୍ୱରେ ଥିବା ସଂସ୍ଥାର ୪ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି। ତେବେ ଅଭିଯୁକ୍ତମାନେ ଟଙ୍କା ଫେରାଇଦେଲେ ପୋଲିସ ସେମାନଙ୍କୁ ଛାଡ଼ିଦେବ ବୋଲି କହିଛି।

ସୂଚନା ଅନୁଯାୟୀ, କ୍ୟାପିଟାଲ ଥାନା ନିକଟରେ ଥିବା ଏସ୍‌ବିଆଇ ମୁଖ୍ୟ ଶାଖା ପକ୍ଷରୁ ବିଭିନ୍ନ ଏସ୍‌ବିଆଇ ଏଟିଏମ୍‌ରେ ଟଙ୍କା ଭର୍ତ୍ତି କରିବା ପାଇଁ ଚନ୍ଦ୍ରଶେଖରପୁର ଅଞ୍ଚଳରେ ଥିବା ଏକ ସଂସ୍ଥାକୁ ଦାୟିତ୍ୱ ଦିଆଯାଇଛି। ଏହି ସଂସ୍ଥା ବ୍ୟାଙ୍କ ମ୍ୟାନେଜରଙ୍କ ସମ୍ମୁଖରେ ଟଙ୍କା ଗଣି ଏଟିଏମ୍‌ରେ ଭରିବା ପାଇଁ ନେଇଥାଏ। ଗତ ସୋମବାର ଟଙ୍କା ଭରିବା ଦାୟିତ୍ୱରେ ଥିବା କର୍ମଚାରୀମାନେ ବ୍ୟାଙ୍କ୍ ମ୍ୟାନେଜରଙ୍କଠାରୁ ଠିକ୍ ଟଙ୍କା ଆଣିଥିଲେ ମଧ୍ୟ ବିଭିନ୍ନ ଏଟିଏମ୍‌ରେ ପ୍ରାୟ ଏକ ଲକ୍ଷ ଟଙ୍କା ଲେଖାଏ ଭରି ନ ଥିଲେ। ଏହିଭଳି ସେମାନେ ପ୍ରାୟ ୭୦ ଲକ୍ଷ ଟଙ୍କା ହରିଲୁଟ କରିଥିଲେ। ବ୍ୟାଙ୍କ୍ ମ୍ୟାନେଜରଙ୍କ ଅଭିଯୋଗ ଆଧାରରେ ପୋଲିସ ମାମଲା ରୁଜୁ କରି ତଦନ୍ତ କରୁଛି। ସେମାନେ ବ୍ୟାଙ୍କ୍‌ରୁ ଠିକ୍ ଟଙ୍କା ଆଣିଥିବା ସ୍ୱୀକାର କରୁଥିବା ବେଳେ ବାକି ଟଙ୍କା କ'ଣ କଲେ ସେନେଇ କିଛି ହିସାବ ଦେଉନାହାନ୍ତି। ପୋଲିସ ସେମାନଙ୍କୁ ଦୀର୍ଘ ସମୟ ଧରି ପଚରାଉଚରା କରିଥିଲେ ମଧ୍ୟ ସେମାନେ ମୁହଁ ଖୋଲୁ ନ ଥିବା ଜଣାପଡ଼ିଛି।

ଥାନା ଅଧିକାରୀ ମାନସ ଗଡ଼ନାୟକ କହିଛନ୍ତି, ଥାନାରେ ଅଭିଯୋଗ ହୋଇଛି। ପାଖାପାଖି ୭୦ ଲକ୍ଷ ଟଙ୍କା ହେରଫେର ହୋଇଛି। ଅଭିଯୁକ୍ତମାନେ ବ୍ୟାଙ୍କ୍ ମ୍ୟାନେଜରଙ୍କ୍‌ଠାରୁ ଠିକ୍ ଟଙ୍କା ଗଣିକି ଆଣିଥିବା ବେଳେ ବାକି ଟଙ୍କା କ'ଣ କଲେ ସେନେଇ ପଚରାଉଚରା କରାଯାଉଛି। ସେମାନେ ଏହି ଟଙ୍କା ଫେରାଇଦେଲେ ମାମଲା କରାଯିବ ନାହିଁ ବୋଲି ସେ କହିଛନ୍ତି।


DSPL - 191

NATIONAL HEALTH MISSION ଜାତୀୟ ସ୍ୱାସ୍ଥ୍ୟ ମିଶନ୍ ଓଡ଼ିଶା ସରକାର

ଜାତୀୟ ମାନସିକ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ

**ମାନସିକ ରୋଗ ସମ୍ପର୍କରେ ଜାଣିବା କଥା**

ଓଡ଼ିଶା ଶାସନ

ଆମ ରାଜ୍ୟରେ ବର୍ଷକୁ ପ୍ରାୟ ୧୫ ରୁ ୧୭ ହଜାର ମାନସିକ ରୋଗୀ ଚିହ୍ନଟ ହୋଇଥାନ୍ତି। ତନ୍ମଧ୍ୟରୁ ଶତକଡ଼ା ୫୦ ରୁ ୮୦ ଭାଗ ରୋଗୀ ଆମ ରାଜ୍ୟରେ ବିଳମ୍ବରେ ଚିହ୍ନଟ ହୋଇଥାନ୍ତି। ଆପଣଙ୍କ କିମ୍ବା ଆପଣଙ୍କ ଅଂଚଳରେ ପିଲାଙ୍କ ଠାରେ ନିମ୍ନଲିଖିତ ଲକ୍ଷଣ ପରିଲକ୍ଷିତ ହେଲେ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ର ସହ ପରାମର୍ଶ କରନ୍ତୁ।

**ମାନସିକ ରୋଗର ଲକ୍ଷଣ**

★ ବହୁଦିନ ଧରି ରାତିରେ ନିଦ ନହେବା
★ ବାରମ୍ବାର ରାତିରେ ଦୁଃସ୍ୱପ୍ନ ଦେଖିବା
★ ମନରେ ଅତ୍ୟଧିକ ଡର ଲାଗିରହିବା
★ ଅନ୍ୟକୁ ଅତ୍ୟଧିକ ସନ୍ଦେହ କରିବା ଓ ହଠାତ୍ ରାଗିଯିବା
★ ମାତ୍ରାଧିକ ସ୍ମରଣଶକ୍ତିର ହ୍ରାସ ଘଟିବା
★ ସବୁବେଳେ ଅନ୍ୟମନସ୍କ ରହିବା ଓ ପ୍ରତ୍ୟେକ କଥା ଭୁଲିଯିବା
★ ବାରମ୍ବାର ଗୋଟିଏ କାମକୁ ଆବଶ୍ୟକତାଠାରୁ ଅଧିକଥର କରିବା
★ ମାତ୍ରାଧିକ ଦୁଃଖୀହେବା ଓ ମୌନ ରହିବା
★ ଗୋଟିଏ କଥାକୁ ବାରମ୍ବାର ଚିନ୍ତା କରିବା
★ ମନକୁ ମନ ହସିବା କିମ୍ବା ଅଯଥା ଗପିବା
★ ହତାଶ ଅନୁଭବ କରିବା ଓ ମନକୁ ଆତ୍ମହତ୍ୟା ଭାବନା ଆସିବା
★ ଅସ୍ୱାଭାବିକ ଆଚରଣ ଓ ବିଶୃଙ୍ଖଳା ଦେଖାଦେବା

**ମାନସିକ ରୋଗକୁ ପ୍ରତିରୋଧ କରିବାର ଉପାୟ**

★ କୌଣସି ପ୍ରକାର ତମାଖୁ ସେବନରୁ ନିବୃତ୍ତ ରହିବା
★ ମାଦକ ଦ୍ରବ୍ୟ ବା ନିଶା ସେବନ ନ କରିବା
★ ସ୍ୱାସ୍ଥ୍ୟକର ଖାଦ୍ୟ ଖାଇବା ଅଭ୍ୟାସ ଜାରି ରଖିବା
★ ନିୟମିତ ଶାରୀରିକ ପରିଶ୍ରମ ଜାରି ରଖିବା
★ ଉଚ୍ଚତା ଓ ବୟସ ଅନୁପାତରେ ନିଜ ଓଜନକୁ ସନ୍ତୁଳିତ ରଖିବା
★ ନିରାପଦ ଯୌନ ଓ ପ୍ରଜନନ ଅଭ୍ୟାସକୁ ଆପଣାଇବା
★ ଅତ୍ୟଧିକ ମାନସିକ ଚାପରୁ ନିଜକୁ ନିବୃତ୍ତ ରଖିବା
★ ନିୟମିତ ଭାବରେ ଯୋଗାଭ୍ୟାସ ଏବଂ ଧ୍ୟାନ ଜାରି ରଖିବା

10036/13/0001/1819

ଯଦି କୌଣସି ବ୍ୟକ୍ତିଙ୍କଠାରେ ଉପରୋକ୍ତ ଲକ୍ଷଣ ଦେଖାଯାଏ, ତେବେ ନିକଟସ୍ଥ ସ୍ୱାସ୍ଥ୍ୟ କେନ୍ଦ୍ର ସହ ପରାମର୍ଶ କରନ୍ତୁ।

**ମାନସିକ ରୋଗ ପ୍ରାଥମିକ ଅବସ୍ଥାରେ ସମ୍ପୂର୍ଣ୍ଣ ଆରୋଗ୍ୟ ସାଧ୍ୟ। ମାନସିକ ରୋଗୀମାନଙ୍କ ପାଇଁ ଔଷଧ ପ୍ରତ୍ୟେକ ଜିଲ୍ଲା ସଦର ମହକୁମା ଡ଼ାକ୍ତରଖାନା ମାନଙ୍କରେ ବିନାମୂଲ୍ୟରେ ଉପଲବ୍ଧ ଅଟେ।**

facebook.com/HFWOdisha http://www.health.odisha.gov.in/ @HFWOdisha

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ,ଓଡ଼ିଶା



ଜମ୍ମୁ-କଶ୍ମୀରରେ ଗତ ସପ୍ତାହରେ ହୋଇଥିବା ଅତ୍ୟଧିକ ତୁଷାରପାତକୁ ରାଜ୍ୟ ସରକାର ପ୍ରାକୃତିକ ବିପର୍ଯ୍ୟୟ ବା ସ୍ପେଶାଲ ନାଚୁରାଲ କାଲାମିଟି ଘୋଷଣା କରିଛନ୍ତି। ଷ୍ଟେଟ ଏକ୍‌ଜିକ୍ୟୁଟିଭ କମିଟି(ଏସ୍‌ଇସି)ର ଷ୍ଟେଟ ଡିଜାଷ୍ଟର ରେସପନ୍ସ ଫଣ୍ଡ(ଏସ୍‌ଡିଆର୍‌ଏଫ୍‌)ମୁଖ୍ୟ ସଚିବ ବି ଭି ଆର୍ ସୁବ୍ରମଣ୍ୟମଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ବୈଠକରେ ଏହି ଘୋଷଣା କରାଯାଇଛି।

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ: ..............................
ଜନ୍ମ ତାରିଖ: ..............................



ଆଦ୍ୟାଶା
ପରିବାରବର୍ଗ



ଅର୍ପିତ
ପରିବାରବର୍ଗ



ଲକି
ପରିବାରବର୍ଗ



ଶିବା
ପରିବାରବର୍ଗ



ଜଗନ୍ନାଥ
ପରିବାରବର୍ଗ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ଶ୍ରୀମନ୍ଦିରରେ ପଡି ମହିଳା ଭକ୍ତ ଗୁରୁତର

ପୁରୀ ଅଫିସ, ୧୦।୧୧: ଦ୍ୱିତୀୟ ଶନିବାର ଛୁଟି ଯୋଗୁ ଶ୍ରୀମନ୍ଦିର ଦିନତମାମ ଭକ୍ତଙ୍କ ପ୍ରବଳ ଭିଡ଼ ଲାଗି ରହିଥିଲା। ବେଙ୍ଗାଲୁରୁର ଜଣେ ମହିଳା ପ୍ରୀତି ଭାନ(୪୩) ମଧ୍ୟାହ୍ନ ପ୍ରାୟ ୧୨ଟା ବେଳେ ଦର୍ଶନ ପାଇଁ ଆସିଥିଲେ। ଦର୍ଶନ ସାରି ଫେରୁଥିବା ବେଳେ ଶ୍ରୀମନ୍ଦିର ଭିତରେ ଗହଳି ମଧ୍ୟରେ ସେ ଝୁଣ୍ଟି ପଡି ଯାଇଥିଲେ। ତାଙ୍କ ଡାହାଣ ଗୋଡ଼ରେ ଶକ୍ତ ଆଘାତ ଲାଗିଥିଲା। ସଙ୍ଗେ ସଙ୍ଗେ ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ତାଙ୍କୁ ଭର୍ତ୍ତି କରାଯାଇଥିଲା।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** – ଆଜି ଧର୍ମଭାବରେ ଶନି ସହ ଚନ୍ଦ୍ରଙ୍କ ସଂଯୋଗ ଧର୍ମୀୟ ଭାବନାଯୁକ୍ତ କରାଇବ। ତୃତୀୟଭାବକୁ ଅବଲୋକନ କରୁଥିବାରୁ ବନ୍ଧୁଙ୍କ ସ୍ତୁତିଚାରଣ, ଆନୁଷ୍ଠାନିକ କାମ ସକାଶେ ଉତ୍ସାହିତ ରହିବେ। କିନ୍ତୁ ପାରିବାରିକ କ୍ଷେତ୍ର, ପରିବହନ ଦିଗରୁ ବ୍ୟତିକ୍ରମର ସାମ୍ନା କରିବାକୁ ପଡିପାରେ। ସରକାରୀ ସ୍ତରରୁ ସାହାଯ୍ୟ ଆଶାୟୀ ହୋଇପାରନ୍ତି।

**ବୃଷ** – ରାଶିପ୍ରତି ବୃହସ୍ପତି ଓ ବୁଧଙ୍କ ପ୍ରତ୍ୟକ୍ଷ ଦୃଷ୍ଟି ଅର୍ଥଲାଭ ଓ କାର୍ଯ୍ୟସିଦ୍ଧି ପାଇଁ ଅନୁକୂଳ ପରିସ୍ଥିତି ସୃଷ୍ଟି କରିବ। ବନ୍ଧୁମିଳନ ଜନିତ ଆନନ୍ଦମୁଖର ପରିବେଶରେ ସାମୟିକ ମସ୍‌ଗୁଲ୍ ରହିପାରନ୍ତି। ସ୍ୱଗୃହୀରୁ ଶୁକ୍ର ପ୍ରଭାବରୁ ସ୍ୱାସ୍ଥ୍ୟରେ କ୍ରମଶଃ ଉନ୍ନତି ପରିଲକ୍ଷିତ ହେବ। ପାରିବାରିକ କ୍ଷେତ୍ରରେ ପ୍ରତ୍ୟେକ ପ୍ରତିବନ୍ଧକକୁ ଦୃଢ଼ତାର ସହ ସମ୍ମୁଖୀନ ହେବାରେ ଅସୁବିଧା ହେବ ନାହିଁ।

**ମିଥୁନ** – ଅଷ୍ଟମାଧିପ ଶନି ଧନାଧିପ ସାନ୍ନିଧ୍ୟରେ ଅର୍ଥ ଓ ମତ ମନ୍ତବ୍ୟକୁ କେନ୍ଦ୍ରକରି ସମସ୍ୟା ସୃଷ୍ଟି କରିପାରେ। କୌଣସି ଦୁଃଖାନ୍ତକ ଖବର ମନକୁ ସାମୟିକ ନିସ୍ତେଜ କରିଦେବାର ଆଶଙ୍କାର ସୂଚନା ରହିଛି। ଅବଶ୍ୟ ପୂର୍ବ ଯୋଜନା ଅନୁଯାୟୀ କୌଣସି କର୍ମ କରିବାରେ ସମର୍ଥ ହେବେ। ପାରିବାରିକ ସ୍ତରରେ ପୁରୁଣା କଥାକୁ ବେଶି ଦୋହରାଇବା ଠିକ୍ ହେବନି।

**କର୍କଟ** – ଚନ୍ଦ୍ର ଓ ସପ୍ତମାଧିପ ରୋଗ, ଋଣ ଓ ଶତ୍ରୁ ଭାବସ୍ଥ ହେତୁ ସ୍ୱାସ୍ଥ୍ୟର ଅବନତି ଜନିତ ଦୁଶ୍ଚିନ୍ତା ମନକୁ ବିବ୍ରତ କରିବ। ନିଜର ଭଳି ବ୍ୟବହାର ଦେଖାଉଥିବା ବନ୍ଧୁ ଓ ସ୍ୱଜନମାନେ ବ୍ୟକ୍ତିକେନ୍ଦ୍ରିକ ଚିନ୍ତାଧାରା ଗ୍ରହଣ କରିବେ। ତଥାପି ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଲାଭ ପାଇବେ। ଆଜିର ନୂତନ କର୍ମାରମ୍ଭ ପ୍ରୀତିପଦ ହେବ।

**ସିଂହ** – ରବିଙ୍କ ଦୁର୍ବଳତାକୁ ଶୁକ୍ରସମ୍ପର୍କ ପ୍ରଭାବରୁ କୌଣସି ପଡୋଶିନୀ କିମ୍ବା ହିତୈଷୀ ମହିଳାଙ୍କ ସାହାଯ୍ୟ ଅବିସ୍ମରଣୀୟ ରହିବ। କୌଣସି କାମରେ ପଛକୁ ଫେରି ଚାହିଁବା ପରିସ୍ଥିତି ମଧ୍ୟ ସୃଷ୍ଟି ହେବନାହିଁ। ତଥାପି କୌଣସି ବିଭ୍ରାନ୍ତିକର ଖବର ପାଇ ମାନସିକ ଅସ୍ଥିରତା ସୃଷ୍ଟି ହେବାର ବହୁତ ସମ୍ଭାବନା ରହିଛି।

**କନ୍ୟା** – ଚତୁର୍ଥକେନ୍ଦ୍ରସ୍ଥ ଚନ୍ଦ୍ର ଓ ଶନି କର୍ମକ୍ଷେତ୍ରକୁ ପ୍ରଭାବିତ କରୁଥିବାରୁ କାମଗୁଡିକ କଛପଗତିରେ ଚାଲିବ। ସମସ୍ତ ପ୍ରକାରର ସୁବିଧାଥିଲେ ମଧ୍ୟ ଖର୍ଚ୍ଚାନ୍ତ ହୋଇ କାମ ହାସଲ କରିବେ। ପ୍ରତ୍ୟେକ କ୍ଷେତ୍ରରେ ବିଳମ୍ବରେ କାମ ସମ୍ପନ୍ନ ହେବାରୁ ସାମୟିକ ବ୍ୟସ୍ତତା ବୃଦ୍ଧି ପାଇପାରେ। ଆଜି ଅଜଣା ବ୍ୟକ୍ତିମାନଙ୍କ ଦ୍ୱାରା ପ୍ରଭାବିତ ହୋଇ କାମ କରିବା ଠିକ୍ ହେବନି।

**ତୁଳା** – ଆଜିର ଗ୍ରହଯୋଗ ଆପଣଙ୍କୁ ଅର୍ଥ ଓ ସମ୍ମାନ ଜନକ ସ୍ଥିତିରେ ରଖିବ। କର୍ମକ୍ଷେତ୍ରରେ ଦୀର୍ଘଦିନରୁ ଲାଗି ରହିଥିବା ସମସ୍ୟା ସମାଧାନ ହେବ। ପରୋକ୍ଷ ଶତ୍ରୁତା ସାମୟିକ ବାଧା ସୃଷ୍ଟି କରିପାରେ ଅବଶ୍ୟ ଖର୍ଚ୍ଚାନ୍ତ ହୋଇ କାମକୁ ବଢାଇ ନେଇପାରନ୍ତି। ପରିବାରରେ କାହାର ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରିତ ହେବାରୁ ସାମୟିକ ଆଶ୍ୱସ୍ତି ଲାଭ କରିବେ।

**ବିଛା** – ଭାଗ୍ୟାଧିପ ଓ ବଳବାନ୍ ରାଶ୍ୟାଧିପଙ୍କ ସ୍ଥିତି ପ୍ରଭାବରେ ବହୁବିଧ ଉନ୍ନତମାନର ଯୋଜନାକୁ ବାସ୍ତବରୂପ ପ୍ରଦାନ କରିବାର ନକ୍ସା ପ୍ରସ୍ତୁତ କରିପାରନ୍ତି। ଆବଶ୍ୟକତା ଅନୁଯାୟୀ ଆପଣଙ୍କ ମନ୍ତବ୍ୟ ଶାଳୀନତାପୂର୍ଣ୍ଣ ରହିବ। ଦୀର୍ଘଦିନରୁ ପ୍ରତୀକ୍ଷିତ କୌଣସି ଶୁଭ ଖବର ପାଇ ଖୁସି ହେବେ। ସାଙ୍ଗସାଥୀଙ୍କ ସହ କିଛି ନୂଆ ସ୍ଥାନକୁ ପରିଦର୍ଶନରେ ଯାଇପାରନ୍ତି।

**ଧନୁ** – ପ୍ରତ୍ୟେକ ପରିସ୍ଥିତିକୁ ସାମ୍ନା କରିବାର ଧୈର୍ଯ୍ୟଧାରଣ କରି କର୍ମ କ୍ଷେତ୍ରରେ ପ୍ରବୃତ୍ତ ହେବେ। କେତେକ କ୍ଷେତ୍ରରେ ବନ୍ଧୁଙ୍କ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହୋଇପାରନ୍ତି। ଆତ୍ମୀୟମାନଙ୍କ ଜରିଆରେ ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବାର ସମ୍ଭାବନା ରହିଛି। ଆଇନ ଅଦାଲତ କ୍ଷେତ୍ରରେ ପରାମର୍ଶ ପାଇଁ ବାରମ୍ବାର ଦୌଡିବାକୁ ପଡିପାରେ।

**ମକର** – ଦ୍ୱାଦଶସ୍ଥ ଗ୍ରହମାନେ ଆପଣଙ୍କୁ ଦୂରଯାତ୍ରା ଓ ବ୍ୟୟଭାର ବୋଝରେ ଚିନ୍ତିତ କରାଇପାରନ୍ତି। ତଥାପି ଧନଭାବସ୍ଥ ମଙ୍ଗଳ ପରିବାରର ଆନ୍ତରିକ ସହଯୋଗ ଲାଭରେ ପରିସ୍ଥିତି ଲାଘବ ହେବ। ଦୀର୍ଘଦିନରୁ ଦେଖି ନ ଥିବା କୌଣସି ଶିଳ୍ପ, ବାଣିଜ୍ୟ କ୍ଷେତ୍ରରେ ନୂତନ ଦିଗନ୍ତ ସୃଷ୍ଟି ହେବ। ଚେଷ୍ଟା କରୁଥିବା ସମସ୍ତ କାମରେ ସମସ୍ୟା ସମାଧାନ ହୋଇଯିବ।

**କୁମ୍ଭ** – ଉଦ୍ୟମ ବଳରେ ପ୍ରତ୍ୟେକ ସମସ୍ୟାକୁ ସମାଧାନ କରିବାରେ ସଫଳ ହେବେ। ବନ୍ଧୁଙ୍କ ସହ ବିଚାରବିମର୍ଶ ମାନସିକ ଶାନ୍ତି ଫେରାଇ ଆଣିବାରେ ସହାୟକ ହେବ। ଆର୍ଥିକ ଅନଟନ ଭରଣା କରିବାକୁ ନୂଆ ନୂଆ ଯୋଜନା କରିପାରନ୍ତି। ପାରିବାରିକ ଶୃଙ୍ଖଳା ରକ୍ଷା କରିବାରେ ନିକଟ ସମ୍ପର୍କୀୟମାନଙ୍କ ସହାୟତା ନେବାକୁ ପଡିପାରେ।

**ମୀନ** – ବୃହସ୍ପତିଙ୍କ ସ୍ନେହପୂର୍ଣ୍ଣ ଦୃଷ୍ଟିରେ ପାରିପାର୍ଶ୍ୱିକ ସୁନ୍ଦର ପରିବେଶ ମନକୁ ଉତ୍ସାହିତ କରିବ। ପୂର୍ବଭାଦ୍ରପଦ ନକ୍ଷତ୍ରର ଅଫିସ କାମରେ କିମ୍ବା ରାଜନୈତିକ ସ୍ତରରେ ସମସ୍ୟା ବୃଦ୍ଧି ପାଇବା କାରଣରୁ ସାମୟିକ ମାନସିକ ସୁସ୍ଥତା ରହି ନ ପାରେ। ଆପଣଙ୍କ ସୁପରାମର୍ଶ ଓ ପ୍ରସ୍ତାବକୁ ବନ୍ଧୁମାନଙ୍କ ସମର୍ଥନ ପୂର୍ଣ୍ଣମାତ୍ରାରେ ରହିବ।

ଆଜି କାର୍ତ୍ତିକ ଶୁକ୍ଳପକ୍ଷର ନାଗ ଚତୁର୍ଥୀ ରବିବାର, ନଭେମ୍ବର ୧୧ ତାରିଖ, ରାଷ୍ଟ୍ରୀୟ ଶିକ୍ଷା ଦିବସ, ରାଶି ନକ୍ଷତ୍ର-ମୂଳା/ଧନୁ, ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ମେଷରାଶିର ଘାତବାର, ସକାଳ ଘ୭।୧୨ମି. ଗତେ ଘ୮।୪୭ମି. ମଧ୍ୟେ, ଘ୧୦।୨୨ମି. ଗତେ ଘ୨।୩୨ମି. ମଧ୍ୟେ, ଘ୨।୩୨ମି. ଗତେ ଘ୩।୦୨ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ୩।୪୧ମି. ଗତେ ଘ୫।୦୪ମି. ମଧ୍ୟେ ରାହୁ କାଳ।

■ ୧୫ଜି, ୧୫ଏଚ୍ ଫର୍ମ ଦାଖଲ

## ନିୟମ କୋହଳ କଲା ଏସ୍‌ବିଆଇ

**ନୂଆଦିଲ୍ଲୀ,୧୦।୧୧**

ମୂଳ ଉତ୍ସରୁ ଟିକସ କାଟିବା(ଟିଡିଏସ୍)ରୁ ରକ୍ଷା ପାଇବା ପାଇଁ ଆକାଉଣ୍ଟଧାରୀଙ୍କୁ ୧୫ଜି ଏବଂ ୧୫ଏଚ୍ ଫର୍ମ ଦାଖଲ କରିବାକୁ ପଡିଥାଏ। ଏହି ଫର୍ମ ଦାଖଲ ପାଇଁ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ଏହାର ଗ୍ରାହକଙ୍କ ପାଇଁ ନିୟମ କୋହଳ କରିଛି। ଏଣିକି ଏସ୍‌ବିଆଇ ଗ୍ରାହକ ଉକ୍ତ ଦୁଇ ପ୍ରକାର ଫର୍ମକୁ ବ୍ୟାଙ୍କର ଯେକୌଣସି ଶାଖାରେ ଦାଖଲ କରିପାରିବେ। ଏଥିପାଇଁ ସେମାନଙ୍କୁ ମୂଳ ଶାଖାକୁ ଆସିବାକୁ ପଡିବ ନାହିଁ। ଏ ସମ୍ପର୍କରେ ବ୍ୟାଙ୍କ ପକ୍ଷରୁ ଶନିବାର ଟୁଇଟର ଜରିଆରେ ଜଣାଇ ଦିଆଯାଇଛି। ୧୫ଜି ଏବଂ ୧୫ଏଚ୍ ଫର୍ମ ଡାଉନଲୋଡ୍ ପାଇଁ ବ୍ୟାଙ୍କ ପକ୍ଷରୁ ଏକ ଲିଙ୍କ୍ ଦିଆଯାଇଛି। ଚଳିତ ବର୍ଷ ମାର୍ଚ୍ଚ ସୁଦ୍ଧା ଏସ୍‌ବିଆଇର ୪ କୋଟି ଗ୍ରାହକ ନେଣଦେଣ କରୁଛନ୍ତି। ଗୋଟିଏ ଆର୍ଥିକ ବର୍ଷରେ ସରକାରଙ୍କ ଦ୍ୱାରା ଘୋଷିତ ସୀମାଠାରୁ ଅଧିକ ସୁଧ ଜମା ହେଲେ ମୂଳ ଉତ୍ସରୁ ଟିକସ କାଟିବା ଲାଗି ବ୍ୟାଙ୍କମାନେ ବାଧ୍ୟ। ତେବେ ସାଧାରଣ ଆକାଉଣ୍ଟଧାରୀ ୧୫ଜି ଫର୍ମ ବ୍ୟବହାର କରି ସେମାନଙ୍କ ଆୟ ଟିକସଯୋଗ୍ୟ ନୁହେଁ ବୋଲି ଦର୍ଶାଇଥାନ୍ତି। ସେହିପରି ବରିଷ୍ଠ ନାଗରିକଙ୍କ ଲାଗି ୧୫ଏଚ୍ ଏବଂ ଆତ୍ମନିର୍ଭରଶୀଳ ବ୍ୟକ୍ତିଙ୍କ ପାଇଁ ସ୍ୱତନ୍ତ୍ର ଫର୍ମ ରହିଛି। ପାନ୍ ନମ୍ବର ଦାଖଲ କରିଥିବା ଗ୍ରାହକଙ୍କଠାରୁ ବ୍ୟାଙ୍କ ୧୦% ଏବଂ ଦାଖଲ କରି ନ ଥିବା ଗ୍ରାହକଙ୍କଠାରୁ ୨୦% ଟିଡିଏସ୍ କାଟିଥାନ୍ତି। ତେବେ ବରିଷ୍ଠ ନାଗରିକଙ୍କ ବାର୍ଷିକ ସୁଧ ଆୟ ୫୦ ହଜାର ଟଙ୍କା ତଳେ ଥିଲେ ଟିଡିଏସ୍ କଟାଯାଏ ନାହିଁ।

■ ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ: ବିରୋଧୀଙ୍କ ଅଭିଯୋଗ

# ଶିଳ୍ପାୟନ ବାହାନାରେ ନିର୍ବାଚନୀ ପାଣ୍ଠି ସଂଗ୍ରହ ମୂଳ ଲକ୍ଷ୍ୟ

**ଭୁବନେଶ୍ୱର,୧୦।୧୧(ବ୍ୟୁରୋ)**

ମେକ୍ ଇନ୍ ଓଡ଼ିଶାର ଦ୍ୱିତୀୟ ସଂସ୍କରଣ ରବିବାରଠାରୁ ଆରମ୍ଭ ହେବାକୁ ଯାଉଛି। ଏଥିପାଇଁ ରାଜ୍ୟ ସରକାରଙ୍କ ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଅପରପକ୍ଷରେ ବିରୋଧୀ କଂଗ୍ରେସ ଏବଂ ଭାଜପା ପକ୍ଷରୁ କନ୍‌କ୍ଲେଭର ଉଦ୍ଦେଶ୍ୟକୁ ନେଇ ଶାସକ ଦଳକୁ ସମାଲୋଚନା ଜାରି ରହିଛି।

ପ୍ରଦେଶ କଂଗ୍ରେସ କମିଟି (ପିସିସି) ଗଣମାଧ୍ୟମ ପ୍ରମୁଖ ସତ୍ୟପ୍ରକାଶ ନାୟକ ଶନିବାର ଏକ ଖବରଦାତା ସମ୍ମିଳନୀ କରି ରାଜ୍ୟ ସରକାରଙ୍କ ଉପରେ ବର୍ଷିଛନ୍ତି। ସେ କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀ ମେକ୍ ଇନ୍ ଓଡିଶା କନ୍‌କ୍ଲେଭ ନାଁରେ ଗୋଟିଏ ଗୁଳିରେ ଦୁଇଟି ଶିକାର କରୁଛନ୍ତି। ପ୍ରଥମତଃ ସାଢେ ଅଠର ବର୍ଷର ଶିଳ୍ପାୟନରେ ବିଫଳତାକୁ ଲୁଚାଇବାର ଶେଷ ପ୍ରୟାସ। ଦ୍ୱିତୀୟରେ ସାଧାରଣ ନିର୍ବାଚନ ପୂର୍ବରୁ ଶିଳ୍ପ ଉତ୍ସବ ଆଳରେ ଶିଳ୍ପପତିଙ୍କଠାରୁ ନିର୍ବାଚନ ପାଣ୍ଠି ଯୋଗାଡ କରିବା। ୨୦୧୫-୧୭ ମଧ୍ୟରେ ରାଜ୍ୟ ସରକାର ଅନୁମୋଦନ କରିଥିବା ୨୭୯ ଶିଳ୍ପ ପ୍ରକଳ୍ପ ମଧ୍ୟରୁ ୨୨୦ଟି କାର୍ଯ୍ୟକ୍ଷମ ହୋଇ ନାହିଁ। ୭ଟି ସଂସ୍ଥା ନିବେଶରୁ ଓହରି ଯାଇଛନ୍ତି। କେଉଁ କମ୍ପାନୀ କେତେ ବିନିଯୋଗ କରିଛନ୍ତି, ତାହାର ତଥ୍ୟ ରାଜ୍ୟ ପାଖରେ ନ ଥିବା ସତ୍ୟପ୍ରକାଶ ଅଭିଯୋଗ କରିଛନ୍ତି।

ଭାଜପା ସମ୍ପାଦକ ଭୃଗୁ ବକ୍ସିପାତ୍ର କହିଛନ୍ତି ଯେ, ଇଜ୍ ଅଫ୍ ଡୁଇଙ୍ଗ୍ ବିଜନେସ ତାଲିକାରେ ଓଡ଼ିଶାର ସୂଚୀ ହ୍ରାସ ପାଇଛି। ଏହା ହିଁ ରାଜ୍ୟ ସରକାରଙ୍କ ଉପଲବ୍ଧି। ମେକ ଇନ୍ ଓଡିଶା-୨୦୧୬ରେ ୨.୩ ଲକ୍ଷ କୋଟି ଟଙ୍କାର ପୁଞ୍ଜିନିବେଶ ଆସିବ ବୋଲି କୁହାଯାଇଥିଲା । ହେଲେ ବାସ୍ତବରେ ମାତ୍ର ୮% ନିବେଶ ସମ୍ଭବ ହୋଇଛି। ଦୁଇ ଦଶନ୍ଧିରେ ଓଡ଼ିଶାରେ ୨୮ଟି ପିଏସ୍‌ୟୁରେ ତାଲା ଲାଗିଛି। ସିଏଜି ରିପୋର୍ଟ ଅନୁଯାୟୀ ୨୦୧୬-୧୭ରେ ୧୫ଟି ପିଏସ୍‌ୟୁ ୫୦୭ କୋଟି ଟଙ୍କାର କ୍ଷତି ସହିଛି। ସେହିପରି ବେଆଇନ ଖଣି କାରବାର ରାଜ୍ୟରେ ଶିଳ୍ପାୟନର ଏକ ପ୍ରମୁଖ ଅନ୍ତରାୟ ବୋଲି ଭୃଗୁ କହିଛନ୍ତି। ରାଜ୍ୟରେ ବିଭିନ୍ନ ଶିଳ୍ପ ଚଳାଇବା ପାଇଁ ଇଡ୍‌କୋ, ଡିଆରସି, ଇପିଏଲ, ଡାଇରେକ୍ଟର ହ୍ୟାଣ୍ଡିକାଫ୍ଟ ଭଳି ସଂସ୍ଥାରେ ସମୁଦାୟ ୧୧୮୦ ଲୋକଙ୍କ ଆବଶ୍ୟକତା ରହିଛି। ହେଲେ ଉକ୍ତ ସଂସ୍ଥାଗୁଡ଼ିକରେ ଏଯାବତ୍ ୯୮୦ ପଦବୀ ଖାଲି ପଡିଛି। ଅନ୍ୟପକ୍ଷରେ ଚଳିତ ବର୍ଷ ଜାନୁୟାରୀ ପହିଲା ସୁଦ୍ଧା ୯୩ଟି ଏମଓୟୁ ମଧ୍ୟରୁ ମାତ୍ର ୯ଟି ସଂସ୍ଥା ଉତ୍ପାଦନ କରିଛନ୍ତି। ୨୨ ସଂସ୍ଥା ମୁହଁ ଫେରାଇଛନ୍ତି।

ବିରୋଧୀଙ୍କ ଅଭିଯୋଗକୁ ଖଣ୍ଡନ କରିଛନ୍ତି ଶିଳ୍ପମନ୍ତ୍ରୀ ଅନନ୍ତ ଦାସ। ସେ କହିଛନ୍ତି ଯେ, ବିରୋଧୀମାନେ ରାଜ୍ୟର ବିକାଶକୁ ସହି ପାରୁନାହାନ୍ତି। ଅଭିଯୋଗ ଆଣିଥିବା ପ୍ରତ୍ୟେକ ଦଳ ସରକାରରେ ରହିଛନ୍ତି। ଏମିତିକି ୯ ବର୍ଷ ମେଣ୍ଟ ସରକାର ସମୟରେ ଭାଜପା ନେତା ଶିଳ୍ପମନ୍ତ୍ରୀ ଥିଲେ। ସେ ସମୟରେ ଶିଳ୍ପ ପ୍ରତିଷ୍ଠା ଓ ବିକାଶ ପାଇଁ କ'ଣ କରାଯାଇଛି, ତା'ର ଉତ୍ତର ପ୍ରଥମେ ରଖନ୍ତୁ। ବିରୋଧୀ ରାଜ୍ୟ ଶିଳ୍ପାୟନରେ ଅଯଥା ବାଧା ସୃଷ୍ଟି କରନ୍ତୁ ନାହିଁ ବୋଲି ମନ୍ତ୍ରୀ ଦାସ କହିଛନ୍ତି।

■ ଗ୍ରାମକୁ ଆସିପାରିଲାନି ଆମ୍ବୁଲାନ୍ସ

## ଜଙ୍ଗଲରେ ପ୍ରସବ କଲେ ମହିଳା



**ମାଲକାନଗିରି, ୧୦।୧୧(ଡି.ଏନ.ଏ.)**

ମାଲକାନଗିରି ଜିଲାରେ ପୁଣି ଦେଖାଦେଇଛି ଜନନୀ ଯନ୍ତ୍ରଣା । ଜିଲାର ଗ୍ରାମାଞ୍ଚଳକୁ ପକ୍କା ରାସ୍ତାଟିଏ ନ ଥିବାରୁ ଆମ୍ବୁଲାନ୍ସ ଗ୍ରାମରେ ପହଞ୍ଚିପାରୁନି। ଫଳରେ ଅନେକ ସମୟରେ ଗର୍ଭବତୀ ମହିଳାମାନଙ୍କୁ ଖଟିଆ ଅବା ଭାର କରି ବୁହା ହୋଇ ଡାକ୍ତରଖାନା ନିଆଯିବା ନଜିର ରହିଛି। ଏପରିସ୍ଥଳେ ଶନିବାର ଜିଲାରେ ଏକ ଅଭାବନୀୟ ଘଟଣା ଘଟିଛି। ଗ୍ରାମକୁ ଆମ୍ବୁଲାନ୍ସ ଆସି ନ ପାରିବାରୁ ଜଣେ ଗର୍ଭବତୀ ମହିଳା ଭାରରେ ବୁହା ହୋଇ ଡାକ୍ତରଖାନା ଆସିବା ବାଟରେ ଜଙ୍ଗଲରେ ସନ୍ତାନ ଜନ୍ମ କରିଛନ୍ତି। ମହିଳା ଜଣକ ହେଉଛନ୍ତି ଖଇରପୁଟ ବ୍ଲକ ଅନ୍ତର୍ଗତ ମଜୁରଲେଣ୍ଡି ଗ୍ରାମର। ଖବରରୁ ଜଣାପଡିଛି ଏହି ଗ୍ରାମର ଲବ ଖିଲଙ୍କ ସ୍ତ୍ରୀ ତୁଳା ଖିଲଙ୍କ ପ୍ରସବ ଯନ୍ତ୍ରଣା ହେବାରୁ ଗ୍ରାମର ସ୍ୱେଚ୍ଛାସେବୀ ଓ ଆଶା କର୍ମୀଙ୍କୁ ଡକାଇଥିଲେ । ଆଶାକର୍ମୀ ୧୦୨ ଆମ୍ବୁଲାନ୍ସକୁ ଫୋନ କରିଥିଲେ । ତେବେ ଗ୍ରାମ ରାସ୍ତା ଖରାପ ଥିବା ଏବଂ ପାହାଡ଼ିଆ ରାସ୍ତା ହୋଇଥିବାରୁ ଆମ୍ବୁଲାନ୍ସ ଗ୍ରାମରେ ପହଞ୍ଚି ନ ପାରି ରାସ୍ତାରେ ଅପେକ୍ଷା କରି ରହିଥିଲା । ଆମ୍ବୁଲାନ୍ସ ଆସିବାରେ ବିଳମ୍ବ ହେବାରୁ ଗ୍ରାମ ଲୋକେ ଏକ ଖଟିଆରେ ଗର୍ଭବତୀଙ୍କୁ ୪ କିଲୋମିଟର ଆମ୍ବୁଲାନ୍ସ ନିକଟକୁ ଭାର କରି ନେଉଥିଲେ। ଏହି ସମୟରେ ଜଙ୍ଗଲ ରାସ୍ତାରେ ମହିଳା ଜଣକ ଏକ କନ୍ୟା ସନ୍ତାନ ଜନ୍ମ ଦେଇଥିଲେ। ପରେ ମାଆ ଓ ଶିଶୁକନ୍ୟାଙ୍କୁ ଖଟିଆରେ ଆମ୍ବୁଲାନ୍ସ ନିକଟକୁ ଗ୍ରାମବାସୀ ନେଇଥିଲେ । ଆମ୍ବୁଲାନ୍ସ ଯୋଗେ ତାଙ୍କୁ କୁଡୁମୁଲୁଗୁମ୍ମା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା ।

# ଏସ୍‌ସିବିରେ ଡାକ୍ତର ସଙ୍କଟ

■ ରିଲିଭ୍ ହେଲେଣି ୪୦ରୁ ଅଧିକ ସିନିୟର ରେସିଡେଣ୍ଟ
■ ଖାଲି ପଡ଼ିଛି ୭୦ରୁ ଅଧିକ ସହକାରୀ ପ୍ରଫେସର ପଦବୀ
■ କେତେକ ବିଭାଗର ଚିକିତ୍ସା ସେବାରେ ଅଚଳାବସ୍ଥା

**କଟକ ଅଫିସ, ୧୦।୧୧**

ଏସ୍‌ସିବି ମେଡିକାଲରେ ଡାକ୍ତର ଅଭାବ ଦେଖାଦେଇଛି। ୭୦ରୁ ଅଧିକ ସହକାରୀ ପ୍ରଫେସର ପଦବୀ ଖାଲି ପଡ଼ିଥିବାବେଳେ ଏବେ ଏସ୍‌ଆର୍ (ସିନିୟର ରେସିଡେଣ୍ଟ) ପଦବୀକୁ ନେଇ ଆଉ ଏକ ଅଡୁଆ ପରିସ୍ଥିତି ଉପୁଜିଛି। ଏସ୍‌ଆର ପଦବୀରେ କାର୍ଯ୍ୟ କରିବାର ଅବଧି ରହିଛି ୩ବର୍ଷ। ଏହାପରେ ଏସ୍‌ଆର୍‌ମାନେ ରିଲିଭ ହୋଇଥାନ୍ତି। ଏସ୍‌ସିବିରେ ପାଖାପାଖି ୧୬୨ଜଣ ଏସ୍‌ଆର ବିଭିନ୍ନ ବିଭାଗରେ କାର୍ଯ୍ୟ କରୁଥିଲେ। ହେଲେ ଗତ ୩ମାସ ମଧ୍ୟରେ ୪୦ରୁ ଅଧିକ ରିଲିଭ ହୋଇଗଲେଣି। ନଭେମ୍ବର ଶେଷ ସୁଦ୍ଧା ୫୦ ପ୍ରତିଶତ ଏସ୍‌ଆର ପଦବୀ ଖାଲି ହୋଇଯିବ। ନିୟମାନୁଯାୟୀ, ଏସ୍‌ଆର୍‌ମାନଙ୍କ କାର୍ଯ୍ୟକାଳ ଶେଷ ହେବା ପୂର୍ବରୁ ନୂତନ ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ ପାଇବା କଥା। କିନ୍ତୁ ଅଦ୍ୟାବଧି ଏ ନେଇ କୌଣସି ବିଜ୍ଞାପନ ପ୍ରକାଶ ପାଇନାହିଁ କି ପ୍ରକ୍ରିୟା ଆରମ୍ଭ ହୋଇନାହିଁ। ଫଳରେ ନଭେମ୍ବର ଶେଷ ଆଡ଼କୁ ଏସ୍‌ଆର ପଦବୀକୁ ନେଇ ଗୁରୁତର ସଙ୍କଟ ଉପୁଜିବା ଆଶଙ୍କା ଦେଖାଦେଇଛି। ଏସ୍‌ସିବିରେ ଜରୁରିକାଳୀନ ରୋଗୀ ସେବାଠାରୁ ଆରମ୍ଭ କରି ବିଭିନ୍ନ ବିଭାଗରେ ଚିକିତ୍ସା କ୍ଷେତ୍ରରେ ଏସ୍‌ଆର୍‌ମାନେ ପ୍ରମୁଖ ଭୂମିକା ତୁଲାଇଥାନ୍ତି। ମାତ୍ର ଏବେ ମେଡିକାଲ କଲେଜର ଅଧିକାଂଶ ବିଭାଗରେ ଏସ୍‌ଆର ସଙ୍କଟ ସ୍ପଷ୍ଟ ବାରି ହୋଇପଡିଲାଣି। ଏହାଦ୍ୱାରା ଚିକିତ୍ସା ସେବା ମଧ୍ୟ ଗୁରୁତର ପ୍ରଭାବିତ ହେଉଥିବା ଦେଖାଯାଇଛି। ମେଡିକାଲର ଇଏନ୍‌ଟି ବିଭାଗ ଏସ୍‌ଆର ଶୂନ୍ୟ ହୋଇପଡିଛି। ଫଳରେ ଏହି ବିଭାଗରେ ଜରୁରିକାଳୀନ ସେବା ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହୋଇଛି। ସେହିପରି ଟ୍ରମା କେୟାର ୟୁନିଟ୍‌ରେ ସମାନ ଅବସ୍ଥା ଉପୁଜିଛି। ଅସ୍ଥିଶଲ୍ୟ, ସ୍ନାୟୁଶଲ୍ୟ ଓ ନିଶ୍ଚେତନା ବିଭାଗର ଏସ୍‌ଆରମାନେ ଟ୍ରମା କେୟାର ୟୁନିଟ୍‌ରେ ଜରୁରିକାଳୀନ ସେବା ସମ୍ଭାଳିଥାନ୍ତି। ହେଲେ ଉପରୋକ୍ତ ବିଭାଗରେ ଏସ୍‌ଆର ପଦବୀ ଖାଲି ପଡିବା ଫଳରେ ଟ୍ରମା କେୟାର ୟୁନିଟ୍‌ରେ ଏକପ୍ରକାର ଅଚଳାବସ୍ଥା ଉପୁଜିଛି। ଏ ସମ୍ପର୍କରେ ମେଡିକାଲ କଲେଜ ଅଧ୍ୟକ୍ଷ ପ୍ରଫେସର ଡା. ସିଦ୍ଧାର୍ଥ ଦାସ କୁହନ୍ତି, ଏସଆର ପଦବୀ ପାଇଁ ସରକାରଙ୍କୁ ଚିଠି ଲେଖାଯାଇଛି। ଶୀଘ୍ର ଏହି ପଦବୀ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇବ। ବାକି ସହକାରୀ ପ୍ରଫେସର ପଦବୀ ପୂରଣ କାର୍ଯ୍ୟ ଓଡ଼ିଶା ଲୋକ ସେବା ଆୟୋଗ କରିବ ବୋଲି ସେ ସୂଚନା ଦେଇଛନ୍ତି।

## ଆଇଏଲ୍‌ଆଣ୍ଡ୍‌ଏଫ୍‌ଏସ୍‌ର ପଲଟାନା ବିଦ୍ୟୁତ୍ ପ୍ରକଳ୍ପ କିଣିବ ତ୍ରିପୁରା

**ଅଗରତାଲା, ୧୦।୧୧**

ନଗଦ ସଙ୍କଟର ସମ୍ମୁଖୀନ ହୋଇଥିବା ଆଇଏଲ୍‌ଆଣ୍ଡ୍‌ଏଫ୍‌ଏସ୍‌ର ପଲଟାନାସ୍ଥିତ ଗ୍ୟାସ୍ ଚାଳିତ ବିଦ୍ୟୁତ ପ୍ରକଳ୍ପର ୨୬% ଅଂଶଧନ କିଣିବାକୁ ତ୍ରିପୁରା ସରକାର ଆଗ୍ରହ ପ୍ରକାଶ କରିଛନ୍ତି। ଏଥିପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଉକ୍ତ କମ୍ପାନୀ ସହ ଆଲୋଚନା କରାଯିବ। ରାଜ୍ୟ ଆଇନମନ୍ତ୍ରୀ ରତନଲାଲ ନାଥ ଏ ସମ୍ପର୍କରେ ସୂଚନା ଦେଇଛନ୍ତି। ଓଏନ୍‌ଜିସି, ଆଇଡିଏଫସି ଏବଂ ଆଇଏଲ୍‌ଆଣ୍ଡ୍‌ଏଫ୍‌ଏସ୍ ପକ୍ଷରୁ ମିଳିତ ଭାବେ ଉକ୍ତ ବିଦ୍ୟୁତ ପ୍ରକଳ୍ପ ନିର୍ମାଣ କରାଯାଉଛି। ନାଥ କହିଥିଲେ ଯେ, ଏହି ପ୍ରକଳ୍ପରେ ତ୍ରିପୁରା ସରକାରଙ୍କ ୦.୫% ଅଂଶଧନ ରହିଛି। ଆଇଏଲ୍‌ଆଣ୍ଡ୍‌ଏଫ୍‌ଏସ୍ ନିଜର ସମସ୍ତ ୨୬% ଅଂଶଧନ ବିକ୍ରି କରିବ ବୋଲି କେନ୍ଦ୍ର ସରକାର ଜଣାଇଛନ୍ତି। ପଲଟାନା ବିଦ୍ୟୁତ ପ୍ରକଳ୍ପ ଲାଭଜନକ ହେବ ବୋଲି ଅନୁମାନ କରି ରାଜ୍ୟ ସରକାର ଏହାର ଅଂଶଧନ କିଣିବାକୁ ସ୍ଥିର କରିଛନ୍ତି। ଏଥିପାଇଁ ଖୁବଶୀଘ୍ର ଆଲୋଚନା କରାଯିବ ବୋଲି ସେ ସୂଚନା ଦେଇଛନ୍ତି।

## ପ୍ରଥମ ପୃଷ୍ଠାରୁ...

### ଆଜିଠୁ ମେକ୍ ଇନ୍...

ସକାଳ ୧୦ଟା ୩୦ ମିନିଟରେ କନ୍‌କ୍ଲେଭ ଆରମ୍ଭ ହେବ। ଏଥିରେ ଦେଶ ଓ ବିଦେଶରୁ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିବେ। ପୂର୍ବ ଭାରତରେ ଏଭଳି ଏକ ବୃହତ୍ କାର୍ଯ୍ୟକ୍ରମ କେବେ ହୋଇ ନାହିଁ। ଓଡିଶା ପାଇଁ ଏହା ଗର୍ବର ମୁହୂର୍ତ୍ତ ବୋଲି ମନ୍ତ୍ରୀ କହିଛନ୍ତି।

ଶିଳ୍ପ ସଚିବ ସଞ୍ଜୀବ ଚୋପ୍ରା କହିଛନ୍ତି, ଶିଳ୍ପାୟନ କ୍ଷେତ୍ରରେ ଏହି ମେଗା ଇଭେଣ୍ଟ ଅବିସ୍ମରଣୀୟ ହୋଇ ରହିବ। ସୂଚନା ଆଦାନପ୍ରଦାନରେ ଦୂରତ୍ୱ ଯୋଗୁ ଓଡ଼ିଶା ସମ୍ପର୍କରେ ବାହାର ଲୋକମାନେ ବିଶେଷ କିଛି ଜାଣନ୍ତି ନାହିଁ। ଏହି କାର୍ଯ୍ୟକ୍ରମରେ କେବଳ ପୁଞ୍ଜିନିବେଶ କିମ୍ବା ଶିଳ୍ପାୟନ ସମ୍ପର୍କରେ ଆଲୋଚନା ହେବ ନାହିଁ ବରଂ ଓଡିଶାର ଅର୍ଥନୈତିକ ପ୍ରଗତିକୁ ଆହୁରି ଆଗକୁ ନେବାରେ ସହାୟକ ହେବ। ଏହି କନ୍‌କ୍ଲେଭ ବ୍ୟବସାୟୀଙ୍କୁ ସେମାନଙ୍କ ନେଟ୍‌ୱର୍କ ବୃଦ୍ଧି ଓ ଅଂଶୀଦାର ପାଇଁ ସୁଯୋଗ ସୃଷ୍ଟି କରିବ। ଗତ କନ୍‌କ୍ଲେଭରେ ୨ ଲକ୍ଷ କୋଟି ଟଙ୍କାର ବିଭିନ୍ନ କ୍ଷେତ୍ରର ୧୨୪ଟି ପ୍ରସ୍ତାବ ଆସିଥିଲା। ସେଥିରୁ ୬୫% ପ୍ରସ୍ତାବ କାର୍ଯ୍ୟକାରୀ ହେବା ପାଇଁ ବିଭିନ୍ନ ସ୍ତରରେ ରହିଛି। ନଭେମ୍ବର ୧୨ ତାରିଖରେ ମେକ୍ ଇନ ଓଡିଶା କନ୍‌କ୍ଲେଭର ଆଲୋଚନାଚକ୍ରରେ ବିଜ୍‌ନେସ ଲିଡରଶିପ୍ ସବ୍‌ମିଟ୍‌ରେ ମୁକେଶ ଅମ୍ବାନୀ ମୁଖ୍ୟବକ୍ତା ଭାବେ ଯୋଗ ଦେବେ। ଏଥିରେ ଆଗାମୀ ପିଢ଼ିର ନେତୃତ୍ୱଙ୍କୁ ପ୍ରେରଣା ଦେବା ସକାଶେ ଶିଳ୍ପ କ୍ୟାପ୍‌ଟେନମାନେ ଲିଡରଶିପ୍ ଦିଗ ଉପରେ ଆଲୋଚନା କରିବେ। ଏଥିରେ ସ୍ଥାନୀୟ ଶିଳ୍ପପତି ଓ ଉଦ୍ୟୋଗପତିଙ୍କ ସମେତ ବହୁରାଷ୍ଟ୍ରୀୟ ଓ ସ୍ଥାନୀୟ ଶିଳ୍ପାନୁଷ୍ଠାନର ମୁଖ୍ୟମାନେ ଉପସ୍ଥିତ ରହିବେ। ଏହି କାର୍ଯ୍ୟକ୍ରମକୁ ଅଧିକ ଆକର୍ଷିତ କରିବା ପାଇଁ ଏବଂ ରାଜ୍ୟର ସମୃଦ୍ଧ ସଂସ୍କୃତି ଓ ଐତିହ୍ୟକୁ ପରିଚିତ କରାଇବା ଉଦ୍ଦେଶ୍ୟରେ କୋଷ୍ଟାଲ ଫନ ରନ, ହେରିଟେଜ ୱାକ, ଗଲ୍ଫ ଟୁର୍ନାମେଣ୍ଟ ଏବଂ ଆଦିବାସୀ ସଂଗ୍ରହାଳୟ ଓ କଳାଭୂମି(ଓଡିଶା ହସ୍ତତନ୍ତ ସଂଗ୍ରହାଳୟ) ପରିଦର୍ଶନ ଆଦି ଯୋଜନା କରାଯାଇଛି। ନଭେମ୍ବର ୧୨ ଅଧିବେଶନ ଉଦ୍‌ଯାପନ ବେଳେ ପ୍ରଖ୍ୟାତ ଓଡିଶୀ ନୃତ୍ୟଶିଳ୍ପୀ ଅରୁଣା ମହାନ୍ତି ଏବଂ ତାଙ୍କ ଟିମ୍‌ଙ୍କ ଦ୍ୱାରା ରାଜ୍ୟର ଇତିହାସ ଓ ସଂସ୍କୃତି ଉପରେ କଳାତ୍ମକ ଅନୁବାଦ ପ୍ରଦର୍ଶିତ ହେବ। ରାଉରକେଲା ଜନ୍ମିତ ଏବଂ ଆମେରିକାର ପ୍ରଖ୍ୟାତ ଫ୍ୟାଶନ ଡିଜାଇନର ବିଭୁ ମହାପାତ୍ର କ୍ରିଏଟିଭ ଅର୍ଥନୀତି ଉପରେ ଅଭିଭାଷଣ ପ୍ରଦାନ କରିବେ। ଟେକ୍ ଟକ୍ କାର୍ଯ୍ୟକ୍ରମରେ ମିସ୍ ୟେଭେତ କନୌଫ ଆମେରିକାର ପ୍ରଗତିଶୀଳ ଟେକ୍ନୋଲୋଜି ଉପରେ ଏକ ଅଭିଭାଷଣ ଦେବେ। ଏହି କାର୍ଯ୍ୟକ୍ରମରେ ପ୍ରଥମ ଥର ଲାଗି ରାଜ୍ୟରେ ଓଡିଶା ସିଏସ୍‌ଆର ପୁରସ୍କାର ପ୍ରଦାନ କରାଯିବ। ରାଜ୍ୟର ସାମାଜିକ ଓ ଆର୍ଥିକ କ୍ଷେତ୍ରର ବିକାଶ ଦିଗରେ ଓଡିଶାରେ ଥିବା କମ୍ପାନୀଗୁଡିକର ଉଲ୍ଲେଖନୀୟ ଅବଦାନ ପାଇଁ ଏହି ସମ୍ମାନ ଦିଆଯିବ। ନଭେମ୍ବର ୧୨ରେ ୩ଟି ଶ୍ରେଷ୍ଠ କମ୍ପାନୀକୁ ଶ୍ରେଷ୍ଠ ଷ୍ଟଲ୍ ପାଇଁ ପୁରସ୍କୃତ କରାଯିବ। ଏଥିସହିତ ସୋସିଆଲ ମିଡିଆରେ ଆଇ ଆମ ଓଡିଶା ଅଭିଯାନ ସଫଳତା ପୂର୍ବକ ଶେଷ ହେବା ପରେ ଓଡ଼ିଶାଭିତ୍ତିକ ୭ ଜଣ ସଫଳ ଉଦ୍ୟୋଗୀ ସେମାନଙ୍କ କେସ୍ ଷ୍ଟଡି ପ୍ରଦାନ କରିବେ। ୩ ଜଣ ବିଜେତାଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା 'ଓଡିଶା ଗୌରବ' ଭାବେ ସମ୍ମାନିତ କରାଯିବ। ମେକ୍ ଇନ ଓଡିଶା କନ୍‌କ୍ଲେଭରେ ଜାପାନ କଣ୍ଟ୍ରି ପାର୍ଟନର ରହିଛି। ନଭେମ୍ବର ୧୨ରେ ଜାପାନ କମ୍ପାନୀଗୁଡିକ ପାଇଁ ଏକ ସ୍ୱତନ୍ତ୍ର ସେମିନାର ଆୟୋଜନ କରାଯାଇଛି। ଜାପାନ କମ୍ପାନୀଗୁଡିକ ଏହି କର୍ମଶାଳାରେ ଓଡିଶାର ମାନୁଫାକ୍ଚରିଂ କ୍ଷେତ୍ରରେ ରହିଥିବା ନିବେଶ ସୁଯୋଗ ସମ୍ପର୍କରେ ପ୍ରଦର୍ଶନ କରିବେ। ରାଜ୍ୟରେ ପ୍ରଥମ ଥର ପାଇଁ ସ୍ମାର୍ଟ ଓଡିଶା ହାକାଥନ ଆୟୋଜନ କରାଯିବ। ଏଥିପାଇଁ ୨୯୩ ଜଣ ଛାତ୍ରୀଛାତ୍ରଙ୍କୁ ଚୟନ କରାଯାଇଛି। ସେମାନଙ୍କୁ ୯୩ଟି ଟିମ୍‌ରେ ବିଭକ୍ତ କରାଯାଇଛି। ୩୬ ଘଣ୍ଟିଆ ସ୍ମାର୍ଟ ଓଡିଶା ହାକାଥନ ବିଜେତାଙ୍କୁ ନଭେମ୍ବର ୧୫ରେ ପୁରସ୍କୃତ କରାଯିବ। ଓଡିଶା ଥିମ୍ ପାଭେଲିୟନ ଦେଓମାଳି ହେବ ଏହି କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ। କାର୍ଯ୍ୟକ୍ରମରେ ଯୋଗ ଦେବାକୁ ଆସୁଥିବା ଅତିଥିମାନଙ୍କୁ ଆକୃଷ୍ଟ କରିବା ସକାଶେ ରାଜଧାନୀକୁ ବିଭିନ୍ନ ଚିତ୍ରରେ ଚିତ୍ରାୟିତ କରାଯାଇଛି।

### ଦାମ ଗଡ଼ିବେ...

ଶ୍ରମିକନେତା ଗୋଲେଖ ନାୟକ, ବିଧାୟକ ଦେବାଶିଷ ସାମନ୍ତରାୟ, ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ, ପାରାଦୀପ ନଗର ବିଜେଡି ସଭାପତି ସୁମନ୍ତ ବିଶ୍ୱାଳ, ମନ୍ତ୍ରୀ ପ୍ରତାପ ଜେନା, ପ୍ରଫୁଲ୍ଲ ସାମଲ, ବିଧାୟକ ପ୍ରଶାନ୍ତ ମୁଦୁଲି, ଜଗତ୍‌ସିଂହପୁର ଜିଲା ବିଜେଡି ସଭାପତି ବିଷ୍ଣୁ ଦାସଙ୍କୁ ତୀବ୍ର ସମାଲୋଚନା କରିଥିଲେ। ସମସ୍ତେ କିପରି ଦୁର୍ନୀତିଗ୍ରସ୍ତ, ପ୍ରିୟାପ୍ରୀତି ତୋଷଣ କରି ଆତ୍ମୀୟଙ୍କ ନାଁରେ ବ୍ୟବସାୟ, ଚାକିରି ଆଦି କରାଇଛନ୍ତି ସେ ସବୁ ବଖାଣିଥିଲେ। କୁଳମଣିଙ୍କ ସମ୍ପର୍କରେ ସେ କହିଲେ ଯେ ୪ ବର୍ଷ ମଧ୍ୟରେ କୁଳମଣି ପାର୍ଲିଆମେଣ୍ଟରେ ସ୍ଥାନୀୟ ସମସ୍ୟା ନେଇ ପଦୁଟିଏ ବି କହିନାହାନ୍ତି। କେବଳ ନିଜ ଆତ୍ମୀୟମାନଙ୍କ ନିଯୁକ୍ତି ଓ ବ୍ୟବସାୟ କଳେବର ବୃଦ୍ଧିକୁ ସେ ଗୁରୁତ୍ୱ ଦେଇ ଆସିଛନ୍ତି। ମନ୍ତ୍ରୀ ପ୍ରତାପ ଜେନାଙ୍କର ନିଜ ନିର୍ବାଚନମଣ୍ଡଳୀରେ କର୍ତ୍ତୃତ୍ୱ ନାହିଁ। ସେଠାକାର ଲୋକେ ତାଙ୍କୁ ବିରୋଧ କରନ୍ତି ବୋଲି ମୁଁ ତାଙ୍କ ନିର୍ବାଚନମଣ୍ଡଳୀ ଗସ୍ତ କରିବା ସମୟରେ ଜାଣିବାକୁ ପାଇଛି। ତେଣୁ ଆଗାମୀ ଦିନରେ ତାଙ୍କୁ ବିଧାନସଭା ମତାଇ ଦେବିନାହିଁ ବୋଲି ଦାମ କହିଥିଲେ। ସେହିପରି ମନ୍ତ୍ରୀ ସାମଲଙ୍କ ନାମରେ ଥିବା କଲେଜ ଜମି ହଡ଼ପ ଅଭିଯୋଗ ସମ୍ପର୍କରେ କହିଥିଲେ। ବିଧାୟକ ପ୍ରଶାନ୍ତ ମୁଦୁଲିଙ୍କ ସମ୍ପର୍କରେ କହିଲେ ଯେ, ମୁଁ ତାଙ୍କୁ ରାଜନୀତିକୁ ଆଣିଥିଲି। ଏବେ ସେ ଦୁର୍ନୀତିଖୋର ପାଲଟିଗଲେଣି। ଭୁବନେଶ୍ୱରର ପାତ୍ରପଡ଼ାଠାରେ ଥିବା ବହୁତଳ ପ୍ରାସାଦ ସେ କେଉଁ ଅର୍ଥରେ ନିର୍ମାଣ କଲେ ବୋଲି ଦାମ ପ୍ରଶ୍ନ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସମାଲୋଚନା କରିବାକୁ ଯାଇ ସେ କହିଲେ ଯେ, ରାଜନୀତି ଉତ୍ତରାଧିକାରୀ ସୂତ୍ରରେ ମିଳେନାହିଁ। ଏହା କୌଣସି ଜମି କିମ୍ବା ସମ୍ପତ୍ତି ନୁହେଁ। ସେଥିପାଇଁ ବିଜୁବାବୁ ଜୀବିତ ଥିବାବେଳେ ତାଙ୍କ ବଂଶଧରଙ୍କୁ ରାଜନୀତିକୁ ଆଣି ନ ଥିଲେ। ସେହିପରି ଗତ ୫ ତାରିଖରୁ ଭାଜପା ଓ ବିଜେଡି ମଧ୍ୟରେ ବେକାରି ସମସ୍ୟାକୁ ନେଇ ଚାଲିଥିବା ଆରୋପ-ପ୍ରତ୍ୟାରୋପକୁ ସେ ନାଟକ ବୋଲି କହିଛନ୍ତି। ସରକାରରେ ଥାଇ ମନ୍ତ୍ରୀମାନେ ନିଯୁକ୍ତି ବିଷୟରେ ସର୍ବସାଧାରଣରେ ବକ୍ତବ୍ୟ ଦେବା ସମ୍ବିଧାନ ପରିପନ୍ଥୀ। ଏଭଳି ପ୍ରଚାରସର୍ବସ୍ୱ ସରକାରଙ୍କୁ ଗାଦିଚ୍ୟୁତ କରିଦେବି ବୋଲି ସେ ଚେତାବନୀ ଦେଇଥିଲେ। ରାଜ୍ୟ ସରକାର ଯୁବପିଢିଙ୍କ ନିଯୁକ୍ତି କଥା ଚିନ୍ତା ନ କରି ସେମାନଙ୍କୁ କିପରି ପଥଭ୍ରଷ୍ଟ କରାଯିବ ସେ ସମ୍ପର୍କରେ ଚିନ୍ତା କରୁଛନ୍ତି ବୋଲି ଦାମ ଅଭିଯୋଗ କରିଥିଲେ। ମୁଁ ହିରୋ, ମୁଁ ଓଡ଼ିଶା କାର୍ଯ୍ୟକ୍ରମ ଓ ବିଜୁ ଯୁବବାହିନୀକୁ ସେ ତୀବ୍ର ଭର୍ତ୍ସନା କରିଥିଲେ। ତେବେ ୪୦ବର୍ଷର ରାଜନୀତିରେ ଆପଣ କେତେ ନିଯୁକ୍ତି ଦେଇଛନ୍ତି, ଅଞ୍ଚଳ ପାଇଁ କ'ଣ ବିକାଶମୂଳକ କାର୍ଯ୍ୟ କରିଛନ୍ତି ବୋଲି ଖବରଦାତାମାନେ ପଚାରିବାରୁ ଦାମ ଚିହିଁକି ଉଠିଥିଲେ। କହିଲେ ଯାହାକିଛି ହୋଇଛି ମୁଁ କରିଛି। ଏମ୍‌ଏସ୍‌ଏମ୍‌ଇ (ଅଣୁ, ମଧ୍ୟମ ଓ କ୍ଷୁଦ୍ର ଉଦ୍ୟୋଗ ବିଭାଗ) କାର୍ଯ୍ୟାଳୟ ପାରାଦୀପକୁ ଆଣିବା ପ୍ରସଙ୍ଗ ଦାମ ଉଠାଇଥିଲେ। କିନ୍ତୁ ଏଥିରେ ତାଙ୍କର ଅପାରଗତା ଓ ନିଜ ଘରେ ଅଫିସ କରିବା ପ୍ରସଙ୍ଗ ପଚାରିବାରୁ ସେ ଏ ବିଷୟରେ ଆଉ ଆଲୋଚନା କରି ନ ଥିଲେ। ଏହି ଆଲୋଚନାବେଳେ ପାରାଦୀପ ନିର୍ବାଚନମଣ୍ଡଳୀରୁ ମାତ୍ର ୨ଜଣ ଅନୁଗତ ତାଙ୍କ ସହ ଥିଲେ। ସେମାନେ ହେଲେ ପ୍ରାକ୍ତନ ପୌରାଧ୍ୟକ୍ଷ କିଶୋର କୁମାର ପରିଡ଼ା ଓ ପ୍ରାକ୍ତନ କାଉନ୍‌ସିଲର ଅକ୍ଷୟ ପରିଡ଼ା। ଦାମଙ୍କ ବକ୍ତବ୍ୟ ସମ୍ପର୍କରେ ଏମ୍‌ପି କୁଳମଣି ସାମଲଙ୍କ ମତ ନେବାରୁ ସେ କହିଲେ ଯେ, ଠାକୁର ତାଙ୍କୁ ସଦ୍‌ବୁଦ୍ଧି ଦିଅନ୍ତୁ। ଦୁନିଆରେ ସେ ଏକା ଭଲ ଆଉ ଅନ୍ୟ ସମସ୍ତେ ଦୋଷୀ ବୋଲି କହୁଥିବା ଲୋକର ମତିଗତି ଠିକ୍ ନାହିଁ। ତେଣୁ ସେ ଚିକିତ୍ସିତ ହେବା ଦରକାର।

### କିଛି ତଥ୍ୟ

ଚଳିତବର୍ଷ ରବିଋତୁରେ ମୋଟ୍ ୧୫.୧୯ ଲକ୍ଷ ହେକ୍ଟର ଜମିରେ ଗହମ ଚାଷ ହୋଇଛି। ଏହା ଗତ ବର୍ଷ ତୁଳନାରେ ୨୦% ଅଧିକ। – କୃଷି ମନ୍ତ୍ରଣାଳୟ



କଟନ୍ ବା କପାତୁଳାର ସୂତା ସାଧାରଣତଃ ପିନ୍ଧିବା ପାଇଁ ପୋଷାକ ଆକାରରେ ବ୍ୟବହାର କରାଯାଇଥାଏ। ହେଲେ ଏବେ ଏହି କଟନ୍‌କୁ ଖାଇହେବ ବୋଲି କହିଛି ଆମେରିକା। କାରଣ ସେଠାରେ ଏବେ ଉଭୟ ଖାଇବା ଓ ପିନ୍ଧିବାର କଟନ୍ ଚାଷ କରାଯିବ। ୟୁଏସ୍ ଡିପାର୍ଟମେଣ୍ଟ ଅଫ୍ ଏଗ୍ରିକଲଚର, କଟନ୍ ପ୍ଲାଣ୍ଟର ବାୟୋପିକ୍ ଭର୍ସନକୁ ବ୍ୟବସାୟିକ କରିବାକୁ ଗ୍ରୀନ୍ ସିଗ୍‌ନାଲ ଦେଇଛି। ଟେକ୍ସାସ୍ ୟୁନିଭର୍ସିଟିର ସୂଚନା ଅନୁଯାୟୀ, ଏହି ଗଛର ଫଳକୁ ଖାଇହେବ।






# ଗାନ୍ଧିଜୀଙ୍କ ବେଶରେ ବିଶ୍ୱଭ୍ରମଣରେ ସାଇରାମ

■ ବାଣ୍ଟୁଛନ୍ତି 'ସ୍ୱଚ୍ଛ ଭାରତ, ସ୍ୱଚ୍ଛ ପରିବେଶ ଓ ସ୍ୱଚ୍ଛ ମଣିଷ'ର ବାର୍ତ୍ତା

■ ପୁରୀରୁ ଗୁଜରାଟ ପାଦରେ ଚାଲି ବିଶ୍ୱ ରେକର୍ଡ

ଭୁବନେଶ୍ୱର, ୧୦।୧୧(ବ୍ୟୁରୋ)

ଗୋଟିଏ ହାତରେ ବାଡ଼ି, ଆଉ ଗୋଟିଏ ହାତରେ ଝାଡୁ। ଗାନ୍ଧିଜୀଙ୍କ ବେଶରେ ରାଜରାସ୍ତାରେ ବୁଲୁଛନ୍ତି ଓଡ଼ିଶାର ସାଇରାମ। ଖାଲି ପାଦରେ ଚାଲି ଚାଲି ଲୋକଙ୍କୁ ଶାନ୍ତି ଓ ସୌହାର୍ଦ୍ଦ୍ୟରେ ରହିବାକୁ ବୁଝାଉଛନ୍ତି। ଗାନ୍ଧିଜୀଙ୍କ ସ୍ୱଚ୍ଛତାର ବାର୍ତ୍ତାକୁ ଦେଶବାସୀଙ୍କ ନିକଟରେ ପହଞ୍ଚାଉଛନ୍ତି। ୨୦୧୬ ଜୁନ୍ ୨୬ରୁ ଜଗନ୍ନାଥ ଧାମ ପୁରୀରୁ ଯାତ୍ରା ଆରମ୍ଭ କରିଥିବା ସାଇରାମ ଏହାମଧ୍ୟରେ ବାରାଣସୀ, ଚେନ୍ନାଇ, ଦିଲ୍ଲୀ, ଗୁଜରାଟ ଭଳି ଦେଶର ଅଧିକାଂଶ ସ୍ଥାନ ଭ୍ରମଣ କରିସାରିଛନ୍ତି। ବିନା କୌଣସି ସରକାରୀ ସହାୟତାରେ ବହୁ ପ୍ରତିବନ୍ଧକ ସତ୍ତ୍ୱେ ନିଜର ଅଭିଯାନ ଜାରି ରଖିଛନ୍ତି। କେବଳ ଓଡ଼ିଶା କି ଭାରତ ନୁହେଁ, ଆଗକୁ ଗାନ୍ଧିଜୀଙ୍କ ଏହି ବାର୍ତ୍ତାକୁ ସମଗ୍ର ବିଶ୍ୱରେ ପହଞ୍ଚାଇବାକୁ ସେ ଲକ୍ଷ୍ୟ ରଖିଛନ୍ତି।

ଭୁବନେଶ୍ୱରର ସାଇରାମ ଗାନ୍ଧୀ। ଭଲ ନାମ ମୋହନ ମହାପାତ୍ର। ବୟସ ୨୪ବର୍ଷ। ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟରେ ସ୍ନାତକୋତ୍ତର ନାଟକ ବିଭାଗର ଛାତ୍ର। ଯେଉଁ ବୟସରେ ଅନ୍ୟମାନେ ନିଜ ପାଇଁ କିଛି କରିବାର ସ୍ୱପ୍ନ ଦେଖନ୍ତି, ସେତେବେଳେ ସାଇରାମ ଏକ ବଡ଼ସ୍ୱପ୍ନ ନେଇ ରାସ୍ତାକୁ ଓହ୍ଲାଇଛନ୍ତି। ଦେଶ ଓ ଦେଶବାସୀଙ୍କ ପାଇଁ କିଛି କରିବାର ସ୍ୱପ୍ନ ଦେଖିଛନ୍ତି। ହିଂସା ମାର୍ଗ ଛାଡି ସମସ୍ତେ ଯେପରି ସୁଖ, ଶାନ୍ତି ଓ ନିରୋଗରେ ରହିବେ ସେଥିପାଇଁ ବିଶ୍ୱ ଭ୍ରମଣ କରି ଜନସଚେତନତା ସୃଷ୍ଟି କରିବାକୁ ଲକ୍ଷ୍ୟ ରଖିଛନ୍ତି। ହାତରେ ବାଡି ଓ ଝାଡୁ ଧରି, ଦେହରେ ରଙ୍ଗବୋଳି ଅବିକଳ ଗାନ୍ଧିଜୀଙ୍କ ଭଳି ଲାଗୁଛନ୍ତି ସାଇରାମ। କେତେବେଳେ ନିଜେ ଝାଡୁଧରି ସଫେଇରେ ଲାଗିପଡୁଛନ୍ତି ତ କେତେବେଳେ ଲୋକଙ୍କୁ ସଚେତନ କରୁଛନ୍ତି। ଭାରତର ବିଭିନ୍ନ ସହର ଓ ଗାଁ ବୁଲି ସେ ଏହି ଅଭିଯାନ ଜାରି ରଖିଥିବା ବେଳେ ଲୋକଙ୍କ ସମର୍ଥନ ମଧ୍ୟ ମିଳୁଛି। ଲୋକେ ତାଙ୍କ କଥା ଶୁଣୁଛନ୍ତି ଓ ପାଳନ ବି କରୁଛନ୍ତି।

ଏହା ମଧ୍ୟରେ ସାଇରାମଙ୍କ ବାପାଙ୍କ ଦେହାନ୍ତ ହୋଇଯାଇଛି। କିନ୍ତୁ ସେ ନିଜ ଅଭିଯାନକୁ ଓହରିଯାଇ ନାହାନ୍ତି।



ମୋହନ ମହାପାତ୍ର

୨୦୧୯ ଅକ୍ଟୋବର ୨ ଗାନ୍ଧିଜୀଙ୍କ ୧୫୦ତମ ଜୟନ୍ତୀ ସୁଦ୍ଧା ସେ ସାରା ଦେଶରେ କୋଣଅନୁକୋଣରେ ତାଙ୍କ ବାର୍ତ୍ତା ପହଞ୍ଚାଇବାକୁ ଯୋଜନା କରିଛନ୍ତି।

ଅନ୍ୟପଟେ ପୁରୀରୁ ଗୁଜରାଟ ପର୍ଯ୍ୟନ୍ତ ମହାତ୍ମା ଗାନ୍ଧୀଙ୍କ ବେଶରେ ପାଦରେ ଚାଲି ସେ ସବୁଠାରୁ ଦୀର୍ଘତମ ପଥ ଅତିକ୍ରମ କରିବାର ୟୁନିକ୍ ୱାର୍ଲ୍ଡ ରେକର୍ଡ କରିଛନ୍ତି। ସେ ଓଡ଼ିଶାରେ 'ସ୍ୱଚ୍ଛ ଭାରତ କୀ ଗାନ୍ଧିଜୀକି ଟିମ୍' ଗଠନ କରିବା ସହ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେଇ ଲୋକଙ୍କୁ ନିଜସ୍ୱ ଶୈଳୀରେ ସଚେତନ କରିଛନ୍ତି। ସେ ଏବେ ଜଣେ ଜଣେ ସେଲିବ୍ରିଟି ପାଲଟି ଯାଇଥିବାବେଳେ ଲୋକେ ବାଟରେ ଅଟକାଇ ତାଙ୍କ ସହ ସେଲ୍ଫି ନେଉଛନ୍ତି।

ସାଇରାମ 'ଧରିତ୍ରୀ'କୁ କହିଛନ୍ତି, ପ୍ରଥମେ ମୁଁ ଜଣେ କଳାକାର। ତେଣୁ ଜଣେ କଳାକାରର ଶୈଳୀରେ ଲୋକଙ୍କୁ ବୁଝାଇବାକୁ ଚେଷ୍ଟା କରୁଛି। ମହାତ୍ମା ଗାନ୍ଧୀ ଯେଉଁ 'ସ୍ୱଚ୍ଛ ଭାରତ, ସ୍ୱଚ୍ଛ ପରିବେଶ ଓ ସ୍ୱଚ୍ଛ ମଣିଷ'ର ସ୍ୱପ୍ନ ଦେଖୁଥିଲେ ତାହାକୁ ମୁଁ ସତ କରିବାକୁ ଚାହୁଁଛି। ଯେପର୍ଯ୍ୟନ୍ତ ଆମେ ନ ସୁଧୁରିଛେ ସେପର୍ଯ୍ୟନ୍ତ କିଛି ପରିବର୍ତ୍ତନ ହୋଇପାରିବ ନାହିଁ। ଏଥିପାଇଁ ଆଜୀବନ ସଂଗ୍ରାମ ଜାରି ରଖିବାକୁ ହେଲେ ବି ମୁଁ କରିବି। ଲୋକଙ୍କ ସମର୍ଥନ ଓ ଭଗବାନଙ୍କ ଆଶୀର୍ବାଦ ମୋତେ ଏହି ସଂଗ୍ରାମ ପାଇଁ ଶକ୍ତିଦେଉଛି।

ତେବେ ତାଙ୍କର ଏହି ମହତ କାର୍ଯ୍ୟ ପାଇଁ ସରକାରଙ୍କଠାରୁ ଟଙ୍କାଟିଏ ବି ସହାୟତା ମିଳିନି। ଓଲଟା କେନ୍ଦ୍ର ସରକାରଙ୍କ ପକ୍ଷରୁ ତାଙ୍କର ଏହି ଅଭିନବ କାମ ସମ୍ପର୍କରେ ଜାଣିବାକୁ ରିପୋର୍ଟ ମଗାଯାଇଥିଲେ ବି ରାଜ୍ୟ ସରକାର ତାହାକୁ ଚାପି ରଖିଛନ୍ତି। ରାଜନୈତିକ ଆକ୍ରୋଶ ଯୋଗୁ ରାଜ୍ୟ ସରକାରଙ୍କ ପଞ୍ଚାୟତିରାଜ ବିଭାଗ କୌଣସି ରିପୋର୍ଟ ନ ଦେଇ ଚୁପ୍ ବସିଥିବାରୁ ବୁଦ୍ଧିଜୀବୀ ମହଲରେ ନାପସନ୍ଦ କରାଯାଇଛି।

## ସଂକ୍ଷେପରେ

### ଡାକ୍ତରଖାନା ଛାତରୁ ଡେଇଁ ରୋଗୀଙ୍କ ଆତ୍ମହତ୍ୟା ଉଦ୍ୟମ

ବରଗଡ଼ ଅଫିସ,୧୦।୧୧: ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାରେ ଶନିବାର ପୂର୍ବାହ୍ନରେ ଏକ ଅଭାବନୀୟ ଘଟଣା ଘଟିଛି। ଏଠାରେ ଚିକିତ୍ସାଧୀନ ଥିବା ଜଣେ ଯୁବକ ଡାକ୍ତରଖାନା ବହିର୍ବିଭାଗ ୨ ମହଲା ବିଶିଷ୍ଟ କୋଠା ଉପରରୁ ତଳକୁ ଡେଇଁ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି । ଫଳରେ ତାଙ୍କ ଡାହାଣ ଗୋଡ଼ ଭାଙ୍ଗିଯାଇଛି। ଆହତ ଯୁବକ ଜଣକ ଗାଇସିଲେଟ୍ ବ୍ଲକ କଁଟାବାହାଲ ଗ୍ରାମର ଭାବଗ୍ରାହୀ ବରିହା(୨୫) । ତାଙ୍କୁ ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି । ଭାବଗ୍ରାହୀ ଗତ ୬ତାରିଖରେ କୀଟନାଶକ ପିଇ ଦେଇଥିଲେ। ପରିବାର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ପଦ୍ମପୁର ଉପଖଣ୍ଡ ଡାକ୍ତରଖାନାକୁ ନେଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ୭ତାରିଖରେ ଭାବଗ୍ରାହୀଙ୍କୁ ଜିଲା ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ସେ ଚିକିତ୍ସାଧୀନ ଥିଲେ । ପୂର୍ବାହ୍ନ ପ୍ରାୟ ସାଢ଼େ ୯ଟାରେ ଭାବଗ୍ରାହୀ ବେଡ୍‌ରୁ ଉଠି ବହିର୍ବିଭାଗର ଛାତ ଉପରକୁ ଯାଇଥିଲେ ଏବଂ ସେଠାରୁ ତଳକୁ ଡେଇଁ ପଡିଥିଲେ ।

# ମହାପ୍ରଭୁଙ୍କୁ ଦର୍ଶନ କଲେ ଆସାମ ରାଜ୍ୟପାଳ

ପୁରୀ ଅଫିସ/କୋଣାର୍କ (ଡି.ଏନ.ଏ.) ୧୦।୧୧

ଆସାମ ରାଜ୍ୟପାଳ ପ୍ରଫେସର ଜଗଦୀଶ ମୁଖୀ ଶନିବାର ମଧ୍ୟାହ୍ନରେ ସପରିବାର ଶ୍ରୀମନ୍ଦିରକୁ ଯାଇ ଭିତର କାଠ ନିକଟରୁ ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି। ଏହାପରେ ବେଢ଼ା ପରିକ୍ରମା କରି ପ୍ରତ୍ୟାବର୍ତ୍ତନ କରିଥିଲେ। ଦର୍ଶନ ପରେ ସିଂହଦ୍ୱାର ନିକଟରେ ରାଜ୍ୟପାଳ ଗଣମାଧ୍ୟମକୁ କହିଛନ୍ତି ଯେ, ମହାପ୍ରଭୁଙ୍କୁ ଦର୍ଶନ କରି ମୁଁ ବହୁତ ଖୁସୀ। ଶ୍ରୀମନ୍ଦିରର କାରୁକାର୍ଯ୍ୟ ଅତ୍ୟନ୍ତ ଉଚ୍ଚକୋଟୀର। ଏଏସ୍‌ଆଇ ପକ୍ଷରୁ ଶ୍ରୀମନ୍ଦିରର ସଂରକ୍ଷଣ ଯେଭଳି କରାଯାଉଛି, ତାହା ଉନ୍ନତମାନର। ଆଗାମୀ ପିଢି ପାଇଁ ଏହି ମନ୍ଦିର ରହିପାରିବ। ପୂର୍ବାହ୍ନ ପ୍ରାୟ ୧୧ଟା ବେଳେ ରାଜ୍ୟପାଳ ପୁରୀ ସର୍କିଟ ହାଉସରେ ପହଞ୍ଚିଥିଲେ। ସେଠାରେ ଜିଲାପାଳ ଜ୍ୟୋତିପ୍ରକାଶ ଦାସ ପୁଷ୍ପଗୁଚ୍ଛ ପ୍ରଦାନ କରି ତାଙ୍କୁ ସ୍ୱାଗତ କରିଥିଲେ। ଏହାପରେ ରାଜ୍ୟପାଳଙ୍କୁ ଗାର୍ଡ ଅଫ୍ ଅନର ପ୍ରଦାନ କରାଯାଇଥିଲା। ଅପରାହ୍ନରେ ସେ କୋଣାର୍କ ସୂର୍ଯ୍ୟମନ୍ଦିର ପରିଦର୍ଶନରେ ଯାଇଥିଲେ।

# ଇସ୍ତଫା ପରେ ସାମାଜିକ ନ୍ୟାୟ ଅଭିଯାନରେ କୃଷ୍ଣ


କୃଷ୍ଣଚନ୍ଦ୍ର ସଗରିଆ

■ ଡିସେମ୍ବର ୬ରେ ହେବ ବୃହତ୍ ସମାବେଶ

■ ବହୁ ଆଲୋଚକ ଏବଂ ଜନଗଣଙ୍କ ଅଂଶଗ୍ରହଣ

ଭୁବନେଶ୍ୱର,୧୦।୧୧(ବ୍ୟୁରୋ)

କିଛିଦିନ ତଳେ କଂଗ୍ରେସ ବିଧାୟକ ପଦରୁ ଇସ୍ତଫା ଦେଇଥିବା କୃଷ୍ଣଚନ୍ଦ୍ର ସଗରିଆଙ୍କ ପରବର୍ତ୍ତୀ ଆଭିମୁଖ୍ୟ ସ୍ପଷ୍ଟ ହୋଇଛି। ସାମାଜିକ ନ୍ୟାୟ ଅଭିଯାନ ଜରିଆରେ ସେ ସାରା ରାଜ୍ୟ ଭ୍ରମଣ କରିବେ ବୋଲି ଶନିବାର ସୂଚନା ଦେଇଛନ୍ତି। ସ୍ଥାନୀୟ ଇଉ୍‌କଲ୍ ଅଡିଟୋରିୟମରେ ହୋଇଥିବା ଆଲୋଚନାଚକ୍ର ଓ ବୈଠକ ପରେ କୃଷ୍ଣ ଏହା କହିଛନ୍ତି। କୁନ୍ଦୁଲି ପୀଡିତାଙ୍କୁ ନ୍ୟାୟ ନ ମିଳିବା ଏକ ଦୁଃଖଦାୟକ କଥା। ଭବିଷ୍ୟତରେ ଯେପରି ଏହି ନ୍ୟାୟ ବ୍ୟବସ୍ଥା ମୁଷ୍ଟିମେୟଙ୍କ ହାତରୁ ବହୁଜନଙ୍କ ହାତକୁ ଯିବ, ତାହା ପାଇଁ ମାର୍ଗ ପ୍ରଶସ୍ତ କରିବା ତାଙ୍କର ପ୍ରାଥମିକତା ବୋଲି କୃଷ୍ଣ କହିଛନ୍ତି। ଆଲୋଚନାଚକ୍ରରେ ଆଲୋଚକ ଭାବେ ଯୋଗ ଦେଇ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା ଓଡ଼ିଶା ଜନଜୀବନର ପ୍ରକୃତ ଚିତ୍ର ସମ୍ପର୍କରେ ସଂକ୍ଷିପ୍ତ ବକ୍ତବ୍ୟ ରଖିଥିଲେ। ସେ କହିଥିଲେ, ଦିନ କେଇଟା ପରେ ହକି ବିଶ୍ୱକପ୍ ରାଜ୍ୟ ଆୟୋଜନ କରିବାକୁ ଯାଉଛି। ହକି ପାଇଁ ସୁନାମ ସୁନ୍ଦରଗଡ଼ର ଆଦିବାସୀ ଆଣିଛନ୍ତି, ମୁଷ୍ଟିମେୟ ବର୍ଗ ନୁହେଁ। ସାରା ରାଜ୍ୟରେ ସେମାନଙ୍କ ସଂଖ୍ୟା ୨୨ ପ୍ରତିଶତ। ହେଲେ ତାଙ୍କର ସର୍ବାଙ୍ଗୀନ ଉନ୍ନତି ସମ୍ପର୍କରେ ସମସ୍ତଙ୍କୁ ଊଣା ଅଧିକେ ଜଣା। ସେହିପରି ରାଜ୍ୟରେ ଦଳିତ ୧୬ ପ୍ରତିଶତ, ଅନ୍ୟାନ୍ୟ ପଛୁଆ ବର୍ଗ ୫୪ ଏବଂ ସଂଖ୍ୟାଲଘୁ ୨.୫ ପ୍ରତିଶତ ରହିଛନ୍ତି। ଉକ୍ତ ବର୍ଗର ସାମାଜିକ-ଅର୍ଥନୈତିକ ଉନ୍ନତି ହୋଇପାରି ନ ଥିବା ଶ୍ରୀକାନ୍ତ କହିଥିଲେ।

# ୧୨ରେ ଶ୍ରୀମନ୍ଦିର ଆସିବେ ମୁକେଶ ଅମ୍ବାନୀ

ପୁରୀ ଅଫିସ, ୧୦।୧୧

ରବିବାରଠାରୁ ଭୁବନେଶ୍ୱରରେ ଆରମ୍ଭ ହେବାକୁ ଯାଉଛି ମେକ୍ ଇନ୍ ଓଡିଶା କନ୍‌କ୍ଲେଭ। ଏଥିରେ ଯୋଗଦେବା ଲାଗି ରାଜଧାନୀକୁ ଦେଶର ବିଶିଷ୍ଟ ଶିଳ୍ପପତିମାନେ ଆସୁଛନ୍ତି। ସେଥିମଧ୍ୟରୁ କେତେଜଣ ଶିଳ୍ପପତି ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଦର୍ଶନ ଲାଗି ପୁରୀ ଆସୁଥିବା ଜଣାପଡିଛି। ଆସନ୍ତା ୧୨ ତାରିଖ ଅପରାହ୍ନ ୩ଟା ବେଳେ ହେଲିକପ୍ଟର ଯୋଗେ ମୁକେଶ ଅମ୍ବାନୀ ପୁରୀ ଆସିବେ। ପୁରୀ ହେଲିପ୍ୟାଡ୍‌ରେ ଅବତରଣ ପରେ ଶ୍ରୀମନ୍ଦିରକୁ ଯାଇ ମହାପ୍ରଭୁଙ୍କ ଦର୍ଶନ କରିବେ ବୋଲି ଜଣାପଡିଛି। ତେବେ ଜିଲା ପ୍ରଶାସନ ପାଖକୁ ଏପର୍ଯ୍ୟନ୍ତ ବିଧିବଦ୍ଧ କାର୍ଯ୍ୟସୂଚୀ ଆସିନାହିଁ। ଅନ୍ୟପକ୍ଷରେ ଜିନ୍ଦଲ ଗ୍ରୁପ୍‌ର ପରିଚାଳନା ନିର୍ଦ୍ଦେଶକ ସାଜନ ଜିନ୍ଦଲ ରବିବାର ସନ୍ଧ୍ୟାରେ ଶ୍ରୀମନ୍ଦିର ଆସି ମହାପ୍ରଭୁଙ୍କ ଦର୍ଶନ କରିବା କାର୍ଯ୍ୟକ୍ରମ ରହିଛି। ଏ ନେଇ ଜିଲା ପ୍ରଶାସନ ନିକଟରେ କାର୍ଯ୍ୟସୂଚୀ ପହଞ୍ଚିଛି। ସେହିପରି ସନ୍ଧ୍ୟାରେ ବେଦାନ୍ତର ଅନିଲ ଅଗ୍ରୱାଲ ମଧ୍ୟ ଶ୍ରୀମନ୍ଦିରକୁ ଆସି ମହାପ୍ରଭୁଙ୍କ ଦର୍ଶନ କରିବେ ବୋଲି ଜଣାପଡିଛି। ତେବେ ଅନିଲ ଅଗ୍ରୱାଲଙ୍କ ଗସ୍ତସୂଚୀ ମଧ୍ୟ ପ୍ରଶାସନର ହସ୍ତଗତ ହୋଇ ନ ଥିବା ଜଣାପଡିଛି।

# ପିସିସି ଅନୁସୂଚିତ ଜାତି ଅଧ୍ୟକ୍ଷଙ୍କୁ ସମ୍ବର୍ଦ୍ଧନା

ଭୁବନେଶ୍ୱର, ୧୦।୧୧ (ବ୍ୟୁରୋ)

ପିସିସିର ନବ ନିଯୁକ୍ତ ଏସ୍‌ସି ସେଲ୍ ଅଧ୍ୟକ୍ଷ ବିଭୁ ପ୍ରସାଦ ତରାଇଙ୍କୁ କଂଗ୍ରେସ ଭବନରେ ଦଳ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଛି। ଏସ୍‌ସି ବିଭାଗର ଉପାଧ୍ୟକ୍ଷା ମମତାଞ୍ଜଳି ବେହେରାଙ୍କ ଅଧ୍ୟକ୍ଷତାରେ ଏହି ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ନବ ନିଯୁକ୍ତ ଅଧ୍ୟକ୍ଷ ତରାଇଙ୍କୁ ସ୍ୱାଗତ କରିଛନ୍ତି। ଏହି ଅବସରରେ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ କହିଛନ୍ତି, ଯେପର୍ଯ୍ୟନ୍ତ ଅନୁସୂଚିତ ଜାତି ଓ ଜନଜାତି ଲୋକମାନଙ୍କ ବିକାଶ ନ ହୋଇଛି,ସେ ପର୍ଯ୍ୟନ୍ତ ରାଜ୍ୟର ସର୍ବାଙ୍ଗୀନ ଉନ୍ନତି ହୋଇ ପାରିବନାହିଁ। ନିଖିଳ ଭାରତ କଂଗ୍ରେସ କମିଟି ତରାଇଙ୍କୁ ଅଧ୍ୟକ୍ଷ ଦାୟିତ୍ୱ ଦେଇଥିବାରୁ ସେ ଆଗାମୀ ଦିନରେ ଅନୁସୂଚିତ ଜାତି ବିଭାଗକୁ ସୁଦୃଢ଼ କରିବା ସହ ଜନସାଧାରଣଙ୍କୁ ସେମାନଙ୍କର ଅଧିକାର ଦେବାରେ ପ୍ରମୁଖ ଭୂମିକା ଗ୍ରହଣ କରିବେ । ଦଳିତ, ଆଦିବାସୀ ଓ ଅନ୍ୟାନ୍ୟ ପଛୁଆବର୍ଗ କାହାର ଦୟାର ପାତ୍ର ନୁହଁନ୍ତି। ସେମାନଙ୍କ ଆର୍ଥିକ, ସାମାଜିକ, ରାଜନୈତିକ କ୍ଷେତ୍ରରେ ସର୍ବାଙ୍ଗୀନ ବିକାଶ ପାଇଁ କଂଗ୍ରେସ ଦଳ ସଚେତନ ରହିଛି ବୋଲି ନିରଞ୍ଜନ କହିଛନ୍ତି। ସେହିପରି କଟକ ଜିଲାର ନିଆଳି ଅଞ୍ଚଳରେ ବିଜେଡି ନେତା ଅଭିମନ୍ୟୁ ମଲ୍ଲିକଙ୍କ ନେତୃତ୍ୱରେ ଶତାଧିକ ସମର୍ଥକ କଂଗ୍ରେସ ଦଳରେ ସାମିଲ ହୋଇଛନ୍ତି। ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ସମସ୍ତଙ୍କୁ ପୁଷ୍ପଗୁଚ୍ଛ ଦେଇ ଦଳକୁ ସ୍ୱାଗତ କରିଛନ୍ତି।

# ତେଲେଙ୍ଗାନାରେ ସଡ଼କ ଦୁର୍ଘଟଣା, ଦାଦନ ଶ୍ରମିକ ମୃତ

ଖପ୍ରାଖୋଲ,୧୦।୧୧ (ଡି.ଏନ.ଏ.)

ଦାଦନ ଶ୍ରମିକ ପ୍ରବଣ ବଲାଙ୍ଗୀର ଜିଲାର ବିଭିନ୍ନ ପଞ୍ଚାୟତରେ ଚାଲିଛି ଜନସଚେତନା କାର୍ଯ୍ୟକ୍ରମ। ବିଭିନ୍ନ ବେସରକାରୀ ସଂସ୍ଥା ଏପରି ଶ୍ରମିକ ଚିହ୍ନଟ କରୁଛନ୍ତି । ଦାଦନ ରୋକିବାକୁ ବହୁ କୋଟି ଟଙ୍କା ବ୍ୟୟ କରାଯାଉଛି। ତଥାପି ଏହି ସମସ୍ୟା ଜିଲା ପ୍ରଶାସନ ପାଇଁ ମୁଣ୍ଡବ୍ୟଥାର କାରଣ ହୋଇଛି। ପ୍ରାକୃତିକ ଦୁର୍ବିପାକ, ଭିଟା ମାଟିରେ କାମ ନ ମିଳିବା, କାମ ମିଳିଲେ ବି ଠିକ୍ ସମୟରେ ମଜୁରି ନ ମିଳିବା ଭଳି ସମସ୍ୟା ଯୋଗୁ ପ୍ରତିବର୍ଷ ହଜାର ହଜାର ପରିବାର ରାଜ୍ୟ ବାହାରକୁ ଦାଦନ ଖଟିବାକୁ ଯାଉଛନ୍ତି। ହେଲେ ସେଠାରେ ସେମାନେ ନାନା ଶୋଷଣ ଓ ନିର୍ଯାତନାର ଶିକାର ହେଉଥିବା ଅଭିଯୋଗ ସାମ୍ନାକୁ ଆସୁଛି। ଅନ୍ୟପକ୍ଷେ କେତେଜଣ ଶ୍ରମିକ ବିଭିନ୍ନ ଦୁର୍ଘଟଣାରେ ପ୍ରାଣ ହରାଉଥିବା ଜଣାପଡିଛି । ସେମିତି ଏକ ଅଭିଯୋଗ ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ରେଙ୍ଗାଲି ପଞ୍ଚାୟତ ଖୁରିପାଣି ଗାଁରୁ ଆସିଛି । ସେହି ଗାଁର ଚୈତନ୍ୟ ପୁଟାଙ୍କ ପୁଅ ସାଗର ପୁଟା(୨୬) ଗତ ମାସ ୧୫ ତାରିଖରେ ଦାଦନ ଖଟିବା ପାଇଁ ଲାଠୋରର ଜଣେ ସର୍ଦ୍ଦାରଙ୍କ ସହଯୋଗରେ ନିଜ ପରିବାର ସହ ତେଲେଙ୍ଗାନା ଯାଇଥିଲେ । ସେହି ରାଜ୍ୟର ନିଜାମାବାଦ ନିକଟ ଗୁଲାପୁଲିର ଏକ ଇଟାଭାଟିରେ କାମ କରୁଥିଲେ । ଗତ ଦୀପାବଳି ଦିନ କାମ ସାରି ସନ୍ଧ୍ୟାରେ ସଉଦା କିଣି ଅନ୍ୟ ଜଣେ ସାଙ୍ଗଙ୍କ ସହ ଫେରୁଥିବାବେଳେ ଟ୍ରକ୍ ଧକ୍କାରେ ଉଭୟେ ଆହତ ହୋଇଥିଲେ । ଘଟଣାସ୍ଥଳରେ ସାଗରଙ୍କ ମୃତ୍ୟୁ ହୋଇଥିଲା । ଇଟାଭାଟି ମାଲିକ ପୋଲିସ ସହାୟତାରେ ମୃତଦେହକୁ ନେଇ ସ୍ଥାନୀୟ ଡାକ୍ତରଖାନାରେ ବ୍ୟବଚ୍ଛେଦ କରାଇବା ପରେ ଶ୍ମଶାନରେ ଶବ ସଂସ୍କାର କରାଇ ଦେଇଥିଲେ। ସାଗରଙ୍କ ସ୍ତ୍ରୀ ରୀନା(୨୨) ଏବଂ ୩ ବର୍ଷର ପୁଅ ଗାଁର ଅନ୍ୟ ଜଣେ ଶ୍ରମିକଙ୍କ ସହଯୋଗରେ ଘରକୁ ଫେରିଥିଲେ। ରୀନା ଓ ତାଙ୍କ ପୁଅ ଶୁକ୍ରବାର ସନ୍ଧ୍ୟାରେ ଗାଁରେ ପହଞ୍ଚିଲା ପରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ପ୍ରତିବର୍ଷ ହଜାର ହଜାର ପରିବାର ଦାଦନ ଖଟିବାକୁ ଯାଉଥିଲେ ବି ସେମାନଙ୍କ ନାମ ପଞ୍ଜୀକରଣ ହେଉନାହିଁ । ଫଳରେ ସରକାରୀ ସୁବିଧାରୁ ବଞ୍ଚିତ ହେଉଛନ୍ତି ଦାଦନ ଶ୍ରମିକ ପରିବାର। ଏ ନେଇ ଖପ୍ରାଖୋଲ ଗୋଷ୍ଠୀ ଉନ୍ନୟନ ଅଧିକାରୀ ତରଣୀ ସୁନାଙ୍କୁ ପଚାରିବାରୁ ଦାଦନ ମୃତ୍ୟୁ ସମ୍ପର୍କରେ ଅନୁସନ୍ଧାନ କରି ସରକାରୀ ସୁବିଧା ଏବଂ ସହଯୋଗ ଯୋଗାଇଦେବେ ବୋଲି କହିଛନ୍ତି।


ଟ୍ରକ୍ ଉପରେ ଯଶୋଦା।

# ଚନ୍ଦକା ଫେରିଲା ଯଶୋଦା

ବନ୍ତଳା, ୧୦।୧୧ (ଡି.ଏନ.ଏ.)

ବାଘୁଣୀ ସୁନ୍ଦରୀକୁ ଟ୍ରାଙ୍କୁଲାଇଜ କରିବାରେ ସହାୟତା ପାଇଁ ଅନୁଗୋଳ ଜିଲା ସାତକୋଶିଆ ଆସିଥିବା କୁମ୍‌କି ହାତୀ ଯଶୋଦା ଶନିବାର ଚନ୍ଦକା ଫେରିଯାଇଛି। ଅପରାହ୍ନରେ ଏକ ସ୍ୱତନ୍ତ୍ର ଟ୍ରକ୍ ଯୋଗେ ବନ ବିଭାଗ ପକ୍ଷରୁ ତାହାକୁ ଚନ୍ଦକା ଅଭୟାରଣ୍ୟ ଅଭିମୁଖେ ପଠାଇ ଦିଆଯାଇଛି। ସୂଚନାଯୋଗ୍ୟ ଯେ, ଯଶୋଦା ପିଠିରେ ବସି ସାତକୋଶିଆ ବିଶେଷଜ୍ଞ ବାଘୁଣୀକୁ ଟ୍ରାଙ୍କୁଲାଇଜ୍ କରିବାରେ ସଫଳ ହୋଇଥିଲେ। ଏଥିରେ ଖୁସି ବ୍ୟକ୍ତ କରି ଅଞ୍ଚଳବାସୀ ପୂଜା ସହ ଖାଇବାକୁ ଦେଇଥିବା ବେଳେ ଗୁରୁବାର ପୁରୁଣାକୋଟ ରେଞ୍ଜ ସମ୍ମୁଖ ନନ୍ଦନୀ ନାଳ ନିକଟରେ ଯଶୋଦା ସୁଦୁର ପଧାନ (୪୫)ଙ୍କୁ କଚାଡ଼ି ମାରିଦେବା ଚର୍ଚ୍ଚାର ବିଷୟ ହୋଇଥିଲା।









ଭଗବାନ ମୋଠାରୁ କ'ଣ ଚାହାନ୍ତି- ମୁଁ କିପରି ଜାଣିବି ? ସେଥିପାଇଁ ତୁମେ ଆଗ ତୁମର ଅହଂକାରକୁ ବିଲୋପ କର। ତୁମ ବ୍ୟକ୍ତିତ୍ୱର ସବୁ ଗର୍ତ୍ତ ଓ ଗୁହା ଭିତରେ ଲୁଚିଥିବା ଅହଂକାରକୁ ନିଷ୍କାସିତ କରିବାକୁ ହେବ। ତୁମର ଶୁଦ୍ଧ ନଗ୍ନ ଅନ୍ତରାତ୍ମାକୁ ଭଗବାନଙ୍କ ଅସୀମ କର୍ମ ଧାରାରେ ଅଭିଷିକ୍ତ କରିବାକୁ ହେବ। ତା'ହେଲେ ଯାଇ ସେ ତୁମ ଭିତରେ ନିଜକୁ ପ୍ରକାଶ କରି ତୁମକୁ ସବୁ ଜଣାଇ ଦେବେ। -ଶ୍ରୀଅରବିନ୍ଦ



# ବ୍ୟକ୍ତି ସ୍ୱାଧୀନତା



ଆକାର ପଟେଲ

ଯଦି ଆପଣ ଲୋକଙ୍କୁ ପଚାରିବେ ଯେ ସେମାନେ କିପରି ଭାରତ ଚାହାନ୍ତି, ତେବେ ପ୍ରତ୍ୟେକ ଭାରତୀୟ ଉତ୍ତର ଦେବେ ଯେ, ସେମାନେ ଏକ ଶକ୍ତିଶାଳୀ ଓ ସମୃଦ୍ଧ ଭାରତ ଚାହାନ୍ତି। ପୃଥିବୀର ସବୁଠାରୁ ଶକ୍ତିଶାଳୀ ଓ ଅନ୍ୟତମ ସମୃଦ୍ଧିଶାଳୀ ଦେଶ ହେଉଛି ଆମେରିକା। ଏହାର ଅର୍ଥନୀତି ଭାରତର ୧୦ ଗୁଣ ଏବଂ ଏହାର ଲୋକସଂଖ୍ୟା ଭାରତର ଚାରିଭାଗରୁ ଭାଗେ। ସୁତରାଂ ମୋଟ ଘରୋଇ ଉତ୍ପାଦ (ଜିଡିପି) ଦୃଷ୍ଟିରୁ ବିଚାର କଲେ ଏହାର ଆକାର ବ୍ୟକ୍ତି ପିଛା ଭାରତର ୪୦ ଗୁଣ। ଆମେ ଚାହୁଁ ଏପରି ଏକ ଦେଶ ଯାହା ଆମେରିକା ପରି ଧନୀ ଓ ଶକ୍ତିଶାଳୀ ହୋଇଥିବ, ଯାହାକୁ ପୃଥିବୀର ଅନ୍ୟ ସବୁ ଦେଶ ଭୟ ଓ ସମ୍ମାନ କରୁଥିବେ। ଆଉ ଏକ ପ୍ରକାର ଶକ୍ତିଶାଳୀ ଦେଶ ହେଉଛି ଚାଇନା। ଏହା ମଧ୍ୟ ଏକ ଧନୀ ଦେଶ, ଯାହାର ଅର୍ଥନୀତି ଭାରତଠାରୁ ଛଅଗୁଣ ବଡ଼ ଏବଂ ଏହାର ସେନା ଖୁବ୍ ଶକ୍ତିଶାଳୀ। ଏହି ଦୁଇଦେଶର ଶକ୍ତି ଭିତରେ କ'ଣ ପ୍ରଭେଦ ଅଛି?

ଭାରତରେ ଧରି ନିଆଯାଏ ଯେ ସରକାର ହିଁ ଦେଶକୁ ଶକ୍ତିଶାଳୀ କରିପାରିବେ। ବର୍ତ୍ତମାନର ପ୍ରଧାନମନ୍ତ୍ରୀଙ୍କ ପରି ଜଣେ ଦୃଢ଼ ନେତା ନିଜର ମେଧା ବଳରେ କିଛି ବିଶେଷ ଜିନିଷ ଦ୍ୱାରା ଦେଶକୁ ଶକ୍ତିଶାଳୀ କରିପାରିବେ। ଆମ ପ୍ରଧାନମନ୍ତ୍ରୀ ବି ଏହା ବିଶ୍ୱାସ କରନ୍ତି। ଏକ ସରକାର ଦେଶର ସମୃଦ୍ଧିରେ ମୁଖ୍ୟ ଭୂମିକା ଗ୍ରହଣ କରନ୍ତି– ଏହି ଦର୍ଶନକୁ ଚାଇନା ମଧ୍ୟ ଅକ୍ଳେଶରେ ଗ୍ରହଣ କରେ। ଏହା ଅନସ୍ୱୀକାର୍ଯ୍ୟ ଯେ, ଚାଇନାବାସୀ ଖୁବ୍ ମେଧାବୀ ଓ ପରିଶ୍ରମୀ। ଆପଣ ଯଦି ଥାଇଲାଣ୍ଡ, ମାଲେସିଆ ଓ ସିଙ୍ଗାପୁର ପରି ଦକ୍ଷିଣ ଏସୀୟ ଦେଶକୁ ଯାଆନ୍ତି, ତେବେ ସେସବୁ ଦେଶରେ ପ୍ରବାସୀ ଚାଇନିଜ୍‌ମାନଙ୍କଠାରେ ଏହିସବୁ ଗୁଣ ଦେଖିପାରିବେ। କିନ୍ତୁ ଚାଇନାର କମ୍ୟୁନିଷ୍ଟ ସରକାର ଓ ଜଣେ ବ୍ୟକ୍ତି ଦ୍ୱାରା ପରିଚାଳିତ ଶାସନ ସେ ଦେଶକୁ ଶକ୍ତିଶାଳୀ କରିଛି। ତେବେ ଅନେକ ଦୃଷ୍ଟିରୁ ଏହି ଶକ୍ତି ସୀମିତ। ବ୍ୟକ୍ତି ସ୍ୱାଧୀନତାର ଅଭାବ ଯୋଗୁ ଚାଇନା ବିଶେଷ ଉଦ୍ଭାବନଶୀଳ ହୋଇପାରି ନାହିଁ। ତେଣୁ ଆମେରିକା ସହ ଏହା ତୁଳନୀୟ ନୁହେଁ। ଆମେରିକାରେ ବିଶ୍ୱାସ କରାଯାଏ ଯେ, ଲୋକମାନଙ୍କୁ ନେଇ ଦେଶ ଗଢ଼ାଯାଏ ଏବଂ ଲୋକମାନେ ହିଁ ଦେଶକୁ ମହାନ୍ କରନ୍ତି। ସରକାରଙ୍କ ତରଫରୁ ଲୋକଙ୍କୁ କେବଳ ସୁବିଧା ସୁଯୋଗ ଓ ସ୍ୱାଧୀନତା ମିଳିବା ଦରକାର।

ଆମେରିକା ସମ୍ବିଧାନର ପ୍ରଥମ ସଂଶୋଧନ ୨୨୭ ବର୍ଷ ତଳେ ହୋଇଥିଲା। ଏଥିରେ କୁହାଯାଇଛି ଯେ, ସରକାର ଏପରି କିଛି ଆଇନ ପ୍ରବର୍ତ୍ତନ କରିପାରିବେ ନାହିଁ, ଯାହା ଲୋକଙ୍କ ବାକ୍ ସ୍ୱାଧୀନତାକୁ କ୍ଷୁଣ୍ଣ କରିବ। ତେଣୁ ଆମେରିକାରେ ଜଣେ ଲୋକ ଯେତେ ଘୃଣାବ୍ୟଞ୍ଜକ ଓ ଅଶ୍ଳୀଳ ଭାଷା ପ୍ରୟୋଗ କଲେ ମଧ୍ୟ ତାଙ୍କୁ କେହି ଦେଶବିରୋଧୀ ବା ସହରୀ ମାଓବାଦୀ ବୋଲି କହିପାରିବେ ନାହିଁ। ପ୍ଲେବୟ ଓ ପେଣ୍ଟହାଉସ୍ ପରି ପତ୍ରିକାରେ ଯେତେ ଅଶ୍ଳୀଳତା ଭରି ରହିଲେ ମଧ୍ୟ ସେଗୁଡ଼ିକୁ ବନ୍ଦ କରାଯାଇ ପାରୁନାହିଁ। ଯେତେବେଳେ କୋର୍ଟଗୁଡ଼ିକରେ ଉକ୍ତ ପତ୍ରିକାଗୁଡ଼ିକୁ ଠିଆ କରାଯାଇଛି, ଉକ୍ତ ପ୍ରଥମ ସଂଶୋଧନ ବଳରେ ସେମାନେ କେସ୍‌ରେ ଜିତିଛନ୍ତି। ଆମେରିକାର ସରକାରଗୁଡ଼ିକ ବାକ୍ ସ୍ୱାଧୀନତାକୁ ସଂକୁଚିତ କଲା ଭଳି ଆଇନ ପ୍ରଣୟନ କରିଛନ୍ତି, କିନ୍ତୁ ସେ ଦେଶର କୋର୍ଟଗୁଡ଼ିକ ବକ୍ତାଙ୍କ ବାକ୍ ସ୍ୱାଧୀନତାକୁ ବଳବତ୍ତର ରଖିଛନ୍ତି, ଏପରି କି ସେ ବକ୍ତବ୍ୟ ଅରୁଚିକର ବା ଅଶ୍ଳୀଳ ହେଲେ ମଧ୍ୟ। ଏହି ବ୍ୟକ୍ତି ସ୍ୱାଧୀନତା ହିଁ ଆମେରିକାକୁ ମହାନ୍ ଦେଶରେ ପରିଣତ କରିଛି। ବାସ୍ତବରେ ପାଶ୍ଚାତ୍ୟ ଜଗତର ଇତିହାସରେ ସର୍ବଦା ବ୍ୟକ୍ତି ସ୍ୱାଧୀନତା ଉପରେ ଗୁରୁତ୍ୱ ଦିଆଯାଇଛି। ଏହା ପ୍ରାଚୀନ ଗ୍ରୀକ୍ ସଭ୍ୟତା ଅମଳରୁ ଚାଲିଆସିଛି। ୨୪୦୦ ବର୍ଷ ତଳେ ସକ୍ରେଟିସ୍‌ଙ୍କୁ ମୃତ୍ୟୁଦଣ୍ଡ ଦିଆଗଲା କାରଣ ସେ ସରକାରଙ୍କୁ ମାନିଲେ ନାହିଁ। ଆରିଷ୍ଟଟଲ ଓ ପ୍ଲାଟୋ ଗ୍ରୀକ୍ ଦେବତାମାନଙ୍କୁ ମାନୁ ନ ଥିଲେ। କିନ୍ତୁ ସେମାନଙ୍କ ମୁକ୍ତ ଚିନ୍ତନକୁ ସମ୍ମାନ ଦିଆଯାଇଥିଲା। ପାଶ୍ଚାତ୍ୟ ଦେଶଗୁଡ଼ିକରେ ଯେତେବେଳେ ବି ଅବନତି ଘଟିଛି, ଦେଖାଯାଇଛି ସେତେବେଳେ ମୁକ୍ତ ଚିନ୍ତନକୁ ସଂକୁଚିତ କରାଯାଇଛି ଏବଂ ଭାରତରେ ଆଜି ତାହା ହିଁ ଘଟୁଛି। ପାଶ୍ଚାତ୍ୟରେ ଉକ୍ତ ସମୟକୁ ମଧ୍ୟଯୁଗ କୁହାଯାଏ। ସାମନ୍ତବାଦ, ନିରକ୍ଷରତା ଓ ଚର୍ଚ୍ଚଗୁଡ଼ିକର ଆଧିପତ୍ୟ ହିଁ ଏପରି ଅବକ୍ଷୟ ସୃଷ୍ଟି କରିଥିଲା। ସେହି ଏକା ସମୟରେ ବାଗଦାଦ ଓ ଦକ୍ଷିଣ ସ୍ପେନର ଇସ୍‌ଲାମିକ୍ ଦେଶଗୁଡ଼ିକ ଶିକ୍ଷା ଓ ମୁକ୍ତ ଚିନ୍ତନକୁ ପ୍ରୋତ୍ସାହନ ଦେବା ଫଳରେ ସେଗୁଡ଼ିକ ସମୃଦ୍ଧିଶାଳୀ ହୋଇପାରିଥିଲେ। ମାନବ ଇତିହାସ କୌଣସି ଦେଶର ଉନ୍ନତି ପାଇଁ ଚାଇନିଜ୍ ଅପେକ୍ଷା ଆମେରିକୀୟ ପଦ୍ଧତିକୁ ହିଁ ସମର୍ଥନ କରିଆସିଛି। ବ୍ୟକ୍ତି ସ୍ୱାଧୀନତା ହିଁ କୌଣସି ଦେଶକୁ ମହାନ୍ କରିତୋଳେ। ଭାରତରେ ସତ୍ୟ ଓ ଈଶ୍ୱରଙ୍କ ସ୍ୱରୂପ ପ୍ରକାଶ କରିବା ପାଇଁ ଖୁବ୍ ସ୍ୱାଧୀନତା ରହିଛି। କିନ୍ତୁ ଦେଶ ଓ ଏହାର ଲୋକଙ୍କ ପ୍ରକୃତି ବିଷୟରେ ପ୍ରକାଶ କଲାବେଳକୁ ଯଥେଷ୍ଟ ସ୍ୱାଧୀନତା ନାହିଁ। ଅନେକ ଜିନିଷ ଅଛି ଯାହା ପ୍ରତି ସରକାର ଓ ସମାଜରେ ସହିଷ୍ଣୁତାର ଅଭାବ ରହିଛି। ଦୁର୍ଭାଗ୍ୟର ବିଷୟ ହେଲା କୋର୍ଟଗୁଡ଼ିକରୁ ବି ଆମେ ସେପରି ସମର୍ଥନ ପାଉନାହିଁ, ଯାହା ଆମେରିକାବାସୀ ପାଇଥାନ୍ତି। ତେଣୁ ବାକ୍ ସ୍ୱାଧୀନତାକୁ ଚାପି ଦିଆଗଲେ ମଧ୍ୟ ତା' ବିରୋଧରେ ବେଶି ପ୍ରତିବାଦ ଦେଖିବାକୁ ମିଳେ ନାହିଁ। ।

Email: aakar.patel@gmail.com

## ଚିରନ୍ତନୀ

ଛୁଇଁନି ବ୍ରୀଡ଼ା ଚଞ୍ଚଳତା
ପଡ଼ିନି ପୂତ ତନୁର ପରେ
ଛୁଇଁନି ଧରା ପାପ
ପଥର ଅଭିଶାପ।
(କୁହୁ ପ୍ରାସ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 6 | | D | | | | | | 9 | | | | | | |
| | | | | B | | | 0 | E | | 9 | | 8 | | A |
| 1 | 2 | 7 | | D | | | | | | | B | | | |
| | B | | | 2 | 6 | 8 | 1 | | 7 | | 4 | | | D |
| | 3 | A | | E | | D | | | | | | 2 | | |
| 7 | | | | 5 | | | 9 | | | 8 | 6 | A | | |
| | | | | | | | 6 | | | 4 | | 1 | | 0 |
| | | | | 8 | 4 | E | | 0 | | | | | | 5 |
| | 8 | | 6 | | | B | A | | | 3 | | D | | |
| | | | | | 2 | 4 | C | D | | | 5 | | | E |
| | E | | | | 9 | A | B | C | | | | | | |
| | | 1 | | | E | | | 3 | | | D | C | 7 | |
| | 6 | 4 | | 3 | | 2 | | | A | 1 | | | 0 | |
| 3 | | | | | | | | | | | 9 | | 2 | |
| | 5 | | 0 | | | 7 | | | B | E | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ A ରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 2 | 1 | 7 | 6 | 3 | 5 | 4 | B | D | C | 0 | 9 | E | A | 8 |
| 8 | 9 | B | A | 0 | D | 5 | E | 7 | 3 | 1 | 4 | 6 | C | 2 |
| C | 3 | 4 | B | 2 | E | 8 | A | 6 | 5 | 7 | D | 1 | 9 | 0 |
| E | D | A | 4 | 7 | 1 | 9 | C | 0 | 6 | 8 | 2 | 3 | B | 5 |
| 5 | 6 | 0 | 9 | 8 | C | 1 | 2 | 3 | A | E | B | 4 | D | 7 |
| 9 | E | D | 5 | A | 4 | 7 | 8 | B | 0 | 2 | 1 | C | 6 | 3 |
| 7 | 2 | 6 | C | 9 | B | 0 | 1 | E | 8 | 3 | A | D | 5 | 4 |
| B | 4 | C | 3 | E | 6 | A | D | 2 | 7 | 9 | 5 | 8 | 0 | 1 |
| 3 | 8 | 5 | 0 | 1 | 7 | C | 9 | 4 | B | D | 6 | 2 | E | A |
| 0 | A | 1 | 8 | D | 2 | 6 | 3 | 5 | 4 | C | E | 9 | 7 | B |
| D | C | 3 | E | 5 | 8 | 2 | 7 | 9 | 1 | B | 0 | A | 4 | 6 |
| 4 | B | E | 2 | 6 | 9 | 3 | 0 | A | D | 5 | 8 | 7 | 1 | C |
| 6 | 0 | 8 | 7 | 4 | 3 | D | 5 | 1 | 9 | A | C | B | 2 | E |
| 1 | 5 | 2 | D | C | A | B | 4 | 8 | E | 6 | 7 | 0 | 3 | 9 |
| A | 7 | 9 | 1 | B | 0 | E | 6 | C | 2 | 4 | 3 | 5 | 8 | D |

ଗତକାଲିର ଉତ୍ତର

# ପ୍ରଥମ ବିଶ୍ୱଯୁଦ୍ଧର ବିଭୀଷିକା



ଦେବାଶିଷ ସାମନ୍ତରାୟ

କୌଣସି ଘଟଣା ଅବା ଦୁର୍ଘଟଣାର ପ୍ରଭାବ ଓ କାରଣ ସ୍ଥୂଳ ଦୃଷ୍ଟିରୁ ଦେଖିଲେ ହୁଏତ ସ୍ପଷ୍ଟ ଅନୁମାନ କରାଯାଇପାରେନା। ପ୍ରତ୍ୟେକ ଘଟଣା ଓ ଦୁର୍ଘଟଣା ଆକସ୍ମିକ ବି ନୁହେଁ। ଏହା ପଛରେ ନିର୍ଦ୍ଦିଷ୍ଟ ଏକ କାରଣ ଯୁକ୍ତିଯୁକ୍ତ ଲାଗୁ ନ ଥାଇ ପାରେ, ମାତ୍ର ତା' ସହ ସନ୍ନିବିଷ୍ଟ ଥାଏ ଅନେକ ଛୋଟବଡ ଉପାଦାନ।

ଛୋଟ ଏକ ଉଦାହରଣରୁ ବୁଝାଯାଇ ପାରେ। ଜନୈକ ବ୍ୟକ୍ତି କାର୍ ଯୋଗେ ଦୀର୍ଘ ଏକ ରାସ୍ତା ଅତିକ୍ରମ କଲାବେଳେ ଅଧାବାଟରେ ତାଙ୍କର ଗାଡିଟି ଖରାପ ହୋଇଗଲା। ରାସ୍ତାରେ ଗାଡିଟିକୁ ଅଟକେଇ, କୋଉଠି ସାହାଯ୍ୟ ମିଳିପାରିବ ଖୋଜିବାକୁ ଗଲାବେଳେ ତାଙ୍କ ନଜରରେ ପଡିଲା ଏକ ଫାର୍ମହାଉସ୍। ଫାର୍ମହାଉସ୍‌ରେ ରହୁଥିବା ବ୍ୟକ୍ତିଜଣକ ଗାଡି ମେକାନିକ ନ ହୋଇ ବି ଯାନ୍ତ୍ରିକ ମରାମତି ସମ୍ବନ୍ଧୀୟ ସାମାନ୍ୟ ଜ୍ଞାନ ଥିବା ଯୋଗୁ ଗାଡିଟିକୁ ଠିକ୍ କରିପାରିଲେ। ଗାଡିଚାଳକ ପଛକୁ ଦେଖନ୍ତି ତ ଅଦ୍ଭୁତ ଏକ ପରିସ୍ଥିତି। ଶହେରୁ ଉର୍ଦ୍ଧ୍ୱ ଯାନ ଅପେକ୍ଷା କରି ରହିଛି, ତାଙ୍କ ଗାଡିଟି ରାସ୍ତାରୁ ହଟିଲେ, ଆଗକୁ ଯିବେ। ଶୁଭାଯାଉଛି ଚିତ୍କାର ଗାଡିଗୁଡ଼ିକରୁ। ଗାଡିଗୁଡ଼ିକରେ ବସିଥିବା ସ୍ତ୍ରୀଲୋକମାନଙ୍କର ବିକଳ ଚିତ୍କାର ଓ ପୁରୁଷମାନଙ୍କର ବ୍ୟସ୍ତବ୍ୟାକୁଳତା ହିଁ ପରିସ୍ଥିତିକୁ ଜଟିଳ କରିସାରିଥିଲା। କ'ଣ ନା ଯୁଦ୍ଧ ହେବ। ତେଣୁ ସହର ଯେତେଶୀଘ୍ର ଛାଡିବାକୁ ହେବ, ଜୀବନ ବଞ୍ଚେଇବା ପାଇଁ। ଗାଡିଚାଳକ ଗାଡିଟିକୁ ସେଠୁ ନିରାପଦ ଏକ ସ୍ଥାନରେ ରଖିଲେ। ରାସ୍ତା ଆରପଟେ ଥିବା ଏକ ବିସ୍ତୀର୍ଣ୍ଣ ସବୁଜ ଚାଷକ୍ଷେତକୁ ଚାହିଁ ହାତଦୁଇଟିକୁ ଦୁଇଦିଗକୁ ପ୍ରସାରି ଏହି ବିକଳ ମଣିଷମାନଙ୍କ ଉଦ୍ଦେଶ୍ୟରେ କହିଲେ- 'ହାୟରେ ମଣିଷ! ପୃଥିବୀକୁ ନେଇ ତୋର ଧାରଣା କେତେ କ୍ଷୁଦ୍ର ଓ ସଂକୀର୍ଣ୍ଣ'।

ଏହି ଯୁଦ୍ଧ ଲାଗି ରହିଛି ମଣିଷର ନିଜ ଭିତରେ, ମଣିଷ ମଣିଷ ଭିତରେ, ଦେଶ ଦେଶ ଭିତରେ। ପୌରାଣିକ ଯୁଗରେ, ପ୍ରାଗ୍ ଐତିହାସିକ ଯୁଗଠୁ ଆରମ୍ଭ କରି ଅତ୍ୟାଧୁନିକ ଯୁଗ ପର୍ଯ୍ୟନ୍ତ ଯୁଦ୍ଧ ଲାଗିରହିଛି ଅନ୍ୟ ଉପରେ ବିଜୟର ଲାଳସାରେ, ପ୍ରଭୁତ୍ୱ ବିସ୍ତାର କରିବା ମୋହରେ, ନିଜକୁ ସର୍ବଶ୍ରେଷ୍ଠ ପ୍ରମାଣ କରିବାର ଅହଂକାରରେ, ସ୍ୱାର୍ଥରେ ବାଧାଆସିବା ସମ୍ଭାବନାରେ, । ଅନେକ ସମୟରେ ଏହା ବି ଏକ ପ୍ରବଣତା। ଏହି ଯୁଦ୍ଧର ଫଳାଫଳ ସାରା ବିଶ୍ୱକୁ ହିଁ ଭୋଗିବାକୁ ହୁଏ। ଚାହେଁ ତା'ର ଫଳାଫଳ ସୁଦୂରପ୍ରସାରି ଲାଭଦାୟକ ଅବା ତତ୍କ୍ଷଣାତ କ୍ଷତିକାରକ, ଯାହାର ଭରଣା କରିବାର କ୍ଷମତା ଓ ସାମର୍ଥ୍ୟ ମାନବସମାଜ ପକ୍ଷରେ ଅସମ୍ଭବ।

୨୮ ଜୁଲାଇ ୧୯୧୪ରୁ ୧୧ନଭେମ୍ବର ୧୯୧୮ର ଏହି ଦୀର୍ଘମିଆଦୀ ବିଶ୍ୱଯୁଦ୍ଧ ପୂର୍ବରୁ ବିଶ୍ୱ ବି ସାମ୍ନା କରିଥିଲା ଅନେକ ଯୁଦ୍ଧ ଓ ସାକ୍ଷୀ ହୋଇଥିଲା ଅନେକ ସଂଗ୍ରାମର। ମାତ୍ର ସେସବୁ ଥିଲା ନିର୍ଦ୍ଦିଷ୍ଟ ଏକ କାରଣକୁ ନେଇ, ନିର୍ଦ୍ଦିଷ୍ଟ ଏକ ବର୍ଗ ଓ ଦେଶ ଭିତରେ। ମାତ୍ର ଏହି ଯୁଦ୍ଧ ୟୁରୋପରୁ ଆରମ୍ଭ ହୋଇ ମହାମାରୀ ପରି ସାରାବିଶ୍ୱକୁ ଆକ୍ରାନ୍ତ କରିଚାଲିଲା। ରୋଗ ଯେତେ ଶକ୍ତିଶାଳୀ ଓ ମାରାତ୍ମକ ହେଉନା କାହିଁକି ଶରୀର ଯଦି ଦୁର୍ବଳ ନୁହେଁ, ସେ ରୋଗ ଆକ୍ରାନ୍ତ କରିପାରିବ ନାହିଁ। ସେହିପରି ସେ ସମୟରେ ସାରା ବିଶ୍ୱ ଜଳୁଥିଲା ଅନେକ ଅଦମନୀୟ ଘଟଣା ପ୍ରବାହକୁ ନେଇ। ୯୨ ବର୍ଷର ଜ୍ୱଳନ ବୋଧହୁଏ ଶାନ୍ତ ହେବାର ଥିଲା, ଅନ୍ୟ ଏକ ଭୟଙ୍କର ଜ୍ୱଳନର ରୂପ ନେଇ।

ନା ଥିଲା ଆଇନଶୃଙ୍ଖଳା ରକ୍ଷା କରିବା ପାଇଁ କିଛି ଅନୁଷ୍ଠାନ, ନା ସମସ୍ତେ ମାନିନେଲା ପରି ତିଆରି ହୋଇଥିଲା କିଛି ନିୟମ। ଜୋର ଯା'ର ମୂଲକ ତା'ର ନ୍ୟାୟରେ ଯିଏ ଯେତେ ପାରିଲା, ଅକ୍ତିଆର କରିନେଲା ସେତେ। ଏଇ ଉଗ୍ରଜାତୀୟତାବାଦ, ଅନ୍ୟ ପାଇଁ ଘୃଣା ଓ ଅବିଶ୍ୱାସର ବାତାବରଣ ହିଁ ପ୍ରଥମ ବିଶ୍ୱଯୁଦ୍ଧର ବାଟ ଉନ୍ମୁକ୍ତ କରିଦେଲା।

'ଝିମିଟି ଖେଳରୁ ମହାଭାରତ' ଏଇଥିପାଇଁ କୁହାଯାଏ ଯେ, ମହାଭାରତ ଯୁଦ୍ଧକୁ ସହଜରେ ଏଡେଇ ଦିଆଯାଇପାରିଥାନ୍ତା। ଯଦି ମହାରାଜ ଯୁଧିଷ୍ଠିର ତାଙ୍କ ପ୍ରତି ଆବାଲ୍ୟ ଶତ୍ରୁ ମନୋଭାବ ପୋଷଣ କରୁଥିବା ହସ୍ତିନାପୁରର ଯୁବରାଜ ଦୁର୍ଯ୍ୟୋଧନଙ୍କର କପଟ ପଶାଖେଳର ଆମନ୍ତ୍ରଣକୁ ଏଡେଇ ଯାଇଥାନ୍ତେ।

ପ୍ରତ୍ୟେକ ସମସ୍ୟାର ସମାଧାନର ଉପାୟ କୋଉଠି ନା କୋଉଠି ଥାଏ। ତାକୁ ଖୋଜିପାରିଲେ ହେଲା। ଅନେକ ଯଥାର୍ଥ ରାଷ୍ଟ୍ରନୀତିଜ୍ଞ କେତେଗୁଡିଏ ଅବଶ୍ୟମ୍ଭାବୀ ଯୁଦ୍ଧ ଓ ଦୁର୍ଘଟଣାକୁ ନିଜର ବୁଦ୍ଧି ଓ ବିଚକ୍ଷଣତା ବଳରେ ଏଡେଇ ଯାଇଥିବାର ନଜିର ରହିଛି। ଯୁଦ୍ଧ ଅଟକିଗଲେ ବଞ୍ଚିଯାଏ ଅନେକ ଜୀବନ, ବଢ଼ିଯାଏ ବିଶ୍ୱାସ ଓ ବଞ୍ଚିବା ଉପରେ ଆସ୍ଥା, ଭୋଗିବାକୁ ପଡେନି ପ୍ରଶ୍ୱାସ ନେବାର କଷ୍ଟ କି ଅପୋଷା ରହେନି ପେଟ।

ପ୍ରଥମ ବିଶ୍ୱଯୁଦ୍ଧ କ'ଣ ଏଡେଇ ହୋଇ ନ ଥାନ୍ତା?

ଏ ମହାଯୁଦ୍ଧ କ'ଣ ନିହାତି ଅପରିହାର୍ଯ୍ୟ ଥିଲା?

ନ ଥିଲେ କ'ଣ କେହି ଜଣେ ବି ରାଷ୍ଟ୍ରବାଦୀ?

କଳୁଷିତ ହୋଇଯାଇଥିଲା କ'ଣ ଜାତୀୟ ଚରିତ୍ର?

ଅପ୍ରତ୍ୟାଶିତ ଭାବେ ମହାଯୁଦ୍ଧଟିଏ କ'ଣ ଆସିପାରେ?

ଥିଲା କ'ଣ ଯୁଦ୍ଧ ପାଇଁ ମାନସିକ ପ୍ରସ୍ତୁତି?

ହଁ ଥିଲା। କିଛି ପାଇବା ପାଇଁ କିଛି ହରେଇବାକୁ ମାନସିକ ପ୍ରସ୍ତୁତ ଥିଲେ। ମଣିଷର ଅସୂୟା, ଅହଂକାର, ରାଷ୍ଟ୍ର ରାଷ୍ଟ୍ର ଭିତରେ ବାଣିଜ୍ୟିକ ଶତ୍ରୁତା, ସାମରିକ ପ୍ରତିଯୋଗିତା, ଉପନିବେଶ ବୃଦ୍ଧିପାଇଁ ଦେଶଦେଶ ମଧ୍ୟରେ ପ୍ରତିଯୋଗିତା, ଜୋର ଯାର ମୂଲକ ତା'ର ନ୍ୟାୟରେ ବିଶ୍ୱାସ ଆଉ କିଛି ରାଷ୍ଟ୍ରର ଅପରିଣାମଦର୍ଶୀ ନିଷ୍ପତ୍ତି ହିଁ ବିଶ୍ୱଯୁଦ୍ଧଟିଏ ଆଣି ଲଦିଦେଲା। ସମସ୍ତେ ପ୍ରସ୍ତୁତ ଥିଲେ। ଖାଲି ଅପେକ୍ଷା ଥିଲା ନିଆଁ କିଏ ଆଗେ ଚେଙ୍କିବ? ସଂଯୋଗ ବଶତଃ ଅଷ୍ଟ୍ରିଆର ଯୁବରାଜ ଫ୍ରାନ୍‌ସିସ୍ ଫର୍ଡିନାଣ୍ଡଙ୍କୁ ସର୍ବିୟାରେ ହତ୍ୟା କରାଯାଇଥିଲା। ଏହାକୁ ଅନେକେ ବିଶ୍ୱଯୁଦ୍ଧର ପ୍ରଥମ ଆଶୁ କାରଣ କହୁଥିଲେ ହେଁ ଅନ୍ୟକୁ ଦମନ କରି ନିଜକୁ ପ୍ରତିଷ୍ଠିତ କରିବାର ଲାଳସା ହିଁ ସେହି ସମୟର ୟୁରୋପୀୟ ଦେଶମାନଙ୍କର ଜାତୀୟ ଚରିତ୍ର ହୋଇଯାଇଥିଲା।

ସାଧାରଣ ମନେ ହେଉଥିବା ଘଟଣାଟି ଯେ ବିଶ୍ୱବାସୀଙ୍କୁ ଯୁଦ୍ଧ ଆଡକୁ ଟାଣି ନେଉଥିବ ଏହା ମନେ ହେଉନାହିଁ। ବରଂ ଦୂରଦର୍ଶୀ ଓ ସାହସୀ ରାଷ୍ଟ୍ରନେତା ଥିଲେ ପ୍ରଥମ ବିଶ୍ୱଯୁଦ୍ଧକୁ ହୁଏ ତ ଏଡେଇ ହୋଇଥାନ୍ତା। ସେ ସମୟରେ ତ ଆଜିଭଳି ମିଳିତ ଜାତିସଂଘ, ଜି-୮, ଜି-୨୦, ୟୁରୋପିଆନ ୟୁନିୟନ କି ଅନ୍ୟ କିଛି ସଙ୍ଗଠନ ନ ଥିଲା ଯେଉଁମାନେ ଶାନ୍ତି ପ୍ରତିଷ୍ଠା ଉଦ୍ୟମରେ ଯୁଦ୍ଧକୁ ଏଡେଇ ପାରିଥାନ୍ତେ।

ପ୍ରଥମ ବିଶ୍ୱଯୁଦ୍ଧର ଫଳାଫଳ ଭୟଙ୍କର ହୋଇଛି, ପ୍ରାୟତଃ ପ୍ରତ୍ୟେକ ଯୁଦ୍ଧର ପରିଣାମ ପରି। ଯଦିଓ ଜାତିସଂଘ ଜନ୍ମ ନେଇଛି ଏବଂ ରାଜତନ୍ତ୍ରର ବିଲୋପ ସହ ଗଣତନ୍ତ୍ରର ପ୍ରତିଷ୍ଠା ହୋଇଛି, ତଥାପି ଉଗ୍ର ଏକଚ୍ଛତ୍ରବାଦର ଅଭ୍ୟୁଦୟ ଘଟିଛି। ଯୁକ୍ତରାଷ୍ଟ୍ର ଆମେରିକା ଓ ସୋଭିଏଟ୍ ରୁଷିଆ ବୃହତ୍ ଶକ୍ତିରେ ପରିଣତ ହୋଇଛନ୍ତି। ଏହି ମହାଯୁଦ୍ଧରେ ୯ ନିୟୁତ ଲୋକଙ୍କର ମୃତ୍ୟୁ ଘଟିବା ସହ ୭୯ ନିୟୁତ ଲୋକ ଆହତ ହୋଇଛନ୍ତି। କ୍ଷୁଧା, ରୋଗ ଓ ହିଂସାକାଣ୍ଡରେ ବହୁ ଲୋକ ମୃତ୍ୟୁବରଣ କରିଛନ୍ତି। ତା'ଛଡ଼ା ଏହାଦ୍ୱାରା ସ୍ପାନିସ୍ ଫ୍ଲୁ ପରି ମହାମାରୀ ସହ ମାରାତ୍ମକ ପରିଣାମ ଭେଟି ଦେଇଥିବା ଦ୍ୱିତୀୟ ବିଶ୍ୱଯୁଦ୍ଧର ବୀଜରୋପଣ ହୋଇଛି।

ଆଜିପ୍ରତ୍ୟେକ ଦେଶ ନିଜର ସୁରକ୍ଷା ପାଇଁ ସାମରିକ ଖର୍ଚ୍ଚ ଯୋଜନା ଅଧିକ କରୁଛନ୍ତି। ନୂଆ ପ୍ରୟୋଗ କୌଶଳ ଆପଣାଉଛନ୍ତି। ପ୍ରଥମ ବିଶ୍ୱଯୁଦ୍ଧ ନୂଆ ରଣକୌଶଳ ଆପଣାଇବା ସାଙ୍ଗକୁ ନୂତନ ଅସ୍ତ୍ରଶସ୍ତ୍ର (ଟ୍ୟାଙ୍କ୍‌ଠୁ ନେଇ ଏୟାର କ୍ରାଫ୍ଟ) ଉତ୍ପନ୍ନ କରିବାକୁ ବାଧ୍ୟ କଲା।

ତୃତୀୟ ବିଶ୍ୱଯୁଦ୍ଧର ସମ୍ଭାବନାକୁ ବାରମ୍ବାର ଏଡେଇ ଦିଆଯାଉଛି। ସାମଗ୍ରିକ ଭାବେ ବିଶ୍ୱର ମଙ୍ଗଳ ଦୃଷ୍ଟିରୁ ଲାଭ ଅପେକ୍ଷା କ'ଣ ଅଧିକ କ୍ଷତି ହେବାର ସଚେତନତା ଥିବାରୁ। କୌଣସି ଯୁଦ୍ଧ କେବେ ଶାନ୍ତିର କାରଣ ହୋଇପାରିବ ନାହିଁ। ଦୁଇଟି ବିଶ୍ୱଯୁଦ୍ଧରୁ ଆମକୁ ଏହି ଶିକ୍ଷା ମିଳିଛି।

ଯୁଦ୍ଧକୁ ନେଇ ପ୍ରତିବାଦର ସ୍ୱର ଆମର ଶାଣିତ ହେବା ଜରୁରୀ। ଯୁଦ୍ଧର ପ୍ରତିବାଦ କରିବାକୁ ଯାଇ ଅନେକ ସମ୍ବେଦନଶୀଳ ଘଟଣା ଶୁଣିବାକୁ ମିଳେ। ଯେମିତି ଜଣେ ବୌଦ୍ଧ ସନ୍ନ୍ୟାସୀ ଭିଏତନାମ୍ ଉପରେ ଆମେରିକା ହିଂସାର ପ୍ରତିବାଦ କରିବାକୁ ଆତ୍ମଦାହ କରୁଥିଲେ। ପରିଶେଷରେ ଦେଖାଗଲା ତାଙ୍କ ଶରୀରର ସମସ୍ତ ଅବୟବ ଜଳିପୋଡି ଗଲା। ମାତ୍ର କୌଣସି ଶକ୍ତି ସମର୍ଥ ହେଲାନି ନଷ୍ଟ କରିବାକୁ ତାଙ୍କର ହୃତ୍‌ପିଣ୍ଡକୁ।

ଇ-୩୯୫, ସେକ୍ଟର-୬, ସିଡିଏ, କଟକ,
ମୋ: ୯୪୩୮୧୭୭୫୨୬

# ସାହସିନୀ ସାମ୍ବାଦିକା

## ବ୍ୟକ୍ତିତ୍ୱ



ସ୍ୱାତୀ ଚତୁର୍ବେଦୀ

ବର୍ତ୍ତମାନ ସମୟରେ ସୂଚନା ହେଉଛି ସମ୍ପଦ। ଯାହାଙ୍କ ପାଖରେ ଯେତେ ତଥ୍ୟ ରହିଛି, ସେ ସେହି ଅନୁଯାୟୀ ସମୃଦ୍ଧ। ପାରମ୍ପରିକ ଗଣମାଧ୍ୟମ ବଡ଼ କର୍ପୋରେଟ୍ ସଂସ୍ଥା ଦ୍ୱାରା ପରିଚାଳିତ ହେଉଛି। ସେଗୁଡ଼ିକ ମନ ମୁତାବକ ତଥ୍ୟ ପ୍ରସାରଣ କରୁଥିବା ଅଭିଯୋଗ ହେଉଛି । ହେଲେ ସୋସିଆଲ ମିଡିଆର ଅଭ୍ୟୁଦୟ ହେବା ପରେ ଜନସାଧାରଣ ହାତପାହାନ୍ତାରେ ପର୍ଯ୍ୟାପ୍ତ ତଥ୍ୟ ପାଇପାରୁଛନ୍ତି। ଟ୍ୟୁନିସିଆ ଓ ଇଜିପ୍ଟରେ ଯେଉଁ ରାଜନୈତିକ ବିପ୍ଳବ ସୃଷ୍ଟି ହୋଇ ବ୍ୟବସ୍ଥାରେ ପରିବର୍ତ୍ତନ ଆଣିପାରିଥିଲା, ତାହା କେବଳ ସାମାଜିକ ଗଣମାଧ୍ୟମ ଦ୍ୱାରା ସମ୍ଭବ ହୋଇଥିଲା। ଏବେ ଭାରତ ସମେତ ବିଶ୍ୱବ୍ୟାପୀ ସାମାଜିକ, ସାଂସ୍କୃତିକ, ରାଜନୈତିକ, ଅର୍ଥନୈତିକ ଦିଗକୁ ସୋସିଆଲ ମିଡିଆ ପ୍ରଭାବିତ କରୁଛି। ସ୍ଥଳବିଶେଷରେ ଏହାର ନକାରାତ୍ମକ ପ୍ରତିଫଳନ ଲୋକଙ୍କ ଉପରେ ପଡୁଥିବାରୁ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେଉଛି। ଭାରତୀୟ ମୁକ୍ତବୃତ୍ତି ସାମ୍ବାଦିକା ସ୍ୱାତୀ ଚତୁର୍ବେଦୀ ୨୦୧୮ ମସିହା ସକାଶେ ସାହସିକତା ବର୍ଗରେ ଲଣ୍ଡନ ପ୍ରେସ ଫ୍ରିଡମ୍ ପୁରସ୍କାର ପାଇବା ପରେ ଏବେ ସୋସିଆଲ ମିଡିଆର ଏକ ଭିନ୍ନ ଦିଗ ଦୃଷ୍ଟିଗୋଚର ହୋଇଛି। ତାଙ୍କ ରଚିତ 'ଆଇ ଆମ୍ ଏ ଟ୍ରୋଲ: ଇନ୍‌ସାଇଡ୍ ଦି ସିକ୍ରେଟ ୱାର୍ଲଡ ଅଫ୍ ଦି ବିଜେପିଜ୍ ଡିଜିଟାଲ ଆର୍ମି'ରେ ସେ ଯେଉଁଭଳି ଭାଜପାର ଆଇଟି ସେଲ୍‌ର ଭିତିରି କଥା ପ୍ରକାଶ କରିଛନ୍ତି, ସେଥିରେ ତାଙ୍କ ସାହସିକତା ବାରି ହୋଇପଡ଼ିଛି ବୋଲି 'ରିପୋର୍ଟର୍ସ ଉଇଦାଉଟ୍ ବର୍ଡର୍ସ' ପକ୍ଷରୁ କୁହାଯାଇଛି। ସାମାଜିକ ଗଣମାଧ୍ୟମ ଜରିଆରେ ଭାଜପା ଘୃଣାଭାବ ପ୍ରଚାର କରୁଛି ବୋଲି ସେ ଉକ୍ତ ପୁସ୍ତକରେ ଦର୍ଶାଇଛନ୍ତି। ଭାଜପା ଆଇଟି ସେଲ୍‌ର ରହସ୍ୟ ପ୍ରଘଟ ପରେ ତାଙ୍କ ନିକଟକୁ ଅନ୍‌ଲାଇନ୍‌ରେ ଅନେକ ଧମକ ଆସିଥିଲା। ତଥାପି ସେ ତାହାକୁ ଖାତିର ନ କରି ଲେଖା ଜାରି ରଖିଛନ୍ତି। ଅନୁସନ୍ଧାନମୂଳକ ରିପୋର୍ଟିଂ ପାଇଁ ସେ ସର୍ବଦା ଚର୍ଚ୍ଚିତା। ଏବେ ଅନ୍ତର୍ଜାତୀୟ ପୁରସ୍କାର ପାଇବା ପରେ ତାଙ୍କ ବ୍ୟକ୍ତିତ୍ୱ ଚର୍ଚ୍ଚାକୁ ଆସିଛି।

ଦିଲ୍ଲୀରେ ରହୁଥିବା ସ୍ୱାତୀ ସାମ୍ବାଦିକତାକୁ ବୃତ୍ତି ଭାବେ ଗ୍ରହଣ କରି ବହୁ ଅନାଲୋଚିତ ବିଷୟକୁ ସର୍ବସମ୍ମୁଖକୁ ଆଣିବାକୁ ସକ୍ଷମ ହୋଇଛନ୍ତି। ବିଭିନ୍ନ ସମୟରେ ଭାରତୀୟ ଖବରକାଗଜ ଓ ଟେଲିଭିଜନ ଚ୍ୟାନେଲରେ କାର୍ଯ୍ୟ କରି ପ୍ରଶଂସିତ ମଧ୍ୟ ହୋଇଛନ୍ତି। 'ଦି ଷ୍ଟେଟ୍‌ସମ୍ୟାନ୍', 'ଇଣ୍ଡିଆନ୍ ଏକ୍ସପ୍ରେସ୍', 'ହିନ୍ଦୁସ୍ତାନ ଟାଇମ୍ସ', 'ଦି ଟ୍ରିବ୍ୟୁନ୍', 'ଏନ୍‌ଡିଟିଭି.କମ୍', 'ଦି ଓୟାର' ଏବଂ 'ଗଲ୍ଫ ନ୍ୟୁଜ୍' ଆଦି ଗଣମାଧ୍ୟମ ସଂସ୍ଥାରେ କାର୍ଯ୍ୟ କଲା ବେଳେ ଅନେକ ବାସ୍ତବଧର୍ମୀ ଲେଖା ପ୍ରକାଶ କରି ଚହଳ ପକାଇଥିଲେ। ତେବେ ଭାଜପା ଆଇଟି ସେଲ୍‌ର କାରନାମା ବିଷୟରେ ଭିତିରି ତଥ୍ୟ ପ୍ରଦାନ କରିବା ସହ ବର୍ତ୍ତମାନ ଅନୁସନ୍ଧାନମୂଳକ ରିପୋର୍ଟିଂ ଜାରି ରଖିଛନ୍ତି। ଲଣ୍ଡନଠାରେ ତାଙ୍କୁ 'ପ୍ରେସ୍ ଫ୍ରିଡମ୍ ଆୱାର୍ଡ' ମିଳିବା ପରେ ସେ ଭାବବିହ୍ୱଳ ହୋଇପଡ଼ିଥିଲେ। ପ୍ରତିକ୍ରିୟାରେ କହିଥିଲେ ଯେ, କାର୍ଯ୍ୟ କରିବା ବେଳେ ସାହସିକତା ପ୍ରଦର୍ଶନ କରିବାକୁ ପଡ଼ିଛି। ସେ କେବେ ତାଙ୍କ ବୃତ୍ତି ସହ ସାଲିସ କରିନାହାନ୍ତି। ଗତବର୍ଷ ସାମ୍ବାଦିକା ଗୌରୀ ଲଙ୍କେଶଙ୍କୁ ତାଙ୍କ ଘର ଆଗରେ ଦୁର୍ବୃତ୍ତମାନେ ହତ୍ୟା କରିଥିଲେ। ତାହା ଅତ୍ୟନ୍ତ ହୃଦୟବିଦାରକ ଥିଲା। ଅସହିଷ୍ଣୁତା କିଭଳି ଭୟଙ୍କର ରୂପ ଧାରଣ କରିପାରେ, ଏସବୁ ତାହାର ଗୋଟିଏ ଗୋଟିଏ ଦୃଷ୍ଟାନ୍ତ। ହେଲେ ଖବରଦାତାମାନେ ସେମାନଙ୍କ କାର୍ଯ୍ୟ ଓ ଲକ୍ଷ୍ୟରୁ ବିଚ୍ୟୁତ ହେବା ଉଚିତ ନୁହେଁ ବୋଲି ସ୍ୱାତୀ କହିଛନ୍ତି। ସିଧାସଳଖ ସରକାରଙ୍କୁ ସମାଲୋଚନା କରି ବାରମ୍ବାର ଧମକର ଶିକାର ହୋଇଥିଲେ ମଧ୍ୟ କୌଣସି ଭାବେ ସାଲିସ କରି ନ ଥିବାରୁ ସେ ଏବେ ଯୁବ ସାମ୍ବାଦିକଙ୍କ ପାଇଁ ଆଦର୍ଶ ପାଲଟିଛନ୍ତି। ସାଲିସବିହୀନ ଜୀବନରେ ହୁଏତ ଦୁଃଖ ଓ ଯନ୍ତ୍ରଣା ଆସିପାରେ, କିନ୍ତୁ ତାହାକୁ ମୁକାବିଲା କରି ଆଗକୁ ବଢ଼ିପାରିଲେ ଜଣେ ପ୍ରଶଂସାର ପାତ୍ରୀ ବା ପାତ୍ର ହୋଇଥାଆନ୍ତି ବୋଲି ସ୍ୱାତୀଙ୍କ ଜୀବନଯାତ୍ରାରୁ ବୁଝିବାକୁ ହେବ।

-ଜିତେନ୍ଦ୍ର

## ଏଇ ଭାରତରେ

ଦୁନିଆଁରେ ଏମିତି ମଣିଷ ଅଛନ୍ତି ଯେଉଁମାନଙ୍କ ଇଚ୍ଛା ଜୀବଦ୍ଦଶାରେ ମଧ୍ୟ ଫଳବତୀ ହୋଇପାରେ ନାହିଁ। ଉତ୍ତରପ୍ରଦେଶ ବୁଲନ୍ଦସହର ଜିଲାର ବାସିନ୍ଦା ଫୈଜୁଲ୍ ହାସନ କାଦ୍ରି ତାଙ୍କ ସ୍ୱର୍ଗତ ପତ୍ନୀ ତାଜା ମୁଲ୍ଲି ବିବିଙ୍କ ସ୍ମୃତିରେ ୨୦୧୨ରେ ଏକ 'ମିନି ତାଜମହଲ' ନିର୍ମାଣ କରିଥିଲେ। ତେବେ ସେ ତାଙ୍କ ଭଲ ପାଇବାର ସ୍ମୃତିତୀର୍ଥକୁ ସମ୍ପୂର୍ଣ୍ଣ କରିପାରି ନ ଥିଲେ। କାରଣ ତାଙ୍କର ସବୁ ସାଇତା ଅର୍ଥ ଭିତ୍ତିଭୂମି ନିର୍ମାଣରେ ହିଁ ବ୍ୟୟ ହୋଇଯାଇଥିଲା। ମିନି ତାଜମହଲ ନିର୍ମାଣ ବିଷୟ ପ୍ରଚାର ହେବା ପରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ଅଖିଳେଶ ଯାଦବ କାଦ୍ରିଙ୍କୁ ଲକ୍ଷ୍ନୌ ଡକାଇ ଏହା ସମ୍ପୂର୍ଣ୍ଣ କରିବାକୁ ମାର୍ବଲ ଦାନ ସହ ପାଣ୍ଠି ପ୍ରଦାନ କରିଥିଲେ। ତେବେ ଏହି ଦାନକୁ ସେ ପ୍ରତ୍ୟାଖ୍ୟାନ କରି ଉକ୍ତ ଅର୍ଥରେ ତାଙ୍କ ଗାଁରେ ଏକ ମହିଳା ମହାବିଦ୍ୟାଳୟ ସ୍ଥାପନ ପାଇଁ ପ୍ରସ୍ତାବ ଦେଇଥିଲେ। ତେବେ କାଦ୍ରିଙ୍କ ଦାନ ଜମିରେ କଲେଜ ପ୍ରତିଷ୍ଠା ହୋଇ ତାହା ଚାଲୁରହିଛି। କିନ୍ତୁ ତାଙ୍କ ସ୍ୱପ୍ନର ତାଜମହଲ ଅଧାରେ ହିଁ ରହିଗଲା। କାରଣ ଦୁଇଦିନ ତଳେ ୮୩ବର୍ଷ ବୟସ୍କ ଅବସରପ୍ରାପ୍ତ ପୋଷ୍ଟମାଷ୍ଟର ଏକ ସଡକ ଦୁର୍ଘଟଣାରେ ପ୍ରାଣ ହରାଇଛନ୍ତି। ମମତାଜଙ୍କ ସ୍ମାରକୀସ୍ଥଳ ନିକଟରେ ମୋଗଲ ସମ୍ରାଟ ଶାହାଜାହାନ୍‌ଙ୍କୁ କବର ଦିଆଯିବା ଭଳି ଆତ୍ମୀୟସ୍ୱଜନ କାଦ୍ରିଙ୍କୁ ତାଙ୍କ ଅଧାଗଢ଼ା ମିନି ତାଜମହଲ ନିକଟରେ କବର ଦେଇଛନ୍ତି। ମିନି ତାଜମହଲକୁ ଖୁବ୍ ସୁନ୍ଦର ଭାବରେ ସମ୍ପୂର୍ଣ୍ଣ କରିବାକୁ ପରିବାର ସଦସ୍ୟମାନେ ନିଷ୍ପତ୍ତି ନେଇଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

### ୧୧ ନଭେମ୍ବର ୧୯୯୩

- ତାମିଲନାଡୁ, କେରଳ ଓ ପଣ୍ଡିଚେରୀରେ ଲଗାଣ ବର୍ଷା ଯୋଗୁ ବନ୍ୟା ପରିସ୍ଥିତି ସୃଷ୍ଟିହୋଇ ୨୪ଜଣଙ୍କ ମୃତ୍ୟୁ।
- ଦକ୍ଷିଣ ଫିଲିପାଇନ୍‌ସର ଇଲିଗାନ ସହର ନିକଟରେ କେତେକ ସନ୍ଦିଗ୍ଧ ମୁସଲମାନ ଉଗ୍ରପନ୍ଥୀଙ୍କ ଗୁଳିମାଡ଼ରେ ୧୩ଜଣ ନିହତ।

## ପାଠକ ଶ୍ରେଷ୍ଠ ବିଚାରକ

### ଗୋ ସଫାରି ପ୍ରତିଷ୍ଠା ହେଉ

ମହାଶୟ,

ଟ୍ରାକ୍ଟର ଓ କୃଷି ଯନ୍ତ୍ରପାତିର ବହୁଳ ବ୍ୟବହାର ପରେ ବଳଦର ଚାହିଦା କମିବାରେ ଲାଗିଛି। ଗ୍ରାମାଞ୍ଚଳରେ ପକ୍କା ରାସ୍ତା ମେଳିବା ବେଳକୁ ଶଗଡ ଗାଡି ହଟିଗଲାଣି। ଷଣ୍ଢ ଛାଡିବା ମାନସିକଧାରୀଙ୍କ ସଂଖ୍ୟା ବି ଦ୍ରୁତଗତିରେ କମିବାରେ ଲାଗିଛି। ସହରାଞ୍ଚଳରେ ମାଲିକ ଆଖପାଖ ଅଞ୍ଚଳର ହୋଇଥିଲେ ହେଁ ଛକ ସ୍ଥାନମାନଙ୍କରେ ଗୋରୁ ରାତି ବିତାଇ ଥାଆନ୍ତି। ପଲିଥିନ୍ ଖାଇ ଓ କୁକୁର କାମୁଡାରେ ଅନେକ ଗୋରୁ ମରିଯାଉଛନ୍ତି। ଅଦରକାରୀ ହୋଇପଡୁଥିବା ଗୋରୁ ଗୁହାଳରୁ ଦେଶବିଦେଶକୁ ଯାତ୍ରାର ଶେଷ ଛକ ବାଲେଶ୍ୱର। ଏଠାରେ ଏକ ବିରାଟ ଗୋଶାଳା ପ୍ରତିଷ୍ଠା କରି ଗୋ ସଫାରିର ରୂପ ଦିଆଯାଇପାରନ୍ତା। ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ କେବଳ ରାତିର ଅନ୍ଧାରରେ ଶଗଡ ଗାଡିରେ ଲଣ୍ଠନ ଆଲୁଅ ସହିତ ଗୋଶାଳା ଭ୍ରମଣର ବ୍ୟବସ୍ଥା ହୋଇପାରନ୍ତା। ପର୍ଯ୍ୟଟକମାନଙ୍କ ପାଇଁ ବାଟରେ ରାବିଡ଼ି, ଛେନା, ଘିଅ, ଦୁଧ, ଦହି ଖୁଆଇବାର ମଜା ଦିଆଯାଇପାରନ୍ତା। ଶ୍ରୀକୃଷ୍ଣଙ୍କ ଗୋପଲୀଳା ସମୟର ବଣଜଙ୍ଗଲ, ନଦୀ ଓ ବଂଶୀର ସ୍ୱର ଆଦିର ଯଥାସମ୍ଭବ ପ୍ରାକୃତ୍ରିକ ବା କୃତ୍ରିମ ଉପାୟରେ ବ୍ୟବସ୍ଥା ହୋଇପାରିଲେ ଆହୁରି ଭଲ ହୁଅନ୍ତା।

ମନୋରଞ୍ଜନ ପାତ୍ର, ସୁନହଟ, ବାଲେଶ୍ୱର

### ଛତୁଆ ଦୁର୍ନୀତି

ଓଡ଼ିଶା ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗ ସରକାରୀ ରାଜକୋଷରୁ କୋଟି କୋଟି ଟଙ୍କା ଖର୍ଚ୍ଚ କରି ଗର୍ଭବତୀ, ପ୍ରସୂତି ତଥା ପୁଷ୍ଟିହୀନ ପିଲାମାନଙ୍କୁ ମାଗଣାରେ ଛତୁଆ ଯୋଗାଇ ଦେଉଛନ୍ତି। ପ୍ରତି ମାସରେ ଏଥିପାଇଁ ବିପୁଳ ଅର୍ଥ ବ୍ୟୟ ହେଉଛି। ହେଲେ ଏଥିରୁ ହିତାଧିକାରୀମାନେ କ'ଣ ଉପକୃତ ହୁଅନ୍ତି ମା' ଗଙ୍ଗେଇଙ୍କୁ ଜଣା। ଲାଭ ଯାଏ ଛତୁଆ ପ୍ରସ୍ତୁତକାରୀ ସଂସ୍ଥା, ସରକାରୀ କର୍ମଚାରୀ ଏବଂ ଉପରିସ୍ଥ ଅଧିକାରୀଙ୍କ ପକେଟକୁ। ଅଧିକାଂଶ ସ୍ଥାନରେ ଉକ୍ତ ଛତୁଆକୁ ଗୋରୁଗାଈଙ୍କୁ ଦିଆଯାଉଛି। ପ୍ରତି ମାସରେ ଛତୁଆର ମାନ ପରୀକ୍ଷା ପାଇଁ ରାଜ୍ୟ ପରୀକ୍ଷାଗାରକୁ ଯାଉଥିଲେ ମଧ୍ୟ ସେଠାରେ ହାତଗୁଞ୍ଜା ଦେଇ ନମୁନାକୁ ଖାଦ୍ୟ ଉପଯୋଗୀ ଦର୍ଶାଯାଉଛି। ମମତା ଯୋଜନା ଭଳି ଯଦି ସିଧାସଳଖ ହିତାଧିକାରୀମାନଙ୍କ ଆକାଉଣ୍ଟକୁ ସେମାନଙ୍କ ପ୍ରାପ୍ୟ ଦିଆଯାଏ, ତେବେ ହୁଏତ ଦୁର୍ନୀତିକୁ ଅନେକାଂଶରେ ରୋକାଯାଇପାରିବ।

ରାଧାବଲ୍ଲଭ ମହାପାତ୍ର, ଯାଜପୁର

### ମଦ୍ୟପାନରେ ଓଡ଼ିଶା ପ୍ରଥମ

ଏକ ଜାତୀୟ ସର୍ବେକ୍ଷଣରୁ ଜଣାପଡିଛି ଯେ, ଓଡିଶାରେ ୪୦ ପ୍ରତିଶତ ଲୋକ ମଦ୍ୟପାନ କରନ୍ତି। ୨୦୦୧ରେ ରାଜ୍ୟରେ ମୁଣ୍ଡପିଛା ମଦ୍ୟପାନ ୭୦୦ ମି.ଲି. ଥିବାବେଳେ ୨୦୧୭ରେ ଏହା ୭ ଗୁଣରୁ ଅଧିକ ହୋଇ ୫ ଲିଟରରେ ପହଞ୍ଚିଛି। ଜାତୀୟ ହାର ତୁଳନାରେ ଏହା ଅଧିକ। ସ୍ୱାଧୀନତାର ଅଳ୍ପଦିନ ପୂର୍ବରୁ ମହାତ୍ମା ଗାନ୍ଧୀଙ୍କ ପଚରାଯାଇଥିଲା- ସ୍ୱାଧୀନୋତ୍ତର ଭାରତରେ ଆପଣ କେଉଁ କାର୍ଯ୍ୟଟିକୁ ଅଗ୍ରାଧିକାର ଦେବେ ? ଗାନ୍ଧିଜୀ କହିଥିଲେ, ମୁଁ ଚାହେଁ, ଭାରତ ସ୍ୱାଧୀନ ହେବାର ୨୪ ଘଣ୍ଟା ମଧ୍ୟରେ ଦେଶ ସମ୍ପୂର୍ଣ୍ଣ ନିଶାମୁକ୍ତ ହେଉ। ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ବର୍ଷ ପାଳନ ଅବସରରେ ରାଜ୍ୟ ସରକାର କେବଳ ସଭା, ସମିତି ଓ ଉତ୍ସବ ପାଳନରେ ଅର୍ଥଶ୍ରାଦ୍ଧ ନ କରି ଓଡିଶାରେ ସମ୍ପୂର୍ଣ୍ଣ ମଦ ନିଷେଧ କରିପାରିଲେ ଏହା ମହାତ୍ମାଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ହୋଇପାରନ୍ତା।

ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡି, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



ମହାବିଧ୍ୱଂସୀ ପ୍ରଥମ ବିଶ୍ୱଯୁଦ୍ଧ ସଙ୍ଘଟିତ ହେବାପଛରେ ଏକାଧିକ କାରଣ ରହିଥିଲେ ମଧ୍ୟ ଯେଉଁ ଗୋଟିଏ କାରଣକୁ ଅତି ଗୁରୁତ୍ୱର ସହ ବିଚାରକୁ ନିଆଯାଏ ତାହା ହେଉଛି ଅଷ୍ଟ୍ରିଆର ରାଜ କୁମାର ଆର୍କଡ୍ୟୁକ୍ ଫ୍ରାଞ୍ଜ ଫର୍ଡିନାଣ୍ଡଙ୍କ ହତ୍ୟା। ସେ ନିଜ ପତ୍ନୀଙ୍କ ସହ ବୋସନିଆ ଭ୍ରମଣ କରିବାକୁ ଯାଇଥିବା ଅବସରରେ ତାଙ୍କୁ ଓ ତାଙ୍କ ପତ୍ନୀଙ୍କୁ ହତ୍ୟା କରାଯାଇଥିଲା। ଏହା ଥିଲା ୨୮ ଜୁନ ୧୯୧୪ ମସିହା କଥା। ଏହାକୁ ମୂଳରେ ରଖି ଯେଉଁ ଭୟାବହ ଯୁଦ୍ଧ ଆରମ୍ଭ ହୋଇଥିଲା ତାହା ହିଁ 'ଗ୍ରେଟ୍ ୱାର' ବା 'ଗ୍ଲୋବାଲ୍ ୱାର୍'। ଏହି ଯୁଦ୍ଧର ଅବଧି ଥିଲା ୨୮ ଜୁଲାଇ ୧୯୧୪ରୁ ୧୧ ନଭେମ୍ବର ୧୯୧୮। ଏହି ଯୁଦ୍ଧରେ ମୃତ୍ୟୁ ସଂଖ୍ୟା ଥିଲା ୧ କୋଟି ୭୦ ଲକ୍ଷରୁ ଊର୍ଦ୍ଧ୍ୱ। ତନ୍ମଧ୍ୟରୁ ୧ କୋଟି ୧୦ ଲକ୍ଷ କେବଳ ସିପାହୀ ଥିବା ବେଳେ ଆଉ ୭୦ ଲକ୍ଷ ବେସାମରିକ ବ୍ୟକ୍ତି ମୃତ୍ୟୁବରଣ କରିଥିଲେ। ଏଥିରେ ଆହତଙ୍କ ସଂଖ୍ୟା ଥିଲା ୨କୋଟି। ଆଜିକୁ ପ୍ରଥମ ବିଶ୍ୱଯୁଦ୍ଧ ସମାପ୍ତିର ଠିକ ୧୦୦ବର୍ଷ ପୂରୁଛି। ଏହି ଯୁଦ୍ଧ ଆମକୁ ଏତିକି ଶିଖେଇଛି ଯେ, କୌଣସି ପରିସ୍ଥିତିରେ ବି ଯୁଦ୍ଧ କାମ୍ୟ ନୁହେଁ। ଏହି ଭୟାବହ ଯୁଦ୍ଧ ପୃଥିବୀରେ ଅନେକ ପରିବର୍ତ୍ତନକୁ ଆବାହନ କରିଥିଲା। ସେ ସମ୍ପର୍କରେ 'ଧରିତ୍ରୀ'ର ବିଶେଷ ଉପସ୍ଥାପନା...

## ପ୍ରଥମ ଆଧୁନିକ ମହାଯୁଦ୍ଧ

● ନିକୁଞ୍ଜ ବିହାରୀ ସାହୁ

ବିଶ୍ୱ ଇତିହାସରେ ଲୋମହର୍ଷଣକାରୀ ସଂଘର୍ଷ, ରକ୍ତପାତ ତଥା ଅତୀବ ଭୟାନକ ଘଟଣାର ଦସ୍ତାବିଜ୍ ଥିଲା ପ୍ରଥମ ବିଶ୍ୱଯୁଦ୍ଧ। ଏହି ଯୁଦ୍ଧରେ ବିଶ୍ୱ ଦୁଇଟି ପକ୍ଷରେ ବିଭକ୍ତ ହୋଇଯାଇଥିଲା। ମିତ୍ରଶକ୍ତିଙ୍କ ପକ୍ଷରେ ରୁଷିଆ, ଫ୍ରାନ୍ସ, ବ୍ରିଟେନ ଏବଂ ଯୁକ୍ତରାଷ୍ଟ୍ର ଆମେରିକା ଇତ୍ୟାଦି ଦେଶ ସାମିଲ ହୋଇଥିବା ବେଳେ ଅକ୍ଷଶକ୍ତିଙ୍କ ପକ୍ଷରେ ଜର୍ମାନୀ, ଅଷ୍ଟ୍ରିଆ- ହଙ୍ଗେରୀ ଓ ତୁର୍କୀ ଇତ୍ୟାଦି ଦେଶ ଅନ୍ତର୍ଭୁକ୍ତ ଥିଲେ। ଏହି ଯୁଦ୍ଧରେ ବ୍ରିଟେନ୍ ସହିତ ସାରା ବିଶ୍ୱରେ ବିସ୍ତୃତ ଏହାର ବିଶାଳ ସାମ୍ରାଜ୍ୟ ମଧ୍ୟ ଯୋଗ ଦେଇଥିଲା। ଏଥିରେ ମଧ୍ୟ ଅନେକ ଭାରତୀୟ ସୈନିକ ଅଂଶଗ୍ରହଣ କରି ପ୍ରାଣବଳି ଦେଇଥିଲେ। ସୁତରାଂ ଯୁଦ୍ଧର ଭୌଗୋଳିକ ପରିସୀମାର ବ୍ୟାପକତା ଏବଂ ବିପୁଳ ମୃତାହତଙ୍କ ସଂଖ୍ୟାରୁ ଏହାକୁ ବିଶ୍ୱଯୁଦ୍ଧର ମାନ୍ୟତା ଦିଆଯାଇଥିଲା।

### ଉତ୍ପାଦନ କ୍ଷେତ୍ରରେ ଅଭିବୃଦ୍ଧି

ସଂଘର୍ଷରତ ବାହିନୀକୁ ଯଥେଷ୍ଟ ସେନା ଓ ସରଞ୍ଜାମ ଯୋଗାଇବା ନିମନ୍ତେ ରାଷ୍ଟ୍ରୀୟସମ୍ପତ୍ତିକୁବହୁଳବ୍ୟବହାରକରାଯାଇଥିଲା।ବ୍ରିଟିଶ୍ସରକାରଉତ୍ପାଦନ କ୍ଷେତ୍ରକୁ ସମ୍ପୂର୍ଣ୍ଣ ଭାବେ ନିଜ ନିୟନ୍ତ୍ରଣକୁ ଆଣି ଯୁଦ୍ଧାସ୍ତ୍ର ଉତ୍ପାଦନକୁ ତ୍ୱରାନ୍ୱିତ କରିଥିଲେ। ଫଳରେ ଯୁଦ୍ଧ ଶେଷ ବେଳକୁ ବ୍ରିଟେନ୍‌ରେ ୪୦ ଲକ୍ଷ ବନ୍ଧୁକ, ୨୫୦,୦୦୦ ମେଶିନ୍ ଗନ୍, ୫୨୦୦୦ ବିମାନ, ୨୫୦୦ ଟ୍ୟାଙ୍କ୍, ୨୫୦୦୦ ତୋପ ଏବଂ ୧୭କୋଟି ରାଉଣ୍ଡର ତୋପ ଗୁଳି ଉତ୍ପାଦନ ହୋଇସାରିଥିଲା। ଏହି ଯୁଦ୍ଧରେ ହଜାର ହଜାର ବ୍ୟକ୍ତି ଯୁଦ୍ଧ ସଂକ୍ରାନ୍ତୀୟଶିଳ୍ପ, ଖାଦ୍ୟ ପ୍ରକ୍ରିୟାକରଣ ଓ ଯୋଗାଣ ବ୍ୟବସ୍ଥାରେ ପରୋକ୍ଷଭାବେ ସଂଶ୍ଳିଷ୍ଟ ଥିଲେ।

### ଅତ୍ୟାବଶ୍ୟକ ସାମଗ୍ରୀର ବିକାଶ

ଯୁଦ୍ଧ ସମୟରେ ଆବଶ୍ୟକତା ଦୃଷ୍ଟିରୁ ହେଉ କିମ୍ବା ଆକସ୍ମିକ ଭାବେ କିଛି ଅତ୍ୟାବଶ୍ୟକ ସମାଗ୍ରୀର ବିକାଶ ଘଟିଥିଲା, ଯାହା ଏବେ ଆମ ଦୈନନ୍ଦିନ ଜୀବନର ଅଙ୍ଗ ପାଲଟିଯାଇଛି। ସେଥିମଧ୍ୟରୁ ଗୋଟିଏ ଥିଲା ମହିଳାମାନେ ବ୍ୟବହାର କରୁଥିବା ସାନିଟାରୀ ଟାୱେଲ୍। ୧୯୧୪ ମସିହାରେ ଆର୍ନେଷ୍ଟ ମାହେଲର୍ ନାମକ ଜଣେ ଆମେରିକୀୟ ଉଦ୍ୟୋଗପତି 'ସେଲୁକଟନ୍' ନାମକ ଏପରି ଏକ ପଦାର୍ଥର ସନ୍ଧାନ ପାଇଲେ ଯାହା ତରଳ ପଦାର୍ଥକୁ ତୁଳା ତୁଳନାରେ ପାଞ୍ଚ ଗୁଣ ଭଲ ଶୋଷି ନେଇ ପାରୁଥିଲା। ଏହାକୁ ନେଇ ସେ ପ୍ରଥମେ ଯୁଦ୍ଧ ପୀଡିତଙ୍କ ପାଇଁ ସର୍ଜିକାଲ୍ ବ୍ୟାଣ୍ଡେଜ୍ ପ୍ରସ୍ତୁତ କଲେ। ପରବର୍ତ୍ତୀ ସମୟରେ ଯୁଦ୍ଧକ୍ଷେତ୍ରରେ ଶୁଶ୍ରୂଷା ନିମନ୍ତେ ମୁତୟନ ଥିବା ରେଡକ୍ରସ୍‌ର ନର୍ସମାନେ ଏହାର ମହତ୍ତ୍ୱ ଉପଲବ୍ଧି କରି ଏହାକୁ ଶରୀରର ସ୍ରାବ ଶୋଷିନେବା ପାଇଁ ବ୍ୟକ୍ତିଗତ କାର୍ଯ୍ୟରେ ବିନିଯୋଗ କରିଥିଲେ। ସେବେଠାରୁ ଏହା ମହିଳାମାନଙ୍କ ପାଇଁ ଏକ ଅତ୍ୟାବଶ୍ୟକ ସାମଗ୍ରୀ ପାଲଟି ଯାଇଛି।

ଚିକିତ୍ସା କ୍ଷେତ୍ରରେ ଯୁଦ୍ଧକାଳୀନ ଏକ ପ୍ରମୁଖ ଅବଦାନ ଥିଲା ପରିବହନଶୀଳ 'ଏକ୍ସ-ରେ' ଯନ୍ତ୍ରର ବିକାଶ। ପୂର୍ବରୁ ଏକ୍ସ-ରେ ଯନ୍ତ୍ରଗୁଡ଼ିକ ବିଶାଳକାୟ ଥିବାରୁ ସେଗୁଡ଼ିକୁ କାର୍ଯ୍ୟକ୍ଷେତ୍ରକୁ ସ୍ଥାନାନ୍ତରିତ କରିବା ଅସମ୍ଭବ ଥିଲା। ଫରାସୀ ବୈଜ୍ଞାନିକ ମ୍ୟାରି କ୍ୟୁରୀ ନିଜ ଦେଶର ସେନା ପାଇଁ ଏପରି ଏକ ହାଲୁକା ଏକ୍ସ-ରେ ଯନ୍ତ୍ର ବିକଶିତ କଲେ, ଯାହାକୁ ଟ୍ରକ୍‌ରେ ଲଦି ଆହତ ସୈନିକଙ୍କ ହାଡଭଙ୍ଗା କିମ୍ବା ଗୁଳିବିଦ୍ଧ ସ୍ଥାନ ଚିହ୍ନଟ କରିବା ନିମନ୍ତେ ଯୁଦ୍ଧକ୍ଷେତ୍ରକୁ ବୋହି ନେଇ ହେଉଥିଲା।

ଯୁଦ୍ଧ ସମୟର ଅନ୍ୟ ଏକ ପ୍ରମୁଖ ନବସୃଜନ ଥିଲା 'ଏୟାର ଟ୍ରାଫିକ୍ କଣ୍ଟ୍ରୋଲ୍' ବ୍ୟବସ୍ଥାର ବିକାଶ। ପୂର୍ବରୁ ବିମାନ ଭୂମି ଛାଡିଲା ପରେ ପାଇଲଟ୍‌ଙ୍କ ଭୂପୃଷ୍ଠ ସହିତ ଯୋଗାଯୋଗ ନିମନ୍ତେ କୌଣସି ଉପାୟ ନ ଥିଲା। ଯୁଦ୍ଧର ଆବଶ୍ୟକତା ଦୃଷ୍ଟି କୋଣରୁ ବିମାନରେ ରେଡିଓ ସ୍ଥାପନ କରାଗଲା ଏବଂ ରେଡିଓ ତରଙ୍ଗ ଜରିଆରେ ଗୋଟିଏ ଚଳନ୍ତା ବିମାନରୁ ଅନ୍ୟ ଚଳନ୍ତା ବିମାନ କିମ୍ବା ଭୂପୃଷ୍ଠସ୍ଥ ଅପରେଟରଙ୍କ ସଙ୍ଗେ ବାର୍ତ୍ତା ବିନିମୟ କରିହେଲା। ଭୂପୃଷ୍ଠ ଓ ଉଡନ୍ତା ବିମାନ ମଧ୍ୟରେ ଏହି ଦ୍ୱିପାକ୍ଷିକ ଯୋଗାଯୋଗ ବ୍ୟବସ୍ଥା ପ୍ରକ୍ରିୟା ଯେ ଏବେକାର ବିମାନ ଘାଟିସବୁରେ ଅବସ୍ଥାପିତ 'ଏୟାର ଟ୍ରାଫିକ୍ କଣ୍ଟ୍ରୋଲ୍' ବ୍ୟବସ୍ଥାର ମୂଳାଧାର, ଏହା ଅନସ୍ୱୀକାର୍ଯ୍ୟ।

ସେହିପରି ମୁହଁ ପୋଛା ଯାଉଥିବା ଟିସୁ ପେପର, ତୁରନ୍ତ ଚା' ପ୍ରସ୍ତୁତି ନିମନ୍ତେ ବ୍ୟବହୃତ ଟି-ବ୍ୟାଗ୍, ହାତବନ୍ଧା ଘଣ୍ଟା,ପୋଷାକର ଦୁଇ ଅଂଶକୁ ଯୋଡିବା ପାଇଁ ବ୍ୟବହୃତ ଜିପ୍ ଫ୍ୟାଶନର ତଥା ଶରୀରରେ ଭିଟାମିନ୍ ଡି ପ୍ରସ୍ତୁତ କରି ସୁସ୍ଥ ଅସ୍ଥି ଗଠନ ପୂର୍ବକ ରିକେଟ୍ ରୋଗର ଚିକିତ୍ସା ନିମନ୍ତେ ବ୍ୟବହୃତ 'ସନ୍ ଲ୍ୟାମ୍ପ'ଇତ୍ୟାଦି ଆବିଷ୍କାର ପ୍ରଥମ ବିଶ୍ୱଯୁଦ୍ଧର ମଣିଷ ସମାଜକୁ ଅନ୍ୟତମ ଅବଦାନ।

—ଏଜୁକେଶନ୍ ଅଫିସର, ଢେଙ୍କାନାଳ ବିଜ୍ଞାନ କେନ୍ଦ୍ର, ଢେଙ୍କାନାଳ

### ନୂତନ ଜ୍ଞାନକୌଶଳର ପ୍ରୟୋଗ

ଏହା ମାନବ ଇତିହାସରେ ସର୍ବପ୍ରଥମ ଆଧୁନିକ ଯୁଦ୍ଧ ଥିଲା। ନିର୍ଣ୍ଣାୟକ ସ୍ଥିତି ହାସଲ କରି ସ୍ୱଳ୍ପ ସମୟ ମଧ୍ୟରେ ଯୁଦ୍ଧର ମୋଡ଼ ବଦଳାଇ ଦେବା ନିମନ୍ତେ ଅନେକ ନୂଆ ଯନ୍ତ୍ରପାତି ଓ ରଣକୌଶଳ ପ୍ରୟୋଗ ହେବା ସାଙ୍ଗକୁ ଯୁଦ୍ଧକ୍ଷେତ୍ରରେ ଅନେକ ସାମରିକ ପ୍ରଯୁକ୍ତି ପରୀକ୍ଷିତ ହୋଇଥିଲା। ଶତ୍ରୁ ଶିବିର ମଧ୍ୟକୁ ପ୍ରବେଶ କରି ଶକ୍ତିଶାଳୀ ଗୋଳା ପ୍ରହାର କରପାରୁଥିବା ଟ୍ୟାଙ୍କ୍, ମିନିଟ୍‌କୁ ୫୦୦ରୁ ୬୦୦ ରାଉଣ୍ଡ୍ ଗୁଳି ନିକ୍ଷେପ କରିପାରୁଥିବା ମେଶିନ୍‌ଗନ୍, ରେଡିଓ ଯୋଗାଯୋଗ ବ୍ୟବସ୍ଥା ଇତ୍ୟାଦି ଭଳି ଆଧୁନିକ ସରଞ୍ଜାମ ଏହି ଯୁଦ୍ଧରେ ବହୁଳ ଭାବେ ପ୍ରୟୋଗ କରାଯାଇଥିଲା। ଯୁଦ୍ଧର ସବୁଠାରୁ ଉଲ୍ଲେଖନୀୟ ପ୍ରସଙ୍ଗ ଥିଲା ଆକାଶମାର୍ଗରେ ସମରର ସମ୍ପ୍ରସାରଣ। ଏହି ଯୁଦ୍ଧରେ ପ୍ରଥମ କରି ଆକାଶମାର୍ଗରୁ ବିମାନ ଯୋଗେ ଶତ୍ରୁ ଶିବିର ଉପରେ ବୋମାମାଡ କରାଯିବା ଦ୍ୱାରା ବ୍ୟାପକ କ୍ଷୟକ୍ଷତି ସାଧିତ ହୋଇଥିଲା। ଏହି ଯୁଦ୍ଧରେ ମଧ୍ୟ ଟ୍ରେଞ୍ଚ୍ ବା ଗୁପ୍ତ ସୁଡଙ୍ଗ ମଧ୍ୟରେ ଲୁଚି ରହି ଯୁଦ୍ଧ କରିବାର କୌଶଳ ପ୍ରଥମ କରି ପ୍ରଦର୍ଶିତ ହୋଇଥିଲା। ପୁଣି ଏହି ଯୁଦ୍ଧରେ ମଧ୍ୟ ପ୍ରଥମ କରି ବୁଡାଜାହାଜର ପ୍ରୟୋଗ କରାଯାଇଥିଲା। ଜର୍ମାନୀ ୟୁ ବୋଟ୍ ନାମକ ଏକ ଘାତକ ବୁଡାଜାହାଜ ବିକଶିତ କରିଥିଲା ଯାହା ଯୁଦ୍ଧପୋତଗୁଡ଼ିକୁ ଆକ୍ରମଣ ରକି ସହଜରେ ଧ୍ୱଂସ କରିଦେଇପାରୁଥିଲା। ଏହି ଯୁଦ୍ଧର ମଧ୍ୟ ଅନ୍ୟ ଏକ ବୈଶିଷ୍ଟ୍ୟ ଥିଲା ରାସାୟନିକ ଅସ୍ତ୍ରର ପ୍ରୟୋଗ। ଯୁଦ୍ଧରେ ପ୍ରଥମ କରି ମଷ୍ଟାର୍ଡ ଗ୍ୟାସ୍ ତଥା ଫସ୍‌ଜିନ୍ ବାଷ୍ପ ଭଳି ଅନେକ ମାରାତ୍ମକ ବାଷ୍ପ ପ୍ରୟୋଗ କରାଯାଇଥିଲା।

## ବିଶ୍ୱଯୁଦ୍ଧ ସମୟର ଆର୍ଥିକ ଦୃଶ୍ୟପଟ

● ଚୌଧୁରୀ ବିଚିତ୍ରାନନ୍ଦ ପ୍ରହରାଜ

୧୯୧୪-୧୯୧୮ମସିହା ପର୍ଯ୍ୟନ୍ତ ସଂଘଟିତ ହୋଇଥିବା ପ୍ରଥମ ବିଶ୍ୱଯୁଦ୍ଧର କରାଳ ବିଭୀଷିକା ସୁଦୂର ପ୍ରସାରି ଏବଂ ଦୀର୍ଘସ୍ଥାୟୀ ଥିଲା। ୧୯୧୪ରେ ସମସ୍ତ ଶକ୍ତି ଗୋଟିଏ ଛୋଟିଆଯୁଦ୍ଧ ଚାହୁଁଥିଲେ। ଲମ୍ବାଯୁଦ୍ଧ ପାଇଁ ଆର୍ଥିକ ପ୍ରସ୍ତୁତି କେଉଁ ରାଷ୍ଟ୍ରର ନ ଥିଲା। ଯୁଦ୍ଧ ପାଇଁ ମୋଟାଅଙ୍କର ଅର୍ଥର ଆବଶ୍ୟକତା ଥିଲା ଏବଂ ମିଳିତଶକ୍ତିଗୁଡ଼ିକର ଯୁଦ୍ଧ ଖର୍ଚ୍ଚ ଭରଣା ଲାଗି ସେମାନଙ୍କ ପାଖରେ ସମ୍ବଳର ଅଭାବ ଥିଲା। ଯୁଦ୍ଧ ଅନେକଦିନ ଚାଲିବାରୁ ଆବଶ୍ୟକ ଖାଦ୍ୟପଦାର୍ଥ ଓ କଳକାରଖାନା ପାଇଁ କଞ୍ଚାମାଲର ଅଭାବ ଦେଖାଗଲା। ସବୁଶକ୍ତି ଗୁଡିକର ସମସ୍ତ ସମ୍ବଳକୁ ଯୁଦ୍ଧପାଇଁ ବିନିଯୋଗ କରାଗଲା। ଶକ୍ତିମାନେ କଳକାରଖାନାଗୁଡ଼ିକୁ ଗୋଳାବାରୁଦ ବନ୍ଧୁକ, ଯୁଦ୍ଧୋପକରଣ ଓ ପୋଷାକ ପାଇଁ ଉପଯୋଗ କଲେ, ଶ୍ରମଶକ୍ତି,ଶିଳ୍ପ ଏବଂ କୃଷିକାର୍ଯ୍ୟ ବାଧାପ୍ରାପ୍ତ ହେଲା। ଜନସାଧାରଣ ଓ ସୈନିକଙ୍କୁ ଖାଦ୍ୟ ଯୋଗାଣ ଏକ ବୃହତ ସମସ୍ୟା ହୋଇ ଉଭା ହେଲା। ଜାହାଜଗୁଡ଼ିକ ଯୁଦ୍ଧ ଜାହାଜ ହିସାବରେ ବ୍ୟବହୃତ କରାଯିବାରୁ ପରିବହନଜନିତ ସମସ୍ୟା ଉପୁଜିଲା। ଅର୍ଥର ଅଭାବ ବହୁଳ ଭାବରେ ପରିଲକ୍ଷିତ ହେଲା। ଅନେକ ରାଷ୍ଟ୍ର ଦେବାଳିଆ ହୋଇ ଆମେରିକାଠାରୁ ଉଧାର କଲେ। ଆମେରିକା ଋଣ ଆକାରରେ ଆର୍ଥିକ ସହାୟତା ପ୍ରଦାନ କରିଥିଲେ ମଧ୍ୟ ବିଶ୍ୱଯୁଦ୍ଧ ପରେ ଋଣ ପରିଶୋଧ କରିବାର ସର୍ତ୍ତ ରଖି ଋଣ ପ୍ରଦାନ କଲା। ବ୍ରିଟେନ୍ ଓ ଇଟାଲୀ ପ୍ରଭୃତି ରାଷ୍ଟ୍ରର ଜିଡିପି ବଢ଼ିଲେ ମଧ୍ୟ ଫ୍ରାନ୍ସ ଓ ରୁଷିଆ ଆଦି ରାଷ୍ଟ୍ରର ଜିଡିପି ହ୍ରାସ ପାଇଲା। ଘୁଷୁରିଙ୍କୁ ହତ୍ୟା କରାଯିବାରୁ ମାଂସର ପ୍ରବଳ ଅଭାବ ଦେଖାଦେଲା। କେତେ ରାଷ୍ଟ୍ରର ମତ୍ସ୍ୟ ବ୍ୟବସାୟ ପ୍ରଭାବିତ ହୋଇ ତତ୍‌ଜନିତ ଲାଭ କମିଗଲା। ଭୂପୃଷ୍ଠ ଓ ଜଳପଥରେ ପରିବହନ ଖର୍ଚ୍ଚ ବଢ଼ିବାରୁ ଜିନିଷପତ୍ରର ଦରଦାମ ନିୟନ୍ତ୍ରଣ ବାହାରକୁ ଚାଲିଗଲା ମାଛର ଦରହ୍ରାସ, ଅର୍ଥବଜାରର ମାନ୍ଦା ଅବସ୍ଥା ପରସ୍ଥିତିକୁ ଆହୁରି ସଙ୍ଗିନ କରିଦେଲା। ଜଙ୍ଗଲଜାତ ଓ ଖଣିଜଶିଳ୍ପ ପ୍ରଭାବିତ ହେଲା। ଆନ୍ତର୍ଜାତିକ ବଜାର ଉପରେ ନିର୍ଭର କରୁଥିବା ରାଷ୍ଟ୍ରମାନେ ବଜାର ନ ପାଇ ହନ୍ତସନ୍ତ ହେଲେ। ମୂଲ୍ୟ ହ୍ରାସ ଯୋଗୁ ଦୁର୍ଦ୍ଦଶା ଦ୍ୱିଗୁଣିତ ହେଲା। ପୁଣି ଯୁଦ୍ଧ ଆରମ୍ଭ ପରେ ଜନସାଧାରଣ ରୋଜଗାର ନ ପାଇ ବେରୋଜଗାରିର ବୃଦ୍ଧି ଘଟିଲା। ରାଷ୍ଟ୍ରଗୁଡ଼ିକର ବାର୍ଷିକ ଆର୍ଥିକ ବଜେଟରେ ନିଅଣ୍ଟ ପରିମାଣ ବୃଦ୍ଧି ପାଇଲା। ସୈନିକ ଭର୍ତ୍ତି ତାଲିମ





ଏବଂ ଯୁଦ୍ଧୋପକରଣ ଲାଗି ବିପୁଳ ଖର୍ଚ୍ଚ ଅନେକ ରାଷ୍ଟ୍ରର ଆର୍ଥିକ ମେରୁଦଣ୍ଡକୁ ଦୋହଲାଇ ଦେଲା। ଯୁଦ୍ଧ ଋଣ, ଯୁଦ୍ଧ ଖର୍ଚ୍ଚ, ଦେଶର ଋଣଭାରକୁ ବୃଦ୍ଧି କଲା। କ୍ଷମତାକେନ୍ଦ୍ର ଅଷ୍ଟ୍ରିଆ-ହଙ୍ଗେରୀ, ଜର୍ମାନୀର ବିକାଶର ହାର କମିଗଲା। ରୁଷିଆର ଆର୍ଥିକ ଅବସ୍ଥା ପଶ୍ଚାତଗାମୀ ହେଲା। ସମ୍ମିଳିତ ତିନି ପ୍ରମୁଖ ଶକ୍ତି ହାରାହାରି ଆୟ କ୍ଷମତା କେନ୍ଦ୍ର ଆୟର ଶତକଡା ୬୦ ଭାଗ ଥିଲା। କୃଷିକ୍ଷେତ୍ର ପ୍ରଭାବିତ ହେବା ଫଳରେ ଅଷ୍ଟ୍ରିଆ, ହଙ୍ଗେରୀ, ତୁର୍କୀ, ଜର୍ମାନୀରେ ଖାଦ୍ୟାଭାବ ଦେଖାଦେଲା। ଜର୍ମାନୀର କୃଷିକ୍ଷେତ୍ର ପ୍ରଭାବିତ ନ ଥିଲାବେଳେ ଅନ୍ୟ ରାଷ୍ଟ୍ର ଉପରେ ଖାଦ୍ୟଶସ୍ୟ ପାଇଁ ନିର୍ଭର କରୁଥିବା ବ୍ରିଟେନ୍‌ରେ ଜନସାଧାରଣ ଉପବାସରେ ଦିନ କାଟିଲେ। ଯୁଦ୍ଧ ଆରମ୍ଭ ହେବା ମାତ୍ରେ ବ୍ରିଟିଶ୍ ଚାଷୀଙ୍କୁ କୃଷିକାର୍ଯ୍ୟ ପାଇଁ ପ୍ରୋତ୍ସାହନ ରାଶି ଓ କୃଷିଜାତ ଦ୍ରବ୍ୟ ପାଇଁ ଅଧିକ ମୂଲ୍ୟ ଦିଆଗଲା। କିନ୍ତୁ ଜର୍ମାନୀ ଘର ସମ୍ବଳକୁ କୃଷିକାର୍ଯ୍ୟରେ ବିନିଯୋଗ ନ କରି ଯୁଦ୍ଧ ପାଇଁ ଖର୍ଚ୍ଚ କଲା। ଭୋକିଲା ସୈନିକ ଯୁଦ୍ଧ କରିପାରିବେନି ବୋଲି ସବୁ ଖାଦ୍ୟ ସେମାନଙ୍କୁ ଦିଆଗଲା ଏବଂ ଜର୍ମାନୀ ବଜାରରେ ଖାଦ୍ୟାଭାବ ଦେଖାଦେଲା। ଖାଦ୍ୟପଦାର୍ଥର ଦରବୃଦ୍ଧି ଘଟିଲା ଏବଂ ଏକପ୍ରକାର ଦୁର୍ଭିକ୍ଷର ସ୍ଥିତି ଆସିଗଲା। ଜର୍ମାନୀ ଅର୍ଥନୀତି ଭୁଶୁଡ଼ି ପଡିଲା। ଜର୍ମାନୀ ଲୋକଙ୍କର ସଞ୍ଚୟ, ବାଣିଜ୍ୟିକ ବ୍ୟାପାର, ଉତ୍ପାଦନ ଓ ଖାଦ୍ୟଶସ୍ୟର ବିକ୍ରୟ ଉପରେ କଟକଣା ଜାରି ହେଲା। ଯୁଦ୍ଧ ଯୋଗୁ କଞ୍ଚାମାଲର ଅଭାବ ପରିଲକ୍ଷିତ ହେଲା ଏବଂ ଯୁଦ୍ଧ ସମୟରେ ନିତ୍ୟ ବ୍ୟବହାର୍ଯ୍ୟ ଦ୍ରବ୍ୟ ୮ ଗୁଣାବୃଦ୍ଧି ପାଇଲା। ଲକ୍ଷ ଲକ୍ଷ ଜର୍ମାନ ଲୋକ ଭୋକରେ ରହିଲେ।

ପ୍ରଥମ ବିଶ୍ୱଯୁଦ୍ଧ ଜର୍ମାନୀ ଓ ୟୁରୋପ ମହାଦେଶୀୟ ରାଷ୍ଟ୍ରଙ୍କ ପାଇଁ ମନୁଷ୍ୟକୃତ ବିପର୍ଯ୍ୟୟ ଥିଲା। ରୁଷିଆରେ କଞ୍ଚାମାଲ ଓ ଇନ୍ଧନର ଅଭାବ ନ ଥିଲା। ରୁଷିଆରେ କାରଖାନାକୁ କଞ୍ଚାମାଲ ପରିବହନରେ ବାଧା ଉପୁଜିଲା। ରୁଷିଆ ଶିଳ୍ପଜଗତରେ ଶ୍ରମିକଙ୍କ ଅଭାବ ପରିଲକ୍ଷିତ ହେଲା। କୁଶଳୀ ଲୋକମାନଙ୍କୁ ସୈନ୍ୟ ବିଭାଗରେ ନିଯୁକ୍ତି ମିଳିବାରୁ ଶ୍ରମିକ ସମସ୍ୟା ସୃଷ୍ଟି ହେଲା। ଅଧିକ ମୁଦ୍ରା ପ୍ରଚଳନ ହେତୁ ମୁଦ୍ରାସ୍ଫୀତି ବଢିଲା। ରୁଷିଆରେ ଖାଉଟି ସାମଗ୍ରୀ ଦୁଇଗୁଣା ହୋଇଗଲା। ଋଣ ବୋଝ ବଢିଗଲା। ବ୍ୟବସାୟ ଓ ପୁଞ୍ଜିଲଗାଣ ପ୍ରଭାବିତ ହେଲା। ଖାଦ୍ୟଯୋଗାଣ ଓ ପରିବହନରେ ସମସ୍ୟା ସୃଷ୍ଟି ହେଲା। ଶିଳ୍ପ ଉତ୍ପାଦନ ଶତକଡା ୫୦ ଭାଗ କମିଗଲା। ବେଲ୍‌ଜିୟମ୍‌ରେ ଶିଳ୍ପ ବନ୍ଦ ହୋଇଗଲା। ଶିଳ୍ପ, ପୁଞ୍ଜିଲଗାଣ ଓ ପରିବହନ ପ୍ରଭାବିତ ହେଲା। ପ୍ରଥମ ବିଶ୍ୱଯୁଦ୍ଧ ପୂର୍ବରୁ ବ୍ରିଟେନ୍ ବିଶ୍ୱ ଅର୍ଥନୀତିରେ ଶ୍ରେଷ୍ଠ ଦେଶ ଥିଲା। ବଜେଟରେ ପ୍ରତିରକ୍ଷା ଖର୍ଚ୍ଚ ବୃଦ୍ଧି ପାଇଲା। ଯୁଦ୍ଧ ସମୟରେ ବ୍ରିଟିଶ ବଜାରରେ କିଛି ମିଳିଲାନି ଏବଂ ବ୍ରିଟେନ୍ ଘୋର ଆର୍ଥିକ ଦରବସ୍ଥାର ସମ୍ମୁଖୀନ ହେଲା। ସରକାର ବଜାରର ସ୍ଥିତାବସ୍ଥା ଫେରାଇ ଆଣିବା ପାଇଁ ଅସମର୍ଥ ହେଲେ। ଯୁଦ୍ଧ ଖର୍ଚ୍ଚ ପାଇଁ ଅର୍ଥ ଯୋଗାଡ ହେବାରେ ବାଧା ହେଲା। କିଛି ଆର୍ଥିକ ବୋଝକୁ ହାଲୁକା କରିବା ଲାଗି ପରୋକ୍ଷ କର ଏବଂ ସମ୍ପତ୍ତି ଓ ଉପାର୍ଜନ ଉପରେ ପ୍ରତ୍ୟକ୍ଷ କର ଲାଗୁ କଲେ। ଆନ୍ତର୍ଜାତିକ ଓ ସାଧାରଣ ଲୋକଙ୍କଠାରୁ ଯୁଦ୍ଧ ବଣ୍ଡ୍ ଦ୍ୱାରା ଅର୍ଥସଂଗ୍ରହ କରାଗଲା। ଲୋକମାନଙ୍କୁ ଯୁଦ୍ଧ ବଣ୍ଡରେ ବିନିଯୋଗ କରିବା ସକାଶେ ପ୍ରୋତ୍ସାହିତ କରାଗଲା। ମୁଦ୍ରାସ୍ଫୀତିକୁ ଖାତିର ନ କରି ଅଧିକ ନୋଟ୍ ଛପାଗଲା। ବ୍ରିଟେନ୍‌ର ବୈଦେଶିକ ବାଣିଜ୍ୟ ପ୍ରଭାବିତ ହେଲା ଏବଂ ବ୍ରିଟେନ୍‌ରେ ଆର୍ଥିକ ମାନ୍ଦାବସ୍ଥା ଦେଖାଗଲା। ଯୁଦ୍ଧ ବଣ୍ଡର ଋଣ ବ୍ରିଟେନ୍ ସମ୍ମୁଖରେ ଏକ ଭୟଙ୍କର ରାକ୍ଷସ ଭାବେ ଉଭା ହେଲା। ଅପରପକ୍ଷରେ ଜାପାନ ଉତ୍ପାଦିତ ସାମଗ୍ରୀର ହଠାତ୍ ବିଶ୍ୱବଜାରରେ ଚାହିଦା ବଢି ଯିବାରୁ ଜାପାନର ଅର୍ଥନୀତି ସୁଦୃଢ ହେବାକୁ ଲାଗିଲା। ବିଶ୍ୱବଜାରରେ ୟୁରୋପ ସାମଗ୍ରୀ ଉପଲବ୍ଧ ନ ହେବାରୁ ଜାପାନ ସାମଗ୍ରୀର ଚାହିଦା ବଢ଼ିଲା।

ମୋଟାମୋଟି ଭାବରେ ପ୍ରଥମ ବିଶ୍ୱଯୁଦ୍ଧର ପ୍ରଳୟଙ୍କରୀ ବିଭୀଷିକା ବିଶ୍ୱର ଅନେକ ରାଷ୍ଟ୍ରର ଆର୍ଥିକ ମେରୁଦଣ୍ଡକୁ ଦୋହଲାଇ ଦେଇଛି।

## 'ଲଷ୍ଟ ଜେନେରେସନ'ର ଉତ୍ସ

## ବିଶ୍ୱଯୁଦ୍ଧ ଘନଘଟାରେ ସାହିତ୍ୟର କୁହୁ

● ପରଂବ୍ରହ୍ମ ତ୍ରିପାଠୀ

ସାହିତ୍ୟ ସମାଜର ପ୍ରତିଫଳନ, ସାହିତ୍ୟର ଆଇନାରେ ଫୁଟି ଉଠେ ସମାଜର ପ୍ରକୃତ ଚିତ୍ର। କେମିତିଥିଲା ସେହି ବିଶ୍ୱଯୁଦ୍ଧର ଭୟାବହ ଚାରିବର୍ଷ? କ'ଣ ଲେଖୁଥିଲା କବିଟିଏ ସେ ସମୟରେ? ଲେଖାରେ କେତେ ଜୀବନ୍ତ କେତେ ପ୍ରାମାଣିକ ସେ ସମୟର ଜନଜୀବନ? କେମିତି ପ୍ରଭାବିତ କଲା ପ୍ରଥମ ବିଶ୍ୱଯୁଦ୍ଧ ବିଶ୍ୱ ସାହିତ୍ୟକୁ? ଏ ସମସ୍ତ ପ୍ରସଙ୍ଗ ଉପରେ ଏହି ବିଶେଷ ଉପସ୍ଥାପନା।

ପ୍ରଥମ ବିଶ୍ୱଯୁଦ୍ଧ ଯେ ପୃଥିବୀ ଇତିହାସର ପ୍ରଥମ କିମ୍ବା ଶେଷ ଯୁଦ୍ଧ, ସେମିତି ନୁହେଁ। ହେଲେ ଏ ଯୁଦ୍ଧ ଥିଲା ନିଆରା ଶିଳ୍ପ ବିପ୍ଳବ, ବିଜ୍ଞାନର କ୍ରାନ୍ତି ଆଉ ଭେଷଜ ବିଦ୍ୟାରେ ନୂଆ ନୂଆ ସମ୍ଭାବନାର ଉଦ୍ଭାବନ ୟୁରୋପରେ ସାଧାରଣ ମଣିଷ ଓ ତା'ର ଦୈନନ୍ଦିନ ଜୀବନରେ ଆଣିଥିଲା ଅଭୂତପୂର୍ବ ପରିବର୍ତ୍ତନ। ପାରମ୍ପରିକତା ଉପରେ ବିଜ୍ଞାନ ନିଜର ବିଜୟୋଦ୍ଦୀପ୍ତ ଅଟୋଗ୍ରାଫ ଦେବା ଆରମ୍ଭ କରି ସାରିଥିଲା। ମଣିଷକୁ ଲାଗୁଥିଲା ସେ ହିଁ ସମର୍ଥ, ସକ୍ଷମ ଓ ସର୍ବଶକ୍ତିମାନ ନିଜର ସକଳ ସମସ୍ୟାର ସମାଧାନ ପାଇଁ। ସାଧାରଣ ମଣିଷର ଆତ୍ମବିଶ୍ୱାସ ଛୁଇଁଥିଲା ଏକ ନୂତନ ଶିଖର। ସେଇଥିପାଇଁ ବୋଧେ ବିଶ୍ୱରୁ ଯୁଦ୍ଧ ଭୟ ଦୂର ପାଇଁ ଆରମ୍ଭ ହେଇଥିବା ଏହି ଯୁଦ୍ଧକୁ ନେଇ ପ୍ରଥମେ ପ୍ରଥମେ ସାଧାରଣ ମାନସରେ ନ ଥିଲା ଉତ୍କଟ ନକାରାତ୍ମକତା। ଇଜମ ଓ ଆଦର୍ଶବାଦର ଲଢେଇ ଭାବେ ଅନେକେ ଏହାକୁ ଗ୍ରହଣ କରିଥିଲେ ଓ ପ୍ରାରମ୍ଭିକ ପର୍ଯ୍ୟାୟରେ ସମର୍ଥନ ବି କରିଥିଲେ।

ଯୁଦ୍ଧ ଆରମ୍ଭର ପ୍ରଥମ ଦିନଗୁଡିକ ଲାଗୁଥିଲା ଫ୍ୟାନ୍ସି ଫ୍ୟାନ୍ସି। ଜଳ, ସ୍ଥଳ ଓ ଆକାଶରେ ପାଖାପାଖି ଅଶୀଟି ଦେଶର ସୈନିକ। ହେଲେ ଧୀରେ ଧୀରେ କଡ ଲେଉଟେଇଲା ସମୟ। ଯୁଦ୍ଧ ଆରମ୍ଭରେ ସାଧାରଣରେ ବହୁଳ ଭାବେ ପ୍ରଚଳିତ ଓ ବ୍ୟବହୃତ ହେଉଥିବା 'ପବିତ୍ର, କର୍ତ୍ତବ୍ୟ, ବଳିଦାନ, ଗରିମାମୟ' ଆଦି ଗୁରୁଗମ୍ଭୀର ଶବ୍ଦ ଦେହରୁ ଖୋଳପା ଛାଡିବା ଆରମ୍ଭ ହେଲା। ପ୍ରାରମ୍ଭିକ ଦିନମାନଙ୍କରେ ନିଜ ନିଜ ଦେଶର ସୈନିକମାନଙ୍କ ମନୋବଳ ବଢାଇବା ଓ ଶତ୍ରୁପକ୍ଷର ଗୁଳିଗୋଳାକୁ ଶବ୍ଦରେ ଜବାବ ଦେବା ପାଇଁ ପ୍ରତିନିଧି ସ୍ଥାନୀୟ ସାହିତ୍ୟିକମାନଙ୍କ ଭିତରେ ଆରମ୍ଭ ହେଇଥିବା ସାହିତ୍ୟର ଯୁଦ୍ଧ, ଧୀରେ ଧୀରେ ପରିବର୍ତ୍ତିତ ହେବାରେ ଲାଗିଲା ମାନବୀୟ ଅବଶପଣର ଆଲେଖ୍ୟ, ବିଭୀଷିକାର ଦସ୍ତାବିଜ ଓ ଯୁଦ୍ଧର ସାହିତ୍ୟରେ। ପ୍ରଥମ ବିଶ୍ୱଯୁଦ୍ଧରେ କେବଳ ମଣିଷ ମୃତାହତ ହୋଇ ନ ଥିଲେ, ମେରୁଦଣ୍ଡ ଭାଙ୍ଗି ତଳେ ପଡିଥିଲା ମହାର୍ଘ ଚିଜଟିଏ। ସେଇଟି ହେଲା ମଣିଷର ନିରୀହପଣ। ଆଉ ଏହି ସମୟ ବା ତା'ପରର କବିତା, ଆତ୍ମଲେଖ ଓ ଉପନ୍ୟାସ ସେଇ ଅବକ୍ଷୟିଷ୍ଣୁ ଶ୍ୱାସରୁଦ୍ଧ ନିରୀହପଣର ନିଖୁଣ ଓ ଜୀବନ୍ତ ଚିତ୍ରଣରେ ଚମତ୍କାର ଭାବେ ସଫଳ ହୋଇଥିଲେ।

### ପ୍ରଥମ ବିଶ୍ୱଯୁଦ୍ଧ ସମୟର କବି ଓ କବିତା

ରୋମାଣ୍ଟିସିଜମର ଭାଗ ଅନୁପାତ ଏହି ସମୟରେ ଧୀରେ ଧୀରେ ୟୁରୋପୀୟ ସାହିତ୍ୟରୁ ହ୍ରାସ ପାଇବାରେ ଲାଗିଲା। କବିତାରେ ଦୁଇଟି ସ୍ୱର ସ୍ପଷ୍ଟ ଭାବେ ପ୍ରତିଫଳିତ ହେଉଥିଲା। ପ୍ରଥମଟି ହେଲା ଜାତୀୟତାବାଦ, ଉଗ୍ର ଦେଶପ୍ରେମର ଓ ଅନ୍ୟଟି ହେଲା ଯୁଦ୍ଧର କରୁଣ ପରିଣତି ଏବଂ ଯୁଦ୍ଧର ଆବଶ୍ୟକତା ସମ୍ପର୍କିତ ପ୍ରଶ୍ନବାଚୀର। ଯୁଦ୍ଧ ସମ୍ପର୍କିତ ପାଖାପାଖି ଦୁଇ ହଜାର ଉଚ୍ଚକୋଟୀର କବିତା ଏହି ସମୟରେ ଲେଖା ଓ ପ୍ରକାଶିତ ହୋଇଥିଲା। ସେ ସମୟର ୟୁରୋପର ପ୍ରମୁଖ କାବ୍ୟ ସ୍ୱର ଥିଲେ ୱିଲଫ୍ରେଡ ଓଏନ, ଆଇଜାକ ରୋଜେନବର୍ଗ, ଏଡୱାର୍ଡ ଥୋମାସ ଓ ରୁଦୟାର୍ଡ କିପଲିଙ୍ଗ। ଏହି ସମୟରେ ଲିଖିତ ଓ ବହୁଳ ଭାବେ ଆଦୃତ କବିତା ଭିତରୁ କିଛି ହେଲା 'For all we have and are', 'Wake Up, England' ଏବଂ ଆହୁରି ଅନେକ। ଏହି ସମୟର ଆଉ ଏକ ଉଲ୍ଲେଖନୀୟ ଘଟଣା ହେଲା ଯୁଦ୍ଧ ସମ୍ପର୍କିତ ସାହିତ୍ୟ ଓ କବିତା ରଚନାରେ ମହିଳା କବିମାନଙ୍କର ଅବଦାନ। ପୂର୍ବରୁ ଏହା ପୁରୁଷମାନଙ୍କ ଏକଚାଟିଆ ଅଧିକାର ଭାବେ ପରିଗଣିତ ହେଉଥିଲା। ମାତ୍ର ପ୍ରଥମ ବିଶ୍ୱଯୁଦ୍ଧ ସମୟରେ ଯୁଦ୍ଧ ସହ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ଜଡିତ ହେବାର ସୁଯୋଗ ମହିଳାମାନେ ପାଇଲେ।

### ଆତ୍ମଲେଖ- ପ୍ରଥମ ବିଶ୍ୱଯୁଦ୍ଧର ନିଖୁଣ ଅଭିଲେଖ

ବିଶ୍ୱଯୁଦ୍ଧରେ ସାମିଲ ହୋଇଥିବା ଅନେକ ସୈନିକ ପରବର୍ତ୍ତୀ ସମୟରେ ନିଜ ଅନୁଭୂତି ଲିପିବଦ୍ଧ କରିଛନ୍ତି। ଏକ୍ଷେତ୍ରରେ ପ୍ରଥମ ପ୍ରୟାସ ଭିତରୁ ଅନ୍ୟତମ ହେଲା ୧୯୧୫ ମସିହାରେ ପ୍ରକାଶିତ କ୍ୟାପଟେନ ଜନ ବେଥଙ୍କ 'ଫାଷ୍ଟ ହଣ୍ଡ୍ରେଡ ଥାଉଜାଣ୍ଡ'। ଅସମ୍ଭବ ଲୋକପ୍ରିୟତା ହାସଲ କରିଥିଲା ଏହି ପୁସ୍ତକ ଏବଂ ବିଭିନ୍ନ ଭାଷାରେ ଅନୂଦିତ ମଧ୍ୟ ହୋଇଥିଲା।

### ସତ ହେଲେ ବି ଗପ- ପ୍ରଥମ ବିଶ୍ୱଯୁଦ୍ଧ ସମୟର ଉପନ୍ୟାସ ଓ କ୍ଷୁଦ୍ରଗଳ୍ପ

ଏହି ସମୟ ବା ଏ ସମୟର କାହାଣୀ ଉପରେ ଆଧାରିତ ବହୁଳ ଭାବେ ଆଦୃତ ଉପନ୍ୟାସ ଭିତରୁ ଗୋଟିଏ ହେଲା ଏରନେଷ୍ଟ ହେମିଙ୍ଗୱେଙ୍କ ' ଏ ଫ୍ୟାରୱେଲ ଟୁ ଆର୍ମସ'। ଯୁଦ୍ଧର ଘନଘଟା ଓ ତା' ଭିତରେ ଗତିଶୀଳ ପ୍ରେମ କାହାଣୀଟିଏ। ଉଭୟର ବର୍ଣ୍ଣନା ଏତେ ଆବେଗଧର୍ମୀ ଓ ମର୍ମସ୍ପର୍ଶୀ ଯେ ' ଏ ଫ୍ୟାରୱେଲ ଟୁ ଆର୍ମସ' ବିଶ୍ୱ ସାହିତ୍ୟର ସର୍ବକାଳୀନ ଇତିହାସରେ ଏକ ଅନନ୍ୟ ସୃଷ୍ଟି ଏହା କହିବା ଅତିଶୟୋକ୍ତି ହେବ ନାହିଁ।

ଏହି ସମୟ ବା କାହାଣୀ ଉପରେ ଆଧାରିତ ଅନ୍ୟ ପ୍ରଭାବଶାଳୀ ଉପନ୍ୟାସ ଗୁଡିକ ହେଲେ ଏନରିକ ମାରିଆ ରିମାର୍କଙ୍କ 'ଅଲ କ୍ୱାଏଟ ଅନ ଦ ୱେଷ୍ଟର୍ନ ଫ୍ରଣ୍ଟ' (୧୯୨୯) ଏବଂ ଆହୁରି ଅନେକ। ପ୍ରଥମ ବିଶ୍ୱଯୁଦ୍ଧ ପରେ ଯେ ପୃଥିବୀରୁ ଯୁଦ୍ଧ ସରିଗଲା ସେମିତି ନୁହେଁ। ଏହାର କୋଡିଏ ବର୍ଷ ପରେ ଏହାଠାରୁ ଶତଗୁଣ ଅଧିକ ଭୟଙ୍କର ଦ୍ୱିତୀୟ ବିଶ୍ୱଯୁଦ୍ଧ ସଂଗଠିତ ହେଲା। ତାକୁ ମଧ୍ୟ ପୃଷ୍ଠଭୂମି କରି ଗଢି ଉଠିଛି ଅନେକ ସର୍ଜନା। ହେଲେ ସାହିତ୍ୟ ଓ ବର୍ଣ୍ଣନାର ନିରଭେଜାଲପଣିଆ ଦୃଷ୍ଟିରୁ ପ୍ରଥମ ବିଶ୍ୱଯୁଦ୍ଧ ନିଶ୍ଚିତ ଭାବେ ଅନନ୍ୟ ରହିବ। ରହିବାର କାରଣଟି ବୋଧେ ଏଇଆ ଯେ ଦ୍ୱିତୀୟ ବିଶ୍ୱଯୁଦ୍ଧ ବେଳକୁ ଘନଘଟା ସାରା ବିଶ୍ୱବାସୀଙ୍କ ଊଣା ଅଧିକେ ଦେହସୁହା ହୋଇସାରିଥିଲା।

—ନାଉଗାଁ ହାଟ, ଜଗତସିଂହପୁର



## ସଂକ୍ଷେପରେ

### ଲୋକ ଅଦାଲତ

**କୁଜଙ୍ଗ,୧୦।୧୧(ସ୍ୱ.ପ୍ର):** କୁଜଙ୍ଗରେ ତାଲୁକସ୍ତରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଛି। ଏହି ଅଦାଲତରେ ମୋଟ ୧୪୯ ମାମଲା ହୋଇଥିବାବେଳେ ୧୦୨ ସମାଧାନ କରାଯାଇ ୭,୩୪୦ ଟଙ୍କା ରାଜସ୍ୱ ଆଦାୟ କରାଯାଇଥିଲା। ଏହି ଅଦାଲତକୁ କୁଜଙ୍ଗ ତାଲୁକ୍ ଆଇନ ସେବା କମିଟି ଅଧକ୍ଷ ତଥା କୁଜଙ୍ଗ ସବ୍‌ଜଜ୍ ଅଭିଳାଷ ସେନାପତି ପରିଚାଳନା କରିଥିଲେ। ଏହି ଅବସରରେ କୁଜଙ୍ଗ ଜେଏମ୍‌ଏଫ୍‌ସି(ପି) ମାମୀ ବେହେରା, ସିଭିଲ ଜଜ୍ ଅମିତାଭ ପଣ୍ଡା ଓ କୁଜଙ୍ଗ ଓକିଲ ସଂଘ ସଭାପତି ଏ.ଏନ୍.ଡି. ଯାଦବ ପ୍ରମୁଖ ଉପସ୍ଥିତ ରହି ଅଦାଲତରେ ସହଯୋଗ କରିଥିଲେ।

### ବଟମହାପୁରୁଷ ବିଦ୍ୟାପୀଠରେ ବିଜ୍ଞାନ ପ୍ରଦର୍ଶନୀ

**ତିର୍ତ୍ତୋଲ,୧୦।୧୧(ଡି.ଏନ.ଏ.):** ତିର୍ତ୍ତୋଲ ବ୍ଲକ କୋଲର ପଞ୍ଚାୟତ ତାରତୋଲସ୍ଥିତ ବଟମହାପୁରୁଷ ବିଦ୍ୟାପୀଠ ପରିସରରେ ବିଦ୍ୟାଳୟସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଛି। ଏଥିରେ ସାମାଜିକ କର୍ମୀ ସଞ୍ଜୟ କୁମାର ମହାନ୍ତି ଅତିଥି ଭାବେ ଯୋଗଦେଇଥିଲେ। ପ୍ରଧାନଶିକ୍ଷକ ମଳୟ କୁମାର ବିଶ୍ୱାଳ, ବିଜ୍ଞାନ ଶିକ୍ଷକ ନିରୋଦ ଚରଣ ନାୟକ, କାମିନି ମହାନ୍ତି, ଦିପ୍ତୀମୟୀ ପଟ୍ଟନାୟକ ପ୍ରମୁଖ ପରିଚାଳନା କରିଥିଲେ। ଶିକ୍ଷକ ଅଜୟ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ସିଆରସିସି ବିଷ୍ଣୁ ପ୍ରସାଦ ସେଠୀ ଛାତ୍ରୀଛାତ୍ରଙ୍କ ବିଜ୍ଞାନ ପ୍ରଦର୍ଶନୀ ଷ୍ଟଲ ଅନୁଧ୍ୟାନ କରିଥିଲେ।

### ମୁନି ସମାଜର ବାର୍ଷିକ ଅଧିବେଶନ ଆରମ୍ଭ

**ପାରାଦୀପ,୧୦।୧୧(ସ୍ୱ.ପ୍ର.):** ସ୍ଥାନୀୟ ପୌରକଲ୍ୟାଣ ମଣ୍ଡପଠାରେ ଅଖିଳ ଭାରତୀୟ ସର୍ବ ଶିରୋମଣି ମୁନିସମାଜ ପକ୍ଷରୁ ଦୁଇଦିନିଆ ରାଜ୍ୟସ୍ତରୀୟ ବାର୍ଷିକ ଅଧିବେଶନ ଶନିବାର ପୂର୍ବାହ୍ନ ୧୧ଟାରେ ଆରମ୍ଭ ହୋଇଛି। ଏହି ଅଧିବେଶନରେ ସର୍ବଭାରତୀୟ ମୁନିସମାଜର ବହୁବିତ୍, ଯୋଗୀ, ଯୋଗାଚାର୍ଯ୍ୟ, ଭକ୍ତମାନେ ସାମିଲ ହୋଇଛନ୍ତି। ଏହି ଅଧିବେଶନରେ ସ୍ଥାନୀୟ ଅଞ୍ଚଳର ରାଜନେତାଙ୍କୁ ଅତିଥି କରାଯାଇଛି। ଏଥିରେ ଯୋଗାଚାର୍ଯ୍ୟ ମନ୍ମଥ ମୁନି, ଧ୍ରୁବଚରଣ ସାହୁ ଓ ଅଭୟ କୁମାର ମୁଦୁଲି ପ୍ରାରମ୍ଭିକ ପ୍ରବଚନ ଦେଇଥିଲେ।

### ପ୍ରଧାନମନ୍ତ୍ରୀ ସୁରକ୍ଷିତ ମାତୃତ୍ୱ ଅଭିଯାନ

**ତିର୍ତ୍ତୋଲ,୧୦।୧୧ (ଡି.ଏନ.ଏ.):** ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ମଣିଜଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ପ୍ରଧାନମନ୍ତ୍ରୀ ସୁରକ୍ଷିତ ମାତୃତ୍ୱ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ୪୬ ଜଣ ଗର୍ଭବତୀଙ୍କୁ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ସହ ପରାମର୍ଶ ପ୍ରଦାନ କରାଯାଇଥିଲା। ୪ଜଣ ଗର୍ଭବତୀଙ୍କ ମାଗଣା ଅଲଟ୍ରା ସାଉଣ୍ଡ ବ୍ୟବସ୍ଥା କରାଯାଇଥିଲା। ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଉମାକାନ୍ତ ସାହୁଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ମହିଳା ଓ ଶିଶୁ ବିଭାଗ ଡାକ୍ତର ଶୁଭଜ୍ୟୋତି ମହାନ୍ତି, ଶ୍ୟାମସୁନ୍ଦର ବରାଳ ଗର୍ଭବତୀମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ପୁଷ୍ପାଞ୍ଜଳି ବେହେରା ପରିଚାଳନା କରିଥିଲେ।

# କାଳୀପୀଠରେ ସାଂସ୍କୃତିକ କାର୍ଯ୍ୟକ୍ରମ



ସାଂସ୍କୃତିକ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

**ରଘୁନାଥପୁର, ୧୦।୧୧( ଡି.ଏନ.ଏ.)**

ରଘୁନାଥପୁର ନିକଟ କଲରାବାଙ୍କ ଗାଁରେ ପ୍ରସିଦ୍ଧ ଦକ୍ଷିଣେଶ୍ୱରୀ କାଳୀପୀଠରେ ସାଂସ୍କୃତିକ ମହୋତ୍ସବ ଶନିବାର ପାଳିତ ହୋଇଯାଇଛି। ସମାରୋହକୁ କାଦମ୍ବିନୀ ଓ କୁନିକଥାର ସମ୍ପାଦିକା ଡ. ଇତି ସାମନ୍ତ ଉଦ୍‌ଘାଟନ କରିଥିଲେ। ନୃତ୍ୟ ଓ ସଙ୍ଗୀତ ମନୁଷ୍ୟ ମନରେ ଆନନ୍ଦ ଭରି ଦେବା ସହ ମାନସିକସ୍ତରରେ ସୁସ୍ଥ ରଖିଥାଏ ବୋଲି ପ୍ରକାଶ କରିଥିଲେ। ଏହାଛଡ଼ା ଭାଇଚାରା ଓ ଭଲ ପାଇବାର ନିଦର୍ଶନ ଏଥିରୁ ମିଳିଥାଏ ବୋଲି ଡ. ସାମନ୍ତ ନିଜ ବକ୍ତବ୍ୟରେ କହିଥିଲେ। ନୀଳିମାରାଣୀ ମୋମୋରିଆଲ ଚାରିଟେବୁଲ ଟ୍ରଷ୍ଟର ଅଧ୍ୟକ୍ଷ ଅନ୍ତର୍ଯ୍ୟାମୀ ସାମଲ ସମ୍ମାନିତ ଅତିଥି ଭାବେ ଯୋଗଦେଇ ମା’ କାଳୀଙ୍କ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ସେହିପରି ଆଗାମୀ ଓଡ଼ିଶାର ସଭାପତି ବିଜୟ ସ୍ୱାଇଁ, ଗ୍ରାମ ସମିତିର ସଭାପତି ଅଞ୍ଜନ ସାମନ୍ତ, କଲରାବାଙ୍କ ହାଇସ୍କୁଲର ପ୍ରଧାନ ଶିକ୍ଷକ ନାରାୟଣ ପରିଡ଼ା, କଳିଙ୍ଗ ଇଂଲିଶ ମାଧ୍ୟମ ସ୍କୁଲର ଅଧ୍ୟକ୍ଷ ରାମକୃଷ୍ଣ ପାଢ଼ୀ ପ୍ରମୁଖ ଯୋଗ ଦେଇ ବକ୍ତବ୍ୟ ରଖିଥିଲେ। ଅନୁଷ୍ଠାନ ପକ୍ଷରୁ ନୃତ୍ୟଗୁରୁ ପ୍ରଫୁଲ୍ଲ କୁମାର ମଲ୍ଲିକ, ଭାସ୍କର ମଲ୍ଲିକ, ନୃତ୍ୟ ନିର୍ଦ୍ଦେଶକ ଚକ୍ରଧର ତ୍ରିପାଠୀ , ପ୍ରସନ୍ନ କୁମାର, ସଙ୍ଗୀତ ନିର୍ଦ୍ଦେଶକ ମହେଶ୍ୱର ସାହୁ, ଡ. ସାମନ୍ତ ଓ ଅନ୍ୟ ଅତିଥିବୃନ୍ଦଙ୍କୁ ପୁଷ୍ପଗୁଚ୍ଛ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ହାଇସ୍କୁଲର ୩ ଶହରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କ ଦ୍ୱାରା ଚିତ୍ତାକର୍ଷକ ନୃତ୍ୟ ଓ ଦାନବୀର ହରିଶ୍ଚନ୍ଦ୍ର ଗୀତିନାଟ୍ୟ ପରିବେଷଣ ହୋଇଥିଲା। ଆଖପାଖ ଅଞ୍ଚଳର ବହୁ ସଂଖ୍ୟାରେ ଦର୍ଶକ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ଉପଭୋଗ କରିଥିଲେ।

### ଓଷ୍ଟାର ସାମ୍ବିଧାନିକ ସମ୍ମିଳନୀ

**କୁଜଙ୍ଗ,୧୦।୧୧(ସ୍ୱ.ପ୍ର.)**

ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ଶିକ୍ଷକ ସଂଘ କୁଜଙ୍ଗ ବ୍ଲକ ଶାଖା ପକ୍ଷରୁ ଏକ ଦିନିକିଆ ସାମ୍ବିଧାନକି ସମ୍ମିଳନୀ ତାଳଦଣ୍ଡା ସ୍ଥିତ ଶ୍ରୀଅରବିନ୍ଦ ଶିକ୍ଷା ସଦନରେ ଅନୁଷ୍ଠିତ ହୋଇଛି। ଶିକ୍ଷକନେତା ସୁଧିର କୁମାର ସାମଲଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଓଷ୍ଟାର ଜିଲା ଜିଲା ସମ୍ପାଦକ ନାରାୟଣ ଚନ୍ଦ୍ର ବାରିକ୍, ଜିଲା ଯୁଗ୍ମ ସମ୍ପାଦକ ସୁବାସ ଚନ୍ଦ୍ର ଦାସ, କାର୍ଯ୍ୟକାରୀ ସଭାପତି ଶୁକଦେବ ନାୟକ, ଦେବାଶିଷ ଲେଙ୍କା, ସ୍ଥାନୀୟ ପ୍ରଧାନ ଶିକ୍ଷକ ରମେଶ ଚନ୍ଦ୍ର ପ୍ରଧାନ, ଭଜନାନନ୍ଦ ବେହେରା ଓ ହିମଂଶୁ ଶେଖର ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଶିକ୍ଷକ, ଶିକ୍ଷା ବ୍ୟବସ୍ଥା ଓ ଶିକ୍ଷାୟତନର ବହୁବିଧ ସମସ୍ୟା ଓ ଏହାର ଆଶୁ ସମାଧନ ବିଷୟରେ ସେମାନେ ଆଲୋଚନା କରିଥିଲେ। ଏହି ଅବସରରେ କୁଜଙ୍ଗ ବ୍ଲକ୍‌ସ୍ତରୀୟ କର୍ମକର୍ତ୍ତା ନିର୍ବାଚନ ହୋଇଥିଲା। ଏଥିରେ ସଂଗଠନର ବ୍ଲକ୍ ସଭାପତି ଭାବେ ସୁଧିର କୁମାର ସାମଲ, କାର୍ଯ୍ୟକାରୀ ସଭାପତି ହିମାଂଶୁ ଶେଖର ସାହୁ, ଉପସଭାପତି ଭାବେ କଳ୍ପନା ସୂତାର, ବ୍ରଜମର ବର ପ୍ରଧାନ, ସୁବାସ ଚନ୍ଦ୍ର ସାମନ୍ତରାୟ, ସମ୍ପାଦକ ସାରଦା ପ୍ରସାଦ ଦାସ, ସଂଗଠନ ସମ୍ପାଦକ ବାବାଜୀ ଚରଣ ଖଟୁଆ ଓ ଯୁଗ୍ମ ସମ୍ପାଦକ ଭାବେ ବିନୋଦ ବିହାରୀ ମୁଦୁଲି, ପ୍ରଭୁଦତ୍ତ ମହାପାତ୍ର, ନିମାଇଁ ଚରଣ ସାହୁ ମନୋନିତ ହୋଇଥିଲେ। ସେହିପରି କାର୍ଯ୍ୟ ନିର୍ବାହୀ କମିଟି ସଭ୍ୟ ଭାବେ ପ୍ରଦୀପ କୁମାର ସ୍ୱାଇଁ, ଦୀପକ କୁମାର ସାମନ୍ତରାୟ, ଦିପ୍ତରଞ୍ଜନ ଷଡ଼ଙ୍ଗୀ, ପ୍ରଭାତ ମିଶ୍ର, ଉପଦେଷ୍ଟା ଭାବେ ପ୍ରବୀର କୁମାର ରାଉତ, ସୁରେଶ ଚନ୍ଦ୍ର ଦଳାଇ ଓ ପ୍ରଭାକର ଭଞ୍ଜ ପ୍ରମୁଖ ନିର୍ବାଚିତ ହୋଇଥିଲେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ବତାଇଦିଏ ପରକୁ,**
**ବୁଦ୍ଧି ନ ଦିଶେ ଘରକୁ।**

କିଛି ବ୍ୟକ୍ତି ଅନ୍ୟକୁ ଉପରେ ପଡ଼ି ବାହ୍ୟାଡମ୍ବର ଉପଦେଶ ଦେବାକୁ ଭୁଲି ନ ଥାନ୍ତି; ଯେଉଁଟାକୁ ସେ ନିଜ ଜୀବନରେ କେବେ ବି ପ୍ରୟୋଗ କରି ନ ଥାନ୍ତି। ଅନ୍ୟକୁ କହିବା ସହଜ, କିନ୍ତୁ ତାକୁ ନିଜ କ୍ଷେତ୍ରରେ କାର୍ଯ୍ୟକାରୀ କରେଇବା କଷ୍ଟକର । ପରକୁ ବୁଦ୍ଧି ଦେଉଥିବା ବ୍ୟକ୍ତି ନିଜ ବେଳକୁ ଥଳକୂଳ ପାଉ ନ ଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ବାଳ ପାଚିଲେ ବୋଲନ୍ତି ମଉସା,**
**ପଙ୍କ ଚିପିଲେ ପାଆନ୍ତି ଗଡ଼ିଶା।**

ବୟସ ବଢ଼ିଗଲେ ଏହାର ପ୍ରଭାବ ଶରୀର ଉପରେ ପଡ଼ିଥାଏ। ଦେହ ହାତ ଶିଥିଳ ପଡ଼ିଯିବା ସହ ଆଖିକୁ ଭଲ ଦିଶି ନ ଥାଏ ଓ କେଶ ମଧ୍ୟ ପାଚିଯାଇଥାଏ। ଏପରିସ୍ଥଳେ କେଶ ପାଚିଯାଇଥିବା ବ୍ୟକ୍ତିଙ୍କୁ ପିତୃସ୍ଥାନୀୟ ମାନ୍ୟତା ଦିଆଯାଇଥାଏ। ସେହିପରି ଗଡ଼ିଶା ମାଛ ପଙ୍କ ମଧ୍ୟରେ ରହିଥାଏ। ତାକୁ ଧରିବାକୁ ହେଲେ ପଙ୍କ ଘାଣ୍ଟିବାକୁ ପଡୁଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ସ୍ୱୟଂସହାୟକ ଗୋଷ୍ଠୀକୁ ଋଣ ବିତରଣ

**ବିରିଡ଼ି, ୧୦।୧୧(ଡି.ଏନ.ଏ.)**

ବିରିଡ଼ି ବ୍ଲକ ବାଲିଆ ଗୋପୀନାଥପୁରସ୍ଥିତ କାନାରା ବ୍ୟାଙ୍କ ଶାଖା ପକ୍ଷରୁ ଶୁକ୍ରବାର ସ୍ୱୟଂସହାୟକ ଗୋଷ୍ଠୀକୁ ସାମୂହିକ ଋଣ ପ୍ରଦାନ କରାଯାଇଛି। ଗୋପୀନାଥପୁର ଶାଖା ସହିତ କାନାରା ବ୍ୟାଙ୍କର ପୁରଣ, ସାଇଲୋ ଖାରପଡ଼ା ଓ ଅଢଶପୁର ସଳେଇ ବେଦପୁର ଶାଖା ମଧ୍ୟ ଏଥିରେ ସାମିଲ ହୋଇଥିଲେ। ୬୦ ସ୍ୱୟଂ ସହାୟକ ଗୋଷ୍ଠୀକୁ ୧ କୋଟି ୫୦ ଲକ୍ଷ ଟଙ୍କା ଋଣ ବଣ୍ଟନ କରାଯାଇଥିଲା। ସେହିପରି ୫ ସ୍ୱଳ୍ପ ଲଘୁ ଉଦ୍ୟୋଗ ପାଇଁ ଗୋପୀନାଥପୁର ଶାଖା ଦ୍ୱାରା ୧ କୋଟି ୩୦ ଲକ୍ଷ, ପିଏମଇଜିପି ଜରିଆରେ ୩ ଜଣଙ୍କୁ ପ୍ରଶିକ୍ଷଣ ସହ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଥିଲା। ଏହି ଉପଲକ୍ଷେ ଆୟୋଜିତ ସମାରୋହରେ କାନାରା ବ୍ୟାଙ୍କ ଭୁବନେଶ୍ୱରର ସହାୟକ ମହାପ୍ରବନ୍ଧକ ସୁଜିତ କୁମାର ସାହୁ ମୁଖ୍ୟଅତିଥି, ଗୋପୀନାଥପୁର ଶାଖା ପରିଚାଳକ ବିଶ୍ୱଜିତ ପଣ୍ଡା, ପୁରଣ ଶାଖା ପରିଚାଳକ ଏନ. ବଲରାଜ, ସାଇଲୋ-ଖାରପଡ଼ା ଶାଖା ପରିଚାଳକ ସୁମନ୍ତ୍ର ସାଧନ ବେଉରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ।

# ଚନ୍ଦାପାଟରେ କାଳୀପୂଜା

**କୁଜଙ୍ଗ,୧୦।୧୧(ସ୍ୱ.ପ୍ର.)**

କୁଜଙ୍ଗ ବ୍ଲକ ଚନ୍ଦାପାଟ ଗ୍ରାମରେ ସ୍ଥାନୀୟ ଗାଦିବ୍ରହ୍ମ ବଜାର କମିଟି ପକ୍ଷରୁ ୧୧ତମ ବାର୍ଷିକ କାଳୀପୂଜା ଅନୁଷ୍ଠିତ ହୋଇଛି। ଶୁକ୍ରବାର ଏହି ଅବସରରେ ଏକ ସାଂସ୍କୃତିକ ସମାବେଶ ବିଭୂତି ଚରଣ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥିଭାବେ ଗରେଇ ପଞ୍ଚାୟତର ସରପଞ୍ଚ ସଂଗ୍ରାମ ମନ୍ତ୍ରୀ ଯୋଗଦେଇ ଗାଁରେ ହିଁ ଓଡ଼ିଶାର ସଂସ୍କୃତି ଏବଂ ଭାଇଚାରା ରହିଛି ବୋଲି କହିଥିଲେ। ପୋତାନଇ ସମିତିସଭ୍ୟା ପ୍ରମିଳା ମଲ୍ଲିକ, ବଣିକ ସଙ୍ଘ ସଭାପତି ବିଜୟ ତରାଇ, ସମ୍ପାଦକ ବାଦଲ ବାରିକ, ସହସମ୍ପାଦକ ବାବୁନୀ କୁମାର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ନାଟ୍ୟକାର ଅଧ୍ୟାପକ ଉତ୍ତମ ଚରଣ ଦାସ, ମଞ୍ଚ ନାୟକ ସନ୍ତୋଷ କୁମାର ଆଚାର୍ଯ୍ୟ, ନିର୍ଦ୍ଦେଶକ ପ୍ରଶାନ୍ତ କୁମାର ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ବିଦ୍ୟାଳୟର ବାର୍ଷିକ ପୁରସ୍କାର ବିତରଣୀ ଉତ୍ସବ



ଉତ୍ସବରେ ବିଧାୟକ ପ୍ରଶାନ୍ତ ମୁଦୁଲି ଓ ଅନ୍ୟ ଅତିଥିମାନେ।

**ବାଲିକୁଦା,୧୦।୧୧(ସ୍ୱ.ପ୍ର.)**

ବାଲିକୁଦା ବ୍ଲକ ଅଳାଭର ପଞ୍ଚାୟତର ଶାସନ ଅଳାଭର ଉପ୍ରା ଓ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ, ନୂତନ ଶ୍ରେଣୀଗୃହ ଉଦ୍‌ଘାଟନ ଓ ପୁରସ୍କାର ବିତରଣୀ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଛି। ବିଦ୍ୟାଳୟ ପରିଚାଳନା ପରିଷଦ ସଭାପତି କୃଷ୍ଣଚନ୍ଦ୍ର ଶତପଥୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ବିଧାୟକ ପ୍ରଶାନ୍ତ ମୁଦୁଲି ମୁଖ୍ୟଅତିଥି, ବ୍ଲକ ଅଧ୍ୟକ୍ଷା ମଧୁସ୍ମିତା ସାହୁ ମୁଖ୍ୟବକ୍ତା, ଶକ୍ତି ଜୁନିୟର କଲେଜ ନିର୍ଦ୍ଦେଶିକା ସ୍ୱପ୍ନାଶ୍ରୀ ବେହେରା, ଜିଲାପରିଷଦ ସଭ୍ୟା ଜୟଶ୍ରୀ ଦର୍ପଦଳିନୀ ମଲ୍ଲିକ, ସରପଞ୍ଚ ଅଶୋକ ବିଶ୍ୱାଳ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପିଲାମାନଙ୍କ ଉତ୍ତରୋତ୍ତର ଉନ୍ନତି କାମନା କରିବା ସହିତ ପୁରସ୍କାର ପ୍ରଦାନ କରିଥିଲେ। ବିଦ୍ୟାଳୟର ପ୍ରତିଷ୍ଠାତା ପ୍ରଧାନ ଶିକ୍ଷକ ପ୍ରହଲ୍ଲାଦ ଷଡ଼ଙ୍ଗୀ, ଉଚ୍ଚ ବିଦ୍ୟାଳୟର ପରିଚାଳନା ସମିତି ଅଧ୍ୟକ୍ଷ ଅଜୟ କୁମାର ଶତପଥୀ, ଉପ୍ରା ବିଦ୍ୟାଳୟ ପ୍ରଧାନଶିକ୍ଷକ ଦେବେନ୍ଦ୍ର ସ୍ୱାଇଁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ଗଗନ ବିହାରୀ ଶତପଥୀ ସ୍ୱାଗତ ଭାଷଣ ଓ ସହକାରୀ ଶିକ୍ଷକ ରୁଷେନ୍ଦ୍ର ସାହୁ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମ ପୂର୍ବରୁ ମୁଖ୍ୟ ଅତିଥି ବିଧାୟକ ମୁଦୁଲି ନୂତନ ଶେଣୀଗୃହ ଉଦ୍‌ଘାଟନ କରିଥିଲେ। ରାଜ୍ୟ ସରକାରଙ୍କ ଦ୍ୱାରା ଶ୍ରେଷ୍ଠ ବିଧାୟକ ସମ୍ମାନରେ ସମ୍ମାନିତ ହୋଇଥିବା ମୁଦୁଲିଙ୍କୁ ବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଗତ ମାଟ୍ରିକ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖି ପାସ୍ ହୋଇଥିବା ଛାତ୍ରୀ ସୌମ୍ୟା ସରୀତା ଷଡ଼ଙ୍ଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ଦିଆଯାଇଥିଲା। ଶିକ୍ଷକ ଜିତେନ୍ଦ୍ରୀୟ ଶତପଥୀ, ସରୋଜ ଦାଶ, ତ୍ରିଲୋଚନ ଶତପଥୀ, ପ୍ରମୋଦ ଶତପଥୀ, ବିପିନ ବିହାରୀ ରାଉତ, ପ୍ରବୋଧ କୁମାର ମହାନ୍ତି, ଅନାବାଳା ଷଡ଼ଙ୍ଗୀ, ଇନ୍ଦିରା ପ୍ରିୟଦର୍ଶିନୀ, ସରୋଜ କୁମାର ଦ୍ୱିବେଦୀ ପ୍ରମୁଖ ପରିଚାଳନା କରିଥିଲେ।

**Odisha State Disaster Management Authority**
(A Govt. of Odisha Agency)
Rajiv Bhawan, 9th Floor, Unit-5, Bhubaneswar-751015
Phone : 0674-2395398/ 2395531, Fax : 0674-2391871
Website : www.osdma.org
**Quotation Call Notice No. 4755/OSDMA**
Request for Proposals (RFP) are invited from the eligible firms/ companies for selection of a software development agency for re-design, development and maintenance of OSDMA web-portal. The details can be found in OSDMA website (tender section) (www.osdma.org)
24007/11/0012/1819 Sd./- Managing Director
No.69-F

**+PILES CLINIC+**
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎ 0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD GAMS (PATNA)
DR. PREM KUMAR BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎ 0674 - 2581337, 9437301790

**No 1 Clinic in India for Sexual Treatment**
Lady Doctors are available for Ladies
For Best results Consult Physically
ସହବାସରେ ସମସ୍ୟା | ଶିଥିଳତା
ଧାତୁ ପତଳା | ଶିଘ୍ର ପତନ
ପରିସ୍ରାରେ ଧାତୁ | ସ୍ୱପ୍ନଦୋଷ
ଯୌନାଙ୍ଗରେ ଘା | ସ୍ତ୍ରୀ ରୋଗ
ଗୋପନରେ ମଦ ଛଡାନ୍ତୁ
PUSHPA CLINIC (P) LTD.
www.pushpaclinic.com
ପୁରୁଷାଙ୍ଗ ଶିଥିଳତା ଓ ଶିଘ୍ରପତନ ଦୂରକରିବା ପାଇଁ ପୁଷ୍ପାକ୍ଲିନିକ୍‌ର ଆୟୁର୍ବେଦୀୟ ଚିକିତ୍ସା ଅତୁଳନୀୟ | ସବୁଦିନ ସକାଳ ୯ଟାରୁ ରାତ୍ର ୮ଟା
A- 41, BDA Duplex Colony, Baramunda, Bhubaneswar - 3 | BALASORE 9437147000
BBSR 0674- 2354320, 9437143000, 9437138000 | ANGUL 9437146000
ସୂଚନା : ଅନୁଗୋଳ ଓ ବାଲେଶ୍ୱର ବ୍ୟତିତ ଅନ୍ୟ କୌଣସି ଜାଗାରେ ଆମର କୌଣସି ଶାଖା କ୍ଲିନିକ୍ ନାହିଁ ।

# ଯଶୋବନ୍ତ ସାହିତ୍ୟ ସଂସ୍କୃତି ସଂସଦର ପ୍ରତିଯୋଗିତା



ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସହ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଛାତ୍ରୀଛାତ୍ର।

**ବାଲିଆ,୧୦।୧୧**

ବିରିଡ଼ି ବ୍ଲକ ଅଢଙ୍ଗ ଗଡ଼ସ୍ଥିତ ଯଶୋବନ୍ତ ସାହିତ୍ୟ ସଂସ୍କୃତି ସଂସଦ ତରଫରୁ ଶନିବାର ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରାଯାଇଛି। ଯଶୋବନ୍ତ ବିଦ୍ୟାପୀଠ ନାଇଲୋ ପରିସରରେ ଆୟୋଜିତ ଏହି ପ୍ରତିଯୋଗିତାରେ ୪୦ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ସଂସଦର କାର୍ଯ୍ୟକାରୀ ସଭାପତି ପଦ୍ମନାଭ ଭୋଇ, ସମ୍ପାଦକ ସୀତାଂଶୁ ଶେଖର ରାୟ, ସଭ୍ୟ ଗଗନ ବିହାରୀ ଦାସ, ପୂର୍ବତନ ଟ୍ରଷ୍ଟି ବିଶ୍ୱନାଥ ଦାସ, ଅଶୋକ କୁମାର ଦାସ, ନିକୁ ବିହାରୀ, ବାମଦେବ ସ୍ୱାଇଁ, ସୁରେଶ ଚନ୍ଦ୍ର ଜେନା, ସୁବ୍ରତ ମହାପାତ୍ର, ବସନ୍ତ କୁମାର ବେହେରା ଓ ଅଭୟ ମଲ୍ଲିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ କାଳିଆ ବୁଢା ବିଦ୍ୟା ନିକେତନ, ଜୟଶୋଳ ଉଚ୍ଚ ବିଦ୍ୟାଳୟ, ଅଣଖିଆ ଉଚ୍ଚ ବିଦ୍ୟାଳୟ, ଶିବପୁର ଉଚ୍ଚ ବିଦ୍ୟାଳୟ, ଯଶୋବନ୍ତ ବିଦ୍ୟାପୀଠ ନାଇଲୋ, ନଳିନୀ ଦେବୀ ବିଦ୍ୟାପୀଠ, ଅଣଖିଆ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଜନତା ବିଦ୍ୟାପୀଠ ଓ ଅନ୍ୟ ବିଦ୍ୟାଳୟର ଛାତ୍ରୀଛାତ୍ର ଯୋଗଦେଇ ଚିତ୍ରାଙ୍କନ, କୁଇଜ, ବକ୍ତୃତା ଓ ପ୍ରବନ୍ଧ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଏହି ପ୍ରତିଯୋଗିତାର ସମସ୍ତ କୃତୀ ପ୍ରତିଯୋଗୀଙ୍କୁ ଆସନ୍ତା ମାସରେ ହେବାକୁ ଥିବା ମହାପୁରୁଷ ଯଶୋବନ୍ତ ଗୋସ୍ୱାମୀଙ୍କ ମହାପ୍ରୟାଣ ଦିବସ ଉତ୍ସବରେ ପୁରସ୍କୃତ କରାଯିବ ବୋଲି କାର୍ଯ୍ୟକାରୀ ସଭାପତି ଭୋଇ ସୂଚନା ଦେଇଛନ୍ତି।

**CLASSIFIED DISPLAY**
ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

**TARIFF — MORE SPACE • SAME PRICE** (*GST 5% Extra)

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6×4 | 12×4 | 6×4 | 12×4 | 6×4 | 12×4 | 6×4 | 12×4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

Get Instant Cash against Gold, Sell Your Gold at 100% Market Value
**GOLD CASH LTD**
(an ISO 9001:2015 Certified Company)
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ ମୂଲ୍ୟରେ ନେବା ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ୍ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free: 1800-120-3430
Branches: Bhubaneswar, Cuttack, Bhadrak, Rourkela & Berhampur

୩ ଘଣ୍ଟାରେ ୧୦୦% ସମାଧାନ ଘରେ ବସି ଫୋନ ଦ୍ୱାରା
କଣ ଆପଣ ଚିନ୍ତିତ ଅଛନ୍ତି ?
କାନ୍ଦିଲେ ନୁହେଁ ଦେଖାକଲେ କଷ୍ଟ ଦୂରହେବ !
ଆମ ଉପଦେଶ ଆପଣଙ୍କର ଜୀବନର ଦଶା ଓ ଦିଶା ବଦଳେଇ ଦେଇ ପାରିବ
କାମ ନହେଲେ ପଇସା ଫେରସ୍ତ ! Time - 10 am to 6 pm
ମନଚାହାଁ ବିବାହ, ବ୍ୟବସାୟ, ଗୃହକ୍ଲେଶ, କିୟା କରାୟା, ବିବାହରେ ବାଧା, ସଉତୁଣୀ ଓ ଶତ୍ରୁ ମୁକ୍ତି, ରୋଗରେ ଔଷଧ ନ ଧରିବା, କ୍ୟାରିୟରରେ ଅସଫଳତା, ବଶୀକରଣ. ମୁଠକରନୀ, ଯାଦୁଟୋଣା, ଭୂତପ୍ରେତ ଆଦି ଜଟିଳ ରୁ ଜଟିଳ ସମସ୍ୟାର ସମାଧାନ ।
(ସ୍ପେଶାଲିଷ୍ଟ- ବଶୀକରଣ, ମୁଠ୍‌କରଣୀ ଏବଂ କଳାଯାଦୁ )
ଯଦି ଆପଣଙ୍କର ଜ୍ୟୋତିଷ ଓ ପଣ୍ଡିତଙ୍କ ଉପରୁ ଭରସା ଉଠିଯାଇଚି ତାହେଲେ ତୁରନ୍ତ ଫୋନ୍ କରନ୍ତୁ
ଯଦି ଆପଣଙ୍କର ପତି ପ୍ରେମୀ, କିମ୍ବା ପୁଅ ବସରେ ଅଛନ୍ତି ତାହେଲେ ତୁରନ୍ତ ଫୋନ୍ କରନ୍ତୁ
ବାବା ରହେମାନ୍ ଖାନ ବଙ୍ଗାଳୀ
7065430524
9599270336

**BUSINESS**
ଖାଲିଥିବା ଜମି ଓ ଛାତ ଉପରେ ସିଂଘାନିୟା ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ଆଜି ହିଁ ସମ୍ପର୍କ କରନ୍ତୁ
Plot No - 114/617, Devaraja Mohalla, Bangalore, Karnataka 570001
8570062731
9996602452

**BUSINESS OPPORTUNITY**
ରେଜିଷ୍ଟର୍ଡ ଘରୋଇ ଫାଇନାନ୍ସ କମ୍ପାନୀରେ ନିଜର ମାର୍କସିଟ୍ ଦେଇ ମାତ୍ର ତିନି ଦିନରେ ଶିକ୍ଷାଋଣ, ବ୍ୟବସାୟ ଋଣ ଏବଂ ସୁନାଋଣ ନେବାର ସୁଯୋଗ ଲାଭ କରନ୍ତୁ। ଆକର୍ଷଣୀୟ ସୁଧ।
ଯୋଗାଯୋଗ:
3 Salt Lake, Sector-5, KOLKATA-700091
9874247647

**କେମିତି ମଦ ଛାଡ଼ିବେ**
ଆସକ୍ତ ବ୍ୟକ୍ତିଙ୍କୁ ନ ଆଣି ଏବଂ ନ ଜଣାଇ।
ସମୟ ପୂର୍ବାହ୍ନ ୧୦ ଘଟିକାରୁ ଅପରାହ୍ନ ୨ ଘଟିକା
**ବାଲେଶ୍ୱର:** ପ୍ରତିମାସ ୧ ଓ ୧୫, ହୋଟେଲ କଳିଙ୍ଗ, ଷ୍ଟେଶନ ଗୋଲେଇ। **ଭଦ୍ରକ:** ୨ ଓ ୧୬, ହୋଟେଲ ବ୍ଲୁ୍ୟଭାଇନ୍, ରାଜଘାଟ ଛକ। **ଯାଜପୁର:** ୩ ଓ ୧୭, ହୋଟେଲ ଭୀମସେନ ପ୍ୟାଲେସ୍, ଗୋପବନ୍ଧୁ ଛକ, ଯାଜପୁର ରୋଡ୍। **କଟକ:** ୪ ଓ ୧୮, ହୋଟେଲ ମା ମଙ୍ଗଳା, ବାଦାମବାଡ଼ି, ବସ୍‌ଷ୍ଟାଣ୍ଡ ନିକଟ। **ଭୁବନେଶ୍ୱର:** ୫ ଓ ୧୯ ହୋଟେଲ ଟ୍ରାଇଡେଣ୍ଟ (ଲଜ୍) ବଡ଼ଜେନା କମର୍ସିଆଲ୍ କମ୍ପ୍ଲେକ୍ସ, ୧୩୮, ଅଶୋକ ନଗର, ୟୁନିଟ୍-୨। **ପୁରୀ:** ୬ ଓ ୨୦, ହୋଟେଲ ପାରାଡାଇଜ୍, ଗ୍ରାଣ୍ଡ ରୋଡ୍, ବଡ଼ଦାଣ୍ଡ ନିକଟ। **ବାରିପଦା:** ୭ ଓ ୨୧, ହୋଟେଲ ଗଣେଶ, ଗଣେଶ ମାର୍କେଟ। **ସମ୍ବଲପୁର:** ପ୍ରତିମାସ ୮ ଓ ୨୨, ହୋଟେଲ ସୁଜାତା, ଭି.ଏସ୍.ଏଫ୍. ମାର୍ଗ, ବସ୍ ଷ୍ଟାଣ୍ଡ ନିକଟ। **ରାଉରକେଲା:** ପ୍ରତିମାସ ୯ ଓ ୨୩, ହୋଟେଲ ଶ୍ୟାମ, ବିସ୍ରା ରୋଡ୍, ରେଳ ଷ୍ଟେଶନ ନିକଟ। **ପାରାଦୀପ:** ପ୍ରତିମାସ ୮ ଓ ୨୨, ହୋଟେଲ ଆରିଷ୍ଟୋକ୍ରାଟ୍। **କେନ୍ଦ୍ରାପଡ଼ା:** ପ୍ରତିମାସ ୯ ଓ ୨୩, ହୋଟେଲ ଗୋଲ୍‌ଡେନ୍ ପ୍ୟାଲେସ, ବସ୍ ଷ୍ଟାଣ୍ଡ ନିକଟ। **କେନ୍ଦୁଝର:** ପ୍ରତିମାସ ୧୦ ଓ ୨୪, ହୋଟେଲ ବରାଳ, ବସ୍ ଷ୍ଟାଣ୍ଡ ନିକଟ। **ଝାରସୁଗୁଡ଼ା:** ୧୦ ଓ ୨୪, ହୋଟେଲ ଉପହାର, ଏମ୍.ବି. ରୋଡ୍। **ଅନୁଗୋଳ:** ୧୧ ଓ ୨୫, ହୋଟେଲ ଶାନ୍ତି, ବସ୍ ଷ୍ଟାଣ୍ଡ ନିକଟ। **ବ୍ରହ୍ମପୁର:** ୧୨ ଓ ୨୬, ହୋଟେଲ ଲେକ୍‌ଭ୍ୟୁ, ରାମ ଲିଙ୍ଗ ଟ୍ୟାଙ୍କ ରୋଡ୍। **ଭବାନୀପାଟଣା:** ୧୩ ଓ ୨୭, ରବି ଲଜ୍, ଗାନ୍ଧୀ ଚୌକ। **ବରଗଡ଼:** ୧୪ ଓ ୨୮, ହୋଟେଲ ଓରିଏଣ୍ଟାଲ, କେନାଲ ଆଭେନ୍ୟୁ ନିକଟ। **ଫୁଲବାଣୀ:** ପ୍ରତିମାସ ୧୨ ତାରିଖ, ହୋଟେଲ ରାଜ କମଲ। **ନୟାଗଡ଼:** ପ୍ରତିମାସ ୧୧ ତାରିଖ, ହୋଟେଲ ତ୍ରିନାଥ, ଦିଘା ରୋଡ୍। **ପୂଜା ହେଲ୍‌ଥ ସେଣ୍ଟର**
ଶ୍ୱାସରୋଗ, ଗଣ୍ଠି ଯନ୍ତ୍ରଣା, ଅର୍ଶ, ଓଜନ ବୃଦ୍ଧି ପାଇଁ ପ୍ରଭାବୀ ଔଷଧ।

**ପାଠକଙ୍କ ପାଇଁ ସୂଚନା**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**Adhar Finance**
(ରେଜିଷ୍ଟ୍ରେଡ କମ୍ପାନୀ)
ସମସ୍ତ ପ୍ରକାର ଲୋନ ପାଇଁ
ଲୋନ୍ ଅନ୍ ଲାଇନ୍ ମାଧ୍ୟମରେ କମ ସୁଧରେ ସମସ୍ତ ପ୍ରକାର ଲୋନ୍ ନେବା ପାଇଁ ଆମ ସହ ଯୋଗାଯୋଗ କରନ୍ତୁ
ଅଧିକତମ ମହିଳା, ଛାତ୍ରଛାତ୍ରୀ ଓ ବିଦ୍ୟାର୍ଥୀ ମାନଙ୍କୁ ସୁବିଧା ଯୋଗାଇ ଦିଆଯାଉଛି ।
12A, Karolbag,New Delhi
8433378861
7379665376

ତନ୍ତ୍ର ମନ୍ତ୍ର ସମ୍ରାଟଙ୍କ
ଖବରଦାର୍ କଳା ଶିକ୍ଷା
ଯେଉଁଠି ଜ୍ଞାନ ସେଠି ହେବ
A to Z ସମସ୍ୟାର ସମାଧାନ
ସ୍ପେଶାଲିଷ୍ଟ: ବଶୀକରଣ, ମୁଠକରଣୀ, ମନ ମୁତାବକ ପ୍ରେମ, ବିବାହରେ ବାଧା, ଋଣମୁକ୍ତି, ଗର୍ଭ ବନ୍ଧନ, ଗୃହ କ୍ଲେଶ, ବିଦେଶ ଯାତ୍ରା, ସଉତୁଣୀ ଓ ଶତ୍ରୁ ମୁକ୍ତି, କ୍ୟାରିୟର ମଡେଲିଂ, ସ୍ୱାମୀ ସ୍ତ୍ରୀ ମନୋମାଳିନ୍ୟ, ଚାକିରି, ବ୍ୟବସାୟ, ଯାଦୁ ଟୋନା ଭଳି ସମସ୍ୟାର 101% ସମାଧାନ।
ବାବା ସିକନ୍ଦର
21 ବୈଦିକ ବିଦ୍ୟାରେ ନିପୁଣ
9997796211

**M. GROUP FINANCE CO.**
DIWALI OFFER
(Govt. Approved)
• Personal Loan
• Business Loan
• Salary Slip Loan
• Marksheet Loan
2% Interest, ମହିଳାଙ୍କ ପାଇଁ 50% subsidy
Balasore, Ganjam, Dhenkanal, Delhi
9650189261
9718741868
Block Chack, Balasore-756027

## ସଂକ୍ଷେପରେ

### ଡେରାବିଶ ମହୋତ୍ସବ ପ୍ରସ୍ତୁତି ବୈଠକ



ଡେରାବିଶ,୧୦। ୧୧(ସ୍ୱ.ପ୍ର): ଡେରାବିଶ ବ୍ଲକ ଚାନ୍ଦୋଳ ପଞ୍ଚାୟତ କାର୍ଯ୍ୟାଳୟରେ ଆସନ୍ତା ଡିସେମ୍ବର ୨୫ରୁ ୩୧ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ସପ୍ତମ ଡେରାବିଶ ମହୋତ୍ସବର ଜୋନ୍ତ୍ରରୀୟ ପ୍ରସ୍ତୁତି ବୈଠକ ଶୁକ୍ରବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ମହୋତ୍ସବ କମିଟିର ଉପସଭାପତି ଖୁର୍ସିଦ୍ ଆଲମ୍ ଖାଁ ଅଧକ୍ଷତା କରିଥିଲେ । ସମ୍ପାଦକ ଗୁରୁଚରଣ ସେଠୀ ଏହି ମହୋତ୍ସବ ଓଡିଶା ସରକାରଙ୍କ ସଂସ୍କୃତି ବିଭାଗ ଓ ଡେରାବିଶ ସାଂସ୍କୃତିକ ସଂଗଠନର ମିଳିତ ସହଯୋଗରେ ଅନୁଷ୍ଠିତ ହେବ ବୋଲି ଘୋଷଣା କରିବା ସହ ଅଞ୍ଚଳର ସମସ୍ତ ବୁଦ୍ଧିଜୀବୀ ଓ ସାମାଜିକ କର୍ମୀଙ୍କ ସହଯୋଗ ଲୋଡିଥିଲେ । ବୈଠକରେ ଆଗାମୀ ମହୋତ୍ସବ କିଭଳି ଶୃଙ୍ଖଳାର ସହ ଅନୁଷ୍ଠିତ ହୋଇପାରିବ ସେ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା । ଏହି ଅବସରରେ ଉପସ୍ଥିତ ସଦସ୍ୟମାନେ ବିଭିନ୍ନ କମିଟି ଓ ଉପଦେଷ୍ଟା ମଣ୍ଡଳୀ ଗଠନ ପାଇଁ ସେମାନଙ୍କ ସୁଚିନ୍ତିତ ମତାମତ ଦେଇଥିଲେ । ଏଥିରେ ସଂଗଠନର ସଂପାଦକ ଅଧାପକ ଗୁରୁଚରଣ ସେଠୀ ଯୋଗ ଦେଇ ମହୋତ୍ସବ କିପରି ଅଧିକ ଆକର୍ଷଣୀୟ ହୋଇପାରିବ ସେ ସମ୍ପର୍କରେ ସମସ୍ତଙ୍କୁ ସହଯୋଗ କରିବା ପାଇଁ ନିବେଦନ କରିଥିଲେ । ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ସଂଯୋଜକ ତଥା ପୂର୍ବତନ ସରପଞ୍ଚ ତ୍ରିଲୋଚନ ରାଉତ, ଅଜୟ କୁମାର ସାହୁ, ଶିକ୍ଷାବିତ ପଞ୍ଚାନନ ଶତପଥୀ , କୃଷ୍ଣଚନ୍ଦ୍ର ବଳ, ଗୌତମ ପରିଡା, ବିଭୁଦେନ୍ଦୁ ପଣ୍ଡା, ନିଶାମଣି ବେହେରା, ପ୍ରମୋଦ ପ୍ରତାପ, ସୁଧିର କୁମାର ନାୟକ, ବଂଶୀଧର ଜେନା, ଉମେଶଚନ୍ଦ୍ର ତ୍ରିପାଠୀ, ଜ୍ୟୋତିର୍ମୟ ଜେନା, ଅନାଥବନ୍ଧୁ ଜେନା, ବିଷ୍ଣୁପ୍ରସାଦ କର, ସୁରେନ୍ଦ୍ର କୁମାର ମଲିକ, ପ୍ରଫୁଲ୍ଲ କୁମାର ନାୟକ, ମିହିର କୁମାର ସାମଲ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଶେଷରେ ରାଜକିଶୋର ମଲ୍ଲ ଧନ୍ୟବାଦ ଅର୍ପଣ କରିଥିଲେ ।

### ସମବାୟବିତ୍‌ଙ୍କ ବିୟୋଗରେ ସ୍ମୃତିସଭା

ଡେରାବିଶ,୧୦। ୧୧(ସ୍ୱ.ପ୍ର): ଡେରାବିଶ ବ୍ଲକ ଅଧୀନ କୁଶିଆପାଳ ସମବାୟ ସମିତି ପରିଚାଳନା କମିଟି ନିର୍ଦ୍ଦେଶକ ତଥା ପୂର୍ବତନ ସଭାପତି ସମବାୟବିତ୍ ମିର୍ଜା କରିମ୍ ବେଗ୍ (୭୮)ଙ୍କ ବିୟୋଗରେ ଶନିବାର ସମିତି କାର୍ଯ୍ୟାଳୟରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଥିଲା । ଅଗ୍ରଣୀ ଚାଷୀ ମଥୁରାନନ୍ଦ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସ୍ମୃତିସଭାରେ ସମିତିର ସଭାପତି ସରୋଜକାନ୍ତ ନାୟକ, ସମ୍ପାଦକ ମୃତ୍ୟୁଞ୍ଜୟ ଦାସ, ନାରାୟଣ ପାତ୍ର, ଶିବ ପ୍ରସାଦ ସାହୁ, ଗୁରୁଚରଣ ରଥ, ହେମନ୍ତ ପଲେଇ ଯୋଗଦେଇ ବ୍ଲକ ଅଞ୍ଚଳରେ ସମବାୟ ଆନ୍ଦୋଳନକୁ ସୁଦୃଢ କରିବା ଏବଂ ଅଞ୍ଚଳର ଚାଷୀଙ୍କୁ ଏହି ଆନ୍ଦୋଳନରେ ସାମିଲ କରିବା ପାଇଁ କରିମ୍ ବେଗ୍‌ଙ୍କ ଭୂମିକା ଅନସ୍ୱୀକାର୍ଯ୍ୟ ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅଗ୍ରଣୀ ଚାଷୀ ପରୀକ୍ଷିତ ରଥ, ବୈଷ୍ଣବ ସାହୁ, ବଂଶୀଧର ଦାସ, ନରୋତ୍ତମ ସାହୁ, ପ୍ରଶାନ୍ତ ନାୟକ,ରଞ୍ଜନ କୁମାର ପ୍ରଧାନ ପ୍ରମୁଖ ଯୋଗଦେଇ କରିମ୍ ବେଗ୍‌ଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ତାଙ୍କର ବହୁମୁଖୀ ପ୍ରତିଭା ଉପରେ ଆଲୋକପାତ କରିଥିଲେ । ପ୍ରଥମେ କରିମ୍‌ଙ୍କ ଉଦ୍ଦେଶ୍ୟରେ ଦୁଇମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ସୂଚନାଯୋଗ୍ୟ ଯେ, ବ୍ଲକ ଅଧୀନସ୍ଥ ଗୁଆଲସିଂ ପଞ୍ଚାୟତ ମିର୍ଜାପାଟଣା ଗ୍ରାମରେ ଜନ୍ମିତ କରିମ୍ ବେଗ୍‌ଙ୍କର ଗତ ୫ ତାରିଖ ରାତିରେ ହୃଦ୍‌ଘାତରେ ପରଲୋକ ଘଟିଥିଲା।

### ଶିଶୁ ସାହିତ୍ୟିକଙ୍କ ପରଲୋକ

ରାଜନଗର, ୧୦।୧୧ (ଡି.ଏନ.ଏ.): ରାଜନଗର ବ୍ଲକ ଓସ୍ତିଆ ପଞ୍ଚାୟତ ଜଗନ୍ନାଥପୁରଶାସନ ଗାଁର ନିତ୍ୟାନନ୍ଦ ତ୍ରିପାଠୀ(୭୦)ଙ୍କ ଶୁକ୍ରବାର ପରଲୋକ ହୋଇଯାଇଛି । ସେ ହାଇସ୍କୁଲରେ ବିଜ୍ଞାନ ଶିକ୍ଷକ ଥିବା ବେଳେ ୨୦୦୬ରେ ଅବସର ନେଇଥିଲେ । ଜଣେ ଶିଶୁ ସାହିତ୍ୟିକ ଭାବେ ତାଙ୍କର ଖ୍ୟାତି ଥିଲା । ରାଜ୍ୟର ବହୁ ସାରସ୍ୱତ ସାହିତ୍ୟ ଅନୁଷ୍ଠାନ ଦ୍ୱାରା ସେ ସମ୍ବର୍ଦ୍ଧିତ ହୋଇଥିଲେ । ତାଙ୍କ ବିୟୋଗରେ ରାଜନଗର ବ୍ଲକରେ ଶୋକର ଛାୟା ଖେଳିଯାଇଛି ।

■ ବିଳମ୍ବରେ ମିଳିଲା ୧୦୮ ଆମ୍ବୁଲାନ୍ସ ସେବା

# ମୃତଦେହ ରଖି ଗ୍ରାମବାସୀଙ୍କ ରାସ୍ତାରୋକୋ

ମହାକାଳପଡା, ୧୦।୧୧ (ଡି.ଏନ.ଏ.)

ମହାକାଳପଡା ବ୍ଲକ ଅଧୀନ ପେଟଛେଲା ପଞ୍ଚାୟତର ସ୍ଥାନୀୟ ଲୁଣିମାଠିଆ ରାମଚଣ୍ଡୀ ଶବରପଡାରେ ବିଳମ୍ବରେ ଆମ୍ବୁଲାନ୍ସ ସେବା ବିଳମ୍ବରେ ପହଞ୍ଚିବାରୁ ଶନିବାର ଜଣେ ରୋଗୀଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି । ସେ ହେଲେ ଗ୍ରାମର ନଖିଆ ମଲିକ(୩୫) । ଏନେଇ ଉତ୍ତ୍ୟକ୍ତ ଗ୍ରାମବାସୀ ପ୍ରଥମେ ଆମ୍ବୁଲାନ୍ସ ସମ୍ମୁଖରେ ଓ ପରେ ପ୍ରଭାକରପୁର-ଖରିନାସୀ ମୁଖ୍ୟ ପୂର୍ତ୍ତ ରାସ୍ତାରେ ମୃତଦେହ ରଖି ରାସ୍ତାରୋକୋ କରିଥିଲେ । ପ୍ରଶାସନ ପକ୍ଷରୁ ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରାଯିବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା । ସୂଚନାଯୋଗ୍ୟ, ନଖିଆ କିଛି ବର୍ଷ ହେବ ଯକ୍ଷ୍ମାରେ ପୀଡିତ ଥିଲେ । ଏନେଇ ସ୍ଥାନୀୟ ରାମନଗର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରୁ ପ୍ରଥମ ଓ ଦ୍ୱିତୀୟ ପର୍ଯ୍ୟାୟରେ ଔଷଧ ଆଣି ଖାଇଥିଲେ । ଶୁକ୍ରବାର ତାଙ୍କ ସ୍ୱାସ୍ଥ୍ୟରେ ଅବନତି ଘଟିବାରୁ ପରିବାର ଲୋକେ ତାଙ୍କୁ ନେଇ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । ମାତ୍ର ଅବସ୍ଥା ଗୁରୁତର ଥିବା ଦର୍ଶାଇ ଅଧିକ ଚିକିତ୍ସା ନିମନ୍ତେ ନଖିଆଙ୍କୁ କେନ୍ଦ୍ରାପଡା ଅବା କଟକ ବଡ ଡାକ୍ତରଖାନାକୁ ନେଇଯିବାକୁ ଡାକ୍ତର ପରାମର୍ଶ ଦେଇଥିଲେ । ଏନେଇ ପରିବାର ଲୋକେ ତାଙ୍କୁ ଘରକୁ ଆଣି ଅପରାହ୍ନରେ କେନ୍ଦ୍ରାପଡା ଚିକିତ୍ସାଳୟକୁ ନେବା ନିମନ୍ତେ ୧୦୮ ଆମ୍ବୁଲାନ୍ସକୁ ଫୋନ କରିଥିଲେ । ମାତ୍ର ଆମ୍ବୁଲାନ୍ସ ସେଦିନ ନ ଆସି ଶନିବାର ସକାଳ ୮ଟା ପରେ ପହଞ୍ଚିଥିଲା । ମାତ୍ର ସେତେବେଳକୁ ନଖିଆଙ୍କ ମୃତ୍ୟୁ ହୋଇସାରିଥିଲା । ଏଥିରେ ପରିବାର ଲୋକେ ଓ ଗ୍ରାମବାସୀ ଉତ୍ତ୍ୟକ୍ତ ହୋଇ ଆମ୍ବୁଲାନ୍ସକୁ ଅଟକାଇବା ସହ ମୃତଦେହକୁ ଗାଡି ସମ୍ମୁଖରେ ରଖି ଧାରଣା ଦେଇଥିଲେ । ସ୍ତ୍ରୀ ମୀନା ମଲିକ(୩୦) ତାଙ୍କ ଦୁଇ ଶିଶୁପୁତ୍ରକୁ ଧରି ଧାରଣାରେ ବସି କ୍ଷତିପୂରଣ ଦାବି କରିଥିଲେ । ଖବରପାଇ ଜମ୍ବୁ ମେରାଇନ ଥାନା ଆଇଆଇସି ପ୍ରିୟବ୍ରତ ଦାଶ ଓ ଅନ୍ୟ କର୍ମଚାରୀ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ସହ ଆମ୍ବୁଲାନ୍ସକୁ ଉଦ୍ଧାର କରିଥିଲେ । ସ୍ଥାନୀୟ ସରପଞ୍ଚ ଗୌରୀମାଇତି ଘଟଣାସ୍ଥଳରେ ପହଞ୍ଚି ହରିଶ୍ଚନ୍ଦ୍ର ସହାୟତାରେ ୨ହଜାର ଟଙ୍କାର ସହାୟତା ରାଶି ପରିବାରକୁ ପ୍ରଦାନ କରିଥିଲେ । ମାତ୍ର ପ୍ରଶାସନ ପକ୍ଷରୁ କୌଣସି ସନ୍ତୋଷଜନକ ଉତ୍ତର ନ ମିଳିବାରୁ ପୁନର୍ବାର ଗ୍ରାମବାସୀ ଓ ପରିବାର ଲୋକେ ମିଳିତ ହୋଇ ପ୍ରଭାକରପୁର-ଖରିନାସୀ ମୁଖ୍ୟ ପୂର୍ତ୍ତ ରାସ୍ତାର ଶବରପଡା ଗ୍ରାମ ନିକଟରେ ମୃତଦେହ ରଖି ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ । ବହୁ ସମୟ ଧରି ରାସ୍ତା ଅବରୋଧ ହେବା ଫଳରେ ଯାତାୟାତରେ ସମସ୍ୟା ସୃଷ୍ଟି ହୋଇଥିଲା । ଖବରପାଇ ମହାକାଳପଡା ଅତିରିକ୍ତ ତହସିଲଦାର ପ୍ରଶାନ୍ତ କୁମାର ମହାରଣା ଘଟଣା ସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ । ଆମ୍ବୁଲାନ୍ସ ସେବାରେ ବିଳମ୍ବ ହେବା ଯୋଗୁ ସ୍ୱାମୀଙ୍କ ମୃତ୍ୟୁ ଘଟିଥିବା ନେଇ ମୀନା ପ୍ରଶାସନ ନିକଟରେ ଲିଖିତ ଅଭିଯୋଗ କରିଥିଲେ । ଏନେଇ ମୃତକଙ୍କ ପରିବାରକୁ କ୍ଷତିପୂରଣ ଯୋଗାଇ ଦେବା ନିମନ୍ତେ ପ୍ରତିଶ୍ରୁତି ଦିଆଯିବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା । ଅପରପକ୍ଷେ ୨୦୧୧ରୁ ମୀନା ମଧ ଯକ୍ଷ୍ମାରୋଗରେ ପୀଡିତ ଥିବା ରାମନଗର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରୁ ସୂଚନା ମିଳିଛି । ଏ ସମ୍ପର୍କରେ କେନ୍ଦ୍ରାପଡା ଜିଲାପାଳ ଦାଶରଥୀ ଶତପଥୀ କହିଛନ୍ତି, ଶବରପଡାରେ ଯକ୍ଷ୍ମାରୋଗୀଙ୍କ ମୃତ୍ୟୁ ହେବା ବିଷୟ ଏକ ଦୁଃଖଦ ଘଟଣା । ଏନେଇ ପ୍ରଶାସନିକ ସ୍ତରରେ ମୃତକଙ୍କ ପରିବାରକୁ ରେଡ୍‌କ୍ରସ ପାଣ୍ଠିରୁ ଆର୍ଥିକ ସହାୟତା ଯୋଗାଇ ଦିଆଯିବ । ଏଥିସହ ପରିବାରର ଅନ୍ୟ ଯକ୍ଷ୍ମାରୋଗୀଙ୍କୁ ଔଷଧ ପ୍ରଦାନ ନିମନ୍ତେ ବ୍ୟବସ୍ଥା କରାଯିବ ।



ମୃତଦେହ ରଖି ରାସ୍ତାରୋକୋ କରାଯାଉଛି ।

## ଏଇ ସପ୍ତାହର କାର୍ଯ୍ୟକ୍ରମ

**୧୧।୧୧।୨୦୧୮ (ରବିବାର)**

■ ସିଦ୍ଧ ମରିଚାଣୀ ବିଦ୍ୟାପୀଠ ସୁବର୍ଣ୍ଣ ଜୟନ୍ତୀ ସମାରୋହ ଉପଲକ୍ଷେ ରକ୍ତଦାନ ଶିବିର
**ସ୍ଥାନ–** ବଗଡା, କେନ୍ଦ୍ରାପଡା, **ସମୟ–** ପୂର୍ବାହ୍ନ ୭ଟା

■ ବୋଇତ ବନ୍ଦାଣ ସମିତି ସୁବର୍ଣ୍ଣ ଜୟନ୍ତୀ ସମାରୋହ ଉପଲକ୍ଷେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା
**ସ୍ଥାନ–**ତୁଳସୀ ମହିଳା ମହାବିଦ୍ୟାଳୟ, ଗୋପ, କେନ୍ଦ୍ରାପଡା, **ସମୟ–** ପୂର୍ବାହ୍ନ ୧୦ଟା

**୧୨।୧୧।୨୦୧୮ (ସୋମବାର)**

■ ମିଳିତ ଜନଶୁଣାଣି ଶିବିର
**ସ୍ଥାନ–** ଗରଦପୁର ବ୍ଲକ କାର୍ଯ୍ୟାଳୟ, **ସମୟ–** ପୂର୍ବାହ୍ନ ୧୦ଟା ୩୦ ମିନିଟ

■ ମୁଁ ହିରୋ, ମୁଁ ଓଡିଶା କାର୍ଯ୍ୟକ୍ରମ
**ସ୍ଥାନ–** ମଙ୍ଗରାଜପୁର ପଞ୍ଚାୟତ କାର୍ଯ୍ୟାଳୟ,**ସମୟ–** ପୂର୍ବାହ୍ନ ୧୦ଟା

■ ଭାଜପାର ବ୍ଲକ କାର୍ଯ୍ୟାଳୟ ଘେରାଉ
**ସ୍ଥାନ–** ମାର୍ଶାଘାଇ ବ୍ଲକ, ମାର୍ଶାଘାଇ, **ସମୟ–** ପୂର୍ବାହ୍ନ ୧୦ଟା

■ ମା'କାଳୀଙ୍କ ଭସାଣୀ ଉତ୍ସବ
**ସ୍ଥାନ–** ରଙ୍କାଳ,ମଙ୍ଗରାଜପୁର ଓ ମାର୍ଶାଘାଇ, **ସମୟ–** ସନ୍ଧ୍ୟା ୬ଟା

■ ରାଜ୍ୟସ୍ତରୀୟ ସଦଭାବନା ଶାନ୍ତି ଶୋଭାଯାତ୍ରା
**ସ୍ଥାନ–** ଗରାପୁର, କେନ୍ଦ୍ରାପଡା, **ସମୟ–** ପୂର୍ବାହ୍ନ ୮ଟା

**୧୩।୧୧।୨୦୧୮ (ମଙ୍ଗଳବାର)**

■ ଜିଲାସ୍ତରୀୟ ରାଜସ୍ୱ ବୈଠକ
**ସ୍ଥାନ–** ଜିଲାପାଳ କାର୍ଯ୍ୟାଳୟ, କେନ୍ଦ୍ରାପଡା, **ସମୟ–** ପୂର୍ବାହ୍ନ ୧୦ଟା

**୧୪।୧୧।୨୦୧୮ (ବୁଧବାର)**

■ ଜବାହରଲାଲ୍ ନେହେରୁ ଜୟନ୍ତୀ ଓ ଶିଶୁ ଦିବସ
**ସ୍ଥାନ–** କେନ୍ଦ୍ରାପଡା ହାଇସ୍କୁଲ, କେନ୍ଦ୍ରାପଡା, **ସମୟ–** ପୂର୍ବାହ୍ନ ୧୦ଟା

■ ସାମୁଦ୍ରିକ କଇଁଛ ସୁରକ୍ଷା ସଚେତନତା ଶିବିର
**ସ୍ଥାନ–** ବତିଘର, ମହାକାଳପଡା, **ସମୟ–** ପୂର୍ବାହ୍ନ ୧୦ଟା

**୧୫।୧୧।୨୦୧୮ (ଗୁରୁବାର)**

■ ସାମାଜିକ ଉନ୍ନୟନ କାର୍ଯ୍ୟର ସମୀକ୍ଷା ବୈଠକ
**ସ୍ଥାନ–**ଡେରାବିଶ ବ୍ଲକ କାର୍ଯ୍ୟାଳୟ, **ସମୟ–** ପୂର୍ବାହ୍ନ ୧୦ଟା

**୧୭।୧୧।୨୦୧୮ (ଶନିବାର)**

■ ଅଁଳା ନବମୀ ଉପଲକ୍ଷେ ଶ୍ରୀଜୀଉଙ୍କ ତୁଳସୀ ବେଶ
**ସ୍ଥାନ–** ଇଚ୍ଛାପୁର, କେନ୍ଦ୍ରାପଡା, **ସମୟ–** ପୂର୍ବାହ୍ନ ୯ଟା

| ସ୍ଥାନ | ଖବରଦାତାଙ୍କ ନାମ | ମୋବାଇଲ ନମ୍ବର |
|---|---|---|
| କେନ୍ଦ୍ରାପଡା ଅଫିସ | ଜଗନ୍ନାଥ ଧଳ | ୭୩୭୭୩୧୩୧୮୦ |
| ରାଜନଗର | ଭାସ୍କର ରାଉତରାୟ | ୯୪୩୭୫୦୬୪୮୪ |
| ଆଳି | ବନମାଳି ସେନାପତି | ୯୧୭୮୮୯୯୬୨୬ |
| ପଟ୍ଟାମୁଣ୍ଡାଇ | ଅକ୍ଷୟ ବିଶ୍ୱାଳ | ୯୦୯୦୮୨୪୨୦୦ |
| ପାଟକୁରା | ରବୀନ୍ଦ୍ର ବାରିକ | ୯୯୩୭୫୧୯୯୭୩ |
| ମାର୍ଶାଘାଇ | ଅକ୍ଷୟ ଜେନା | ୯୯୩୮୭୪୪୮୪୨ |
| ରାଜକନିକା | ରବୀନ୍ଦ୍ର ଦାସ | ୮୯୦୮୬୦୬୪୬୦ |
| ଡେରାବିଶ | ବେବର୍ତ୍ତା ଅଜୟ ଦାସ | ୯୬୬୮୫୩୭୬୬୦ |
| ମହାକାଳପଡା | ପ୍ରତାପ ଚନ୍ଦ୍ର ସ୍ୱାଇଁ | ୯୪୩୯୯୬୮୮୦୦ |

ଏଇ ସପ୍ତାହର କାର୍ଯ୍ୟକ୍ରମ ସ୍ତମ୍ଭରେ ଯଦି କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଛନ୍ତି ତେବେ ନିକଟସ୍ଥ ଧରିତ୍ରୀ ପ୍ରତିନିଧିଙ୍କ ସହ ଉପରୋକ୍ତ ମୋବାଇଲ୍ ନମ୍ବରରେ ଯୋଗାଯୋଗ କରନ୍ତୁ ।

## ଜାତୀୟ ଆଇନ ସହାୟତା ଦିବସ ପାଳିତ




ସଭାରେ ସିନିୟର ସିଭିଲ ଜଜ୍‌ଙ୍କ ସହ ଅନ୍ୟମାନେ ।

ପଟ୍ଟାମୁଣ୍ଡାଇ,୧୦।୧୧(ସ୍ୱ.ପ୍ର.)

ପଟ୍ଟାମୁଣ୍ଡାଇ ବ୍ଲକ ଦକ୍ଷିଣେଶ୍ୱର ହାଇସ୍କୁଲ, କାଠିଆପଡାଠାରେ ଜାତୀୟ ଆଇନ ସହାୟତା ଦିବସ ଶୁକ୍ରବାର ପାଳିତ ହୋଇଯାଇଛି । ଏହି ଅବସରରେ ପଟ୍ଟାମୁଣ୍ଡାଇ ତାଲୁକ ଆଇନ ସେବା ସମିତି ପକ୍ଷରୁ ଆୟୋଜିତ ସଭାରେ ସ୍ଥାନୀୟ କୋର୍ଟର ସିନିୟର ସିଭିଲ୍ ଜଜ୍ ହରପ୍ରସାଦ ପାଢୀ ଅଧକ୍ଷତା କରିଥିଲେ । ସମସ୍ତଙ୍କୁ ସମାନ ଅଧିକାର ପ୍ରଦାନ କରିବା ପାଇଁ ପ୍ରତ୍ୟେକ ବ୍ୟକ୍ତି କିପରି ଆଇନର ସମସ୍ତ ସୁବିଧା ସୁଯୋଗ ଉପଲବ୍ଧ ପରିପାରିବେ ସେଥିପାଇଁ ୧୯୮୭ ମସିହାଠାରୁ ଜାତୀୟ ଆଇନ ସେବା ପ୍ରାଧିକରଣ (ଏନଏଏଲଏସଏ) ଗଠିତ ହୋଇଛି । ଅର୍ଥାଭାବରୁ ଯେପରି କୌଣସି ନାଗରିକ ଆଇନ ସେବାରୁ ବଞ୍ଚିତ ନ ହୁଅନ୍ତି ସେଥିଲାଗି ସରକାର ଜାତୀୟ ସ୍ତରରୁ ଆରମ୍ଭ କରି ତାଲୁକ ସ୍ତର ପର୍ଯ୍ୟନ୍ତ ଆଇନ ସହାୟତା ପାଇଁ ସଂସ୍ଥାମାନ ଗଠନ କରଛନ୍ତି । ରାଜ୍ୟ ସ୍ତରରେ ରାଜ୍ୟ ଆଇନ ସେବା ପ୍ରାଧିକରଣ , ଜିଲା ସ୍ତରରେ ଜିଲା ଆଇନ୍ ସେବା ପ୍ରାଧିକରଣ ଓ ତାଲୁକ ସ୍ତରରେ ତାଲୁକ ଆଇନ ସେବା ସମିତିମାନ ଗଠନ କରାଯାଇଛି ବୋଲି ସିଭିଲ୍ ଜଜ୍ ତଥା ତାଲୁକ ଆଇନ୍ ସେବା ସମିତି ଅଧକ୍ଷ ପାଢୀ କହିଥିଲେ । ସେ ଆହୁରି କହିଥିଲେ ଯେ, କୋର୍ଟରେ ବହୁ ଦିନ ଧରି ଚାଲୁଥିବା ମୋକଦ୍ଦମାର ଆପୋଷ ସମାଧାନ ପାଇଁ ଆଇନ ସହାୟତା ସମିତି କାର୍ଯ୍ୟ କରୁଛି । ଏହି କାର୍ଯ୍ୟକ୍ରମ ମାଧ୍ୟମରେ ବିଚାର ବିଭାଗ ଓ ଜନସାଧାରଣଙ୍କ ମଧ୍ୟରେ ସଂଯୋଗ ସ୍ଥାପନ ହୋଇପାରିବ ବୋଲି ସେ ଆଶା ପ୍ରକାଶ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପିଏଲଭି ପ୍ରଫୁଲ୍ଲ କୁମାର ଦାଶ, ବରିଷ୍ଠ ଆଇନଜୀବୀ ଭୀମସେନ ପ୍ରଧାନ, ପ୍ରାକ୍ତନ ଶିକ୍ଷକ ଗୋବର୍ଦ୍ଧନ ଦାଶ, ଆଇନ ସହାୟତା ଦିଗରେ ବକ୍ତବ୍ୟ ରଖିଥିଲେ । କୋର୍ଟ କର୍ମଚାରୀ ମୋହନ କୁମାର ଦାଶ, ଶିକ୍ଷକ ଅରବିନ୍ଦ ମହାପାତ୍ର, ନିବେଦିତା ଦାସ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ଏହି ସଭାରେ ଶତାଧିକ ଛାତ୍ରୀଛାତ୍ର, ମହିଳା, ବରିଷ୍ଠ ନାଗରିକ ଓ ଜନସାଧାରଣ ଯୋଗ ଦେଇଥିଲେ । ଶେଷରେ ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ ଚନ୍ଦ୍ର ଦାଶ ଧନ୍ୟବାଦ ଦେଇଥିଲେ ।

## ୮ ମତ୍ସ୍ୟଜୀବୀ ଗିରଫ

ରାଜନଗର,୧୦।୧୧(ଡିଏନଏ)

ଭିତରକନିକା ସଂଲଗ୍ନ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ନିଷିଦ୍ଧାଞ୍ଚଳ ମଧ୍ୟରେ ବେଆଇନ ଭାବେ ମାଛ ମାରୁଥିବା ବାବା ଚନ୍ଦନେଶ୍ୱର ନାମକ ଟ୍ରଲରକୁ ଶନିବାର ସନ୍ଧ୍ୟାରେ ଜବତ କରାଯାଇଛି । ଜବତ ଟ୍ରଲରକୁ ମାଦଳୀ ମୁହାଣ ନିକଟରୁ ପାଟ୍ରୋଲିଂ ଟିମ ଜବତ କରିଛି । ଟ୍ରଲରରେ ଥିବା ମତ୍ସ୍ୟଜୀବୀ ଅଜୟ ବ୍ରହ୍ମା, ବଳରାମ ଗୋଛାୟତ, କେଶୁରା ମଲ୍ଲିକ, ମାନସ ମଲ୍ଲିକ, ରବୀନ୍ଦ୍ର ମଲ୍ଲିକ, ଭାରତ ମଲ୍ଲିକ, ଦିବାକର ମହନ୍ତ, ଗୋକୁଳ ମହନ୍ତଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି । ଜବତ ଟ୍ରଲରରୁ ୩୫ କୁଇଣ୍ଟାଲ ମାଛ ଜବତ କରାଯାଇଛି । ଅତିରିକ୍ତ ବନ ସଂରକ୍ଷକ ଶ୍ରୀରାମପଦ ଅରବିନ୍ଦ ମିଶ୍ରଙ୍କ ନେତୃତ୍ୱରେ ପାଟ୍ରୋଲିଂ ଟିମ୍ ଟ୍ରଲରକୁ ଜବତ କରିଛି ।

## ଡକାୟତି ଯୋଜନା ପଣ୍ଡ : ୭ଦୁର୍ବୃତ୍ତ ଗିରଫ

କେନ୍ଦ୍ରାପଡ଼ା ଅଫିସ, ୧୦।୧୧

କେନ୍ଦ୍ରାପଡ଼ା ସଦର ଥାନା ଅଞ୍ଚଳରେ ଶୁକ୍ରବାର ବିଳମ୍ବିତ ରାତିରେ ଏକ ଡକାୟତି ଯୋଜନା ପଣ୍ଡ ହୋଇଯାଇଛି । ଜିଲା ପୋଲିସ ପକ୍ଷରୁ ପାଟ୍ରୋଲିଂ ସମୟରେ ଏହି ଥାନା ଅନ୍ତର୍ଗତ ଅଳାବାଙ୍କ ପୂର୍ତ୍ତ ବିଭାଗ ରାସ୍ତା ନିକଟ ଏକ ବିଲଡିଂ ପଛପଟୁ ୭ ଜଣ ଦୁର୍ବୃତ୍ତଙ୍କୁ ଗିରଫ କରାଯାଇଛି । ଶନିବାର ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଛି । ଗିରଫ ଅଭିଯୁକ୍ତମାନେ ହେଲେ ସଦର ଥାନା ଅନ୍ତର୍ଗତ ଠାକୁରପାଟଣା ହଳଦିଆ ଗ୍ରାମର ଜାକିର ଖାନ (୩୧), ମାର୍ଶାଘାଇ ଥାନା ତିଖିରୀ ଗ୍ରାମର ରାକେଶ ବେହେରା ଓରଫ ପପୁ (୨୦), ଟାଉନ ଥାନା ରଣପଡା ଗ୍ରାମର ସେକ୍ ସାହିର ଓରଫ ସୁରଜ (୨୦), ପାଟକୁରା ଥାନା ବଡ କଳାବୁଦା ଗ୍ରାମର ବିମଳ ପ୍ରସାଦ ଦାସ ଓରଫ ବାବୁ (୨୪), ଜଗତସିଂହପୁର ଜିଲା ତିର୍ତ୍ତୋଲ ଥାନା କ୍ରିଷ୍ଣାନନ୍ଦପୁର ମୀରମହଲା ଗ୍ରାମର ୟୁସୁଫ ଖାନ (୨୨), ଖୋର୍ଦ୍ଧା ଜିଲା ଖଣ୍ଡଗିରି ଥାନା ଯଦୁପୁର ଗ୍ରାମର ମହମ୍ମଦ ହମିଦ ଓରଫ ଚାନୁ (୩୫) ଓ କଟକ ଜିଲା ନିଶ୍ଚିନ୍ତକୋଇଲି ଥାନା ଅନ୍ତର୍ଗତ ଗୋପପୁର ଗ୍ରାମର ରଞ୍ଜନ କୁମାର ସେଠୀ ଓରଫ ଗୁଡୁ (୩୮) । ସେମାନଙ୍କ ନିକଟରୁ ବିଭିନ୍ନ ମାରଣାସ୍ତ୍ର ଜବତ କରାଯାଇଛି । ଏନେଇ ସଦର ଥାନାରେ ଆୟୋଜିତ ଏକ ପ୍ରେସ୍‌ମିଟ୍ ଜରିଆରେ ଏଏସପି ଅରୁଣ କୁମାର ଜେନା ସୂଚନା ଦେଇଛନ୍ତି । ତାଙ୍କ ସୂଚନା ଅନୁଯାୟୀ, ସଦର ଥାନା ଅଞ୍ଚଳରେ ପାଟ୍ରୋଲିଂ କରୁଥିବା ବେଳେ ଅଳାବାଙ୍କ ପୂର୍ତ୍ତ ବିଭାଗ ରାସ୍ତା ନିକଟରେ ଥିବା ବିଲଡିଂ ପଛପଟେ ଅଭିଯୁକ୍ତମାନଙ୍କୁ ଏକତ୍ରିତ ଦେଖି ସନ୍ଦେହ ଜାତ ହେବାରୁ ସେଠାରେ ଚଢ଼ାଉ କରାଯାଇଥିଲା । ଏହି ସମୟରେ ସେମାନଙ୍କ ନିକଟରୁ ମଦବୋତଲ ସହ ଗୋଟିଏ ଖଣ୍ଡା, ୪ଟି ଲୁହା ରଡ, ୨ ପ୍ୟାକେଟ ଲଙ୍କା ଗୁଣ୍ଡି, ୭ ମୋବାଇଲ ସେଟ ଓ ୩ ବାଇକ ଜବତ ହୋଇଥିଲା । ଏଥିସହ ଜାକିରଙ୍କ ନିକଟରୁ ଆମେରିକା ନିର୍ମିତ ଏକ ପିସ୍ତଲ ସହ ୨ଟି ଅଫୁଟା ଗୁଳି ଉଦ୍ଧାର ହୋଇଥିଲା । ସେହିପରି ସାହିରଙ୍କ ନିକଟରୁ ଏକ ଖେଳାନା ପିସ୍ତଲ ମିଳିଥିଲା । ଏନେଇ ଥାନାରେ ମାମଲା (ନଂ–୩୨୭/୧୮) ରୁଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି ବୋଲି ଏଏସ୍‌ପି ଜେନା ସୂଚନା ଦେଇଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ଏହି ପ୍ରେସ୍‌ମିଟ୍ ବେଳେ ସଦର ଥାନା ଅଧିକାରୀ କାବୁଲି ବାରିକ, ଜିଲା ସ୍ପେଶାଲ ସ୍କ୍ୱାଡ୍‌ର ଏସଆଇ ପି.କେ. କାନୁନ୍‌ଗୋ ଉପସ୍ଥିତ ଥିଲେ ।



ଖବରଦାତା ସମ୍ମିଳନୀରେ ପୋଲିସ ଅଧିକାରୀ ଓ ଗିରଫ ଅଭିଯୁକ୍ତମାନେ ।

## ଚାକିରି ଦେବାକୁ କହି ଠକେଇ: ଅଭିଯୁକ୍ତ ଗିରଫ

ମାର୍ଶାଘାଇ, ୧୦।୧୧ (ଡି.ଏନ୍.ଏ.)

ବିଭିନ୍ନ ସଂସ୍ଥାରେ ଚାକିରି କରାଇଦେବାକୁ କହି ବହୁ ଲୋକଙ୍କଠାରୁ ଟଙ୍କା ନେଇ ଠକିବା ଅଭିଯୋଗରେ ମାର୍ଶାଘାଇ ଥାନା ଅଞ୍ଚଳର ଜଣେ ଯୁବକଙ୍କୁ ଗିରଫ କରାଯାଇଛି । ସେ ହେଲେ ଏହି ଥାନା ଅନ୍ତର୍ଗତ କୁମ୍ଭାର ସାହି ଗ୍ରାମର ରବୀନ୍ଦ୍ର ବେହେରାଙ୍କ ସାନ ପୁଅ ଶୁଭ୍ରକାନ୍ତ ବେହେରା(୩୦) । ତାଙ୍କୁ ପୋଲିସ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି । ସୂଚନାଯୋଗ୍ୟ, ଶୁଭ୍ରକାନ୍ତ ଖୁରୁସିଆ ଗ୍ରାମର ସରୋଜ ସାହାଣୀଙ୍କୁ ଆଇଓସିଏଲରେ ଚାକିରି କରାଇଦେବାକୁ କହି ୨୫ହଜାର ଟଙ୍କା ନେଇଯାଇଥିଲେ । ମାତ୍ର ଚାକିରି ମିଳିବାରେ ବିଳମ୍ବ ହେବାରୁ ସରୋଜ ଟଙ୍କା ଫେରସ୍ତ କରିଦେବାକୁ କହିଥିଲେ । କିନ୍ତୁ ଶୁଭ୍ରକାନ୍ତ ଟଙ୍କା ନ ଫେରାଇ ତାଙ୍କୁ ବିଭିନ୍ନ ପ୍ରକାର ଧମକଚମକ ଦେଇଥିଲେ । ଏ ନେଇ ସରୋଜ ମାର୍ଶାଘାଇ ଥାନାରେ ଅଭିଯୋଗ କରିଥିଲେ । ଥାନାରେ ଅଭିଯୋଗ ହେବା ପରେ ସେ ଫେରାର ହୋଇଯାଇଥିଲେ । ଶୁକ୍ରବାର ଜଗତ୍‌ସିଂହପୁର ଜିଲା ବିଶ୍ୱାଳୀ ଅଞ୍ଚଳର ଅନ୍ୟ ଜଣେ ଯୁବକଙ୍କୁ ଚାକିରିର ପ୍ରଲୋଭନ ଦେଖାଇ ଶୁଭ୍ରକାନ୍ତ ଟଙ୍କା ନେବାକୁ ଆସିଥିବା ବେଳେ ଖବରପାଇ ସରୋଜ ଓ ଠକେଇର ଶିକାର ହୋଇଥିବା ଅନ୍ୟ ଯୁବକମାନେ ଆସି ତାଙ୍କୁ କାବୁକରି ମାର୍ଶାଘାଇ ପୋଲିସରେ ଜିମା ଦେଇଥିଲେ । ଅଭିଯୋଗକୁ ଭିତ୍ତିକରି ଥାନାରେ ମାମଲା ( ନଂ୧୮୭/୧୮) ରୁଜୁ କରାଯାଇ ତାଙ୍କୁ କୋର୍ଟ ଚାଲାଣ କରାଯାଇଛି ବୋଲି ଥାନା ଅଧିକାରୀ କାଳିନ୍ଦୀ ବେହେରା ସୂଚନା ଦେଇଛନ୍ତି । ପୂର୍ବରୁ ସେ ବିଭିନ୍ନ ସଂସ୍ଥାରେ ଚାକିରି କରାଇ ଦେବାକୁ କହି ବହୁ ଯୁବକଙ୍କଠାରୁ ଟଙ୍କା ଠକି ନେଇଥିବା ଜଣାପଡିଛି । ଡଅଁରମୁଣ୍ଡ ଗ୍ରାମର ସ୍ୱାଗତ ବେଉରାଙ୍କଠାରୁ ୪୦ ହଜାର, ତୁଳସୀପୁର ଗ୍ରାମର ରଞ୍ଜିତ ମାହାଳିଙ୍କଠାରୁ ୨୦ ହଜାର ଟଙ୍କା ନେଇଥିବା ଅଭିଯୋଗ ହୋଇଛି । ଏଥିସହ ମାର୍ଶାଘାଇସ୍ଥିତ କଷୋଟି ବାଲିର ପ୍ରାୟ ୧୫ ଜଣ, କୁଜଙ୍ଗ କାଳିଆପାଟ ଓ କେନ୍ଦ୍ରାପଡା ଅଞ୍ଚଳର ପ୍ରାୟ ୧୦୦ରୁ ଉର୍ଦ୍ଧ୍ୱ ଯୁବକଙ୍କ ଠାରୁ ପ୍ରାୟ ୨୦ ଲକ୍ଷ ଟଙ୍କା ଠକି ନେଇଥିବା ଜଣାପଡିଛି ।

## ବିଜେଡିରେ ମିଶିଲେ କଂଗ୍ରେସର ୨୫ ପରିବାର

ଆଳି,୧୦।୧୧(ଡି.ଏନ୍.ଏ.)

ଆଳି ବ୍ଲକ ଡିମିରିପାଳ ପଞ୍ଚାୟତ ଅନ୍ତର୍ଗତ ଡିମିରିପାଳ ଗ୍ରାମରେ ଶନିବାର ବିଜେଡି ପକ୍ଷରୁ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି । ବରିଷ୍ଠ ବିଜେଡି ସଂଗଠକ ନକୁଳଚନ୍ଦ୍ର ପତିଙ୍କ ଅଧକ୍ଷତାରେ ଆୟୋଜିତ ଏହି ମିଶ୍ରଣ ପର୍ବରେ ମୁଖ୍ୟଅତିଥିଭାବେ ଆଳି ବିଜେଡି ମୁଖ୍ୟ ତଥା ରାଜ୍ୟ ସଭା ସଦସ୍ୟ ପ୍ରତାପ କେଶରୀ ଦେବ ଯୋଗଦେଇଥିଲେ । ଏହି ଅବସରରେ ଡିମିରିପାଳ ଗ୍ରାମର ୨୫ କଂଗ୍ରେସ ପରିବାର ବିଜେଡିରେ ସାମିଲ ହୋଇଥିଲେ । ଆଳି ବ୍ଲକ ଯୁବ ଜନତାଦଳ ସଭାପତି କେଦାର ନାଥ ବେହେରାଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ହୋଇଥିଲା ।

## ମାର୍ବଲ ଖସି ଶ୍ରମିକଙ୍କ ମୃତ୍ୟୁ

କେନ୍ଦ୍ରାପଡା ଅଫିସ/ମହାକାଳପଡା (ଡି.ଏନ.ଏ.), ୧୦।୧୧

ମହାକାଳପଡା ବ୍ଲକ ବଳିପାଳ ପଞ୍ଚାୟତ ଅନ୍ତର୍ଗତ କଳପଡା ଗ୍ରାମରେ ଶନିବାର ଏକ ମାର୍ବଲ ବୋଝେଇ ଟ୍ରକରୁ ସାମଗ୍ରୀ କାଢୁଥିବା ବେଳେ ମାର୍ବଲ ଖସିପଡିବାରୁ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଆହତ ହୋଇଛନ୍ତି । ମୃତକ ଜଣକ ହେଲେ ଉକ୍ତ ଗ୍ରାମର ପୀତାମ୍ବର ସେଠୀ(୩୫) । ସେହିପରି ଆହତ ଶ୍ରମିକ ଜଣକ ପ୍ରମୋଦ ମଲିକ(୪୦) । ପ୍ରମୋଦଙ୍କୁ ଏବେ ଚିକିତ୍ସା ନିମନ୍ତେ କେନ୍ଦ୍ରାପଡା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି । ସୂଚନାଯୋଗ୍ୟ, ଗ୍ରାମର ସାଇ ମନ୍ଦିର ନିର୍ମାଣ ପାଇଁ କଟକରୁ ଏକ ଟ୍ରକ ଯୋଗେ ମାର୍ବଲ ଓ ସାଇ ମୂର୍ତ୍ତି ଗ୍ରାମକୁ ଅଣାଯାଇଥିଲା । ଏହି ସାମଗ୍ରୀକୁ ଟ୍ରକରୁ ସ୍ଥାନାନ୍ତର କରିବା ପାଇଁ ପୀତାମ୍ବର ଓ ପ୍ରମୋଦଙ୍କୁ ନିୟୋଜିତ କରାଯାଇଥିଲା । ତେବେ କୌଣସି କାରଣରୁ ଟ୍ରକରେ ଲଦା ହୋଇଥିବା ମାର୍ବଲ ଉଭୟଙ୍କ ଉପରେ ଖସି ପଡିଥିଲା । ଫଳରେ ଉଭୟଙ୍କୁ ଚିକିତ୍ସା ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇଥିଲା । ସେଠାରେ ଡାକ୍ତର ପୀତାମ୍ବରଙ୍କୁ ମୃତ ଘୋଷଣା କରିଛନ୍ତି ।

# କଲଭର୍ଟ ନିକଟରୁ ବାହାରୁଛି ଡିଜେଲ

କେନ୍ଦ୍ରାପଡ଼ା ଅଫିସ, ୧୦।୧୧

କେନ୍ଦ୍ରାପଡ଼ା ବ୍ଲକ ଘାଘରା ପଞ୍ଚାୟତ ଅନ୍ତର୍ଗତ ଛନ୍ଦା ଗ୍ରାମର ଏକ କଲଭର୍ଟ ନିକଟରୁ ଡିଜେଲ ବାହାରୁଥିବା ଚର୍ଚ୍ଚା ହେଉଛି । କଲଭର୍ଟରେ ସଂଯୁକ୍ତ କେନାଲରେ ଏହାର ତେଲିଆ ଆସ୍ତରଣ ଦେଖାଯିବା ସହ ସେଥିରୁ ଡିଜେଲର ବାସ୍ନା ଆସୁଛି । ଏହାକୁ ନେଇ ଶନିବାର ଆଲୋଚନା ଜୋର ଧରିଥିବା ବେଳେ ପ୍ରଶାସନ ପକ୍ଷରୁ ଉକ୍ତ ସ୍ଥାନରେ ତଦନ୍ତ କରାଯାଇଛି । ତେବେ ପ୍ରକୃତ ଘଟଣା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ । ଏସମ୍ପର୍କରେ ଘାଘରାର ପୂର୍ବତନ ସରପଞ୍ଚ ନାରାୟଣ ଘଡାଇ କୁହନ୍ତି, କେତେଜଣ ମତ୍ସ୍ୟଜୀବୀ ଏହି ଘଟଣାକୁ ଲୋକଲୋଚନକୁ ଆଣିଥିଲେ । କେନାଲ ମଧ୍ୟରେ ଭାସୁଥିବା ତେଲିଆ ଆସ୍ତରଣର ଉତ୍ସ ଜାଣିବା ପାଇଁ ସେମାନେ ଅନୁସନ୍ଧାନ କରି କଲଭର୍ଟ ନିକଟରେ ପହଞ୍ଚିଥିଲେ । କଲଭର୍ଟ ନିକଟରୁ ଭୁରୁ ଭୁରୁ ହୋଇ ଫୋଟକା ଉଠିବା ସହ ତେଲିଆ ପଦାର୍ଥ ନିର୍ଗତ ହେଉଥିବା ଦେଖି ସେମାନେ ଗ୍ରାମବାସୀଙ୍କୁ ସୂଚନା ଦେଇଥିଲେ । ପୂର୍ବରୁ ମଧ ଏପରି ଥରେ ହୋଇଥିଲା ବୋଲି ସ୍ଥାନୀୟ ଲୋକେ କହିଛନ୍ତି । ଉକ୍ତ ସ୍ଥାନରେ ଏକ ତେଲଖଣି ରହିଛି ବୋଲି ସେମାନେ ସନ୍ଦେହ କରୁଛନ୍ତି । ଏସମ୍ପର୍କରେ ପ୍ରଶାସନ ପକ୍ଷରୁ ତଦନ୍ତ ପାଇଁ ଯାଇଥିବା ଉପ ଜିଲାପାଳ ସଞ୍ଜୟ କୁମାର ମିଶ୍ର କୁହନ୍ତି, ପ୍ରାକୃତିକ ତୈଳ ଭଣ୍ଡାର ଥିବା ସମ୍ପର୍କରେ କୌଣସି ମତାମତ ଦେଇ ହେବ ନାହିଁ । ତେବେ ଏହି କଲଭର୍ଟ ମଧ୍ୟରେ କୌଣସି ବ୍ୟକ୍ତି ଡିଜେଲ ବ୍ୟାରେଲ ଲୁଚାଇ ରଖିଥିବା ସନ୍ଦେହ କରାଯାଉଛି । ମାତ୍ର କଲଭର୍ଟ ଭିତରକୁ ପ୍ରବେଶ କରି ହେଉ ନ ଥିବାରୁ କୌଣସି ସିଦ୍ଧାନ୍ତରେ ପହଞ୍ଚି ହେଉନାହିଁ ବୋଲି ମିଶ୍ର କହିଛନ୍ତି ।



ଡିଜେଲ ନିର୍ଗତ ହେଉଥିବା ସ୍ଥାନ ।

# ରୋଗ ମାନେନି ବୟସ





ପ୍ରଫେସର ଡା. ରମାରମଣ ଷଡ଼ଙ୍ଗୀ

**ବର୍ତ୍ତମାନ ବ୍ୟସ୍ତବହୁଳ ଜୀବନଶୈଳୀ ସାଙ୍ଗକୁ ଅସନ୍ତୁଳିତ ଖାଦ୍ୟାଭ୍ୟାସ ଅଳ୍ପ ବୟସଙ୍କଠାରେ ମଧ୍ୟ ମଧୁମେହ ରୋଗ ସୃଷ୍ଟି କରୁଛି ଏବଂ ସାମାନ୍ୟ ଅବହେଳା ହୃଦ୍‌ରୋଗର ଆଶଙ୍କା ବୃଦ୍ଧି କରୁଛି। ତେଣୁ ଅଳ୍ପବୟସରେ ଯେପରି ଏ ରୋଗ ଦେଖା ନ ଯାଏ ସେଥିପ୍ରତି ବିଶେଷ ସତର୍କ ରହିବା ଆବଶ୍ୟକ...**

ମଧୁମେହ ରୋଗର ନାଁ ଶୁଣିଲେ ସମସ୍ତେ ଭୟରେ ଶିହରି ଉଠନ୍ତି। କାରଣ ଏ ରୋଗରେ ଶରୀରର ସମସ୍ତ ଅଙ୍ଗ ପ୍ରତ୍ୟଙ୍ଗରେ ଜଟିଳତା ସୃଷ୍ଟି ହୋଇଥାଏ ଏବଂ ଆରୋଗ୍ୟ ହେବାକୁ ସମୟ ଲାଗିଥାଏ। ସମସ୍ତେ ଜାଣନ୍ତି ଏହା ମଧ୍ୟବୟସରେ ହୋଇଥାଏ କିନ୍ତୁ ଆଶ୍ଚର୍ଯ୍ୟର କଥା, ବର୍ତ୍ତମାନ ଏହା ଅଳ୍ପବୟସରେ ମଧ୍ୟ ହୋଇ ଗୁରୁତର ଆକାର ଧାରଣ କରୁଛି । ଅଳ୍ପ ବୟସରେ ମଧୁମେହ ରୋଗର ଅନ୍ୟ ନାଁଗୁଡ଼ିକ ହେଉଛି 'ଜୁଭେନାଇଲ୍ ଡାଏବେଟିସ୍', ''ଟାଇପ୍ -1-ଡାଏବେଟିସ୍'' ବା' ''ଇନ୍‌ସୁଲିନ୍ ଡିପେଣ୍ଡେଣ୍ଟ ଡାଏବେଟିସ୍।'' ଏହା ଏକ ରୋଗ, ଯେଉଁଥିରେ ପାଚନରସ ଯନ୍ତ୍ର ଅଗ୍ନ୍ୟାଶୟ ବା ପ୍ୟାନ୍‌କ୍ରିଆଜ୍ ଗ୍ରନ୍ଥିରୁ ଖାଦ୍ୟର ଶର୍କରା ଅଂଶକୁ କୋଷ ମଧ୍ୟରେ ପ୍ରବେଶ କରାଇ ଶରୀରକୁ ଶକ୍ତି ଯୋଗାଉଥିବା ଇନ୍‌ସୁଲିନ୍ ହର୍‌ମୋନ୍ ଝରେ ନାହିଁ ବା ଅଳ୍ପ ଅଳ୍ପ ଝରିଥାଏ। ଏହାର ପ୍ରକୃତ କାରଣ ଏ ଯାଏ ଜଣାପଡିନାହିଁ। ଶରୀରର ରୋଗ ପ୍ରତିରୋଧକାରୀ ଶକ୍ତି ଯାହା କି ସାଧାରଣତଃ କ୍ଷତିକାରକ ଜୀବାଣୁ ଓ ଭୂତାଣୁ ଆକ୍ରମଣରୁ ଶରୀରକୁ ରକ୍ଷା କରିଥାଏ, ତାହା ହିଁ ଭୁଲବଶତଃ ପାନକ୍ରିଆଜ୍‌ର ଇନ୍‌ସୁଲିନ୍ ଉତ୍ପାଦନକାରୀ କୋଷ ଆଇଲେଟସ୍ ଅଫ୍ ଲାଙ୍ଗାରହାନ୍‌କୁ ନଷ୍ଟ କରିଦିଏ। ଏହାଛଡ଼ା ଅନ୍ୟ କାରଣଗୁଡ଼ିକ ହେଲା ବଂଶଗତ ଏବଂ ଭୂତାଣୁଜନିତ। ଗ୍ଲୁକୋଜ୍ ହେଉଛି ଶକ୍ତିର ବଡ଼ ଉତ୍ସ। ଗ୍ଲୁକୋଜ୍ ଲିଭର୍ ବା ଯକୃତରେ ଗ୍ଲାଇକୋଜେନ୍ ଆକାରରେ ଗଚ୍ଛିତଥାଏ। ବହୁତ ସମୟ ଧରି ନ ଖାଇଲେ ଏବଂ ଶରୀରରୁ ଗ୍ଲୁକୋଜ୍ କମିଗଲେ ଯକୃତରୁ ଗଚ୍ଛିତ ଗ୍ଲୁକୋଜ ବାହାରି ରକ୍ତରେ ଶର୍କରାର ପରିମାଣ ନିୟନ୍ତ୍ରିତ କରି ରଖିଥାଏ। ଜୁଭେନାଇଲ୍ ମଧୁମେହ ରୋଗରେ, ଇନ୍‌ସୁଲିନ୍ ନ ଥିବାରୁ ରକ୍ତରେ ଶର୍କରା ବ୍ୟବହୃତ ନ ହୋଇ ଜମିଯାଏ ଏବଂ ଜଟିଳତା ସୃଷ୍ଟିକରିଥାଏ।

**ଲକ୍ଷଣ** – ଏ ରୋଗର ଲକ୍ଷଣ ହଠାତ୍ ଦେଖାଦିଏ ଯଥା – ବେଶି ଶୋଷହେବା, ବାରମ୍ବାର ପରିସ୍ରା ଲାଗିବା, ରାତି ଅଧରେ ବିଛଣାରେ ପରିସ୍ରା ହୋଇଯିବା, ଭୀଷଣ ଭୋକ ଲାଗିବା, ହଠାତ୍ ଓଜନ କମିଯିବା, ଚିଡ୍ ଚିଡ୍ ଲାଗିବା, କ୍ଳାନ୍ତ ଓ ଦୁର୍ବଳ ଲାଗିବା ଏବଂ ଆଖି ଜାଲ୍ ଜାଲୁଆ ଦିଶିବା ଆଦି। ଏପରି କୌଣସି ଲକ୍ଷଣ ଦେଖାଦେବା ମାତ୍ରେ, ଡାକ୍ତରଙ୍କ ପରାମର୍ଶ ନେବା ଆବଶ୍ୟକ।

**ଅଳ୍ପ ବୟସରେ ମଧୁମେହ ରୋଗର ଜଟିଳତା** – ରକ୍ତରେ ଶର୍କରାର ଅଂଶ ବଢିଗଲେ, ହୃତପିଣ୍ଡ, ଶିରା ଓ ଧମନୀ, ସ୍ନାୟୁ, ଚକ୍ଷୁ ଏବଂ ବୃକକ୍‌ରେ ଜଟିଳତା ବଢିଥାଏ। ମଧୁମେହ ରୋଗ ହୃତପିଣ୍ଡ ଓ ଧମନୀଜନିତ ରୋଗର ଜଟିଳତା ବଢାଇ ଦେଇଥାଏ। ତେଣୁ ଛାତିବ୍ୟଥା (ଆଂଜାଇନା) ହୃଦ୍‌ଘାତ, ମସ୍ତିଷ୍କଘାତ, ଧମନୀ ଅଣଓସାରିଆ ହୋଇଯିବା ତଥା ଉଚ୍ଚ ରକ୍ତଚାପ ଆଦି ହୋଇଥାଏ। ଏମିତି କି ୧୮ ବର୍ଷ ବୟସରେ ମଧ୍ୟ ହୃଦଘାତ ହୋଇଥାଏ ଏବଂ ୨୮ ବର୍ଷ ବୟସରେ ମଧ୍ୟ ମଧୁମେହଜନିତ ଜଟିଳତା ଯୋଗୁଁ ହୃଦରୋଗର ଅସ୍ତ୍ରୋପଚାର କରିବାକୁ ହୋଇଥାଏ।





**ସ୍ନାୟୁ ନଷ୍ଟ ବା ନିଉରୋପାଥି** – ରକ୍ତରେ ଶର୍କରା ଅଂଶ ବଢିଗଲେ ସ୍ନାୟୁକୁ ରକ୍ତ ସଂଚାଳନ କରୁଥିବା ଛୋଟ ଛୋଟ ଧମନୀର କାନ୍ଥ ନଷ୍ଟ ହୋଇଯାଇଥାଏ। ବିଶେଷ ଭାବରେ ଗୋଡର ସ୍ନାୟୁ ଖୁବ୍ ଶୀଘ୍ର ନଷ୍ଟ ହୋଇଯାଇଥାଏ। ତେଣୁ ଗୋଡ଼ ଝିମ୍‌ଝିମ୍ ହୋଇ ଗୋଦରା ଲାଗିଥାଏ, ପୋଡାଜଳା ହୋଇଥାଏ ଓ ଗୋଡ଼ର ବୁଢ଼ାଅଙ୍ଗୁଳିଠାରୁ ଆରମ୍ଭ ହୋଇ ସବୁ ଅଙ୍ଗୁଳି ଆଡକୁ ବ୍ୟାପି ଯାଇଥାଏ ଏବଂ ଆସ୍ତେ ଆସ୍ତେ ଉପରକୁ ମାଡି ଯାଇଥାଏ। ରକ୍ତରେ ଶର୍କରା ନିୟନ୍ତ୍ରିତ ନ ହେଲେ, ସାରା ଗୋଡ଼ ଗୋଦରା ହୋଇଯାଏ। ପାକସ୍ଥଳୀ ଓ ଅନ୍ତନାଳୀର ସ୍ନାୟୁ ପ୍ରଭାବିତ ହେଲେ ଝାଡା, ବାନ୍ତି ଓ ସମୟେ ସମୟେ କୋଷ୍ଠ ବନ୍ଧତା ହୋଇଯାଏ।

**ବୃକ୍‌କ ବା ନେଫ୍ରୋପାଥି** – ବୃକ୍‌କରେ ଲକ୍ଷ ଲକ୍ଷ ସରୁ ସରୁ ଧମନୀ ଥାନ୍ତି, ଯାହା ଶରୀରର ବର୍ଜ୍ୟବସ୍ତୁକୁ ପରିସ୍ରା ଆକାରରେ ନିଷ୍କାସିତ କରିଥାନ୍ତି। ମଧୁମେହ ରୋଗ ଯୋଗୁଁ ସୂକ୍ଷ୍ମ ଧମନୀ ନଷ୍ଟ ହୋଇଯିବା ଦ୍ୱାରା ବୃକ୍‌କ (କିଡ୍‌ନୀ) ଫେଲ୍‌ଅର୍ ହୋଇଯାଏ କିଡନୀ ସଂପୂର୍ଣ୍ଣ ନଷ୍ଟ ହୋଇଯାଇ ଡାଏଲିସିସ୍ କରିବାକୁ ପଡିଥାଏ। ଚକ୍ଷୁ ନଷ୍ଟ ହେବା ବା ଡାଏବେଟିସ୍ ରେଟିନୋପାଥିରେ ମଧୁମେହ ରୋଗ ଆଖିର ରେଟିନାର ଧମନୀଗୁଡ଼ିକ ନଷ୍ଟ କରିଦିଏ। ଫଳରେ ମଣିଷ ଅନ୍ଧ ହୋଇଯାଏ। ମଧୁମେହ ରୋଗ ଆଖିର ମୋତିଆ ବିନ୍ଦୁ (କଟାରକ୍ତ) ଏବଂ ଗ୍ଲୁକୋମାର ଜଟିଳତା ବଢାଇ ଦେଇଥାଏ।

**ଗୋଡ଼ର କ୍ଷତି** – ମଧୁମେହ ରୋଗ ଯୋଗୁ ଗୋଡ଼ରେ ସ୍ନାୟୁ ନଷ୍ଟ ହେବା ଦ୍ୱାରା ଏବଂ ରକ୍ତ ପ୍ରବାହ କମିଯିବା ଦ୍ୱାରା ଗୋଡ଼ର ଜଟିଳତା ବଢ଼ିଯାଏ। ସାମାନ୍ୟ କଟିଗଲେ ବା ଫୋଟକା ହୋଇଗଲେ ମଧ୍ୟ ସଂକ୍ରମଣ ବଢ଼ିଯାଏ ଏବଂ ଶେଷରେ ଗୋଡ଼, ପାଦ ବା ଆଙ୍ଗୁଠି କାଟିବାକୁ ପଡିଥାଏ।

**ଖାଦ୍ୟ ନଳୀର ଜଟିଳତା** – ଜୀବାଣୁ ବା ଫଙ୍ଗସ୍ ସଂକ୍ରମଣ ହୋଇ ପାଟି ଓ ଜିଭର ଘା' ହୋଇଥାଏ।

**ରକ୍ତ ପରୀକ୍ଷା** – ଟାଇପ୍ ୧ ମଧୁମେହ ରୋଗର ଚିହ୍ନଟ ପାଇଁ ଖାଲି ପେଟରେ ରକ୍ତ ଶର୍କରା (ଫାଷ୍ଟିଂ ବ୍ଲଡ଼ ସୁଗାର), ଖାଇବାର ଦୁଇ ଘଣ୍ଟା ପରେ ରକ୍ତ ଶର୍କରା ଏବଂ ସ୍ଥଳ ବିଶେଷରେ ଜି.ଟି.ଟି. ହେବା ଦରକାର। ଏଥିରେ ଗ୍ଲାଇକୋସିଲେଟେଡ୍ ହିମୋଗ୍ଲୋବିନ୍ ଏଷ୍ଟିମେଶନ୍ ଆବଶ୍ୟକ। ଏଥିରେ ରୋଗୀର ରକ୍ତରେ ଗ୍ଲୁକୋଜ୍ ନିୟନ୍ତ୍ରଣର ଚିତ୍ର ଦେଇଥାଏ। ସ୍ଥଳ ବିଶେଷରେ ରକ୍ତରେ କୋଲେଷ୍ଟେରଲ୍, ଥାଇରଏଡ, ହରମୋନ ଏଷ୍ଟିମେଶନ। ପରିସ୍ରାର ମାଇକ୍ରୋ ଆଲ୍‌ବୁମିନ୍ କରିବାକୁ ପଡିଥାଏ।

**ଚିକିତ୍ସା** – ଅଳ୍ପବୟସରେ ଟାଇପ୍ ୧ ମଧୁମେହ ରୋଗ ପାଇଁ ଇନ୍‌ସୁଲିନ୍ ଇଂଜେକ୍‌ସନ୍ ନେବାକୁ ପଡିଥାଏ। ଶ୍ୱେତସାର, ସ୍ନେହସାର ଓ ପୁଷ୍ଟିସାର ଖାଦ୍ୟ ଭାଗମାପ ସହ ଖାଇବାକୁ ପଡିଥାଏ। କାରଣ ଡାଏଟ୍ ହିଁ ମଧୁମେହ ରୋଗ ଆରୋଗ୍ୟର ମୂଳ ମନ୍ତ୍ର। ଏହାଛଡ଼ା ନିୟମିତ ବ୍ୟାୟାମ୍ କରିବା ଦରକାର। ଏଥିସହ ନିୟମିତ ବ୍ଲଡ଼ ସୁଗାର ଟେଷ୍ଟକରିବା ଆବଶ୍ୟକ। ଉଚ୍ଚ ରକ୍ତଚାପ ଥିଲେ, ବା ରକ୍ତରେ କୋଲେଷ୍ଟେରଲ୍ ଅଧିକ ଥିଲେ, ଏହାକୁ କମାଇବା ପାଇଁ ଔଷଧ ଖାଇବା ଆବଶ୍ୟକ ଏବଂ ନୀରବ ହୃଦଘାତ ଏଡାଇବା ପାଇଁ ଆସ୍‌ପିରିନ୍ ଖାଇବା ଜରୁରୀ।

**ମନେରଖନ୍ତୁ:** ଅଳ୍ପ ବୟସରେ ମଧୁମେହ ରୋଗ ପାଇଁ ବିଶେଷ ସତର୍କତା ଅବଲମ୍ବନ କରିବା ଉଚିତ। ରକ୍ତରେ କମ୍ ଶର୍କରା (ଲୋ ବ୍ଲଡ଼ ସୁଗାର ବା ହାଇପୋଗ୍ଲାଇସିମିଆ) ରହିବା ଏକ ବିପଜ୍ଜନକ ଅବସ୍ଥା। ଇଂଜେକ୍‌ସନ୍ ନେଇ କମ୍ ଖାଦ୍ୟ ଖାଇଲେ କିମ୍ବା ଠିକ୍ ସମୟରେ ନ ଖାଇଲେ, ଝାଳ ବୋହିଯିବା, ଗୋଡ ହାତ ଥରିବା, ପ୍ରବଳ ଭୋକ ଲାଗି, ମୁଣ୍ଡ ବୁଲାଇ ଦେବା, କ୍ଳାନ୍ତ ଲାଗିବା, ମୁଣ୍ଡ ବିନ୍ଧିବା, ହାର୍ଟରେଟ୍ ବଢ଼ିଯିବା, ଆଖିକୁ ଜାଲୁ ଜାଲୁଆ ଦିଶିବା ଇତ୍ୟାଦି ଲକ୍ଷଣ ଦେଖାଯାଏ। ଏଥିରେ ସଙ୍ଗେ ସଙ୍ଗେ ଗ୍ଲୁକୋଜ୍ ବା ଚିନି ଖାଇବା ଜରୁରୀ। ବ୍ଲଡ଼ ସୁଗାର୍ ନରମାଲ୍‌କୁ ଆସିବାଯାଏଁ ଏହା କରିବା ଜରୁରୀ, ନ ହେଲେ ଗ୍ଲୁକୋଜ୍ ଇଂଜେକ୍‌ସନ୍ ନେବା ଦରକାର। ଏହା ଏକ ବିପଜ୍ଜନକ ଅବସ୍ଥା। ବେଳେ ବେଳେ ଏହା ମସ୍ତିଷ୍କାଘାତ କରିଥାଏ ଏବଂ ଅଚେତ୍ କରିଦିଏ। ତେଣୁ ସତର୍କତା ଦୃଷ୍ଟିରୁ କାମ କରିବା ବେଳେ ଦୂରକୁ ଯିବାବେଳେ ପାଖରେ ଗ୍ଲୁକୋଜ୍, ଚିନି, ମିଠା ଚକୋଲେଟ୍ ଆଦି ରଖିବା ଭଲ। ନିୟମିତ ବ୍ୟାୟାମ୍ ସହ ଡାଏଟ୍, ଆଖି, କିଡନୀ, ଉଚ୍ଚ ରକ୍ତଚାପ, କୋଲେଷ୍ଟେରଲ୍‌ର ନିୟମିତ ଚେକ୍‌ଅପ୍ ସହ ହୃତ୍‌ପିଣ୍ଡର ଚେକଅପ୍ ଖୁବ୍ ଜରୁରୀ। ମଧୁମେହ ରୋଗରେ ପାଦର ଯତ୍ନ ନିମନ୍ତେ ପ୍ରତ୍ୟେକ ଦିନ ପାଦକୁ ଉଷୁମ ପାଣିରେ ବୁଡ଼ାଇ ମଇଶ୍ଚରାଇଜିଂ ଲୋସନ୍ ଲଗାଇ ଶୋଇବା ଦରକାର। ଯେତେ ଦୂର ସମ୍ଭବ ମାନସିକ ଚାପରୁ ନିଜକୁ ଦୂରେଇ ରଖିବା ଭଲ। ଯଦି ଧୂମପାନ ବା ମଦ୍ୟପାନର ବଦଭ୍ୟାସ ଥାଏ ତେବେ ସେଥିରୁ ନିଜକୁ ଦୂରେଇ ରଖିବେ।

–ହୃଦ୍‌ବକ୍ଷ ଶଲ୍ୟ ବିଶେଷଜ୍ଞ

## ଏ ସପ୍ତାହର ପ୍ରଶ୍ନ

୧– ପାକିସ୍ତାନ ହାଇକୋର୍ଟରେ ନିଯୁକ୍ତ ପ୍ରଥମ ମହିଳା ମୁଖ୍ୟ ବିଚାରପତି......... ?
୨– ଆର୍ଯ୍ୟ ସମାଜର ପ୍ରତିଷ୍ଠାତା........ ?
୩– ସର୍ବାଧିକ ବାର୍ଲି ଉତ୍ପାଦନକାରୀ ଦେଶ........... ?
୪– ଇନ୍ଦିରା ଗାନ୍ଧୀ ନ୍ୟାଶନାଲ ଫରେଷ୍ଟ ଏକାଡେମୀର ହେଡ୍ କ୍ୱାର୍ଟର୍ସ.......... ଠାରେ ରହିଛି ?
୫– 'ଦ ଡାଏରୀ ଅଫ୍ ଏ ୟଙ୍ଗ୍ ଗାର୍ଲ' ପୁସ୍ତକର ଲେଖିକା.......... ?

## ଗତ ସପ୍ତାହର ଉତ୍ତର

୧ ନିସ୍ଥା ଦୁଡେଯା
୨ ଟ୍ରେନ୍ ୧୮
୩ ପ୍ରୟାଗ
୪ ପ୍ରିୟଙ୍କ୍ କାନୁନ୍‌ଗୋ
୫ ଅଲ୍ ଇଣ୍ଡିଆ ରେଡିଓ

## ଉତ୍ତର ଦାତା



ବିକାଶ ପଟ୍ଟନାୟକ, ଗଞ୍ଜାମ



ବିନୋଦ ବିହାରୀ ବେହେରା, କଟକ



କିରଣ କୁମାର ମହାନ୍ତି, ଫୁଲବାଣୀ

## ପାଠକଙ୍କ ମତ

■ଯୁବ ବୟସରେ ମାନସିକ ରୋଗ ଯେ କେତେ କ୍ଷତିକାରକ ଜାଣି ଆଶ୍ଚର୍ଯ୍ୟ ଲାଗିଲା। ଆରମ୍ଭରୁ ଏହି ରୋଗର ଲକ୍ଷଣ ଚିହ୍ନଟ ଦ୍ୱାରା କିପରି ଚିକିତ୍ସା କରାଯାଇପାରିବ ସେ ସମ୍ପର୍କରେ ଅବଗତ କରାଇଥିବାରୁ ଧନ୍ୟବାଦ।
– ସମର୍ପିତା ବିଶ୍ୱାଳ, ଭଦ୍ରକ

■ଜଣେ ଭିନ୍ନକ୍ଷମ ହୋଇଥିଲେ ହେଁ ନିଜ ଉଦ୍ୟମରେ ସଫଳ ହୋଇଥିବା ଭଗବାନ ପଣ୍ଡାଙ୍କ କାହାଣୀ ସମସ୍ତଙ୍କ ଲାଗି ନିଶ୍ଚିତ ଭାବେ ପ୍ରେରଣା ଦାୟକ।
– ରାଜେଶ ସାହୁ, ଖୋର୍ଦ୍ଧା

**ବିଦ୍ର:** ଉତ୍ତର ଲେଖି ଫଟୋ ସହ ନିମ୍ନ ଠିକଣାରେ ପଠାନ୍ତୁ। ଉତ୍ତର ସମ୍ପୂର୍ଣ୍ଣ ଠିକ୍ ହେଲେ ନାମ ସହ ଫଟୋ ଏହି ପୃଷ୍ଠାରେ ପ୍ରକାଶ ପାଇବ।

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି ଇ–ମେଲ୍ ଠିକଣା: dharitriagamiasha @gmail.com

ଜାଣନ୍ତୁ ଦୁନିଆ

# କିଝି ପୋଗୋଷ୍ଟ



**ରୁଷିଆର କିଝି ଆଇସ୍‌ଲାଣ୍ଡରେ ରହିଛି କିଝି ପୋଗୋଷ୍ଟ ଚର୍ଚ୍ଚ। ଏହା କାଠରେ ନିର୍ମିତ ପୃଥିବୀର ଉଚ୍ଚତମ କାରୁକାର୍ଯ୍ୟଗୁଡିକ ମଧ୍ୟରେ ଅନ୍ୟତମ। ଆସନ୍ତୁ ଜାଣିବା ଏହି ଆଶ୍ଚର୍ଯ୍ୟ ଚର୍ଚ୍ଚ ସମ୍ପର୍କରେ କିଛି ଅଜଣା କଥା...**

❖ସାଧାରଣତଃ କାଠରେ କିଛି ଜିନିଷ ପ୍ରସ୍ତୁତ କରିବାକୁ ହେଲେ ଏହାକୁ ଯୋଡିବା ଲାଗି କଣ୍ଟା ଆବଶ୍ୟକ ହୋଇଥାଏ। ହେଲେ ୩୦୦ ବର୍ଷ ପୂର୍ବେ ନିର୍ମାଣ କରାଯାଇଥିବା ଏହି ନିଆରା କଳାକୃତିର ବିଶେଷତ୍ୱ ହେଉଛି ଏହା ସମ୍ପୂର୍ଣ୍ଣ କାଠରେ ତିଆରି ହୋଇଥିଲେ ହେଁ ଏଥିରେ ଗୋଟିଏ ମାତ୍ର କଣ୍ଟା ବ୍ୟବହାର କରାଯାଇନାହିଁ।

❖ ଏଥିରେ କେବଳ ପାଇନ୍, ସ୍ପ୍ରସ୍ ଏବଂ ଆସ୍ପେନ୍ ଗଛର କାଠ ବ୍ୟବହାର କରାଯାଇଛି।

❖ ଏଠାରେ ଦୁଇଟି କାଠନିର୍ମିତ ଚର୍ଚ୍ଚ ଏବଂ ଗୋଟିଏ ବେଲ୍ ଟାୱାର ରହିଛି। ଉକ୍ତ ଚର୍ଚ୍ଚଦ୍ୱୟ ଚର୍ଚ୍ଚ ଅଫ୍ ଦି ଟ୍ରାନ୍ସଫିଗୁରେସନ୍ ଏବଂ ଚର୍ଚ୍ଚ ଅଫ୍ ଦି ଇଣ୍ଟରସେସନ୍ ନାମରେ ପରିଚିତ।

❖ ଏହି ଚର୍ଚ୍ଚଦ୍ୱୟ ଉପରେ ଥିବା ଡୋମ୍ ବା ଗମ୍ବୁଜ ନିର୍ମାଣ ଲାଗି ଶହ ଶହ ସଂଖ୍ୟାରେ ଡାଇମଣ୍ଡ ଆକୃତିର କାଠ ଟାଇଲ ବ୍ୟବହାର କରାଯାଇଛି।

❖ ଯଦିଓ ଏହି ବିଶାଳ ଏବଂ ନିଆରା କଳାକୃତି ପ୍ରସ୍ତୁତ କରିଥିବା କାରିଗରଙ୍କ ସମ୍ପର୍କରେ କୌଣସି ଠିକ୍ ତଥ୍ୟ ନାହିଁ, ତଥାପି କୁହାଯାଏ ଏହାର ମୁଖ୍ୟ କାରିଗର ସମ୍ପୂର୍ଣ୍ଣ କାର୍ଯ୍ୟ ସମାପ୍ତ କରିବା ଲାଗି ଗୋଟିଏ ମାତ୍ର କୁରାଢ଼ି ବ୍ୟବହାର କରିଥିଲେ। ଆଉ ଚର୍ଚ୍ଚ ନିର୍ମାଣ ଶେଷ ହେବା ପରେ ନିକଟରେ ଥିବା ଏକ ହ୍ରଦକୁ ଉକ୍ତ କୁରାଢ଼ିଟି ଫିଙ୍ଗି ଦେଇଥିଲେ।

❖ ୩୦୦ ବର୍ଷର ପୁରାତନ ଏହି କଳାକୃତିକୁ ସୁରକ୍ଷିତ ରଖିବା ଲାଗି ୧୯ଶହ ଶତାବ୍ଦୀରେ ଏହାର ମରାମତି କରାଯାଇଛି। ଏଥିରେ ଥିବା ଡୋମ୍ ଯେପରି ପାଣିପାଗ ପ୍ରଭାବରେ ନଷ୍ଟ ହୋଇ ନ ଯାଏ, ସେଥିପାଇଁ ଏହା ଉପରେ ଏକ ଧାତବ ଆବରଣ ଦିଆଯାଇଛି ଏବଂ ଚର୍ଚ୍ଚକୁ ମଧ୍ୟ ରଙ୍ଗ କରାଯାଇଛି।

❖ ଏହା ୧୯୯୦ ମସିହାରେ ୱାର୍ଲ୍ଡ ହେରିଟେଜ୍ ସାଇଟ୍‌ର ୟୁନେସ୍କୋ ଲିଷ୍ଟରେ ସ୍ଥାନ ପାଇଛି।

# ଟାଏ ପିନ୍

**ବ୍ଲେଜର୍ ଏବଂ ଟାଏ ଗେଟଅପ୍ ପ୍ରାୟ ସମସ୍ତଙ୍କୁ ଭଲ ମାନିଥାଏ। ଏହା କେବଳ ଅଫିସିଆଲ୍ ୱେର୍ ନୁହେଁ ବରଂ ପାର୍ଟି, ଫଙ୍କଶନ୍ ଆଦିରେ ପିନ୍ଧିଲେ ମଧ୍ୟ ଆକର୍ଷଣୀୟ ଲୁକ୍ ଦେଇଥାଏ। ତେବେ ଏହି ଗେଟ୍‌ଅପ୍‌ରେ ଅବସର ଅନୁସାରେ ନିଜକୁ ଅଧିକ ପରଫେକ୍ଟ ଲୁକ୍ ଦେବା ଲାଗି ବାଛି ପାରିବେ ବିଭିନ୍ନ ଟାଏ ପିନ୍...**







■ଯଦି କୌଣସି ଅଫିସିଆଲ୍ ମିଟିଙ୍ଗରେ ଯୋଗ ଦେବାକୁ ଯାଉଥାନ୍ତି ତେବେ ଗେଟ୍‌ଅପ୍ ଫର୍ମାଲ୍ ରଖନ୍ତୁ। ଏଥିରେ ଆପଣ ସିଲ୍‌ଭର କିମ୍ବା ଗୋଲ୍ଡେନ୍ ମେଟାଲିକ୍ ସିଙ୍ଗଲ୍ ପିସ୍ ଟାଏ ପିନ୍ ବ୍ୟବହାର କରିପାରିବେ। ଏହା ଆପଣଙ୍କ ପର୍ସନାଲିଟିକୁ ଆହୁରି ଆକର୍ଷଣୀୟ କରିବ।

■ଯଦି ଆପଣଙ୍କୁ ସିଙ୍ଗଲ୍ ପିସ୍ ବା ଷ୍ଟ୍ରେଟ୍ ପିନ୍ ପସନ୍ଦ ନୁହେଁ ତେବେ ରାଉଣ୍ଡ ଟାଏ ପିନ୍ ଟ୍ରାଏ କରନ୍ତୁ। ହେଲେ ଧ୍ୟାନରେ ରଖିବେ ଯେପରି ଏହାର ସାଇଜ୍ ଅଧିକ ବଡ ନ ହୁଏ। ଲାଇଟ୍ ସେଡ୍ ଟାଏ ସହିତ ବ୍ଲାକ୍ ଏବଂ ଗୋଲ୍ଡେନ୍ କମ୍ବିନେଶନ୍ ଥିବା ରାଉଣ୍ଡ ପିନ୍ ଖୁବ୍ ସୁନ୍ଦର ଲାଗିଥାଏ।

■ଭାଲେଣ୍ଟାଇନ୍ସ ଡେ', କୌଣସି ରୋମାଣ୍ଟିକ୍ ଡେଟ୍ କିମ୍ବା ଏନ୍‌ଗେଜ୍‌ମେଣ୍ଟ ଭଳି ଅବସରରେ ନିଜ ଲୁକ୍‌କୁ ଅଧିକ ଖାସ୍ କରିବାକୁ ଚାହୁଁଥିଲେ ହାର୍ଟ ଶେପ୍ ଟାଏ ପିନ୍ ଆପଣଙ୍କ ପାଇଁ ବେଷ୍ଟ ଅପ୍ସନ।

■ଯଦି ଆପଣଙ୍କ ଲୁକ୍‌କୁ ଫର୍ମାଲ୍‌ରୁ ଷ୍ଟାଇଲିସ୍ ଟଚ୍ ଦେବାକୁ ଚାହୁଁଛନ୍ତି ତେବେ ବୋ ଟାଏ ପିନ୍ ଟ୍ରାଏ କରି ପାରିବେ। ମାର୍କେଟ୍‌ରେ ବିଭିନ୍ନ କଲରର ବୋ ପିନ୍ ଉପଲବ୍ଧ। ଆପଣ ଚାହିଁଲେ ନିଜ କୋଟ୍ ଏବଂ ଟାଏର କଲରକୁ ସୁଟ୍ କରିବା ଭଳି ବୋ ପିନ୍ ଆଣି ବ୍ୟବହାର କରିପାରିବେ।

■ବିବାହ କିମ୍ବା ଅନ୍ୟ କୌଣସି ପାର୍ଟି, ଫଙ୍କସନ୍ ଆଦି ଲାଗି ଆପଣ ଚେନ୍ କିମ୍ବା ଷ୍ଟୋନ୍‌ୱର୍କ ଥିବା ଟାଏ ପିନ୍ ବାଛିପାରିବେ। ଏହା ଅପେକ୍ଷାକୃତ ଅଧିକ ସୁନ୍ଦର ଏବଂ ଆଇକ୍ୟାଚି ଲାଗିବ। ତେବେ ବିଶେଷ କରି ବ୍ଲାକ୍, ବ୍ଲୁ ଭଳି ଅନ୍ୟ ଡିପ୍ କଲର କୋଟ୍ ଏବଂ ଟାଏକୁ ଭଲ ମାନିଥାଏ।

## ସଂକ୍ଷେପରେ

### ଅମରାବତୀ ମଠ ପରିଚାଳନା କମିଟି ଗଠନ ପାଇଁ ନିର୍ଦ୍ଦେଶ

**ଛତିଆ,୧୦।୧୧(ଡିଏନଏ):** ଅମରାବତୀ ମଠରେ ନୂତନ କମିଟି ଗଠନ କରିବା ପାଇଁ ଦେବୋତ୍ତର ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଛତିଆ ଅମରାବତୀ ପାଟଣା ଗ୍ରାମର ଭାଗ୍ୟଧର ବିଶ୍ୱାଳ ଦେବୋତ୍ତର କମିଶନ ନିକଟରେ ଏହି କମିଟି ଗଠନ ପାଇଁ ଏକ ଅଭିଯୋଗ ଫର୍ଦ୍ଦ ଦାଖଲ କରିଥିଲେ। ଉକ୍ତ ମାମଲାକୁ ଦେବୋତ୍ତର ବିଭାଗର ଡେପୁଟୀ କମିଶନର ପି.ଏସ୍. ପଟ୍ଟନାୟକ ୩୦/୧୦ ମାମଲାରେ ଶୁଣାଣି କରି ଅମରାବତୀ ମଠର ପରିଚାଳନା କମିଟି ଗଠନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ସହକାରୀ ଦେବୋତ୍ତର କମିଶନର, କଟକ ଓ ଦେବୋତ୍ତର ଇନ୍ସପେକ୍ଟର, ଯାଜପୁରଙ୍କୁ ଏ ସମ୍ପର୍କରେ ଅବଗତ କରି ତୁରନ୍ତ କମିଟି ଗଠନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

### ପୂର୍ବତନ ସମ୍ପାଦକଙ୍କ ବିୟୋଗରେ ଶୋକସଭା

**ଧର୍ମଶାଳା,୧୦।୧୧(ଡି.ଏନ୍.ଏ.):** ଧର୍ମଶାଳା ବ୍ଲକ ଅନ୍ତର୍ଗତ ମୁକୁନ୍ଦପାତ୍ର ଜୁନିୟର କଲେଜର ପୂର୍ବତନ ପରିଚାଳନା କମିଟି ସମ୍ପାଦକଙ୍କ ବିୟୋଗରେ କଲେଜ ପକ୍ଷରୁ ଏକ ଶୋକସଭା ଗୁରୁବାର ଅନୁଷ୍ଠିତ ହୋଇଛି। କମିଟିର ପୂର୍ବତନ ସମ୍ପାଦକ ଲକ୍ଷ୍ମୀଧର ସ୍ୱାଇଁ (୯୦)ଙ୍କ ବୁଧବାର ସନ୍ଧ୍ୟାରେ ନିଜ ବାସଭବନରେ ପରଲୋକ ହୋଇଥିଲା। ତାଙ୍କ ବିୟୋଗରେ କଲେଜ ପରିସରରେ ଅଧକ୍ଷ ହେମନ୍ତ ଦାଶଙ୍କ ଅଧକ୍ଷତାରେ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା। ସଭାରେ ଅଧାପକ ଅରୁଣ ନାୟକ, ଅଭିମନ୍ୟୁ ସାହୁ, ପ୍ରଦୀପ ମିଶ୍ର, ସୁଶାନ୍ତ ଭୋଇ, ମନୋଜ ଧୀର, ରଞ୍ଜନ ଦାଶ, ଗୋକର୍ଣ୍ଣେଶ୍ୱର ବେହେରା, ଶୀତଲ ମିଶ୍ର ଓ କଲେଜର ଛାତ୍ରୀଛାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ସ୍ୱର୍ଗତ ସ୍ୱାଇଁ ୨୦୦୭ ରୁ ୨୦୧୧ ପର୍ଯ୍ୟନ୍ତ କଲେଜ ପରିଚାଳନା କମିଟିର ସମ୍ପାଦକ ରହିଥିଲେ। ଏହି ଅବସରରେ ଦାଶ କଲେଜକୁ ଛୁଟି ଘୋଷଣା କରିଥିଲେ।

# ଜରାଜୀର୍ଣ୍ଣ ଅବସ୍ଥାରେ ପୂର୍ତ୍ତବିଭାଗ କାର୍ଯ୍ୟାଳୟ

**ଚଣ୍ଡିଖୋଲ,୧୦।୧୧(ଡି.ଏନ.ଏ)**

ରାଜ୍ୟ ସରକାର ରାସ୍ତା ଓ କୋଠା ବାଡ଼ି କାର୍ଯ୍ୟ ପାଇଁ ପୂର୍ତ୍ତ ବିଭାଗ ଉପରେ ଗୁରୁ ଦାୟିତ୍ୱ ପ୍ରଦାନ କରି ବିଭିନ୍ନ କ୍ଷେତ୍ରରେ କୋଟିକୋଟି ଟଙ୍କା ବିନିଯୋଗ କରୁଛନ୍ତି। ମାତ୍ର ଖୋଦ୍ ପୂର୍ତ୍ତ ବିଭାଗର କାର୍ଯ୍ୟାଳୟ ଅବସ୍ଥା ଏକ ଭୂତକୋଠିର ଭ୍ରମ ସୃଷ୍ଟି କରୁଛି। ବଡ଼ଚଣାରେ ରହିଛି ପୂର୍ତ୍ତ ବିଭାଗର ଉପଖଣ୍ଡ କାର୍ଯ୍ୟାଳୟ। ଏହି କାର୍ଯ୍ୟାଳୟ ଜଣେ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ ଅଧୀନରେ ଚାଲୁଥିଲା ବେଳେ କାର୍ଯ୍ୟାଳୟ ସମ୍ମୁଖରେ ଅନାବନା ଗଛର ଜଙ୍ଗଲ ସୃଷ୍ଟି ହୋଇଛି। ଯାହାକୁ ଦେଖିଲେ ଏହା ଭୂତକୋଠି ଭଳି ଜଣାପଡୁଛି। ଏହି ବିଭାଗରେ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ ବ୍ୟତୀତ ୩ଜଣ କନିଷ୍ଠ ଯନ୍ତ୍ରୀ ଓ କାର୍ଯ୍ୟାଳୟର ଅନ୍ୟ କର୍ମଚାରୀମାନେ ରହିଛନ୍ତି। କର୍ମଚାରୀଙ୍କ ନିମନ୍ତେ ଉଦ୍ଦିଷ୍ଟ ରହିବା ଘରଗୁଡ଼ିକ ସମ୍ପୂର୍ଣ୍ଣ ଭାଙ୍ଗିରୁଜି ଯାଇଥିବା ବେଳେ ସପ୍ତାହକୁ ଥରେ ମାତ୍ର ସହକାରୀ ନିର୍ବାହୀ ଯନ୍ତ୍ରୀ ଏଠାକୁ ଆସିଥାନ୍ତି। ଅଧିକାଂଶ ସମୟ କଟକରେ ରହି ବିଭାଗୀୟ ଅଧିକାରୀମାନେ କାର୍ଯ୍ୟ କରିଥାନ୍ତି। ପ୍ରତିବର୍ଷ ଏହି ବିଭାଗ

**ବଡ଼ଚଣା ଉପଖଣ୍ଡ କାର୍ଯ୍ୟାଳୟ**



■ ଅନାବନା ଗଛରେ ପରିପୂର୍ଣ୍ଣ ହୋଇଛି କାର୍ଯ୍ୟାଳୟ ପରିସର

■ ସୃଷ୍ଟି ହେଉଛି ଭୂତକୋଠିର ଭ୍ରମ

ଅଧୀନରେ ବଡ଼ଚଣା ଅଞ୍ଚଳରେ ଥିବା ରାସ୍ତା ଓ କୋଠା ବାଡ଼ି କାର୍ଯ୍ୟରେ ୧୦୦ କୋଟିରୁ ଅଧିକ ଟଙ୍କା ଖର୍ଚ୍ଚ କରାଯାଉଥିବା ବେଳେ ବିଭାଗୀୟ କାର୍ଯ୍ୟାଳୟର ଅବସ୍ଥା ଶୋଚନୀୟ ଅବସ୍ଥାରେ ପଡ଼ିରହିଛି। ଏପରିକି କୌଣସି ସାଧାରଣ ଲୋକ କେବେ ଅଭିଯୋଗ କରିବାକୁ ଆସିଲେ ଅଧିକାରୀଙ୍କର ଦେଖା ମିଳି ନ ଥାଏ। ଚଳିତ ବର୍ଷ ଏହି ବିଭାଗ ଅଧୀନରେ ଉତ୍କଳ ବିଶ୍ୱବିଦ୍ୟାଳୟର ଗ୍ରାମୀଣ କ୍ୟାମ୍ପସ ନିର୍ମାଣ କାର୍ଯ୍ୟ ବଡ଼ଚଣା ବ୍ଲକର ସିହାଠାରେ ଆରମ୍ଭ ହୋଇଛି। ଏହି ନିର୍ମାଣ କାର୍ଯ୍ୟ ତଦାରଖ କରିବା ପାଇଁ କୌଣସି ଅଧିକାରୀ ମଧ ଯାଉ ନ ଥିବା ଜଣାପଡ଼ିଛି। ସେହିଭଳି ପ୍ରସିଦ୍ଧ ବୌଦ୍ଧପୀଠ ଲଳିତଗିରି, ରତ୍ନଗିରି ଓ ଉଦୟଗିରିକୁ ସଂଯୋଗ କରୁଥିବା ରାସ୍ତାଗୁଡ଼ିକ ଏହି ବିଭାଗ ଅଧୀନରେ ରହିଛି। ଏହାର ରକ୍ଷଣାବେକ୍ଷଣ କରିବା ବିଭାଗୀୟ ଅଧିକାରୀଙ୍କ ଦ୍ୱାରା ସମ୍ଭବ ହୋଇପାରୁ ନାହିଁ। ସେହିପରି ବଡ଼ଚଣା-ବାଲିଚନ୍ଦ୍ରପୁର, ବଡ଼ଚଣା-ଦର୍ପଣ, ଛତିଆ-କଳକଳା, କୃଷ୍ଣଦାସପୁର-ରତ୍ନଗିରି, ବରୁହା-ବାଲିଚନ୍ଦ୍ରପୁର, ଉଦୟଗିରି-ଲଳିତଗିରି ଦୀର୍ଘ ଲମ୍ବ ବିଶିଷ୍ଟ ରାସ୍ତାଗୁଡ଼ିକ ଏହା ଅଧୀନରେ ରହିଥିଲା ବେଳେ କୋଟି କୋଟି ଟଙ୍କା ନକଲି ଟେଣ୍ଡର ଜରିଆରେ କାର୍ଯ୍ୟ କରାଯାଉଛି। କିନ୍ତୁ ବିଭାଗୀୟ ଅଧିକାରୀଙ୍କ କାର୍ଯ୍ୟାଳୟ ସରୀସୃପଙ୍କ ବାସସ୍ଥାନ ପାଲଟିଲାଣି। ସମସ୍ତ ବିଭାଗର ଅଧିକାରୀମାନେ ନିଜ ଚାରିପାଖକୁ ସ୍ୱଚ୍ଛଭାରତ ଯୋଜନାରେ ସଫା ସୁତରା ରଖୁଥିଲା ବେଳେ ଏହି କାର୍ଯ୍ୟାଳୟ ଚାରିପଟ ଘଞ୍ଚ ଜଙ୍ଗଲରେ ଭର୍ତ୍ତି ହୋଇଥିବା ଦେଖିବାକୁ ମିଳୁଛି। ଏ ସମ୍ପର୍କରେ ବିଭାଗୀୟ ସହକାରୀ ନିର୍ବାହୀ ଯନ୍ତ୍ରୀ ରୋହିତ କୁମାର ବିଶ୍ୱାଳଙ୍କୁ ପଚାରିବାରେ, ଖୁବ୍ ଶୀଘ୍ର ଅଫିସ ଚାରିକଡ଼ ସଫେଇ କରାଯାଇ ପ୍ରଥମେ ପରିଷ୍କାର କରାଯିବ। ଏହା ପରେ ମରାମତି କାର୍ଯ୍ୟ ଆରମ୍ଭ ହେବ ବୋଲି କହିଛନ୍ତି।

# ଇଙ୍ଗ୍ରା ଖଣି ଶ୍ରମିକଙ୍କ ଦାବି ମାନିଲେ କର୍ତ୍ତୃପକ୍ଷ: ଆନ୍ଦୋଳନ ପ୍ରତ୍ୟାହୃତ

**କାଲିଆପାଣି,୧୦।୧୧(ଡିଏନଏ)**

ଇଙ୍ଗ୍ରା ଖଣିରେ ଗତ ୩୧ତାରିଖରୁ ଏକ ଦୁର୍ଘଟଣାକୁ ନେଇ ଶ୍ରମିକ ସଂଘ ପକ୍ଷରୁ ଆନ୍ଦୋଳନ ହୋଇଆସୁଥିଲା। ୯ଦିନ ଧରି ଏହି ଆନ୍ଦୋଳନ ଚାଲିଥିଲା। କମ୍ପାନୀ କର୍ତ୍ତୃପକ୍ଷ ସମସ୍ତ ଦାବି ମାନିନେବା ପରେ ଶୁକ୍ରବାର ରାତିରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଛି। ଖଣି କାର୍ଯ୍ୟ ସ୍ୱାଭାବିକ ହୋଇଥିବା ଜଣାପଡ଼ିଛି। ସୂଚନା ଥାଉକି, ଅକ୍ଟୋବର ୩୧ରେ ଭୂତଳ ଖଣିରେ ମାଟି ଅତଡ଼ା ଖସି ୩ ଶ୍ରମିକ ଆହତ ହୋଇଥିଲେ। ସେମାନଙ୍କୁ ସୁବିଧା ଯୋଗାଇବା ଦାବିରେ ଆନ୍ଦୋଳନ ହୋଇଥିଲା। ଶ୍ରମିକ ସଂଘ ପକ୍ଷରୁ ୮ଦଫା ଦାବି କରାଯାଇଥିବା ବେଳେ କୌଣସି ସାମାଧାନ ବାହାର କରାଯାଇ ପାରୁ ନ ଥିଲା। ସଂଘ ସଭାପତି ତଥା ବିଧାୟକ ପ୍ରୀତିରଞ୍ଜନ ଘଡ଼େଇ ଶ୍ରମିକ ଆନ୍ଦୋଳନ ସ୍ଥଳକୁ ଶୁକ୍ରବାର ଯାଇ ଶ୍ରମିକଙ୍କୁ ଭେଟିଥିଲେ। କମ୍ପାନୀ କର୍ତ୍ତୃପକ୍ଷଙ୍କୁ ନେଇ ଶ୍ରମିକ ସଂଘ ପକ୍ଷରୁ ଆଲୋଚନା କରାଯାଇଥିଲା। କମ୍ପାନୀ ପକ୍ଷରୁ ସମସ୍ତ କର୍ମଚାରୀଙ୍କୁ ଖଣି ପରିସରରେ ପର୍ଯ୍ୟାପ୍ତ ସୁରକ୍ଷା ସୁବିଧା, ପରିବାରର ଜଣଙ୍କୁ ସ୍ଥାୟୀ ଚାକିରି ଓ ଅନ୍ୟାନ୍ୟ ସୁବିଧା ଯୋଗାଇ ଦେବାକୁ କମ୍ପାନୀ କର୍ତ୍ତୃପକ୍ଷ ସୁନିଶ୍ଚିତ କରିବା ପରେ ଶ୍ରମିକ ସଂଘ ପକ୍ଷରୁ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ଖଣିରେ ଦୁର୍ଘଟଣାରେ ପ୍ରାଣ ହରାଇଲେ ୨୦ ଲକ୍ଷ ଟଙ୍କା କ୍ଷତିପୂରଣ ଦିଆଯିବା ନେଇ ଶ୍ରମିକମାନେ ରଖିଥିବା ଦାବି ପୂରଣ ହୋଇନାହିଁ। ଦାବି ସମ୍ପର୍କିତ କାଗଜପତ୍ର କମ୍ପାନୀ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟକୁ ପଠାଯାଇଛି ବୋଲି କର୍ତ୍ତୃପକ୍ଷ କହିଥିଲେ। କମ୍ପାନୀ କର୍ତ୍ତୃପକ୍ଷ ଓ ଶ୍ରମିକ ସଂଘ ସଭାପତିଙ୍କ ସହ ସମ୍ପାଦକ ନାରାୟଣ ଚନ୍ଦ୍ର ଧିର, ହଳଧର ମହାନ୍ତ, ଦୀପକ ମହାରଣା, ବିଶ୍ୱନାଥ ନାୟକ ପ୍ରମୁଖ ଭାଗ ନେଇଥିଲେ।

# ପୂଜା ମଣ୍ଡପ ବୁଲିଲେ ଯାଜପୁର ଏସ୍‌ପି

**ଯାଜପୁରରୋଡ,୧୦।୧୧(ନି.ପ୍ର.)**

କାଳୀପୂଜା ଅବସରରେ ଶନିବାର ଯାଜପୁର ଏସ୍‌ପି ଚରଣ ସିଂ ମୀନା ବିଭିନ୍ନ ପୂଜା ମଣ୍ଡପ ବୁଲି ଦେଖିଥିଲେ। ଏସ୍‌ପିଙ୍କ ସହ କଳିଙ୍ଗନଗର ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ରାଜକିଶୋର ଦୋରା, ଯାଜପୁର ଏସ୍‌ଡିପିଓ କେଦାରନାଥ ସାହୁ, ଥାନାଧିକାରୀ ଅମିତାଭ ମହାପାତ୍ର ପ୍ରମୁଖ ବ୍ୟାଙ୍କ ଷ୍ଟ୍ରିଟ୍, ଆର୍ଯ୍ୟନ କ୍ଲବ୍ ଓ ଚୋରଦା ପୂଜା ମଣ୍ଡପ ପରିଦର୍ଶନ କରିଥିଲେ। ସହରରେ ୧୨ କାଳୀ ମେଢ ହୋଇଛି। ରଙ୍ଗବେରଙ୍ଗ ବିଦ୍ୟୁତ୍ ଆଲୋକମାଳା ଓ ତୋରଣରେ ସହର ଝଲସି ଉଠୁଛି। ଶନିବାର ସନ୍ଧ୍ୟାରୁ ସହରରେ ପ୍ରବଳ ଜନସମାଗମ ହୋଇଛି। ସହରର ସର୍ବପୁରାତନ ଷ୍ଟେଶନ ବଜାର ଶ୍ୟାମାକାଳୀ ପୂଜା ମଣ୍ଡପରେ ମା'ଙ୍କ ମୁକୁଟ ଓ ବିଭିନ୍ନ ଆଭୂଷଣ ରୁପା ଓ ସୁନାରେ ତିଆରି ହୋଇଛି। ୧୯୭୬ରେ ଚୋରଦା ଛକଠାରେ କାଳୀପୂଜା ଆରମ୍ଭ ହୋଇଥିଲା। ପୂଜା ପାଇଁ ଚଳିତବର୍ଷ ୧୦ ଲକ୍ଷ ଟଙ୍କା ବ୍ୟୟ ବରାଦ କରାଯାଇଛି।

# ଦ୍ୱାଦଶ ତରୁଣ ମେମୋରିଆଲ କ୍ରିକେଟ୍ ଟୁର୍ନାମେଣ୍ଟ ଉଦ୍‌ଘାଟିତ

**ଯାଜପୁରରୋଡ,୧୦।୧୧(ନି.ପ୍ର.)**

ସ୍ଥାନୀୟ ସେଣ୍ଟମେରୀ ସ୍କୁଲ ଆନୁକୂଲ୍ୟରେ ଶନିବାର ଦ୍ୱାଦଶ ତରୁଣ ମେମୋରିଆଲ କ୍ରିକେଟ୍ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ପ୍ରଥମେ ସଡ଼କ ସୁରକ୍ଷା ରାଲି ଅନୁଷ୍ଠିତ ହୋଇଥିଲା। ଯାଜପୁରରୋଡ ଥାନା ଭାରପ୍ରାପ୍ତ ଅଧିକାରୀ ଅମିତାଭ ମହାପାତ୍ର କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ଶିକ୍ଷୟିତ୍ରୀଶିକ୍ଷକଙ୍କ ସହଯୋଗରେ କାନାରା ବ୍ୟାଙ୍କ ନିକଟରୁ ଶୋଭାଯାତ୍ରା ବାହାରି ସେଣ୍ଟମେରୀ ସ୍କୁଲ ନିକଟରେ ପହଞ୍ଚିଥିଲା। ପ୍ରାୟ ୩୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ପରେ ସ୍କୁଲ ଖେଳ ପଡ଼ିଆରେ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଥିଲା। କଳିଙ୍ଗନଗର ଲ୍ୟାଣ୍ଡ ଆକ୍ୱିଜିସନ ଅଫିସର ସପନ କୁମାର ନନ୍ଦ ମୁଖ୍ୟ ଅତିଥି, କାନାରା ବ୍ୟାଙ୍କ ଚିଫ୍ ମ୍ୟାନେଜର ସନ୍ତୋଷ କୁମାର ଦାସ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ପ୍ରଥମେ ମଧୁସୂଦନନଗର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଓ ସେଣ୍ଟ ଜାଭିୟର ସ୍କୁଲ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ସେଣ୍ଟ ଜାଭିୟର ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୨୭୫ ରନ୍ କରିଥିଲା। ଜବାବରେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ୯ ଉଇକେଟ୍ ହରାଇ ୧୯୪ ରନ୍ କରିଥିଲା। ଜାଭିୟର ସ୍କୁଲର ଡି.ପି.ରାମ ମ୍ୟାନ ଅଫ୍ ଦି ମ୍ୟାଚ୍ ପୁରସ୍କାର ପାଇଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ମାଉଣ୍ଟ ଲିଟେରା ଜି ସ୍କୁଲ ଓ ବ୍ୟାସନଗର ପବ୍ଲିକ ସ୍କୁଲ ମଧ୍ୟରେ ମ୍ୟାଚ୍ ହୋଇଥିଲା। ପ୍ରଥମେ ବ୍ୟାସନଗର ପବ୍ଲିକ ସ୍କୁଲ ୧୨ ଓଭରରେ ୧୭୬ ରନ୍ କରିଥିଲା। ଜବାବରେ ଜି ସ୍କୁଲ ୭୦ ରନ୍ କରିଥିଲା।


**OFFICE OF THE PRINCIPAL**
**DEOGARH COLLEGE, DEOGARH**
At./Po:- Purunagarh, Dist : Deogarh, Pin : 768119 (Orissa)
Ph. : 226415 (06641), Email : principaldeo@gmail.com

**QUOTATION CALL NOTICE**

Sealed quotations are invited from reputed manufacturers / authorized dealers for supply of equipments / Lab. equipments / Computer system etc. The parties should submit valid GST clearance certificate, SRIN/ TIN number registration certificates alongwith quotation whichever is applicable. Details can be obtained on request from the email Id of the college **principaldeo@gmail.com** or in person during office hour **(10.00 A.M. to 4.00 P.M.).** The same can also be viewed from Deogarh district website **www.deogarh.nic.in.** Last date of submission is **15.11.2018** at **1.00 P.M.** Quotations will be opened on the same date at 2.00 P.M. The authority reserves right to cancel any or all quotations without assigning any reason thereof.

**Sd./- Principal, Deogarh College, Deogarh**

**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, JAJPUR**

**TENDER CALL NOTICE**

**Ref. No: 8152** **Dated: 09.11.18**

"It is for information to all the parties concerned to submit their bid for supply of DEIC Equipments & AIDS for the year 2018-2019" to the office of the CDM&PHO, Jajpur on or before 26.11.2018, 12 Noon by Speed Post, Registered Post only. For terms and conditions regarding Tender Call, please log on to the website: www.jajpur.nic.in.

The interested parties with valid documents may participate in tender process himself or with their representatives with applicable terms and conditions".

**Sd./-**
**Chief District Medical & Public Health Officer, Jajpur**

**OFFICE OF THE PANCHAYAT SAMITI, KORAPUT**
**DIST.-KORAPUT**

**Notice No. 3044/18** **Dtd. 08.11.2018**

**QUOTATION CALL NOTICE**

Sealed Limited Quotations are invited from reputed Indian Manufacturers/ Suppliers / Agencies, their authorized dealers/ GeM registered Firms for supply of "Various Furniture Items / Office Gadgets intended for DPRC Building, Koraput". The detail information of which are made available in Koraput Dist. Website i.e. http//www.koraput.nic.in & in DRDA Website http//www.drdakoraput.org.

The date and time of receipt of Sealed quotations are from 12.11.2018 to 19.11.2018 upto 4.00 P.M. on working days only.

**Sd./- Block Development Officer, Koraput**

**ପଞ୍ଚାୟତ ସମିତି କାର୍ଯ୍ୟାଳୟ, କୋକସରା**

**ବିଜ୍ଞପ୍ତି ସଂଖ୍ୟା: ୨୬୧୦** **ତା ୦୮।୧୧।୧୮**

ଏତଦ୍ଦ୍ୱାରା କୋକସରା ପଞ୍ଚାୟତ ସମିତି ଅନ୍ତର୍ଗତ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ଅନ୍ତର୍ଗତ ୨୦୧୭-୧୮ ଆର୍ଥିକ ବର୍ଷ ଅକ୍ଟୋବର ୨୦୧୭ରୁ ମାର୍ଚ୍ଚ ୨୦୧୮ ମଧ୍ୟରେ ସମ୍ପାଦିତ ହୋଇଥିବା ପ୍ରକଳ୍ପଗୁଡ଼ିକର ସାମାଜିକ ସମୀକ୍ଷା ବିବରଣୀ ଉପରେ ଆସନ୍ତା ତା୧୪।୧୧।୨୦୧୮ ରିଖ ଦିନ ବ୍ଲକ ଅଫିସ ପରିସର ମଧ୍ୟରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାର ବ୍ଲକସ୍ତରୀୟ ଜନଶୁଣାଣି ଶିବିର ଅନୁଷ୍ଠିତ ହେବ। ଏଣୁ ଉକ୍ତ ସଭାରେ ସମ୍ପୃକ୍ତ ଗ୍ରାମ ଶାସନ ଅନ୍ତର୍ଗତ ସମସ୍ତ ସରପଞ୍ଚ, ସମସ୍ତ ସଭ୍ୟ/ସଭ୍ୟା, ସ୍ୱୟଂ ସହାୟକ ଗୋଷ୍ଠୀ, ପଞ୍ଚାୟତ କର୍ମଚାରୀ, ଗ୍ରାମ ମେଟ୍, ଜବ୍‌କାର୍ଡଧାରୀ ଶ୍ରମିକ, ତଦାରଖ କମିଟିର ସଭ୍ୟମାନେ ଏବଂ ବିଭିନ୍ନ Line Deptt. ର କର୍ମଚାରୀ ସକାଳ ୧୦.୦୦ ଘ. ମଧ୍ୟରେ ଉପସ୍ଥିତ ରହିବେ।

**MGNREGA ବ୍ଲକସ୍ତରୀୟ ଜନଶୁଣାଣି ଶିବିର ୨୦୧୭-୧୮ କାର୍ଯ୍ୟସୂଚୀ**

| କ୍ରମିକ ସଂଖ୍ୟା | ବ୍ଲକ ଅଫିସ୍‌ର ନାମ | ସଭା ତାରିଖ | ସମୟ | ସ୍ଥାନ |
|---|---|---|---|---|
| ୧ | କୋକସରା | ୧୪।୧୧।୨୦୧୮ | ପୂ. ୧୦.୦୦ | ବ୍ଲକ କାର୍ଯ୍ୟାଳୟ ପରିସର |

ସ୍ୱା./- ଗୋଷ୍ଠୀ ଉନ୍ନୟନ ଅଧିକାରୀ
ତଥା କାର୍ଯ୍ୟକ୍ରମ ଅଧିକାରୀ, କୋକସରା

**SWAMI VIVEKANAND NATIONAL INSTITUTE OF REHABILITATION TRAINING AND RESEARCH**
**(Ministry of Social Justice & Empowerment**
**Department of Empowerment of Persons with Disabilities (Divyangjan), Govt. of India)**
**Olatpur, PO: Bairoi, Dist: Cuttack (Odisha), Pin: 754010, Tel. No: 0671-2805552, 2805778, Fax: 0671-2805862, Website: www.svnirtar.nic.in, E-mail: nirtar@nic.in & svnirtar@gmail.com**

**Ref. No.-AD-5/Advertisement/18-19** **Date: 09.11.2018**

**E-Procurement Tender Notice**

E-Tender is invited for procurement of Physiotherapy, Occupational Therapy, Hospital equipment etc/ hiring of 52 seater bus/ AMC of Computer & Accesories/ Hospital Dressing & Textile i.e. POP/Roller bandage, Cotton, POP Power etc.
Date of availability of bid: 14.11.2018
Closing date of Bid: 04.12.2018
Details can be seen from the Central Public Procurement (CPP) Portal, (http://eprocure.gov.in/eprocure/app)

**Sd./-**
**DIRECTOR**

**STONEMART - 2019**

Applications are hereby invited from Entrepreneurs / Artisans dealing with Stone Carving Craft of the State for participation in up coming **STONEMART - 2019**, to be held from **31.01.2019** to **03.02.2019** at **Jaipur (Rajasthan).** Interested Entrepreneurs / Artisans may apply to **SIDAC** on or before **27.11.2018** giving details as follows : Name, detail address with contact numbers, type of business, product to be displayed, type of stone used, annual turnover and past experience in execution of export order (if any) etc. Only selected Entrepreneurs/Artisans will be allowed to participate in the event.

**Member Secretary**

**State Institute for Development of Arts & Crafts**
Handlooms, Textiles & Handicrafts Department, Government of Odisha
Handicrafts Complex, Gandamunda, P.O.: Khandagiri, Bhubaneswar-30
Tel./Fax No.: +91 (0) 674-2350318, 2350310
E-mail: sidacorissa@gmail.com, Website: www.sidacodisha.org.in
SIDAC

**ODISHA LIFT IRRIGATION CORPORATION LIMITED**
**(A GOVT. OF ODISHA UNDERTAKING)**
**OFFICE OF THE EXECUTIVE ENGINEER, L. I. DIVISION, NUAPADA**
"E"Mail address - eeolicnpd@gmail.com
**SHORT TENDER CALL NOTICE NO .05 DATE. 08.11.2018**

The Executive Engineer, L.I Division, Nuapada, on behalf of Odisha Lift Irrigation Corporation Ltd, Bhubaneswar invites PERCENTAGE RATES bids for Extention of distribution system of LIPs as per detailed in the table from eligible contractors registered with the State Govt and contractors of equivalent grade / Class registered with Central Govt. / MES / Railways for execution of works detailed in table to be eventually drawn up in PWD form F-2 on PERCENTAGERATE Contract on production of definite prove from the appropriate authority. The Bidders must submit bids of works in separate envelope for each work.

| Sl. No. | Name of the Block | Package No. | Name of work | Approximate value of work | EMD(1%) to be deposited in Rs. | Cost of Tender paper in Rs. (Non-Refundable) | Class of contractors | Period of completion |
|---|---|---|---|---|---|---|---|---|
| 1 | Boden & Khariar | 1 | Extention of distribution system of Anlabhata–I, Sukulighata-III, Dharanimal, Chandel – IV R/L Projects | 403613 | 4036 | 2000 | D & Above | 60 Days |
| 2 | Khariar | 2 | Extention of distribution system of Tukla – VI, Tukla – VII, Bahalpadar – III, Chandgiri - IV R/L Projects | 417082 | 4171 | 2000 | D & Above | 60 Days |
| 3 | Sinapali | 3 | Extention of distribution system of Sinapali – III, Jogenpadar – III, Kapsi – V, Kapsi – VI, Kapsi - VII R/L Projects | 374710 | 3747 | 2000 | D & Above | 60 Days |
| | | 4 | Extention of distribution system of Hirapur, Gorla – I, Nilji – IV R/L Projects | 346091 | 3461 | 2000 | D & Above | 60 Days |
| | | 5 | Extention of distribution system of Adkighat – I, Jhakarguda – I, Jhakarguda – II, Gandabahali – IV, Ranimunda, Jamugaon – IV R/L Projects | 479706 | 4797 | 2000 | D & Above | 60 Days |
| 4 | Nuapada | 6 | Extention of distribution system of Jangula – I, Jangula – II, Negipali – IV, Jhitiki – V, Jhitiki – VI R/L Projects | 476644 | 4766 | 2000 | D & Above | 60 Days |
| | | 7 | Extention of distribution system of Dianmunda – II, Dianmunda – III, Kurumunda – III R/L Projects | 182149 | 1822 | 600 | D & Above | 60 Days |
| | | 8 | Extention of distribution system of Beheradihi – IV, Bhera – I, Bhera – II, Bhaleswar – VI, Budhipali – I, Jenjera – V R/L Projects | 456147 | 4561 | 2000 | D & Above | 60 Days |

The tender paper for all the works along with terms and conditions, scope of works, technical specifications etc. can be obtained from the office of the Executive Engineer, L. I. Division, Nuapada on payment of the cost of the tender papers (Non-refundable) as per the detailed tender call notice in shape of Bank Draft drawn in favour of the Executive Engineer, Lift Irrigation Division, Nuapada to be drawn at Nuapada on any Nationalized Bank on any working day (**10.30 AM to 3.00 PM**) from **13.11.2018** to**19.11.2018**. The tender paper will be sold on receipt of written request (mentioning the name of the work) to the Executive Engineer, L.I. Division, Nuapada along with the Xerox copies of the valid license of required class GST Certificate and PAN Card. No Tender paper will be sold on the date of receipt of tender i.e. on **dt.20.11.2018**.

All Tender papers will be received by L.I. Division, Nuapada from **10.30 AM** to **3.00 P.M** on **dt.20.11.2018** and will be opened on **27.11.2018** at **3.30 PM** in the Office of the Executive Engineer, Nuapada Lift Irrigation Division, Nuapada in presence of the Tenderers or their authorized representatives if any. Tender through Post / Courier will be accepted which should reach the Division Office by date **20.11.2018** up to **3.00 PM**. The Authority will not be held responsible for any Postal / Courier delay for receipt of Tender beyond the above stipulated date and time.

The E.M.D @ 1 % of the estimated cost has to be deposited along with the Tender paper (work wise) in shape of NSC / STDR duly pledged in favour of the Executive Engineer, Lift Irrigation Division, Nuapada on any Nationalized Bank, in absence of which the Tender will summarily be rejected. The contractor who have taken works in the Division & failed to complete the same in time need not apply for new works.

The undersigned reserves the right to increase or decrease the quantity of work accept or reject any or all the tenders without assigning any reasons thereof.

**Sd./- (Binod Kumar Das)**
**EXECUTIVE ENGINEER, L.I.DIVISION, NUAPADA**

NANDANKANAN

**NANDANKANAN ZOOLOGICAL PARK**

**SHORT QUOTATION NOTICE NO. 12 of 2018-19**
**Date: 10.11.2018**

Sealed quotations are invited from interested reputed travel agencies/ tour operators/ vehicle owners for providing Innova Crysta passenger vehicle & eicher pro 1100 transportation vehicle or any equivalent or better Vehicles, which shall confirm to the terms and Conditions (Annexure I & II). Interested travel agencies/ tour operators/ Animals transporters may submit offers in prescribed format as in Annexure-II. The quotations along with all the mandatory enclosures should reach the undersigned on or before 3 PM of 17th November, 2018. The EOI will be opened at 4.00 PM on 17th November, 2018.

The detailed quotation call notice and the format for use in offer along with the terms and conditions of engagement of vehicle will be made available at website of Nandankanan (www.nandankanan.org) w.e.f 11.00 A.M. on 11.11.2018 onwards for information of all concerned. Interested agencies should submit their offers in person/Speed Post/ Registered Post in sealed covers superscribed 'EXPRESSION OF INTEREST FOR PROVIDING OF VEHICLE TO NANDANKANAN ZOOLOGICAL PARK' and addressed to Deputy Director, Nandankanan Zoological Park.

**Sd./- Deputy Director**
**Nandankanan Zoological Park**

**GOVERNMENT OF ODISHA** No.723-A
**e-Procurement Notice**
**OFFICE OF THE SUPERINTENDING ENGINEER**
**SOUTHERN MINOR IRRIGATION CIRCLE, BERHAMPUR**
**Bid Identification No.: SESMIC-03/2018-19**

| | | | |
|---|---|---|---|
| 1. | No. of Work | : | 2 Nos of M.I. Division Ganjam No.I, Berhampur. |
| 2. | Estimated Cost | : | From 142.00 Lakh to 298 Lakh. |
| 3. | E.M.D. required | : | As per Column -4 of summary of DTCN |
| 4. | Class of Contractor | : | As per Column -7 of summary of DTCN |
| 5. | Period of Completion | : | 11 (Eleven Calendar Months). |
| 6. | Availability of tender online for bidding. | : | From 14.11.2018 to 05.12.2018 up to 5.00 pm |
| 7. | Date & time of opening of Technical bid. | : | On 06.12.2018 at 12.30 pm |
| 8. | Name and Address of the OIT | : | Superintending Engineer, Southern Minor Irrigation Circle, Berhampur, In front of De-Paul School, Engineering School Road, Berhampur-760010, Ganjam. Email: smicbam@yahoo.co.in. Details can also be seen from the Government website http://www.tendersodisha.gov.in. |

32045/11/0006/1819




## BRIDE WANTED

Gopal boy Soft. Eng. 1987, 5'.11" working Polaries, New Delhi wanted. Service girl B.Tech, MBA. Contact: 9776808571. D-62769

ମାଟିବଂଶ ଜାତିର ପାତ୍ର ପାଇଁ ଗ୍ରାଜୁଏଟ୍ ବା ତଦୂର୍ଦ୍ଧ୍ୱ ପାତ୍ରୀ ଆବଶ୍ୟକ। ମୋ: 9937858319. D-9359

Dhoba/ Gudia groom Infosys 28+, Bank 30+, TCS 31. Samadhan: 8594926181. D-65060

Brahmin/ Teli groom Infosys 30, IBM 28+, Bank 32. Samadhan: 8594926181. D-65061

Divorcee groom Engineer 34+, Bank 39, Railway 42. Samadhan: 8594926181. D-65062

## GROOM WANTED

Wanted service groom for Khandayat girl 1990, 5'2" B.Tech serving Bhubaneswar "Sunasansar". 9937512659. D-9366

Divorcee Khandayat bride Lecturer 35, Business 39 (caste-no-bar). 7873374269. D-65059




## SALE

JCB Machine Excavators 22T, 20T, 12T, 10T, 8T & loader- 2dX, 3dX, JCB Compactor, JCB loadall available for sale and hire. Contact immediately: 9556240228, 9937292015. email: kttbbsr@gmail.com. D-9047

Maruti Scross- 2016, Honda City- 2014, Swift Dzire- 2013, 2015, 2016, Skoda Rapid AT- 2015, Pajero- 2012: 9438736070. D-58002

1612 Ashokleyland National permit 24 ft. Truck model 2007 and Tata ACE model 2009 for sale in running condition. Contact: 9040150146. D-64742




## SALE

New residential plotting project near KIIT, developed by SDIPL having 40' main, 30' internal road, eletrification/ boundary wall (Bank finance available) psqft. 1250/-. 9937025614, 7008390130. D-64337

**Residential plot available Nakhara, Nandankanan, flat- Hanspal, Duplex- Raghunathpur anyone purchase. Contact: 9853821712, 8270565956.** D-9341

Litigation free plots near Xavier University backside BDA Zone, Bhubaneswar. Sqft.- 250/-, 160/-. 9337259012, 9937746907. D-64343

ଭୁବନେଶ୍ୱର- ହଂସପାଳ ସୁଧାନନ୍ଦ କଲେଜ ପାଖରେ ଘରବାରି ବାଉଣ୍ଡାରି ପ୍ଲଟ୍ 6,36,000/-ରେ ବିକ୍ରିହେବ। 9437003399, 8093465134. D-64352

Bhubaneswar AIIMS Hospital, DOON/ NMIT College front gharabari plot. 9439206202. D-64351

**3BHK ready to move Premium Duplex at DHPL Sahoo Residency near Mancheswar Railway Station. Contact: 9937059891, 9348253463, 8908292617.** D-9353

Bhubaneswar ନିକଟସ୍ଥ ପିତାପଲ୍ଲି ଛକରେ NHରୁ 100' ଦୂରତାରେ BDA plot 30' ରାସ୍ତାଥାଇ sqft. 450/-ରେ ମିଳୁଅଛି। 9090963952, 9937605788. D-64360

ସୁନ୍ଦରପଦା କୁହା ମୌଜାରେ ଘରବାଡି ପାଚେରି ପ୍ଲଟ୍ ବିକ୍ରିହେବ। 9439364818, 9337766961. D-9148

Book your dreamhome (duplex) at good location in Bhubaneswar 200' road side with affordable price. (Special Diwali Offer). Contact: 8338866678, 9337138784. D-65148

2BHK simplex at Balianta Hanspal @ 22,50,000/-. Mob: 7064994691. D-9136

Booking flats 2BHK, 3BHK in 1160 sqft. and 1320 sqft. Patrapada BMC Mall 3500/- sft. Broker Excuse. 9176647692. D-9228

ସୁନ୍ଦରପଦା– ଜଟଣୀରୋଡରେ Xavier University ପାଖରେ investment ଉପଯୋଗୀ ସ୍ଥିତିବାନପ୍ଲଟ lowcostରେ ମିଳୁଅଛି। First possession then registration. 8847851850. D-64362

ସୁନ୍ଦରପଦା ହାଇଟେକ୍ ପ୍ଲାଜା ପାଖରେ ଘରବାରି ପଜେସନ୍ ପ୍ଲଟ sqft.- 1070ରେ plot ମିଳୁଛି। 9348230669. D-64364

Infocity-2 Campus frontରେ BDA yellowzone plot sale urgent. 9938770157, 7008818182. D-64366

Book 2BHK individual simplex house at Tomando, Bhubaneswar 200 mt distance from NH having land area 1200 and 900 construction area price 39 lakhs. Contact: 9078151122. D-65162

Infocity-2 Campus ପାଖରେ 200' ରୋଡକୁ ଲାଗି ଘରବାରି plot ମିଳୁଅଛି। 9439864322. D-64369

Bhubaneswar KIIT University Jagannath Temple ପାଖରେ road, electricity ବାଉଣ୍ଡାରି ଥାଇ ଘରବାରି plot loanରେ କିଣନ୍ତୁ। 7381338088. D-64368

3BHK luxurious flats available for booking at BJB Nagar extension area (1.5km. from Kalpana Square) Price-65 lakhs to 72.50 lakhs. Please contact: 9439543532, 9861157958. D-9318

Gharabari boundary plot infront Krupajal Engineering College Bhubaneswar. 9090899281, 8908805482. D-65053

2000 sqft. plot (10 nos.) at Sankarpur, Vipul Garden backside, Bhubaneswar ( Electricity, supply water 30'road). 7381564227. D-65054

Ready for booking/sale ! Duplex 1900 sqft. on land 1200 sqft. triplex 2800 sqft. on land 1200 sqft. at Saikutir, Santoshi Vihar, Canal Road, Laxmisagar, Bhubaneswar. Contact: Sabat Infrastructure Pvt. Ltd. Plot No.- 33/A, BJB Nagar. Mobile. 9861035662, 8270795532. D-58005

2970 sqft. plot with house at Nirakarpur for sale. 9220650945. D-63866

Residential plot with revenue road and electricity near Patia Station. Immediate registration and possession. 9437827966. D-9346

ଭୁବନେଶ୍ୱର ମହାବୀର Engineering କଲେଜ back sideରେ ସ୍ଥିତିବାନ ପ୍ଲଟ ମିଳୁଛି। 8338932027. D-64365

Bhubaneswar Gita College near Infocity 200 ft. road ପାଖରେ boundary plot ବିକ୍ରିହେବ। 8270804320. D-9331

Booking simplex 2BHK 1200 sqft. Tankapani Road Sai Temple 26,19,000/-. 7735738102. D-9340

3 bedroom flat 4000 sqft. full furnished including 4 car parking (A-Block) (G-4/5), 100% Vastu, Ridhisidhi Enclave, ICE Factory Lane, Cuttack Road, Bhubaneswar. Contact No: 9439706527. D-9339

ଭୁବନେଶ୍ୱର Sum Hospital, IIIT, Nalco ନିକଟ କାଟେଣୀ Zee Schoolରେ Gharabari boundary 30' road patta plot 550/-. 9777553622. D-64730

Bhubaneswar Patia, Sailashreeviharରେ ଓ ଅରୁଗୁଳ IIT ନିକଟରେ ସ୍ଥିତିବାନ plot for sale. 7978124465, 9040010035. D-64633

4000 sft. GA plot immediate sale Surya Nagar, Unit No.- 7, Bhubaneswar. Contact Deepak: 9937329999 (Conditions apply). D-64533

For sale strategic plot 40'x50' approximately near Gokul Residency, GGP, Pandara road at rate around three thousand per square feet. Contact: 9437396718, 8763935874. Immediately. D-64532

Gita College backside 1200 sqft. 25,00,000/-. Private building (owner). 9668999106. D-64367

Bhubaneswar AIIMS Hospital, DOON School 30' road gharabari possession plot. 9438763122. D-64734

Gharabari plot 1560 sqft. behind Utkal Hieghts for sale, BBSR. 7327095483. D-9311

Book a duplex at Bharatpur close to Fire Station GA 1400 sqft. corner land booking on built-up 2500 sft. handover within 12 months. Cost 75lacs to 95 lacs. 9937560970. D-64534

3BHK duplex at Atala ( Hanspal) / BDA approved duplex at Hanspal square 1km from NH. 9438419823, 9437286655. D-65057

Puri flats studio 11 lacs, 1BHK 19 lacs, 2BHK 24 lacs with all. 9124289585. D-9355

2BHK flat in Hitech Sundarpada B-2. Price- 21.3 lacs. Call: 9437321990. D-9362

**IDCO.GA plots suitable land size any project Bhubaneswar. 8599059704.** D-62914

4no. plots each 60X40 with compound wall 20 ft. road lane 16 Durgamadhaba Road, Bharatpur near Sum Hospital. 9861222252, 8637220715. D-9376

Gharabari (2000X3) plots at Jharapada, Satyabihar, Pahal and ready to move flats, duplex at Chandrasekharpur, Sum Hospital, Bomikhal for immediate sale Bank finance also available. details (ବିଷ୍ଣୁ): 9937850303. D-9377

## PURCHASE

ଢେଙ୍କାନାଳରେ ଜମି କିମ୍ବା ଘର କିଣିବା ପାଇଁ ଦୟାକରି ଯୋଗାଯୋଗ କରନ୍ତୁ।୯୪୩୯୪୬୪୫୮୧.ଧ-୬୨୦୫୪




Construct your building in finished house contact: 9937064680. D-27282

**Construct your dream home @ 450/-, @ 1350/- & onwards with all branded materials along with 50 years structural guaranty. We provide BDA plan approval & Architect Plan SMPL: 9439483779.** D-9360

For construction of residential/ commercial buildings Please contact. 7008268129, 9439143273. D-62135

## GENERAL

## SALE

Shop for sale at Metro house Vanivihar, Bhubaneswar. Contact: 7381077972, 7008013529. D-65170

Agarbati Machine ଏବଂ Paperplate Machine ପାଇଁ ଯୋଗାଯୋଗ କରନ୍ତୁ। 9853089865. D-64353

Original & new condition 14" wheel rim (5 pieces) of Maruti RITZ DXI Car for sale. Contact: 9438421911. D-64906




3BHK, 3 toilets, partially furnished 1810 sqft. North facing 14/15 floor flat at SJ Royal Lagoon BBSR for family. 9871155802, 8240107574. D-9352

Office, Bank or commercial, 2400 sqft., Plot No.- 661, Bank Chhak, Mahanadivihar, Mobile: 9437226804, 7978603239, 9439826980, 7978316627. D-9239

Bank/ commercial main road, Kalinganagar, BBSR G+1+2= 6000 sqft. 9438556363, 9337718848. D-9298

7000 sqft. shed area with 12,000 sqft. high boundary open area near Oriply, NH-5, Tamando. Contact: 9861009004, 9861077006. D-60928

Running Bombay dyeing showroom on rent at Ravi Talkies Square, Bhubaneswar immediate handover. Interested party Call: 9437000332, 9437014718. D-58004

700 sqft. office space on 2nd floor commercial building at Gundicha Temple, Grand Road, Puri. 9437094505, 8249180126. D-60737

Office/ Hostel open hall 2000 sqft. 1st, 2nd floor near highway Honda, NH-5, Rudrapur, Bhubaneswar. Mob: 9937012004. D-9338

2BHK house, 2nd floor and 600 sqft. office space at District Centre, Chandrasekharpur for rent: 8637263323. D-64740

ଘରଭଡ଼ା ଆବଶ୍ୟକ। ଭୁବନେଶ୍ୱର ଶହୀଦ ନଗର, ସତ୍ୟନଗର, ଘାଟିକିଆ, ମଧୁସୂଦନ ନଗର, ଗୌତମ ନଗର, ସିଆର୍‌ପି, ନାଗେଶ୍ୱରଟାଙ୍ଗୀ, ଫରେଷ୍ଟପାର୍କ, ନ୍ୟୁଫରେଷ୍ଟପାର୍କ ଆଦି ଅଞ୍ଚଳରେ ତିନୋଟି ରୁମ୍ ଥିବା ତଳମହଲା ଘର ଆବଶ୍ୟକ ଯାହାଙ୍କର ଘର ଅଛି ନିମ୍ନଲିଖିତ ମୋବାଇଲ ନମ୍ବର 7750899392ରେ ଯୋଗାଯୋଗ କରିବାକୁ ଅନୁରୋଧ। ଧ-୬୪୭୪୧

3BHK marbled flat at Unit- 8, Soubhagyanagar, Main road. Contact: 9000004523. D-64911

4BHK/3BHK 1st floor in New Forest- Park, Bhubaneswar. 7978980118, 9178558244. D-63869

Two rooms one dining, kitchen, toilet near UCO Bank, Nayapalli opposite Iskcon, Bhubaneswar. 9668774876. D-47989

1000 sft. ground floor commercial space at 72, Bapujinagar, Lane- 5, infront of Nimapada Sweets. 9861021008. D-9357

3BHK Flat No.- E/5 area 900 sqft. (approximate) at Satyasai apartment (behind Maruti Showroom) Lewisroad, Bhubaneswar. Contact Mobile: 9437633351, 9040097690. D-64743

Accommodation separate person available in Forest Park on rent 7000/ 15000 for family only Govt. Corporate employee preferred. 9337120003. D-36453

## ACCOMMODATION

Required godown space approx 3000 sqft. in Mancheswar IE Rasulgarh IE. Please contact- Mr. Chowdhury: 9437020530. auro.akc@gmail.com. D-65155




Samal Packers movers provide household shifting in reasonable price. 9437035016. D-63867

Shivam logistic packers movers. Household/ car relocation countrywide. 9777044177, 9338461133. D-9046




Fully refreshed/ relaxed body massage by expert therapist, Shastrinagar. 7377984773. D-65140

Rejuvenate and Ayurvedic full body massage by smart therapist. 9114402304. D-65138

Pamper yourself this Mansoon professional massage. Contact Purple Orchid. 9776598888. D-65139

Singar massage club fully relaxed by expert lady also home service available. Contact: 9937637219. D-9199

Experience full body massage with us by experts. Enquiry: 7377048581. D-65160

Newly open herbal full body massage with refreshment well trained therapist. 7381239385. D-64636

Contact for massage by expert therapist, home service available. 6371297112. D-65055

Physiotherapy and herbal massage by trained ladies/ gents therapy: 7008773793. D-65056

Ayurvedic full body massage ladies / gents smart experts therapist. 9114697517. D-64637

Newly open Ayurvedic full body massage ladies and gents: 8117033493. D-65058

All type of full body massage by expert therapist. 7609005923. D-65151

Herbal full body massage by smart/ expert therapist. Contact: 8338067247. D-65152

Newly opening ayurvedic massage smart therapist, Shree herbal. 7750020754. D-65153

Improving your health, skin care through expert therapist, excellent offer. 9668374480. D-65154

Madam Monalisa massage club- 50% discount full body massage by hiprofile smart lady therapist. 9708545108. D-9361

Sonali ayuvedic full body massage/ smart lady expert therapist best facility. 9661643016, 9006760945, 9631368840, 7352469289. D-9036




Lab certified ରାଶିରତ୍ନ, ୧-୧୪ ମୁଖୀ ରୁଦ୍ରାକ୍ଷ, ଯନ୍ତ୍ର, ଅନ୍ୟ। 91+8093050401. D-9371

### ଜନ୍ମଦିନ ଶୁଭେଚ୍ଛା



(ପୁଲକ୍)

**ପ୍ରଭୁରାଜ ପରିଡ଼ା**

**ବଣଗାଁ, ମୟୁରଭଞ୍ଜ**

ଆଜିର ଶୁଭ ଜନ୍ମଦିନ ଅବସରରେ ଆମ୍ଭେ ଶ୍ରୀଜଗନ୍ନାଥଙ୍କ ପାଖରେ ପ୍ରାର୍ଥନା କରୁଅଛୁ କି ତୋତେ ଦୀର୍ଘାୟୁ କରନ୍ତୁ।

ଶୁଭେଚ୍ଛା ସହ: ବାବା, ମାମା, ଚାଚା, ଚାଚି, ଦାଦୁ, ଦୀଦା, ମଉସା, ମାମୁଁ, ଅଜା, ଆଈ, ନିନିଭାଇ, ବନ୍ଧୁ ଓ ପରିବାରବର୍ଗ। ଧ-୯୩୭୯

## CLASSIFIED BOOKING STATIONS

**GHUNGUR COMMUNICATION**
Palasuni, Bhubaneswar, Manoj Kumar Sahoo, Ph- 9337883640, 9938270084, 9853497164

**MUNNA COMMUNICATION**
163, Jharpada,Cuttack Road, BBSR. Priyabrata Mohalik, Ph: 9337875700, 9861234845

**SUKHALATA SPARE HOUSE**
217, CTC Road, BBSR, Prasant Dash, Mob: 9439339595

**SAI COMMUNICATION**
3A/H, BJB Nagar, BBSR, Lulu Rath, Mob: 9437030835, 2430835

**DOOR SANCHAR P.C.O**
79, In Front of Hotel Venus Inn, Bapujinagar, BBSR, Biraja prasad Mohanty, Mobile: 9437229325

**POOJA AGENCY**
Plot No-5, Bapuji Nagar, BBSR, Kamal Lochan Patra, 9437136979, 9937022211

**TRAVEL SEBA**
Plot No.-117, Bapuji Nagar, BBSR, Durga Prasad Sarangi, Phone: 09853320727, 09583098408

**S. M. ADVERTISERS**
Forest Park, BBSR, Pabitra Ku. Behera, Mob: 9658693280

**ASWINI KUMAR PANDA**
Plot-969/3035, Prakruti Vihar, Dleta Square, Aswini Kumar Panda Routray, Ph : 9040020034

**SIVASHAKTI XEROX & BOOK STORE**
SBI Chhak, Mahatab Road, BBSR, Benudhar Mohapatra. Mob:9861446268, 8763174237.

**M/S. S.R. SERVICES**
228, Kedar Gouri Vihar, Bhubaneswar-14, Bishnu Pada Das, Ph: 0674- 2434134, 9439353453, 9937071176.

**SWAYAMVER**
Rath Road, Mausima Square, BBSR, M.R. Pradhan, Mob: 9778877018, 8093475794, 6002233

**MAHADEV REALESTATE CONSULTANCY**
A/M-16, Phase-I, Bhimtangi, Old Town, BBSR, Prabas Ku. Sundaray, Ph:0674- 2590575, 9937064680

**MAHALAXMI VARIETYSTORE**
Badagada Brit Colony, J. K. Panigrahy, Mob : 9437941222

**KANAN COMPUTERS**
Samantrapur, Ramakanta Sasmal, Mob : 9437439164

**ASSET PROPERTIES**
R.P. Patra, Plot-3766, Opposite Reliance Footprint, Rabi talkies chakka, Lewis Road, 9337124748 (What's app) 9439963384

**BISHNUPRIYA COMMUNICATION**
Shop No.-5,Ground Floor, P.D Market, BBSR, Nirakar Choudhury, Mob- 9338301743, 9853533237, 0674-2563259

### ଦ୍ୱିତୀୟ ଜନ୍ମବାର୍ଷିକୀ ଶୁଭେଚ୍ଛା



(ମାମୁନ୍)

**ଆଦ୍ୟା ଦେବାଂଶୀ**

**ମହାନ୍ତିସାହି, ବାଣପୁର, ଖୋର୍ଦ୍ଧା**

ରତ୍ନଗର୍ଭା ପଦ ମାଆକୁ ତୋହର, ଯଦି ତୁ ପାରିବୁ ଦେଇ। ତା' ଠାରୁ ଅଧିକ ତୋ' ଠାରୁ ଆମର, ଆଉ କିଛି ଲୋଡା ନାହିଁ। ଶୁଭେଚ୍ଛା ସହ: ଜେଜେ, ଜେଜେମା, ଅଜା, ଆଈ ଏବଂ ଅନ୍ୟମାନଙ୍କ ତରଫରୁ ଅଶେଷ ଆଶୀର୍ବାଦ। ଧ-୯୩୫୮

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




### ଶ୍ରଦ୍ଧାଞ୍ଜଳି
### ତୃତୀୟ ଶ୍ରାଦ୍ଧବାର୍ଷିକୀ



**ସ୍ୱ ଲଳିତ ମୋହନ ପଟ୍ଟନାୟକ**

(ଅବସରପ୍ରାପ୍ତ ଅତିରିକ୍ତ ଶାସନ ସଚିବ)
୬୧୪, ଶହୀଦ ନଗର, ଭୁବନେଶ୍ୱର

ଆବିର୍ଭାବ: ୧୦.୦୬.୧୯୩୮
ତିରୋଧାନ : ୧୫.୧୧.୨୦୧୫

ଆଜି ୩ ବର୍ଷ ପୂରିଲା। ସମୟ ଯେତିକି ଯେତିକି ଆଗକୁ ନେଉଛି, ସେତିକି ସେତିକି ବଢ଼ିଚାଲିଛି ଶୂନ୍ୟସ୍ଥାନ। ଆପଣଙ୍କର କର୍ତ୍ତବ୍ୟନିଷ୍ଠା, ଆଦର୍ଶ ଓ ନିଃସ୍ୱାର୍ଥପରତା ଆମ ଚଲାପଥର ପାଥେୟ ହେଉ। ଆମ ଉପରେ ସର୍ବଦା ଆଶୀର୍ବାଦ ଥାଉ। ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା, ଆପଣଙ୍କ ପବିତ୍ର ଆତ୍ମାର ସଦ୍‌ଗତି ହେଉ।

-: ଶ୍ରଦ୍ଧାଞ୍ଜଳି ସହ :-
ପରିବାର ବର୍ଗ, ବନ୍ଧୁ ଓ ଆତ୍ମୀୟ ସ୍ୱଜନ

ଧ-୯୩୬୭

### ପ୍ରଥମ ଶ୍ରାଦ୍ଧବାର୍ଷିକ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତ ସୁଧାକର ରଥ**

ରେଣୁକା ଏନ୍‌କ୍ଲେଭ୍, ବଡ଼ଶଙ୍ଖ, ପୁରୀ
ଆବିର୍ଭାବ: ୦୩।୦୯।୧୯୩୪
ତିରୋଧାନ: ୨୩।୧୦।୨୦୧୭
(କାର୍ତ୍ତିକ ଶୁକ୍ଳ ଚତୁର୍ଥୀ)

ତୁମର ପ୍ରଥମ ଶ୍ରାଦ୍ଧବାର୍ଷିକ ଅବସରରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି, ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀଚରଣରେ ବିନମ୍ର ପ୍ରାର୍ଥନା କରୁଅଛୁ। ତୁମର ଶୋକସନ୍ତପ୍ତ: ସ୍ତ୍ରୀ– ଜ୍ୟୋସ୍ନାମୟୀ, ପୁଅ ଓ ବୋହୂ: ବୁବୁ-ମାମା, ଝିଅ– ଗଗି, ଡଲି, ବେବି, ଟିକି, ଝିଲି, ଜ୍ୱାଇଁ– ଲକ୍ଷ୍ମୀଧର, ପ୍ରଦୀପ୍ତ, ପ୍ରଦୀପ୍, ଅଞ୍ଜନ, ନାତି– ଚିକୁ, ସୋନୁ, ଲିକୁ, ଦୀପ୍ ଓ ପରିବାରବର୍ଗ। ଧ-୬୩୮୬

### ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତ ଶ୍ରୀକାନ୍ତ ମହାରଣା**

ନାରାୟଣୀ କ୍ଲବ, ଓଲଡ୍ ଟାଉନ୍
ଆବିର୍ଭାବ: ୧୦।୧୦।୧୯୬୧
ତିରୋଧାନ: ୦୪।୧୧।୨୦୧୮

ପ୍ରଭୁ ଶ୍ରୀଜଗନ୍ନାଥ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି କରାନ୍ତୁ କେବଳ ଏତିକି ପ୍ରାର୍ଥନା। ଶୋକସନ୍ତପ୍ତ: ପତ୍ନୀ– ରଞ୍ଜିତା, ପୁଅ– କାହ୍ନା, ବନ୍ଧୁ ଓ ପରିବାରବର୍ଗ। ଧ-୯୩୭୮

### ଅଶ୍ରୁଳ ଶ୍ରଦ୍ଧାଞ୍ଜଳି
### ଏକାଦଶାହ ଉପଲକ୍ଷେ



**ସ୍ୱର୍ଗତ ଉପେନ୍ଦ୍ରନାଥ ପଲାଇ**

ବେହେରା ସାହି, ନୟାପଲ୍ଲୀ, ଭୁବନେଶ୍ୱର
ଆବିର୍ଭାବ: ୧୧।୧୦।୧୯୩୬
ତିରୋଧାନ: ୦୧।୧୧।୨୦୧୮

ଆପଣଙ୍କ ଅନୁପସ୍ଥିତି ଆମ୍ଭେମାନେ ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛୁ। ଆପଣଙ୍କ ଆଦର୍ଶ, ସ୍ୱାଭିମାନ, ଦିଗଦର୍ଶନ, ଆଶୀର୍ବାଦ ଓ ଅନାବିଳ ସ୍ନେହ ଏବଂ ଶ୍ରଦ୍ଧା ଆମ ସମସ୍ତଙ୍କ ଜୀବନର ପାଥେୟ ହୋଇରହୁ। ଆପଣଙ୍କ ମହାନ୍ ଆତ୍ମାର ସଦ୍‌ଗତି ନିମନ୍ତେ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରୁଅଛୁ। ଆପଣଙ୍କର ଶୋକସନ୍ତପ୍ତ: ପତ୍ନୀ, ପରିବାରବର୍ଗ, ବନ୍ଧୁବାନ୍ଧବ ଓ ଆତ୍ମୀୟସ୍ୱଜନ। ଧ-୯୩୩୦

Dollar 50 72.50

Sensex 79.13 35,158.55

Nifty 13.20 10,585.20

Gold ₹180 32,070.00

Silver ₹400 38,400.00

“ବିମୁଦ୍ରୀକରଣ ପରେ ଡିଜିଟାଲ ନେଣଦେଣ ଧାରାରେ ବିଶେଷ ପରିବର୍ତ୍ତନ ଦେଖିବାକୁ ମିଳିଛି।

– ରବି ଶଙ୍କର ପ୍ରସାଦ, କେନ୍ଦ୍ର ଆଇଟି ମନ୍ତ୍ରୀ



“ଆର୍‌ବିଆଇ ଭଣ୍ଡାରକୁ ସରକାର ହାତକୁ ନେଲେ ଅର୍ଥନୀତି ଭୁଶୁଡ଼ି ପଡିବ।

– ପି.ଚିଦାମ୍ବରମ୍, ପୂର୍ବତନ ଅର୍ଥମନ୍ତ୍ରୀ



## ସଂକ୍ଷେପରେ

### ବିମୁଦ୍ରୀକରଣ: ବଢ଼ିଛି ଡିଜିଟାଲ ନେଣଦେଣ

ନୂଆଦିଲ୍ଲୀ,୧୦-୧୧: ବିମୁଦ୍ରୀକରଣର ଦୁଇ ବର୍ଷ ପରେ ଦେଶରେ ଡିଜିଟାଲ ନେଣଦେଣ ଦ୍ରୁତଗତିରେ ବଢ଼ିଛି। ଚଳିତ ବର୍ଷ ଅଗଷ୍ଟରେ ଦେଶରେ ୨୪୪.୮୧ କୋଟି ଡିଜିଟାଲ ନେଣଦେଣ ହୋଇଛି। ଅକ୍ଟୋବର ୨୦୧୬ରୁ ଅଦ୍ୟାବଧି ହୋଇଥିବା ଡିଜିଟାଲ ନେଣଦେଣକୁ ହିସାବକୁ ନେଲେ ପୂର୍ବାପେକ୍ଷା ଏଥିରେ ତିନିଗୁଣା ବୃଦ୍ଧି ପାଇଛି। ସୂଚନା ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରଣାଳୟ ପକ୍ଷରୁ ଏ ସମ୍ପର୍କରେ ପରିସଂଖ୍ୟାନ ଜାରି କରାଯାଇଛି। ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ଯେ, ୨୦୧୬ ଅକ୍ଟୋବରରେ ୭୯.୬୭ କୋଟି ଡିଜିଟାଲ ନେଣଦେଣ ହୋଇଥିଲା। ଅଗଷ୍ଟ, ୨୦୧୮ରେ ଏହା ୨୦୭ ପ୍ରତିଶତ ବୃଦ୍ଧି ପାଇ ୨୪୪.୮୧ କୋଟି ପର୍ଯ୍ୟନ୍ତ ପହଞ୍ଚିଯାଇଛି।

### ବୀମାଧାରୀ ଫେରସ୍ତ ପାଇବେ ୧୫୦୦୦ କୋଟି

ନୂଆଦିଲ୍ଲୀ,୧୦-୧୧: ବିଭିନ୍ନ କାରଣରୁ ବୀମା କମ୍ପାନୀଙ୍କ ନିକଟରେ ଦାବିହୀନ ହୋଇ ପଡି ରହିଥିବା ୧୫ ହଜାର କୋଟି ଟଙ୍କାକୁ ବୀମାଧାରକ ଅଥବା ସେମାନଙ୍କ ପରିବାରବର୍ଗଙ୍କୁ ଫେରାଇ ଦିଆଯିବ। ଏନେଇ ବୀମା ନିୟନ୍ତ୍ରକ ଆଇଆରଡିଏ ପକ୍ଷରୁ ପଦକ୍ଷେପ ନିଆଯାଉଛି। ଏ ସମ୍ପର୍କରେ ଏକ ବ୍ୟବସ୍ଥା ପ୍ରସ୍ତୁତ କରାଯାଉଛି। ପେନ୍‌ସନ ସ୍କିମ୍‌ରେ ପଡି ରହିଥିବା ଟଙ୍କାକୁ ଫେରାଇ ଦେବା ଲାଗି ବୀମା କମ୍ପାନୀଗୁଡିକୁ ଆଇଆର୍‌ଡିଏ ନିର୍ଦ୍ଦେଶ ଦେଇଛି। ବୀମାଧାରକଙ୍କ ଅଚାନକ ମୃତ୍ୟୁ ପାଇଁ ବୀମା କମ୍ପାନୀଙ୍କ ନିକଟରେ ଟଙ୍କା ପଡି ରହୁଛି। ଏହି ଟଙ୍କାରେ ବୀମାଧାରକଙ୍କ ପରିବାରବର୍ଗ ଅନ୍ୟ ବୀମା କିଣିପାରୁନାହାନ୍ତି। ବୀମାଧାରକ ଅଥବା ତାଙ୍କ ପରିବାରବର୍ଗ ବୀମା କମ୍ପାନୀଙ୍କ ନିକଟରେ ପଡି ରହିଥିବା ଟଙ୍କାକୁ ଫେରସ୍ତ ପାଇଁ ଦାବି କରନ୍ତି ନାହିଁ।

### ବ୍ରିଟେନରେ ୨୭୧ କୋଟି ଠକେଇ କୋର୍ଟ ଗଲା ପିଏନ୍‌ବି

ଲଣ୍ଡନ,୧୦-୧୧: ହୀରା ବ୍ୟବସାୟୀ ନୀରବ ମୋଦି ଏବଂ ମେହୁଲ ଚୋକ୍‌ସୀ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ(ପିଏନ୍‌ବି)ରୁ ପ୍ରାୟ ସାଢ଼େ ୧୩ ହଜାର କୋଟି ଟଙ୍କା ଠକି ଏବେ ବିଦେଶ ଫେରାର ହୋଇଯାଇଛନ୍ତି। ତେବେ ବ୍ରିଟେନରେ ଥିବା ଏହି ବ୍ୟାଙ୍କର ଅନ୍ତର୍ଜାତୀୟ ଶାଖାରେ ମଧ୍ୟ ଏଭଳି ଏକ ଠକେଇ ହୋଇଛି। ଏଥିରେ ସାମିଲ ଥିବା ୫ ଜଣ ଭାରତୀୟ, ଜଣେ ଆମେରିକୀୟ ଏବଂ ୩ଟି କମ୍ପାନୀ ସାମିଲ ରହିଛନ୍ତି। ସେମାନେ ବ୍ୟାଙ୍କକୁ ତଥ୍ୟ ଲୁଚାଇ ୩.୭ କୋଟି ଆମେରିକା ଡଲାର ଅର୍ଥାତ୍ ୨୭୧ କୋଟି ଟଙ୍କାର ଋଣ ନେଇ ଠକିଛନ୍ତି ବୋଲି ଅଭିଯୋଗ କରି ପିଏନ୍‌ବି ପକ୍ଷରୁ ସ୍ଥାନୀୟ ହାଇକୋର୍ଟରେ ମାମଲା ଦାଏର କରାଯାଇଛି।

### ଏନ୍‌ବିଏଫ୍‌ସିଙ୍କୁ ନଗଦ ଯୋଗାଣ ସହମତ ହୋଇପାରନ୍ତି ଆର୍‌ବିଆଇ-ସରକାର

କୋଲକାତା,୧୦-୧୧: ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ଏବଂ କେନ୍ଦ୍ର ସରକାରଙ୍କ ମଧ୍ୟରେ ବିଭିନ୍ନ ପ୍ରସଙ୍ଗରେ ମତଭେଦ ଥିଲେ ସୁଦ୍ଧା ଅଣବ୍ୟାଙ୍କିଙ୍ଗ ଆର୍ଥିକ ସଂସ୍ଥା(ଏନ୍‌ବିଏଫ୍‌ସି)ଙ୍କୁ ନଗଦ ଯୋଗାଣ ସଂକ୍ରାନ୍ତରେ ସହମତି ପ୍ରକାଶ ପାଇପାରେ। ଡିବିଏସ୍ ବ୍ୟାଙ୍କ ପକ୍ଷରୁ ପ୍ରସ୍ତୁତ ରିପୋର୍ଟରେ କୁହାଯାଇଛି ଯେ, ଏନବିଏଫ୍‌ସି ପ୍ରସଙ୍ଗରେ ଉଭୟ ପକ୍ଷ ଏକମତ ହୋଇପାରନ୍ତି। ନଗଦ ଯୋଗାଣକୁ ନେଇ ଆର୍‌ବିଆଇ ଓ କେନ୍ଦ୍ର ସରକାରଙ୍କ ମଧ୍ୟରେ ମତଭେଦ ଚରମସୀମାରେ ପହଞ୍ଚିଛି। ଏନବିଏଫ୍‌ସିଙ୍କୁ ପାଣ୍ଠି ଯୋଗାଣ ନେଇ ମତଭେଦ ଦୂର ହୋଇଛି ବୋଲି ଡିବିଏସ୍ ବ୍ୟାଙ୍କର ଅର୍ଥନୀତିଜ୍ଞ ରାଧିକା ରାଓ ପ୍ରକାଶ କରିଛନ୍ତି।

■ ବିମୁଦ୍ରୀକରଣ, ଜିଏସ୍‌ଟି ନେଇ ମତ ରଖିଲେ ରାଜନ

# ଧିମେଇଛି ଭାରତର ଅର୍ଥନୀତି

ୱାଶିଂଟନ,୧୦-୧୧



■୭%ଅଭିବୃଦ୍ଧି ଯଥେଷ୍ଟ ନୁହେଁ
■୩ ମୁଖ୍ୟ ସମସ୍ୟାର ସମାଧାନ ଜରୁରୀ
■ଗୋଟିଏ କେନ୍ଦ୍ରରେ ରହି ଭାରତ କାମ କରିପାରିବନି

ବିମୁଦ୍ରୀକରଣ ଓ ଜିଏସ୍‌ଟିକୁ ନେଇ ଭାରତୀୟରିଜର୍ଭବ୍ୟାଙ୍କ(ଆର୍‌ବିଆଇ)ର ପୂର୍ବତନ ଗଭର୍ନର ରଘୁରାମ ରାଜନ ପୁନର୍ବାର ଏନ୍‌ଡିଏ ସରକାରଙ୍କ ଉପରେ ବର୍ଷିଛନ୍ତି। ଏହି ଦୁଇଟି ଝଟ୍‌କା କାରଣରୁ ଗତବର୍ଷ ଭାରତର ଅର୍ଥନୀତିର ବିକାଶ ଧିମେଇଯାଇଛି ବୋଲି ସେ ଅଭିଯୋଗ କରିଛନ୍ତି। ଦେଶର ଚାହିଦା ମେଣ୍ଟାଇବା ଲାଗି ୭ ପ୍ରତିଶତ ଅଭିବୃଦ୍ଧି ଯଥେଷ୍ଟ ନୁହେଁ ବୋଲି ସେ ଜୋର୍ ଦେଇ କହିଛନ୍ତି।

ବର୍କଲେସ୍ଥିତ ୟୁନିଭର୍ସିଟି ଅଫ୍ କାଲିଫର୍ନିଆରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗ ଦେଇ ରାଜନ କହିଛନ୍ତି ଯେ,୪ ବର୍ଷ ପର୍ଯ୍ୟନ୍ତ(୨୦୧୨ରୁ ୨୦୧୬) ଭାରତରେ ବିକାଶ ଅଭିବୃଦ୍ଧି ଦ୍ରୁତ ହୋଇଥିଲା। ତେବେ ବିମୁଦ୍ରୀକରଣ ଏବଂ ଜିଏସ୍‌ଟି ଭଳି ଦୁଇଟି ପଦକ୍ଷେପ ଯୋଗୁ ଭାରତର ଅଭିବୃଦ୍ଧି ଉପରେ ଗଭୀର ପ୍ରଭାବ ପଡିଥିଲା। ଏହା ଏପରି ସମୟରେ ହୋଇଥିଲା ଯେତେବେଳେ ଭାରତର ବିକାଶର ଗତି ଧିମେଇ ଯାଇଥିଲା ବେଳେ ବିଶ୍ୱର ଅର୍ଥନୀତି ଆଗେଇ ଚାଲିଥିଲା। ଭାରତର ଭବିଷ୍ୟତ ଉପରେ ନିଜ ଅଭିଭାଷଣରେ ରାଜନ କହିଛନ୍ତି ଯେ, ପ୍ରତି ବର୍ଷ ୭ ପ୍ରତିଶତ ହାରରେ ୨୫ ବର୍ଷ ଧରି ବିକାଶ ହେବା ଅନେକ ଅନେକ ମଜଭୁତ କୁହାଯାଇପାରେ। କିନ୍ତୁ ଏହାକୁ ହିନ୍ଦୁ ବିକାଶର ଅଭିବୃଦ୍ଧି ବୋଲି କୁହାଯାଇପାରେ ଯାହାକି ପ୍ରଥମେ ସାଢ଼େ ୩ ପ୍ରତିଶତ ହାରରେ ଧରାଯାଉଥିଲା। ସ୍ୱାଧୀନତା ପରେ ଦେଶରେ ବିକାଶର ହାରକୁ ହିନ୍ଦୁ ରେଟ୍ ଅଫ୍ ଗ୍ରୋଥ୍ ବା ହିନ୍ଦୁ ବିକାଶର ଅଭିବୃଦ୍ଧି କୁହାଯାଉଥିଲା। ଏହାର ଅର୍ଥ ଅତ୍ୟନ୍ତ ଦୁର୍ବଳ ଅଭିବୃଦ୍ଧି କୁହାଯାଉଥିଲା। ଶ୍ରମ ବଜାରକୁ ଆସୁଥିବା ଶ୍ରମିକ ଶ୍ରେଣୀଙ୍କ ପାଇଁ ୭% ବିକାଶ ହାର ଯଥେଷ୍ଟ ନୁହେଁ ବୋଲି ସେ ଉଲ୍ଲେଖ କରିଛନ୍ତି। ଭାରତର ଅଭିବୃଦ୍ଧି ପୁଣିଥରେ ଆଗେଇବାରେ ଲାଗିଛି ବୋଲି ଦର୍ଶାଇ ସେ କହିଛନ୍ତି ଯେ, ତୈଳ ଦର ବୃଦ୍ଧି ଏଥିରେ ବଡ଼ ବାଧକ। ସେ କହିଛନ୍ତି ଯେ, ଦେଶ ଏବେ ଧୀରେ ଧୀରେ ବିମୁଦ୍ରୀକରଣ ଏବଂ ଜିଏସ୍‌ଟି ପ୍ରଭାବରୁ ମୁକ୍ତ ହେଉଛି।

ଅନାଦାୟ ଋଣ ବୃଦ୍ଧି ପାଉଥିବା ନେଇ ବିଖ୍ୟାତ ଅର୍ଥନୀତିଜ୍ଞ କହିଛନ୍ତି ଯେ, ଋଣ ଆଦାୟ କରିବା ଏକମାତ୍ର ଉପାୟ। ଏହାଦ୍ୱାରା ବ୍ୟାଙ୍କ ଆକାଉଣ୍ଟକୁ ସଜାଡିହେବ। ଅନାଦାୟ ଋଣ ସମସ୍ୟାର ସମାଧାନ ଲାଗି ଆଇବିସି ଏକମାତ୍ର ପନ୍ଥା ହେବା ଉଚିତ୍ ନୁହେଁ ବୋଲି ଦର୍ଶାଇ ପୂର୍ବତନ ଗଭର୍ନର କହିଛନ୍ତି ଯେ, ଏ ଦିଗରେ ଏକାଧିକ ପଦକ୍ଷେପ ନେବାକୁ ହେବ। ଭାରତର ଅଭିବୃଦ୍ଧି ୭ ପ୍ରତିଶତ ତଳେ ରହିଲେ ମନେ ହେବ ଯେ, କେଉଁଠି କିଛି ତ୍ରୁଟି ରହିଯାଇଛି। ୭ ପ୍ରତିଶତ ହାରକୁ ଆଧାର ମନେ କରି ଆଗାମୀ ୧୦-୧୫ ବର୍ଷ ପର୍ଯ୍ୟନ୍ତ ଅଭିବୃଦ୍ଧି ହାସଲ କରିବାକୁ ହେବ। ସେ କହିଛନ୍ତି ଯେ, ଭାରତ ଏବେ ୩ ମୁଖ୍ୟ ସମସ୍ୟାର ସମ୍ମୁଖୀନ ହୋଇଛି,ଯାହାର ସମାଧାନ ଜରୁରୀ। ପ୍ରଥମ ସମସ୍ୟାଟି ହେଲା ଭିତ୍ତିଭୂମି ନିର୍ମାଣ। ଏହା ଅର୍ଥନୀତି ଅଭିବୃଦ୍ଧିରେ ମୁଖ୍ୟ ସହାୟକ ହୋଇଥାଏ। ଦ୍ୱିତୀୟତଃ ବିଦ୍ୟୁତ୍ ଉତ୍ପାଦନ କ୍ଷେତ୍ରକୁ ସଜାଡିବାକୁ ହେବ। ପ୍ରକୃତ ଆବଶ୍ୟକକାରୀଙ୍କୁ ବିଦ୍ୟୁତ୍ ଯୋଗାଇବାକୁ ହେବ। ତୃତୀୟତଃ ଏନପିଏ ସମସ୍ୟାକୁ ଯଥାଶୀଘ୍ର ସମାଧାନ କରିବାକୁ ହେବ। କ୍ଷମତାର କେନ୍ଦ୍ରୀକରଣକୁ ସେ ବିରୋଧ କରିଛନ୍ତି। ଭାରତ ଗୋଟିଏ କେନ୍ଦ୍ରରେ ରହି କାମ କରିପାରିବ ନାହିଁ। ଯେତେ ଅଧିକ ଲୋକେ ବୋଝକୁ ବୋହିବେ ଭାରତର ଅଭିବୃଦ୍ଧି ସେତେ ଦ୍ରୁତ ହେବ ବୋଲି ସେ ଉଲ୍ଲେଖ କରିଛନ୍ତି।

## ନୂଆ ଉତ୍ପାଦ

### ଆସସ୍‌ର ନୂଆ ଭିଭୋ ବୁକ୍ ସିରିଜ୍



ଆସସ୍ ପକ୍ଷରୁ ଭାରତରେ ଅତ୍ୟାଧୁନିକ ୱିଣ୍ଡୋ ସୁବିଧା ରହିଥିବା ଭିଭୋ ବୁକ୍ ସିରିଜର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏହା ମଧ୍ୟରେ ରହିଛି ଭିଭୋ ବୁକ ଏସ୍ ୧୫(ଏସ୍ ୫୩୦) ଏସ୍ ୧୪(ଏସ୍ ୪୩୦) ଭଳି ମଡେଲ। ଏସ୍ ୧୫ର ମୂଲ୍ୟ ୬୯,୯୯୦ ଟଙ୍କା ରହିଛି। ଅପରପକ୍ଷରେ ଏସ୍ ୧୪ର ବଜାର ଦର ୫୪,୯୯୦ ଟଙ୍କା ରହିଛି। ଏହା ଆଇସିକେଲ ଗୋଲ୍ଡ, ଫିର୍ମାମେଣ୍ଟ ଗ୍ରୀନ, ସିଲଭର ବ୍ଲୁ, ଷ୍ଟାର ଗ୍ରେ ଓ ଗୁନ୍ ମେଟାଲ ରଙ୍ଗରେ ଉପଲବ୍ଧ ହେବ। ଏଥିରେ ଏରଗୋଏଲିଫ୍ଟ ସୁବିଧା ରହିଛି। ଏହା ଗ୍ରାହକଙ୍କୁ ଡେକ୍ସଟପ୍ ଭଳି ସୁବିଧା ପ୍ରଦାନ କରିବ। ଏଥିରେ ଅଷ୍ଟମ ପିଢୀର ଆଇ୭ ଇଣ୍ଟେଲକୋର ପ୍ରୋସେସର ସହ ଅନ୍ୟାନ୍ୟ ଅତ୍ୟାଧୁନିକ ବୈଶିଷ୍ଟ୍ୟ ରହିଛି।

### ଏୟାର ପ୍ୟୁରିଫାୟର ବଜାରରେ ପ୍ରବେଶ କଲା ଆମ୍‌ୱେ



ପ୍ରମୁଖ କମ୍ପାନୀ ଆମୱେ ଇଣ୍ଡିଆ ପକ୍ଷରୁ ଏୟାର ପ୍ୟୁରିଫାୟର ବର୍ଗରେ ପ୍ରବେଶ ସହ କଞ୍ଜ୍ୟୁମର ଡ୍ୟୁରେବଲ ସମ୍ପ୍ରସାରଣ ସମ୍ପର୍କରେ ଘୋଷଣା କରାଯାଇଛି। ଏହି ବର୍ଗରେ କମ୍ପାନୀ ପ୍ରଥମେ ଯାତ୍ରୀବାହୀ ଯାନ ଲାଗି ଏୟାର ପ୍ୟୁରିଫାୟର ଆବଶ୍ୟକତାକୁ ଉପଲବ୍ଧି କରିଛି। ଭାରତର ପ୍ରଥମ ଓ ଆଲର୍ଜି ୟୁକେ ସିଲ୍ ଅଫ୍ ଆପ୍ରୁଭାଲ ଥିବା ଏକମାତ୍ର କାର୍ ଏୟାର ଟ୍ରିଟମେଣ୍ଟ ଆଟମୋସ୍ଫିୟର ଡ୍ରାଇଭକୁ ବଜାରକୁ ଛାଡିଛି। ଏହା ପ୍ରଦୂଷଣକୁ ହ୍ରାସ କରିବାକୁ ବିଶେଷ ଭାବେ ସହାୟକ ହେବ ବୋଲି କମ୍ପାନୀର ମୁଖ୍ୟ ମାର୍କେଟିଂ ଅଧିକାରୀ ସୁନ୍ଦୀପ ଶାହ ସୂଚନା ଦେଇଛନ୍ତି।

## ନାଲ୍‌କୋ ଗ୍ରୀନ୍ ଆୱାର୍ଡ ଲାଗି ଆବେଦନ ପତ୍ର ଆହ୍ୱାନ

ଭୁବନେଶ୍ୱର,୧୦-୧୧

ଇଞ୍ଜିନିୟରିଂରେ ଉତ୍କର୍ଷ ଲାଗି ନାଲ୍‌କୋ ପକ୍ଷରୁ ରାଜ୍ୟ ସ୍ତରୀୟ ଗ୍ରୀନ ଆୱାର୍ଡ ସମ୍ପର୍କରେ ଘୋଷଣା କରାଯାଇଛି। ଓଡିଶାର ଔଦ୍ୟୋଗିକ ପ୍ରଗତିରେ ସବୁଜ ବୈଷୟିକ ଜ୍ଞାନକୌଶଳ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଇଞ୍ଜିନିୟରମାନଙ୍କୁ ସ୍ୱୀକୃତି ଦେବା ଲାଗି ଏଭଳି ଏକ ଆୱାର୍ଡ ପ୍ରଦାନ କରାଯାଉଛି। ଇଞ୍ଜିନିୟରିଂ ଦିବସ ଅବସରରେ ନାଲ୍‌କୋ ଗ୍ରୀନ୍ ଆୱାର୍ଡ ଫର୍ ଇଞ୍ଜିନିୟରିଂ ଏକ୍ସିଲେନ୍ସ ଆୱାର୍ଡ ପ୍ରଦାନ କରାଯିବ। ପ୍ରଥମ ପୁରସ୍କାର ଭାବେ ୨ ଲକ୍ଷ ଟଙ୍କା ସହ ମାନପତ୍ର, ଦ୍ୱିତୀୟ ପୁରସ୍କାର ଭାବେ ୧ ଲକ୍ଷ ଟଙ୍କା ସହ ମାନପତ୍ର ଏବଂ ତୃତୀୟ ପୁରସ୍କାର ଭାବେ ଦୁଇ ଜଣ ବିଜେତାଙ୍କୁ ୫୦,୦୦୦ ଟଙ୍କା ଏବଂ ମାନପତ୍ର ପ୍ରଦାନ କରାଯିବ ବୋଲି ନାଲ୍‌କୋ ପକ୍ଷରୁ ସୂଚନା ରହିଛି। ଏଥିଲାଗି ଅନ୍‌ଲାଇନରେ ଆବେଦନପତ୍ର ଗ୍ରହଣ କରାଯାଉଛି। ଆବେଦନର ଶେଷ ତାରିଖ ଆସନ୍ତା ମାସ ୮ ତାରିଖ ରହିଛି।

## ୟୁବିଆଇର ସତର୍କତା ସଚେତନତା ସପ୍ତାହ

ଭୁବନେଶ୍ୱର,୧୦-୧୧

ୟୁନାଇଟେଡ ବ୍ୟାଙ୍କ ଅଫ୍ ଇଣ୍ଡିଆ(ୟୁବିଆଇ) ପକ୍ଷରୁ ସତର୍କତା ସଚେତନତା ସପ୍ତାହ ପାଳିତ ହୋଇଯାଇଛି। ଏହି ଅବସରରେ ସଚେତନତା ସୃଷ୍ଟି ଲାଗି କଲିକତାସ୍ଥିତ ମୁଖ୍ୟ କାର୍ଯ୍ୟାଳୟ ସମେତ ଅନ୍ୟାନ୍ୟ କାର୍ଯ୍ୟାଳୟଗୁଡିକରେ ଏହି ଦିବସ ପାଳିତ ହୋଇଥିଲା। କଲିକତା ଆଞ୍ଚଳିକ କାର୍ଯ୍ୟାଳୟରେ ଏହି ଉପଲକ୍ଷେ ଏକ ଜନ ସଚେତନତା ଗଣଦୌଡ ଅନୁଷ୍ଠିତ ହୋଇଥିଲା। ବ୍ୟାଙ୍କର ମୁଖ୍ୟ ସତର୍କତା ଅଧିକାରୀ ଅରୁଣ କୁମାର ବର୍ମାଙ୍କ ତତ୍ତ୍ୱାବଧାନରେ ଉକ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ୟାଙ୍କର ବରିଷ୍ଠ ଅଧିକାରୀ ତଥା କର୍ମଚାରୀମାନେ ଯୋଗ ଦେଇଥିଲେ। ଦିଲ୍ଲୀ, ଲକ୍ଷ୍ନୌ, ଗୁଆହାଟି, ପୂର୍ବ ମେଦିନୀପୁର ଭଳି ସ୍ଥାନରେ ଏଭଳି ଗଣଦୌଡ ଅନୁଷ୍ଠିତ ହୋଇଥିଲା।

## ଜ୍ୟୋତି ସୁଜୁକି ପକ୍ଷରୁ ଲକି ଡ୍ର

ଭୁବନେଶ୍ୱର,୧୦-୧୧



ଭୁବନେଶ୍ୱର ପଟିଆ ସ୍ଥିତ ଜ୍ୟୋତି ସୁଜୁକି ପକ୍ଷରୁ ଏକ ଗୋଲ୍ଡ ସ୍କିମ ଅଫରର ଲକି ଡ୍ର ଅନୁଷ୍ଠିତ ହୋଇଯାଇଛି। ଏହା ଦ୍ୱାରା ୮ ଭାଗ୍ୟଶାଳୀ ବିଜେତାଙ୍କୁ ସୁନା କଏନ ପ୍ରଦାନ କରାଯାଇଛି। ଏମାନଙ୍କ ମଧ୍ୟରୁ ୨ ଜଣଙ୍କୁ ୨ ଗ୍ରାମ ଲେଖାଏ ସୁନା ମିଳିଥିବା ବେଳେ ଅନ୍ୟ ୬ ଜଣଙ୍କୁ ୧ ଗ୍ରାମ ଲେଖାଏ ସୁନା ମିଳିଛି। ଜ୍ୟୋତି ସୁଜୁକିର ସେଲ୍‌ସ ମ୍ୟାନେଜର ଜିତେଶ୍ୱର ସାହୁ ବିଜେତାଙ୍କୁ ଗୋଲ୍ଡ କଏନ୍ ପ୍ରଦାନ କରିଥିଲେ।

## ୟୁନିୟନ ବ୍ୟାଙ୍କର ସତର୍କତା ସଚେତନତା




ଭୁବନେଶ୍ୱର,୧୦-୧୧

ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ କ୍ଷେତ୍ରୀୟ କାର୍ଯ୍ୟାଳୟ ଏବଂ ଆଲ୍ଲାହାବାଦ ବ୍ୟାଙ୍କ ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟ ପକ୍ଷରୁ ଭିଜିଅନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସତର୍କତା ସଚେତନତା ଏବଂ ରାଷ୍ଟ୍ରୀୟ ଏକତା ଦିବସ ଅବସରରେ ବ୍ୟାଙ୍କ ପକ୍ଷରୁ ଏଭଳି କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଏହି ଅବସରରେ ଦୁର୍ନୀତିକୁ ରୋକିବା ନିମନ୍ତେ ଏକ ର୍‍ୟାଲି ଅନୁଷ୍ଠିତ ହୋଇଥିଲା। ୟୁନିୟନ ବ୍ୟାଙ୍କ କ୍ଷେତ୍ରୀୟ କାର୍ଯ୍ୟାଳୟର ଉପମହାପ୍ରବନ୍ଧକ ଆର୍.ଏଲ୍ ମୀନାଙ୍କ ତତ୍ତ୍ୱାବଧାନରେ ଉକ୍ତ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ଏଥିରେ ବ୍ୟାଙ୍କର ୨୦୦ରୁ ଉର୍ଦ୍ଧ୍ୱ କର୍ମଚାରୀ ଯୋଗ ଦେଇଥିଲେ। ସେହିଭଳି ଏକତା ଦୌଡ ମଧ୍ୟ ଆୟୋଜନ କରାଯାଇଥିଲା। ଦୁର୍ନୀତି ନିବାରଣ ପାଇଁ ଏକ ଶପଥପାଠ କାର୍ଯ୍ୟକ୍ରମ ମଧ୍ୟ ଏହି ଅବସରରେ ଅନୁଷ୍ଠିତ ହୋଇଥିଲା।

## ଆଇଓବି ପକ୍ଷରୁ ଅଟୋ ଏକ୍ସପୋ

ଭୁବନେଶ୍ୱର,୧୦-୧୧

ଇଣ୍ଡିଆନ୍ ଓଭରସିଜ ବ୍ୟାଙ୍କ (ଆଇଓବି) ପକ୍ଷରୁ ଅଟୋ ଏକ୍ସପୋ-୨୦୧୮ ଭୁବନେଶ୍ୱରର ଚନ୍ଦ୍ରଶେଖରପୁର ଶାଖା ପରିସରରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ମୁଖ୍ୟ କ୍ଷେତ୍ରୀୟ ପ୍ରବନ୍ଧକ ଆର୍.ଶଙ୍କର ରାଓ ଉଦ୍‌ଘାଟନ କରିଥିଲେ। ଏକ୍ସପୋରେ ମାରୁତି, ହ୍ୟୁଣ୍ଡାଇ, ହୋଣ୍ଡା ଭଳି କମ୍ପାନୀଗୁଡିକ ନିଜର ଉତ୍ପାଦ ପ୍ରଦର୍ଶନ କରାଇଥିଲେ। ଏଥିରେ ବ୍ୟାଙ୍କ ପକ୍ଷରୁ କମ୍ ସୁଧହାରରେ ଏବଂ ବିନା ପ୍ରୋସେସିଂରେ ଗ୍ରାହକଙ୍କୁ ଗାଡି ଯୋଗାଇ ଦିଆଯାଇଥିଲା। ଏଥିରେ ମୁଖ୍ୟ ପ୍ରବନ୍ଧକ ଭବାନୀ ମିଶ୍ର, ସଞ୍ଜିତ କୁମାର ପଟ୍ଟନାୟକ, ଗତିକୃଷ୍ଣ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।

## ଓପିଟିସିଏଲ୍‌ର ଦୁର୍ନୀତି ନିବାରଣ ସପ୍ତାହ

ଭୁବନେଶ୍ୱର,୧୦-୧୧

ଓପିଟିସିଏଲ୍ ଭୁବନେଶ୍ୱରସ୍ଥିତ ମୁଖ୍ୟ କାର୍ଯ୍ୟାଳୟ ପରିସରରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଶକ୍ତି ସଚିବ ହେମନ୍ତ ଶର୍ମା ଏବଂ କେନ୍ଦ୍ରାଞ୍ଚଳ ଆଇଜି ସୌମେନ୍ଦ୍ର ପ୍ରିୟଦର୍ଶୀ ଯୋଗ ଦେଇଥିଲେ। କମ୍ପାନୀର ମାନବ ସମ୍ବଳ ନିର୍ଦ୍ଦେଶକ ରାଜେନ୍ଦ୍ର ସେନାପତି, ଅର୍ଥ ନିର୍ଦ୍ଦେଶକ ବିଭୁ ପ୍ରସାଦ ମହାପାତ୍ର, ବାଣିଜ୍ୟ ନିର୍ଦ୍ଦେଶକ ମାନସ କୁମାର ଦାସ ପ୍ରମୁଖ ଉପସ୍ଥିତ ରହି ଦୁର୍ନୀତି ବିରୋଧରେ ଲଢ଼ିବା ଉପରେ ମତ ରଖିଥିଲେ। ଏହି ଅବସରରେ ସ୍କୁଲ ଓ କଲେଜ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ଶର୍ମା ପୁରସ୍କୃତ କରିଥିଲେ।

## ଓଡ଼ିଶାରେ ସ୍ଥିତିକୁ ଆହୁରି ଦୃଢ଼ କରିବୁ

**ଇଲେକଟ୍ରୋନିକ୍ସ ସାମଗ୍ରୀ ମାନୁଫାକ୍‌ଚରର୍ କମ୍ପାନୀଗୁଡିକ ପାର୍ବଣ ସମୟରେ ଗ୍ରାହକଙ୍କୁ ବିଭିନ୍ନ ଆକର୍ଷଣୀୟ ଅଫର ଦ୍ୱାରା ଆକର୍ଷିତ କରିଥାନ୍ତି। ବର୍ଷର ଅନ୍ୟ ସମୟ ଅପେକ୍ଷା ପାର୍ବଣରେ କମ୍ପାନୀଗୁଡିକର କାରବାର ବେଶ୍ ଭଲ ହୋଇଥାଏ। ଏହି କ୍ଷେତ୍ରରେ ଏଲ୍‌ଜି ଇଲେକଟ୍ରୋନିକ୍ସ ଇଣ୍ଡିଆ ପ୍ରାଇଭେଟ ଲିମିଟେଡ ଅନ୍ୟତମ। ବିଭିନ୍ନ ଶୃଙ୍ଖଳାରେ ଏହା ଗ୍ରାହକଙ୍କୁ ପ୍ରଡକ୍ଟ ଓ ସେବା ଯୋଗାଇଦେଉଛି। କମ୍ପାନୀ ପକ୍ଷରୁ ପ୍ରସ୍ତୁତ ପ୍ୟୁରିକେୟାର ରେଞ୍ଜ ୱାଟର ପ୍ୟୁରିଫାୟର ନିକଟରେ ହାର୍ଟ କେୟାର ଫାଉଣ୍ଡେଶନ ଅଫ୍ ଇଣ୍ଡିଆ ପକ୍ଷରୁ ପ୍ରମାଣପତ୍ର ଲାଭ କରିଛି। ଏହି ଅବସରରେ ଓଡିଶା ବଜାରକୁ ନେଇ କମ୍ପାନୀର ବିଭିନ୍ନ ଯୋଜନା ଉପରେ ଏହାର ଆଞ୍ଚଳିକ ବାଣିଜ୍ୟ ମୁଖ୍ୟ ପ୍ରବଳ ସକ୍ସେନା ଧରିତ୍ରୀକୁ ଦେଇଥିବା ସାକ୍ଷାତକାର...**



ପ୍ରବଳ ସକ୍ସେନା

**ଓଡ଼ିଶା ବଜାରରେ କମ୍ପାନୀର ସ୍ଥିତିକୁ କେମିତି ବିଚାର କରୁଛନ୍ତି?**

ଓଡ଼ିଶା ଆମ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ବଜାର। ଏଠାରେ ଉପସ୍ଥିତିକୁ ଆହୁରି ଦୃଢ କରିବାକୁ ଲକ୍ଷ୍ୟ ରଖିଛୁ। ବର୍ତ୍ତମାନ ଓଡିଶାରେ ୧୨ଟି ବ୍ରାଣ୍ଡ ଷ୍ଟୋର ସ୍ଥାପନ କରିଛୁ। ଆଉ ୨୦ ନୂଆ ଷ୍ଟୋର ସଂଯୋଗ କରିବା ନେଇ ଯୋଜନା ରଖିଛୁ।

**କମ୍ପାନୀର ମୋଟ କାରବାରରେ ଟିଭି ସେଗ୍‌ମେଣ୍ଟର ଅଂଶ କିଭଳି ରହିଛି?**

ଆମର ମୋଟ କାରବାର ମଧ୍ୟରେ ଟିଭି ସେଗମେଣ୍ଟ ସିଂହଭାଗ ଅଂଶ ହାସଲ କରିଛି। ମୋଟ କାରବାର ମଧ୍ୟରେ ଟିଭିର ଅବଦାନ ୫୦% ରହିଛି। ସେହିଭଳି ୱାଶିଂମେଶିନ ଏବଂ ରେଫ୍ରିଜରେଟର ଯଥାକ୍ରମେ ଦ୍ୱିତୀୟ ଏବଂ ତୃତୀୟ ସ୍ଥାନରେ ଅଛନ୍ତି।

**କମ୍ପାନୀ କେଉଁ ପ୍ରଡକ୍ଟଗୁଡିକର ଭଲ ବିକ୍ରି ନେଇ ଆଶା ରଖିଛନ୍ତି?**

ଓଡ଼ିଶାରେ କମ୍ପାନୀର ପ୍ରାୟ ସବୁ ପ୍ରଡକ୍ଟ ଭଲ ବିକ୍ରି ହେଉଛି। ଏହି ଧାରା ଜାରି ରହିବ ବୋଲି ଆମେ ଆଶାବାଦୀ। ଏଠାରେ ଅର୍ଗାନିକ ଏଲ୍‌ଇଡି, ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଫିଚରଯୁକ୍ତ ଟିଭି, ଟପ୍ ତଥା ଫ୍ରଣ୍ଟ ଲୋଡ୍ ୱାଶିଂ ମେଶିନ, ଇନଷ୍ଟା ରେଫ୍ରିଜରେଟର, ୱାଟର ପ୍ୟୁରିଫାୟର ବର୍ଗରେ ପ୍ରଡକ୍ଟ ଉନ୍ନତ ବିକ୍ରି ହେବ ବୋଲି ଆଶାବାଦୀ।

**ଆଗାମୀ ଦିନରେ କେଉଁ ସବୁ ପ୍ରଡକ୍ଟ ବଜାରକୁ ଆଣିବେ?**

ଗ୍ରାହକଙ୍କ ଚାହିଦାକୁ ଧ୍ୟାନରେ ରଖାଯାଇଛି। ଆବଶ୍ୟକତାକୁ ଧ୍ୟାନରେ ରଖି ଆଗାମୀ ଦିନରେ ନୂଆ ୟୁଏଚ୍‌ଡି ଟିଭି ଏବଂ ଫ୍ରଣ୍ଟ ଲୋଡିଂ ୱାଶିଂମେଶିନ ଆଣିବାକୁ ଯୋଜନା ରହିଛି।

**ଓଡ଼ିଶାରେ ବ୍ୟବସାୟ ନେଇ କ'ଣ ଲକ୍ଷ୍ୟ ରଖିଛନ୍ତି?**

ଏଠାରେ ଚଳିତ ବର୍ଷ ୪୨୫ କୋଟି ଟଙ୍କାର ବ୍ୟବସାୟ ନେଇ ଲକ୍ଷ୍ୟ ଧାର୍ଯ୍ୟ କରିଛୁ। ଏହା ଗତ ବର୍ଷ ୩୫୦ କୋଟି ଟଙ୍କା ରହିଥିଲା। ଗତବର୍ଷ ପାର୍ବଣରେ ୬୦ରୁ ୬୫ କୋଟି ଟଙ୍କାର ବାଣିଜ୍ୟ କାରବାର କରିବାକୁ ସକ୍ଷମ ହୋଇଥିଲୁ। ଚଳିତ ବର୍ଷ ଅକ୍ଟୋବର ଓ ନଭେମ୍ବର ମଧ୍ୟରେ ବ୍ୟବସାୟ ୮୦ କୋଟି ଟପିବା ବୋଲି ଆଶାକରୁଛୁ।



❝ ଶ୍ରୀଲଙ୍କା ବିପକ୍ଷ ଗାଲେ ଟେଷ୍ଟରେ ବିଜୟ ଦ୍ୱାରା ଆତ୍ମବିଶ୍ୱାସ ବୃଦ୍ଧି ପାଇଛି। ତେଣୁ ଆସନ୍ତା କାଣ୍ଡି ଟେଷ୍ଟରେ ଆମେ ଆଉ ଏକ ଭଲ ପ୍ରଦର୍ଶନ ଲକ୍ଷ୍ୟରେ ରହିଛୁ ।

–ଜୋ ରୁଟ୍, ଇଂଲଣ୍ଡ ଟେଷ୍ଟ ଦଳର ଅଧିନାୟକ



❝ ସୀମିତ ଓଭର କ୍ରିକେଟରେ କ୍ରମାଗତ ୭ ପରାଜୟ ପରେ ବୋଲରମାନଙ୍କ ପ୍ରଦର୍ଶନ ଯୋଗୁ ଶୁକ୍ରବାର ଦକ୍ଷିଣ ଆଫ୍ରିକା ବିପକ୍ଷରେ ଆମକୁ ବିଜୟ ମିଳିଛି ।

–ମାର୍କସ ଷ୍ଟୋଇନିସ୍, ଅଷ୍ଟ୍ରେଲୀୟ କ୍ରିକେଟର

## ସଂକ୍ଷେପରେ

### ବଜରଙ୍ଗ ବିଶ୍ୱର ନମ୍ବର ୱାନ୍

**ନୂଆଦିଲ୍ଲୀ,୧୦।୧୧:** ଷ୍ଟାର ଭାରତୀୟ କୁସ୍ତିଯୋଦ୍ଧା ବଜରଙ୍ଗ ପୁନିଆ ଶନିବାର କ୍ୟାରିୟରରେ ଏକ ବିଶେଷ ସଫଳତା ପାଇଛନ୍ତି। ସେ ୬୫ କିଗ୍ରା ପୁରୁଷ ବର୍ଗରେ ବିଶ୍ୱର ନମ୍ବର ୱାନ ର୍ୟାଙ୍କିଙ୍ଗ ହାସଲ କରିଛନ୍ତି। ୨୪ ବର୍ଷୀୟ ଏହି ଯୋଦ୍ଧା ଚଳିତ ସିଜନରେ ୫ ପଦକ ଜିତିଛନ୍ତି। ଏଥିରେ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଓ ଏସିଆନ ଗେମ୍ସ ସ୍ୱର୍ଣ୍ଣ ପଦକ ସହ ବିଶ୍ୱ ଚାମ୍ପିୟନଶିପ୍ ରୌପ୍ୟ ପଦକ ରହିଛି। ୟୁନାଇଟେଡ ୱାର୍ଲ୍ଡ ରେସଲିଂ (ୟୁଡବ୍ଲ୍ୟୁଡବ୍ଲ୍ୟୁ) ପକ୍ଷରୁ ପ୍ରକାଶ କରାଯାଇଥିବା ନୂଆ ର୍ୟାଙ୍କିଙ୍ଗରେ ବଜରଙ୍ଗ ସର୍ବାଧିକ ୯୬ ପଏଣ୍ଟ ସହ ଶୀର୍ଷରେ ରହିଛନ୍ତି। କ୍ୟୁବାର ଆଲେନଜାଣ୍ଡ୍ରୋ ଇନରିକ୍ୟୁ ଭଲାଦେଶ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଆଲେନଜାଣ୍ଡ୍ରୋଙ୍କଠାରୁ ବଜରଙ୍ଗ ୩୦ ପଏଣ୍ଟ ଆଗରେ ରହିଛନ୍ତି। ଏଣୁ ସେ ଅଧିକ ଦିନ ପର୍ଯ୍ୟନ୍ତ ଶୀର୍ଷ ମାନ୍ୟତା ବଜାୟ ରଖିପାରିବେ। ଏହି ର୍ୟାଙ୍କିଙ୍ଗ୍‌ରେ ରୁଷିଆର ଆଖମେଦ ଚାକେବ (୬୨ ପଏଣ୍ଟ) ଓ ନୂଆ ବିଶ୍ୱ ଚାମ୍ପିୟନ ତାକୁତୋ ଓଟୋଗୁରୋ (୫୬) ଯଥାକ୍ରମେ ୩ୟ ଓ ୪ର୍ଥ ସ୍ଥାନରେ ରହିଛନ୍ତି। ହରିୟାଣା ଯୋଦ୍ଧା ପୁନିଆ ଏକମାତ୍ର ଭାରତୀୟ ପୁରୁଷ ଯୋଦ୍ଧା ଭାବେ ଟପ୍ ୧୦ରେ ସ୍ଥାନ ପାଇଛନ୍ତି। ମହିଳା ବିଭାଗରେ ୫ ଭାରତୀୟ ଯୋଦ୍ଧା ଟପ୍ ୧୦ରେ ରହିଛନ୍ତି। ୫୭ କିଗ୍ରା ବର୍ଗରେ ପୂଜା ଧନ୍ଦା (୫୨) ୬ଷ୍ଠ ସ୍ଥାନରେ ରହିଛନ୍ତି। ସେହିଭଳି ରିତୁ ଫୋଗତ ୫୦ କିଗ୍ରା ବର୍ଗରେ ୧୦ମ ସ୍ଥାନରେ ରହିଥିବାବେଳେ ୫୯ କିଗ୍ରା ବର୍ଗରେ ସରିତା ମୋର ୭ମ ସ୍ଥାନରେ ରହିଛନ୍ତି। ନବଜୋତ କୌର ଓ କିରନ ଯଥାକ୍ରମେ ୬୮ ଓ ୭୬ କିଗ୍ରା ବର୍ଗରେ ୯ମ ସ୍ଥାନରେ ରହିଛନ୍ତି।

### ବି.ଆଇ. ଆଇ. ଟି. ଏମ୍.ରେ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତା

**ଭୁବନେଶ୍ୱର, ୧୦।୧୧(ସ୍ପୋର୍ଟ୍ସ ବ୍ୟୁରୋ):** ସ୍ଥାନୀୟ ବିଜୁ ପଟ୍ଟନାୟକ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇନ୍‌ଫରମେଶନ ଟେକ୍‌ନୋଲୋଜି ଆଣ୍ଡ୍ ମ୍ୟାନେଜମେଣ୍ଟ ଷ୍ଟଡିଜ (ବି.ଆଇ.ଆଇ.ଟି.ଏମ୍.) ପକ୍ଷରୁ ପ୍ରତିବର୍ଷ ଭଳି ଚଳିତବର୍ଷ ମଧ ବାର୍ଷିକ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତା 'ରେସ୍‌ସଟଲ୍-୨୦୧୮' ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ପ୍ରାୟ ୧୦୦ରୁ ଊର୍ଦ୍ଧ୍ୱ ଇଭେଣ୍ଟ ଦୁଇଦିନ ଧରି ଖେଳାଯିବ। ଏହି ପ୍ରତିଯୋଗିତାକୁ ଅନୁଷ୍ଠାନର ଅଧକ୍ଷ ଡ. ପ୍ରତାପ କୁମାର ତ୍ରିପାଠୀ ଉଦ୍‌ଘାଟନ କରିଥିଲେ। ଦୁଇଦିନ ଧରି ଖେଳାଯିବାକୁ ଥିବା ଏହି ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାକୁ ଅଧାପକ ଅନନ୍ତ ପ୍ରସାଦ ନନ୍ଦ ଓ ପ୍ରଶାନ୍ତ କୁମାର ରାଉତ ପରିଚାଳନା କରୁଛନ୍ତି।



ବାରବାଟୀ ଷ୍ଟାଡ଼ିୟମ୍‌ରେ ଶନିବାର ମୋହନ ବାଗାନ ଓ ଇଣ୍ଡିଆନ୍ ଆରୋଜ୍ ମଧ୍ୟରେ ଅନୁଷ୍ଠିତ ଆଇ–ଲିଗ୍ ଫୁଟବଲ ମ୍ୟାଚ୍‌ର ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

# ଡିକାଙ୍କ ଡବଲ ଗୋଲ, ମୋହନବାଗାନ ବିଜୟୀ

**ଆଇ-ଲିଗ୍**

**କଟକ ଅଫିସ,୧୦।୧୧**

ବାରବାଟୀ ଷ୍ଟାଡିୟମରେ ଶନିବାର ଅନୁଷ୍ଠିତ ଆଇ–ଲିଗ୍ ଫୁଟ୍‌ବଲ ମ୍ୟାଚ୍‌ରେ ମୋହନ ବାଗାନ ୨–୦ ଗୋଲରେ ଇଣ୍ଡିଆନ ଆରୋଜକୁ ହରାଇଛି। ଚଳିତ ସଂସ୍କରଣରେ ମୋହନ ବାଗାନର ଏହା ପ୍ରଥମ ବିଜୟ। ଏହି ବିଜୟ ସହ ଦଳ ପଏଣ୍ଟ ଟେବୁଲର ୬ଷ୍ଠ ସ୍ଥାନରୁ ସିଧାସଳଖ ୩ୟ ସ୍ଥାନକୁ ଲମ୍ଫ ମାରିଛି । ୩ଟି ମ୍ୟାଚ୍‌ରୁ ଗୋଟିଏ ବିଜୟ ଓ ୨ଟି ପରାଜୟ ସହ ମୋହନବାଗାନ ୫ ପଏଣ୍ଟ ହାସଲ କରିଛି। ଅନ୍ୟପକ୍ଷରେ ବାରବାଟୀକୁ ଘରୋଇ ଭେନ୍ୟୁ କରିଥିବା ଆରୋଜ ଦଳ ଏହି ପରାଜୟ ସହ ୩ଟି ମ୍ୟାଚ୍‌ରୁ ଗୋଟିଏ ବିଜୟ, ୨ଟି ପରାଜୟ ବଳରେ ୩ ପଏଣ୍ଟ ପାଇ ୮ମ ସ୍ଥାନକୁ ଖସିଛି।

କଲିକତାର ପ୍ରସିଦ୍ଧ ଫୁଟ୍‌ବଲ କ୍ଲବ ମୋହନବାଗାନ ଦଳର ହଜାର ହଜାର ପ୍ରଶଂସକଙ୍କ ଉପସ୍ଥିତି ଏହି ମ୍ୟାଚ୍‌ରେ ଦେଖିବାକୁ ମିଳିଥିଲା। ଖେଳ ପ୍ରାରମ୍ଭରୁ ଶକ୍ତିଶାଳୀ ମୋହନବାଗାନ ନବାଗତ ଦଳ ଆରୋଜ ଉପରେ ଆଧିପତ୍ୟ ବିସ୍ତାର କରି ରଖିଥିଲା। ୭ମ ମିନିଟ୍‌ରେ ମୋହନବାଗାନର ଷ୍ଟାର ଖେଳାଳି ଦିପାନ୍ଦା ଡିକା ଆରୋଜ ଗୋଲପୋଷ୍ଟ ଉପରକୁ ପ୍ରଥମ ଆକ୍ରମଣ କରିଥିଲେ । ନିଶ୍ଚିତ ଗୋଲ ଭଳି ଅନୁଭବ ହେଉଥିଲେ ମଧ ଆରୋଜ ଗୋଲକିପର ପି. ଗିଲ ଏହାକୁ ଚମତ୍କାର ଢଙ୍ଗରେ ଅଟକାଇ ଦେଇଥିଲେ। ୩୦ତମ ମିନିଟରେ ମୋହନବାଗାନର ହେନେରି କିସେକା ଆରୋଜର ୩ ଡିଫେଣ୍ଡରଙ୍କୁ ଚକ୍‌ମା ଦେଖାଇ ବଲ୍‌କୁ କର୍ନର ଦିଗକୁ ନେଇଯାଇଥିଲେ। ସେଠାରୁ କିସେକାଙ୍କ ଶଟ୍‌କୁ ଡିକା ହେଡ୍ ମାଧ୍ୟମରେ ଆରୋଜ ଗୋଲପୋଷ୍ଟରେ ଭର୍ତ୍ତିକରି ଦଳ ପାଇଁ ପ୍ରଥମ ସଫଳତା ଆଣିଥିଲେ। ପ୍ରଥମାର୍ଦ୍ଧର ଅତିରିକ୍ତ ୪୬ତମ ମିନିଟ୍‌ରେ ମୋହନବାଗାନର ପିଣ୍ଟୁ ମାହାତା ଏକ ଶଟ୍ ମାରିଥିଲେ। ତେବେ ଆରୋଜର ଗୋଲପୋଷ୍ଟ ନିକଟରେ ଦଳର ଡିଫେଣ୍ଡର ଟି. ବୋରିଶ ଏହାକୁ ରୋକିବାକୁ ଚେଷ୍ଟା କରୁଥିବା ବେଳେ ବଲ୍‌ଟି ତାଙ୍କ ହାତରେ ବାଜିଥିଲା। ଫଳରେ ମୋହନବାଗାନ ପାଇଁ ପେନାଲ୍ଟି କିକ୍ ମିଳିଥିଲା। ଡିକା ପେନାଲ୍ଟି କିକ୍‌ରୁ ଦଳ ପାଇଁ ଦ୍ୱିତୀୟ ଗୋଲ ସ୍କୋର କରିଥିଲେ। ଦ୍ୱିତୀୟାର୍ଦ୍ଧରେ ଆରୋଜ ପାଇଁ ଅନେକ ସୁଯୋଗ ଆସିଥିଲା। କେତେକ ନିଶ୍ଚିତ ଗୋଲ୍‌କୁ ମଧ୍ୟ ଆରୋଜ ଖେଳାଳି ହାତଛଡ଼ା କରିଥିବା ଦେଖିବାକୁ ମିଳିଥିଲା । ଫଳରେ ୨–୦ ଗୋଲରେ ମୋହନବାଗାନ ବିଜୟୀ ହୋଇଥିଲା। ବରିଷ୍ଠ କ୍ରୀଡ଼ା ସଙ୍ଗଠକ ଆଶୀର୍ବାଦ ବେହେରା ଅତିଥି ଭାବେ ଯୋଗଦେଇ ଡିକାଙ୍କୁ ହିରୋ ଅଫ୍ ଦି ମ୍ୟାଚ୍ ଭାବେ ପୁରସ୍କୃତ କରିଥିଲେ।



ଗୋଲ୍ ଦେବା ପରେ ଦିପାନ୍ଦା ଡିକା (ମଝି)ଙ୍କୁ ସାଥି ଖେଳାଳିଙ୍କ ବଧେଇ।

## ମିନର୍ଭାର ପ୍ରଥମ ବିଜୟ

**ଆଇଜଲ, ୧୦।୧୧ (ପି.ଟି.):** ଚଳିତ ହିରୋ ଆଇ–ଲିଗ୍ ଫୁଟ୍‌ବଲ ଟୁର୍ନାମେଣ୍ଟରେ ଗତଥରର ଚାମ୍ପିୟନ ମିନର୍ଭା ପଞ୍ଜାବ ଏଫ୍‌ସି ଏହାର ପ୍ରଥମ ବିଜୟ ହାସଲ କରିଛି। ଶନିବାର ଖେଳାଯାଇଥିବା ଏକ ମ୍ୟାଚରେ ଦଳ ଆଇଜଲ ଏଫ୍‌ସି ବିପକ୍ଷରେ ୨–୧ ଗୋଲରେ ବିଜୟ ହାସଲ କରିଛି। ସ୍ଥାନୀୟ ରାଜୀବ ଗାନ୍ଧୀ ଷ୍ଟାଡିୟମର କୃତ୍ରିମ ଟର୍ଫରେ ଖେଳାଯାଇଥିବା ଏହି ମ୍ୟାଚରେ ବିଜୟୀ ଦଳର ସେଣ୍ଟର ବ୍ୟାକ୍ ଲାନ୍‌ସିନେ ଟୋରେ ଦୁଇଟିଯାକ ଗୋଲ ସ୍କୋର କରିଛନ୍ତି। ଦୁଇ ନାଇଜେରୀୟ ଖେଳାଳି ଡୋନାଟସ୍ ଇଡାଫି ଓ ବାଲା ଅଲିହସନ ଦାହିରଙ୍କୁ ସାମିଲ କରିବା ଦ୍ୱାରା ମିନର୍ଭା ଏହାର ଗତ ଦୁଇ ମ୍ୟାଚ ତୁଳନାରେ ଉନ୍ନତ ପ୍ରଦର୍ଶନ କରିଛି।

## ପିଏସ୍‌ଏଲ୍ ଖେଳିବା ପାଇଁ ସ୍ମିଥ୍ ଆଗ୍ରହୀ

**କରାଚୀ, ୧୦।୧୧ (ପି.ଟି.):** ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)ରେ ପାକିସ୍ତାନ ସୁପର ଲିଗ୍(ପିଏସ୍‌ଏଲ୍)ର ଚତୁର୍ଥ ସଂସ୍କରଣରେ ଖେଳିବା ଲାଗି ଆଗ୍ରହ ପ୍ରକାଶ କରିଛନ୍ତି ପୂର୍ବତନ ଅଷ୍ଟ୍ରେଲୀୟ ଅଧିନାୟକ ଷ୍ଟିଭ ସ୍ମିଥ୍। ତେବେ ଏଥିଲାଗି ସେ ଏକ ସର୍ତ୍ତ ରଖିଛନ୍ତି। ପ୍ଲେ–ଅଫ୍ ଓ ଫାଇନାଲ ଖେଳିବା ଲାଗି ସେ ପାକିସ୍ତାନ ଯାଇପାରିବେ ନାହିଁ। ଚଳିତବର୍ଷ ପ୍ରଥମ ଭାଗରେ ଦକ୍ଷିଣ ଆଫ୍ରିକା ବିପକ୍ଷ ଏକ ଟେଷ୍ଟ ମ୍ୟାଚ ବେଳେ ବଲ୍ ଟ୍ୟାମ୍ପରିଂରେ ତାଙ୍କ ଭୂମିକା ନେଇ ସ୍ମିଥ୍ ଏବେ ୧୨ ମାସିଆ ବାସନ୍ଦ ଦଣ୍ଡ ଭୋଗୁଛନ୍ତି। କିନ୍ତୁ ବିଶ୍ୱବ୍ୟାପୀ ଟି୨୦ ଲିଗ୍‌ରେ ଖେଳିବା ଲାଗି ତାଙ୍କୁ ଅନୁମତି ରହିଛି। ଆସନ୍ତା ବର୍ଷ ଇଂଲଣ୍ଡରେ ହେବାକୁଥିବା ବିଶ୍ୱକପ୍ ପୂର୍ବରୁ ସ୍ମିଥ୍‌ଙ୍କ ଉପରୁ ବାସନ୍ଦ ଦଣ୍ଡ ଉଠିଯିବ। ପିଏସଏଲ ପାଇଁ ଉପଲବ୍ଧ ବୋଲି ଏହି ଅଷ୍ଟ୍ରେଲୀୟ ବ୍ୟାଟ୍ସମ୍ୟାନ ପ୍ରଥମ ଥର କହିଛନ୍ତି। ସୂଚନାଯୋଗ୍ୟ, କରାଚୀରେ ଫାଇନାଲ ସମେତ ପିଏସଏଲର ୮ଟି ମ୍ୟାଚ ପାକିସ୍ତାନରେ ଖେଳାଯିବାର କାର୍ଯ୍ୟକ୍ରମ ରହିଛି। ଟୁର୍ନାମେଣ୍ଟର ଶେଷ ପର୍ଯ୍ୟାୟ ଖେଳିବା ଲାଗି କେତେଜଣ ଟପ୍ ବିଦେଶୀ ଖେଳାଳି ପାକିସ୍ତାନ ଯିବାକୁ ରାଜି ନାହାନ୍ତି। ସ୍ମିଥ୍ ଏବଂ ଏହି ଖେଳାଳିମାନେ କେବଳ ୟୁଏଇରେ ଖେଳିବା ଲାଗି ଉପଲବ୍ଧ ହେବେ। ଦକ୍ଷିଣ ଆଫ୍ରିକାର ଏବି ଡି'ଭିଲର୍ସ ପ୍ରଥମ ଥର ପିଏସ୍‌ଏଲ୍‌ରେ ଖେଳିବା ଲାଗି ତାଙ୍କର ଆଗ୍ରହ ପ୍ରକାଶ କରିଛନ୍ତି। ୟୁଏଇରେ ଖେଳିବା ଲାଗି ସେ କେବଳ ଦୁଇ ସପ୍ତାହ ପାଇଁ ଉପଲବ୍ଧ ହେବେ।

## ୧୨ରୁ ଭାରତୀୟ ମହିଳା ହକି ଦଳର କ୍ୟାମ୍ପ
# ୫ ଓଡ଼ିଆଙ୍କୁ ସ୍ଥାନ

**ନୂଆଦିଲ୍ଲୀ,୧୦।୧୧(ପି.ଟି.)**

ବେଙ୍ଗାଲୁରୁଠାରେ ୧୨ ତାରିଖରୁ ହେବାକୁ ଥିବା ଜାତୀୟ ମହିଳା ହକି କ୍ୟାମ୍ପ ପାଇଁ ହକି ଇଣ୍ଡିଆ ପକ୍ଷରୁ ଶନିବାର ୩୩ ଜଣିଆ କୋର ଗ୍ରୁପ୍ ଘୋଷଣା କରାଯାଇଛି। ଏଥିରେ ଭାରତୀୟ ଦଳର ନିୟମିତ ୫ ଓଡ଼ିଆ ସଦସ୍ୟ ସ୍ଥାନ ପାଇଛନ୍ତି। ସେମାନେ ହେଲେ ଦୀପଗ୍ରେସ ଇକ୍କା, ସୁନୀତା ଲାକ୍ରା, ଲିଲିମା ମିଞ୍ଜ, ନମିତା ଟପ୍ପୋ ଓ ରସ୍ମିତା ମିଞ୍ଜ। ଦଳର ମୁଖ୍ୟ କୋଚ୍ ଜୋର୍ଡ ମାରିଜନେଙ୍କ ତତ୍ତ୍ୱାବଧାନରେ କ୍ୟାମ୍ପ ଚାଲିବ। "ଆମ କୋର ଗ୍ରୁପରେ ପ୍ରାୟ ସମାନ ଖେଳାଳି ରହିଛନ୍ତି। ଘରୋଇ ଟୁର୍ନାମେଣ୍ଟରେ ଭଲ ପ୍ରଦର୍ଶନ କରିଥିବା ଯୁବ ଖେଳାଳିଙ୍କୁ ଏହି ଗ୍ରୁପରେ ସ୍ଥାନ ମିଳିଛି। ଏମାନଙ୍କ ମଧ୍ୟରେ ୟୁଥ ଅଲିମ୍ପିକ୍ସରେ ଭାରତକୁ ପ୍ରତିନିଧିତ୍ୱ କରିଥିବା ଖେଳାଳିମାନେ ମଧ ସ୍ଥାନ ପାଇଛନ୍ତି। କ୍ୟାମ୍ପରେ ଭଲ ପ୍ରଦର୍ଶନ ବଳରେ ଖେଳାଳିମାନେ ଦଳରେ ସ୍ଥାନ ପାଇପାରିବେ। ଆମେ ଦଳୀୟ ଶକ୍ତିକୁ ବୃଦ୍ଧି କରିବାକୁ ଗୁରୁତ୍ୱ ଦେଉଛୁ" ବୋଲି କୋଚ୍ ମାରିଜନେ କହିଛନ୍ତି।

**କୋର ଗ୍ରୁପ**

**ଗୋଲକିପର:** ସବିତା, ରଜନୀ ଇତିମାର୍ପୁ ଓ ସୋନାଲ ମିଞ୍ଜ।

**ଡିଫେଣ୍ଡର:** ଦୀପଗ୍ରେସ ଏକ୍କା, ସୁନୀତା ଲାକ୍ରା, ସୁଶୀଲା ଚାନୁ, ପୁଖରାମବାମ, ଗୁରଜିତ କୌର, ରଶ୍ମୀ ମିଞ୍ଜ, ସୁମନ ଦେବୀ ଥୋଦାମ, ମହିମା ଚୌଧାରୀ, ନିଶା ଓ ସାଲିମା ଟେଟେ।

**ମିଡ୍‌ଫିଲ୍ଡର:** ନିକିପ୍ରଧାନ, ମୋନିକା, ଲିଲିମା ମିଞ୍ଜ, ନମିତା ଟପ୍ପୋ, ନେହା ଗୋୟଲ, ଉଦିତା, ଜ୍ୟୋତି, ଅନୁଜା ସିଂ, ଶ୍ୟାମ ତିଡଗାମ, ସୋନିକା ଓ କରିଷ୍ମା ଯାଦବ।

**ଫରୱାର୍ଡ :** ରାଣୀ, ଲାଲରେସିଆମି, ନବନୀତ କୌର, ରାଜୱିନ୍ଦର କୌର, ନବଜୋତ କୌର, ବନ୍ଦନା କାଟାରିୟା, ଅନୁପା ବର୍ଲା, ପ୍ରିୟଙ୍କା ୱାଙ୍ଖେଡେ, ରିନା ଖୋଖର ଓ ଲୀଲାବତୀ ମାଲାମାଦା।

## ହକି ବିଶ୍ୱକପ୍‌ରେ ଖେଳିବ ପାକିସ୍ତାନ

**ଚେନ୍ନାଇ,୧୦।୧୧**

ଓଡ଼ିଶା ରାଜଧାନୀଠାରେ ହେବାକୁ ଥିବା ହକି ବିଶ୍ୱକପ୍‌ରେ ପାକିସ୍ତାନ ଦଳ ଖେଳିବା ନେଇ ଚାଲିଥିବା ଅନିଶ୍ଚିତତାର ଅନ୍ତ ଘଟିଛି। କଳିଙ୍ଗ ଷ୍ଟାଡିୟମ୍‌ଠାରେ ଚଳିତ ମାସ ୨୮ରୁ ଡିସେମ୍ବର ୧୬ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ମେଗା ଇଭେଣ୍ଟରେ ପାକିସ୍ତାନ ଦଳ ଖେଳିବ ବୋଲି ପିଏଚ୍‌ଏଫ୍ ସମ୍ପାଦକ ତଥା ପୂର୍ବତନ ଅଧିନାୟକ ଶାହବାଜ ଅହମ୍ମଦ ଓ ଅନ୍ତର୍ଜାତୀୟ ହକି ଫେଡେରେଶନ (ଏଫ୍‌ଆଇଏଚ୍) ମୁଖ୍ୟ ନରିନ୍ଦର ବାତ୍ରା ସ୍ପଷ୍ଟ କରିଛନ୍ତି। "ପାକିସ୍ତାନ ଦଳ ବିଶ୍ୱକପ୍‌ରେ ଖେଳିବ ନାହିଁ ରିପୋର୍ଟ କେଉଁଠାରୁ ଆସିଲା ଜାଣିନାହିଁ। ଏ ସମ୍ପର୍କରେ ପିଏଚ୍‌ଏଫ୍ ପକ୍ଷରୁ ମୋତେ କୌଣସି ପ୍ରକାର ସୂଚନା ଦିଆଯାଇ ନାହିଁ। ଏଫ୍‌ଆଇଏଚ୍ ନିକଟରେ ଥିବା ସୂଚନା ଅନୁଯାୟୀ ପାକିସ୍ତାନ ଦଳ ନିଶ୍ଚିତ ବିଶ୍ୱକପ୍‌ରେ ଖେଳିବ" ବୋଲି ବାତ୍ରା କହିଛନ୍ତି। ସେହିଭଳି ପିଏଚ୍‌ଏଫ୍ ସମ୍ପାଦକ ଶାହବାଜ କହିଛନ୍ତି, ବୋର୍ଡରେ ଆର୍ଥିକ ସମସ୍ୟା ନ ଥିବା କହୁନାହିଁ। କିନ୍ତୁ ନିକଟରେ ପ୍ରକାଶ ପାଇଥିବା ରିପୋର୍ଟକୁ ସମ୍ପୂର୍ଣ୍ଣ ଖଣ୍ଡନ କରୁଛି। ୪ ଥର ଚାମ୍ପିୟନ ଦଳ ବିଶ୍ୱକପ୍‌ରେ ଖେଳିବ ନାହିଁ। ଏହା କେମିତି ସମ୍ଭବ। ନିଶ୍ଚିତ ପାକିସ୍ତାନ ଦଳ ଭୁବନେଶ୍ୱର ଗସ୍ତ କରିବ। ସରକାରୀ କାର୍ଯ୍ୟରେ ବିଳମ୍ବ ହେବା ସାଧାରଣ କଥା। ପ୍ରଧାନମନ୍ତ୍ରୀ ଏହାକୁ ଗୁରୁତ୍ୱ ଦେଉଛନ୍ତି। ସେ ଜଣେ କିମ୍ବଦନ୍ତୀ ଖେଳାଳି ହୋଇଥିବାରୁ ଆମ ସମସ୍ୟା ଠିକ୍ ରୂପେ ବୁଝି ପାରିବେ। ଆମେ ନିଶ୍ଚିତ ଅଛୁ ପ୍ରଧାନମନ୍ତ୍ରୀ ଖୁବ ଶୀଘ୍ର ମଞ୍ଜୁରୀ ଦେବେ। ଏହାବାଦ୍ ଖେଳାଳିଙ୍କ ଭିଜା ପାଇଁ ଏକ ମାସ ପୂର୍ବରୁ ଆବେଦନ କରାଯାଇଥିବାରୁ କୌଣସି ଅସୁବିଧା ହେବ ନାହିଁ ବୋଲି ଶାହବାଜ କହିଛନ୍ତି।

# ସୌଭାଗ୍ୟର ବିଷୟ: ବୀରେନ୍ଦ୍ର

ଆଉ ମାତ୍ର ଦୁଇ ସପ୍ତାହ ପରେ ଆରମ୍ଭ ହେବାକୁ ଯାଉଛି ହକି ବିଶ୍ୱକପ୍। ଦୁଇଜଣ ଓଡ଼ିଆ ତାରକା ବିଶ୍ୱକପ ଦଳରେ ସ୍ଥାନ ପାଇଛନ୍ତି। ସେମାନେ ହେଲେ ଅଭିଜ୍ଞ ଡିଫେଣ୍ଡର ବୀରେନ୍ଦ୍ର ଲାକ୍ରା ଓ ଯୁବ ଡିଫେଣ୍ଡର ଅମିତ ରୋହିଦାସ। ବିଶ୍ୱକପ୍ ଅନ୍ତିମ ଏକାଦଶରେ ସ୍ଥାନ ହାସଲ କରି ଘରୋଇ ଦର୍ଶକଙ୍କ ସାମ୍ନାରେ କମାଲ କରିବା ଲକ୍ଷ୍ୟରେ ଏମାନେ ରହିଛନ୍ତି।

ପୁଣି ଥରେ ଦଳକୁ ପ୍ରତ୍ୟାବର୍ତ୍ତନ କରିବା ମୋ ପାଇଁ କଷ୍ଟକର ଥିଲା। ତେବେ ଶେଷରେ ଏଥିରେ ସଫଳ ହୋଇଛି। ଏସିଆନ୍ ଗେମ୍ସ ଖେଳିବା ଅବସରରେ ଆହତ ହୋଇଥିଲି। ହାତରେ ଗୋଟିଏ ମାସ ସମୟ ଥିଲା। ଏହି ଗୋଟିଏ ମାସରେ ମୋତେ ଯେମିତି ହେଉ ଫିଟ୍ ହେବାର ଥିଲା। ରିହାବରେ ଥିଲି । କିଛି ଆଶଙ୍କା ମଧ୍ୟ ଥିଲା। କୋଚ୍ ଓ ଫିଜିଓଙ୍କ ସହାୟତାରେ ମୁଁ ଶେଷରେ ଫିଟ୍ ହୋଇ ଦଳକୁ ଫେରିଛି। ଶେଷରେ ମୁଁ ଏହାକୁ କରିବାରେ ସଫଳ ହୋଇଛି। ଦିଲ୍ଲୀରେ ମୁଁ ରିହାବ କରୁଥିଲି। ତେବେ ଏଥିପାଇଁ ମୋତେ ବହୁତ ସଂଘର୍ଷ କରିବାକୁ ପଡିଛି। ଏହା ମୋ ପାଇଁ ଏକ ବିଶେଷ ଉପଲବ୍ଧି ଓ ଏଥି ପାଇଁ ମୁଁ ବହୁତ ଖୁସି ଅଛି ବୋଲି ବୀରେନ୍ଦ୍ର ଗଣମାଧ୍ୟମ ସହ କଥା ହେଲାବେଳେ କହିଛନ୍ତି। ଦ୍ୱିତୀୟଥର ପାଇଁ ବିଶ୍ୱକପ୍ ଖେଳିବାକୁ ଯାଉଥିବାରୁ ଏହାକୁ ଏକ ସୌଭାଗ୍ୟ ମଣୁଛି ବୋଲି ସେ କହିଛନ୍ତି। ଆଗାମୀ ବିଶ୍ୱକପ୍ ମୋ ପାଇଁ ସ୍ମରଣୀୟ ହୋଇ ରହିବ। ଶ୍ରେଷ୍ଠ ପ୍ରଦର୍ଶନ କରିବା ଲକ୍ଷ୍ୟରେ ରହିଛି। ଏଥିରେ ସଫଳ ହେଲେ ଏହି ବିଶ୍ୱକପ୍ ମୋ ପାଇଁ ସବୁଦିନ ମନେରହିବ। ଦିଲୀପ ତିର୍କୀ ଓ ଲାଜରୁସ ବାର୍ଲାଙ୍କ ପରେ ତୃତୀୟ ଓଡ଼ିଆ ଭାବେ ବିଶ୍ୱକପ୍ ଖେଳିବା ମୋ ପାଇଁ ସୌଭାଗ୍ୟର ବିଷୟ। ଆମ ଦଳରେ ଅଭିଜ୍ଞ ତଥା ସିନିୟର ସହ ପ୍ରତିଭାସମ୍ପନ୍ନ ଜୁନିୟର ଖେଳାଳି ରହିଛନ୍ତି। ତେଣୁ ଦଳରେ ଯଥେଷ୍ଟ ସନ୍ତୁଳନ ରହିଛି। ଯଦି ବି କେତେଜଣ ସିନିୟର ଖେଳାଳି ଦଳରୁ ବାଦ୍ ପଡିଛନ୍ତି ତାହାର ପ୍ରଭାବ ପ୍ରଦର୍ଶନ ଉପରେ ପଡିବ ନାହିଁ। ଏ ନେଇ କୌଣସି ସମସ୍ୟା ରହିନାହିଁ। ଦଳର ସବୁ ଖେଳାଳି ଫିଟ୍ ଅଛନ୍ତି ଓ ଘରୋଇ ପରିବେଶ ଦମ୍ ଦେଖାଇବାକୁ ବ୍ୟଗ୍ର ଅଛନ୍ତି ବୋଲି ବୀରେନ୍ଦ୍ର କହିଛନ୍ତି। ହୋମ ଗ୍ରାଉଣ୍ଡରେ ଘରୋଇ ଦର୍ଶକଙ୍କ ସମର୍ଥନ ଆମକୁ ଭଲ ପ୍ରଦର୍ଶନ କରିବା ପାଇଁ ପ୍ରେରଣା ଦେବ। ଆଗରୁ ମୁଁ ମଧ ଏହି ଗ୍ରାଉଣ୍ଡରେ ବହୁତ ଖେଳିଛି। ହକି ଛଡ଼ା ଅନ୍ୟ କ୍ରୀଡ଼ାକୁ ସମର୍ଥନ କରି ଓଡ଼ିଶା ସରକାର ବେଶ୍ ସୁନାମ ଅର୍ଜନ କରିଛନ୍ତି। ଓଡ଼ିଶା ସରକାରଙ୍କ ଏହି ଭୂମିକା ଆମ ପାଇଁ ବେଶ୍ ଗୁରୁତ୍ୱପୂର୍ଣ୍ଣ। ତୃଣମୂଳ ସ୍ତରରେ ହକିର ବିକାଶ ହେବା ନିହାତି ଜରୁରୀ ଓ ସରକାର ମଧ ଏ ନେଇ ପ୍ରୟାସ ଜାରିରଖିଛନ୍ତି।

ଘରୋଇ ପରିବେଶ ଆମ ପାଇଁ ଆଦୌ ଚାପ ସୃଷ୍ଟି କରିବ ନାହିଁ। ଡ୍ରାଗ୍ ଫ୍ଲିକ୍ ନେଇ ଆମ ଉପରେ ଚାପ ନାହିଁ। ଚାମ୍ପିୟନ ହେବା ପାଇଁ ଆମେ ଚେଷ୍ଟା କରିବୁ। ତେବେ କେଉଁ ଦଳ ଚାମ୍ପିୟନ ହେବ ସେ ନେଇ ପୂର୍ବାନୁମାନ କରିବା କଷ୍ଟକର। ସବୁ ୧୬ଟି ଦଳ ଚାମ୍ପିୟନ ହେବା ପାଇଁ ଏଠାକୁ ଆସିବେ। ତେଣୁ ଏକଥା ଚିନ୍ତା ନ କରି ଆମେ ପ୍ରତି ମ୍ୟାଚ୍‌ର ପ୍ରଦର୍ଶନ ଉପରେ ଗୁରୁତ୍ୱ ଦେବାକୁ ନିଷ୍ପତ୍ତି ନେଇଛୁ। ଜୁନିୟର ବିଶ୍ୱକପ୍ ବିଜୟୀ ଦଳର ୬ ସଦସ୍ୟ ଏହି ଦଳରେ ସାମିଲ ହେବା ଭଲ କଥା। କୋଚ୍ ହରେନ୍ଦ୍ର ସାର୍‌ଙ୍କ ସହିତ ଏମାନେ ବେଶ୍ କଷ୍ଟ କରିଛନ୍ତି ଓ ଏମାନେ ଦଳରେ ସ୍ଥାନ ପାଇବାର ହକ୍ ରଖୁଛନ୍ତି। ବିଶ୍ୱକପ୍‌ରେ ଦଳର ସଫଳତାରେ ଏମାନଙ୍କର ଉଲ୍ଲେଖନୀୟ ଭୂମିକା ରହିବ। ଗତ ଦଶବର୍ଷ ହେବ ଭାରତ ପାଇଁ ଖେଳି ଆସୁଛି। ଆରମ୍ଭରୁ ଅଲିମ୍ପିକ ଓ ବିଶ୍ୱକପ୍ ଖେଳିବାର ଇଚ୍ଛା ଥିଲା ଓ ଏହା ପୂରଣ ହୋଇଛି। ବିଶ୍ୱକପ୍ ଭଳି ମେଜର ଟୁର୍ନାମେଣ୍ଟ ହୋମ ଗ୍ରାଉଣ୍ଡରେ ଖେଳିବା ମୋ ପାଇଁ ସୌଭାଗ୍ୟର ବିଷୟ। ଏହା ମୋତେ ଶ୍ରେଷ୍ଠ ପ୍ରଦର୍ଶନ କରିବାରେ ସହାୟକ ହେବ। ବିଶ୍ୱକପ ପୂର୍ବରୁ ଦଳର ସବୁ ଦୁର୍ବଳତା ଦୂର କରିବାକୁ ଆମେ ସକ୍ଷମ ହେବୁ। ଦଳର ସବୁ ଖେଳାଳିଙ୍କୁ ଭୁବନେଶ୍ୱରର ଦର୍ଶକଙ୍କ ସମର୍ଥନ ରହିଛି। ଫିଜିଓ ଓ କୋଚ୍‌ଙ୍କ ସମର୍ଥନ ବେଶ୍ କାମରେ ଆସିଥିଲା। ରିହାବ ଅବସରରେ ମୋତେ ସବୁ ପ୍ରକାର ସହାୟତା ମିଳିଥିଲା। ତେଣୁ ଦଳ ମ୍ୟାନେଜମେଣ୍ଟକୁ ମୁଁ ଶ୍ରେୟ ଦେବି।





ଏକ ହାଲ୍‌କା ମୁହୂର୍ତ୍ତରେ ଭାରତୀୟ ଦଳର ଗୋଲ୍‌କିପର ପି.ଆର୍. ଶ୍ରୀଜେଶଙ୍କ ସହ ବୀରେନ୍ଦ୍ର ଲାକ୍ରା। (ଫଟୋ: ବିକାଶ)





# ଦଳରେ ସନ୍ତୁଳନ ରହିଛି: ଅମିତ

ପ୍ରଥମେ ଅଣଦେଖାର ଶିକାର ହୋଇଥିଲେ। ତେବେ ପରେ ଶେଷ ମୁହୂର୍ତ୍ତରେ ଟିମ୍ ପ୍ରୋବାବଲ୍‌ରେ ସ୍ଥାନ ପାଇବା ପରେ ଏବେ ସିଧା ବିଶ୍ୱକପ୍ ଦଳରେ ସ୍ଥାନ ପାଇଛନ୍ତି। ସେ ହେଉଛନ୍ତି ଓଡ଼ିଆ ଯୁବ ଡିଫେଣ୍ଡର ଅମିତ ରୋହିଦାସ। ବିଶ୍ୱକପ୍ ଦଳରେ ସ୍ଥାନ ପାଇବା ନିଶ୍ଚିତ ଭାବେ ଖୁସିର କଥା ବୋଲି ଯୁବ ଡିଫେଣ୍ଡର ଅମିତ ରୋହିଦାସ କହିଛନ୍ତି। ତେବେ ଏସିଆନ୍ ଚାମ୍ପିୟନ୍ସ ଟ୍ରଫିରେ ଦଳରେ ସ୍ଥାନ କାହିଁକି ପାଇ ନ ଥିଲି ତାହା କହିପାରିବିନି ଓ ସେ ସମ୍ପର୍କରେ ମୋ ପାଖରେ କୌଣସି ସୂଚନା ନାହିଁ ବୋଲି ସେ ସ୍ପଷ୍ଟ କରିଥିଲେ। ପ୍ରଥମଥର ପାଇଁ ବିଶ୍ୱକପ୍ ଖେଳିବାକୁ ଯାଉଛି। ପୁଣି ହୋମ ଗ୍ରାଉଣ୍ଡରେ ଘରୋଇ ଦର୍ଶକଙ୍କ ସାମ୍ନାରେ ଖେଳିବା ଆମ ପାଇଁ ଏକ ସୌଭାଗ୍ୟର ବିଷୟ। ବିଶ୍ୱକପ୍‌ରେ ଆମେ ଲିଗ୍ ପର୍ଯ୍ୟାୟ ମ୍ୟାଚ୍ ଉପରେ ପ୍ରଥମେ ଧ୍ୟାନ ଦେବୁ। ଦଳରେ ସନ୍ତୁଳନ ରହିଛି। ପେନାଲ୍ଟି କନଭରଜନରେ ଆମର ଉନ୍ନତି ହୋଇଛି। ପ୍ରତିପକ୍ଷ ଦଳର ଭିଡିଓ ଆନାଲିସିସ୍ କରିଛୁ। ତେଣୁ ପେନାଲ୍ଟି କର୍ନରକୁ ଗୋଲରେ ପରିଣତ କରିବା ଓ ପ୍ରତିପକ୍ଷ ଦଳର ପ୍ରୟାସକୁ ପଣ୍ଡ କରିବା ଉପରେ ଆମେ କାର୍ଯ୍ୟ କରୁଛୁ। ଆମ ଦଳର ଡିଫେନ୍ସ ମଧ ଭଲ ଅଛି। ଗତ ନ୍ୟୁ ସାଉଥ୍‌ୱେଲ୍ସ ବିପକ୍ଷ ମ୍ୟାଚରେ ମୋର ପ୍ରଦର୍ଶନ ଭଲ ଥିଲା। ଘରୋଇ ଦର୍ଶକଙ୍କ ସମର୍ଥନ ଆମକୁ ପ୍ରେରଣା ଦେବ। କିନ୍ତୁ ଏହା ଆଦୌ ଚାପ ସୃଷ୍ଟି କରିବ ନାହିଁ। ଭାରତ ଚାମ୍ପିୟନ ହେବ କି ନା ତାହା କହିପାରିବି ନାହିଁ। ଯେଉଁ ଦଳ ଶ୍ରେଷ୍ଠ ପ୍ରଦର୍ଶନ କରିବ ସେହି ଦଳ ଚାମ୍ପିୟନ ହେବ। ତେବେ ଆଗ ଲିଗ୍ ପର୍ଯ୍ୟାୟ ମ୍ୟାଚ୍ ଉପରେ ଆମେ ଫୋକସ କରିବୁ। ଦଳର ପ୍ରସ୍ତୁତି ଠିକ୍ ବାଟରେ ଅଛି। କୋଚ୍ ହରେନ୍ଦ୍ର ସାରଙ୍କ ସହିତ ଆମେ ସବୁ ଖେଳାଳି ବେଶ୍ ଉତ୍ସାହର ସହ କାମ କରିଛୁ। ବିଶ୍ୱକପ୍‌ରେ ଆମର ପ୍ରଦର୍ଶନ ଭଲ ହେବ । ଏସିଆନ୍ ଚାମ୍ପିୟନ୍ସ ଟ୍ରଫିରେ ଭଲ ପ୍ରଦର୍ଶନ କରି ଟାଇଟଲ ଜିତିଛୁ। ଏହି ବିଜୟ ପ୍ରଦର୍ଶନ ଉପରେ ସକାରାତ୍ମକ ପ୍ରଭାବ ପକାଇବ ବୋଲି ଅମିତ୍ ଆଶା ପ୍ରକାଶ କରିଛନ୍ତି।



ଧରିତ୍ରୀ
DHARITRI
ରବିବାର, ୧୧ ନଭେମ୍ବର, ୨୦୧୮



“ ନ୍ୟୁଜିଲାଣ୍ଡ ବିପକ୍ଷ ଟି୨୦ ବିଶ୍ୱକପ୍ ମ୍ୟାଚ ବେଳେ ମୋ ପେଟ ମାଂସପେଶୀରେ ସମସ୍ୟା ଦେଖାଦେବାରୁ ମୁଁ ବଡ଼ ଶଟ୍ ଖେଳିବାକୁ ଚେଷ୍ଟା କରିଥିଲି ।

–ହରମନପ୍ରୀତ କୌର, ଭାରତୀୟ ମହିଳା କ୍ରିକେଟର



“ ଜଣେ କ୍ରିକେଟରଙ୍କ ପକ୍ଷେ ଉଭୟ ଖେଳ ଏବଂ ବ୍ୟବସାୟିକ ସ୍ୱାର୍ଥ ମଧ୍ୟରେ ସନ୍ତୁଳନ ରକ୍ଷା କରି ଆଗକୁ ବଢ଼ିବା ଗୁରୁତ୍ୱପୂର୍ଣ୍ଣ ।

–ବିରାଟ କୋହଲି, ଭାରତୀୟ କ୍ରିକେଟ ଅଧିନାୟକ



## ସଂକ୍ଷେପରେ

### ଜାପାନ କରାଟେ ସୋତୋକାଇ ରାଜ୍ୟ ଚାମ୍ପିୟନଶିପ୍ ଆଜି

ଭୁବନେଶ୍ୱର, ୧୦।୧୧(କ୍ରୀଡ଼ା ପ୍ରତିନିଧି): ଓକିନୱା କରାଟେ ସ୍କୁଲ ଆନୁକୂଲ୍ୟରେ ଜାପାନ କରାଟେ ସୋତୋକାଇ ରାଜ୍ୟ ଚାମ୍ପିୟନଶିପ୍ ରବିବାର ଷ୍ଟିୱାର୍ଟ ସ୍କୁଲ ପରିସରରେ ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତାରେ ରାଜ୍ୟର ବିଭିନ୍ନ ଜିଲାରୁ ୭୦୦ ପ୍ରତିଯୋଗୀ ଏବଂ ୧୫୦ ଅଫିସିଆଲ ଯୋଗଦେବା ସମ୍ଭାବନା ରହିଛି ବୋଲି ଜାପାନ କରାଟେ ସୋତୋକାଇ ଇଣ୍ଡିଆର ଉପସଭାପତି ସୌମ୍ୟରଞ୍ଜନ ଦାସ ପ୍ରକାଶ କରିଛନ୍ତି। ପ୍ରତିଯୋଗିତା ସକାଳ ୯ଟାରୁ ଅପରାହ୍ଣ ୪ଟା ପର୍ଯ୍ୟନ୍ତ ଚାଲିବ। ବିଧାୟକ ଅତନୁ ସବ୍ୟସାଚୀ ମହାପାତ୍ର, ପ୍ରିୟଦର୍ଶୀ ମିଶ୍ର ଏବଂ ପୋଲିସ କମିଶନର ସତ୍ୟଜିତ ମହାନ୍ତି ପ୍ରତିଯୋଗିତାକୁ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି ବୋଲି ସୌମ୍ୟ ଜଣାଇଛନ୍ତି।

### ଇମାମ ଉଲ ହକ ଆହତ

ଆବୁଧାବି,୧୦।୧୧: ଏଠାରେ ନ୍ୟୁଜିଲାଣ୍ଡ ବିପକ୍ଷ ଦ୍ୱିତୀୟ ଦିନିକିଆକୁ ଜିତି ପାକିସ୍ତାନ ଦଳ ୩ ମ୍ୟାଚ୍ ବିଶିଷ୍ଟ ସିରିଜ୍‌କୁ ୧-୧ ବରାବରକୁ ଆଣିଛି। ମାତ୍ର ଘରୋଇ ଦଳର ଓପନର ଇମାମ ଉଲ ହକ ଏହି ମ୍ୟାଚ୍‌ରେ ଆହତ ହୋଇଛନ୍ତି। ୨୧୦ ରନ୍‌ର ବିଜୟ ଲକ୍ଷ୍ୟ ପିଛା କରୁଥିବା ପାକିସ୍ତାନ ଦଳ ବ୍ୟାଟିଂ କରୁଥିବାବେଳେ ନ୍ୟୁଜିଲାଣ୍ଡ ପେସର ଲୋକି ଫର୍ଗୁସନଙ୍କ ଏକ ବାଉନ୍ସର ଇମାମ(୧୬)ଙ୍କ ହେଲମେଟରେ ବାଜି ଥିଲା। ଏହାପରେ ସେ ଫିଲ୍ଡରେ ଅଚେତ ହୋଇଯାଇଥିଲେ। ତାଙ୍କୁ ସଙ୍ଗେସଙ୍ଗେ ମେଡିକାଲରେ ନିଆଯାଇଥିଲା। ସେଠାରେ ତାଙ୍କର ସ୍କାନ କରାଯିବା ପରେ ଆହତ ସମସ୍ୟା ଗୁରୁତର ନ ଥିବା ଜଣାପଡ଼ିଛି। ଏ ନେଇ ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ପକ୍ଷରୁ ସୂଚନା ଦିଆଯାଇଛି। ସେ ଦଳରେ ଯୋଗ ଦେଇଛନ୍ତି। ଆଗାମୀ ଦୁଇ ଦିନ ପର୍ଯ୍ୟନ୍ତ ଦଳୀୟ ଫିଜିଓଙ୍କ ତତ୍ତ୍ୱାବଧାନରେ ରହିବେ।

### ରାଜ୍ୟ ବିଦ୍ୟାଳୟ ମୁଷ୍ଟିଯୁଦ୍ଧ ପ୍ରତିଯୋଗିତା ଉଦ୍‌ଘାଟିତ

ଭୁବନେଶ୍ୱର, ୧୦।୧୧(ସ୍ପୋର୍ଟସ ବ୍ୟୁରୋ): ୟୁନିଟ୍-୩ସ୍ଥିତ କ୍ୟାପିଟାଲ ହାଇସ୍କୁଲଠାରେ ଶନିବାର ୬୪ତମ ରାଜ୍ୟ ବିଦ୍ୟାଳୟ ମୁଷ୍ଟିଯୁଦ୍ଧ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ରାଜ୍ୟର ବିଭିନ୍ନ ଜିଲାରୁ ୧୩୩ ପ୍ରତିଯୋଗୀ ଓ ୨୪ ଜଣ କୋଚ୍ ଅଂଶଗ୍ରହଣ କରିଛନ୍ତି। ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ବିଭୁ ପ୍ରସାଦ ଷଡ଼ଙ୍ଗୀ ଏଥିରେ ମୁଖ୍ୟଅତିଥିଭାବେ ଯୋଗ ଦେଇଥିବାବେଳେ ମୁଷ୍ଟିଯୋଦ୍ଧା ଅମରେଶ ଜେନା, ସତ୍ୟମୋହନ ସେନାପତି (ଉପନିର୍ଦ୍ଦେଶକ) ସମ୍ମାନିତ ଅତିଥିଭାବେ ଉପସ୍ଥିତ ରହିଥିଲେ। ଜିଲା ଶିକ୍ଷାଧିକାରୀ ବୃନ୍ଦାବନ ଶତପଥୀ ଏଥିରେ ସଭାପତିତ୍ୱ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କ୍ୟାପିଟାଲ ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ସୋନାମିକା ରାୟ, ସହକାରୀ କ୍ରୀଡ଼ା ନିର୍ଦ୍ଦେଶକ ପ୍ରଭାକର ମଙ୍ଗରାଜ, ସହକାରୀ ନିର୍ଦ୍ଦେଶିକା ଲକ୍ଷ୍ମୀପ୍ରିୟା ଦେଈ ଉପସ୍ଥିତ ରହିଥିଲେ।

# କ୍ଲିନ୍ ସୁଇପ୍ ଲକ୍ଷ୍ୟରେ ଭାରତ

ଚେନ୍ନାଇ, ୧୦।୧୧(ପି.ଟି.)

ଭାରତ ଓ ୱେଷ୍ଟଇଣ୍ଡିଜ ମଧ୍ୟରେ ଚଳିତ ସିରିଜର ତୃତୀୟ ଟି୨୦ କ୍ରିକେଟ ମ୍ୟାଚ୍ ରବିବାର ଏଠାରେ ଅନୁଷ୍ଠିତ ହେବ। ପ୍ରଥମ ୨ଟି ମ୍ୟାଚ୍‌ରେ ବିଜୟୀ ହୋଇ ଭାରତ ସିରିଜ ଜିତିସାରିଛି। ତେଣୁ ତୃତୀୟ ଟି୨୦ ଜିତି ସିରିଜକୁ କ୍ଲିନ୍ ସୁଇପ୍ କରିବା ଲକ୍ଷ୍ୟରେ ରହିଛି ଟିମ୍ ଇଣ୍ଡିଆ।

ସିରିଜ ହାତମୁଠାକୁ ଆସିଯାଇଥିବାରୁ ରବିବାର ମ୍ୟାଚ୍‌ରେ ଭାରତର ବେଞ୍ଚ୍ ଷ୍ଟ୍ରେନ୍ଥ ପରୀକ୍ଷା ହେବ। ଉମେଶ ଯାଦବ, ଯଶପ୍ରୀତ ବୁମ୍‌ରା ଓ କୁଲଦୀପ ଯାଦବଙ୍କୁ ବିଶ୍ରାମ ଦିଆଯାଇଥିବାରୁ ଯୁବ ଖେଳାଳିଙ୍କ ପାଇଁ ବିଶେଷ ସୁଯୋଗ ରହିବ। ଆଗକୁ ଭାରତୀୟ ଦଳର ଅଷ୍ଟ୍ରେଲିଆ ଗସ୍ତ ଥିବାରୁ ଶ୍ରେୟାସ ଆୟାର, ୱାଶିଂଟନ ସୁନ୍ଦର ଓ ଶାହାବାଜ ନଦୀମଙ୍କ ପରି ଖେଳାଳିଙ୍କ ପାଇଁ ସୁବର୍ଣ୍ଣ ସୁଯୋଗ ଆସିଛି। ସେମାନେ ଏଠାରେ ଶ୍ରେଷ୍ଠ ପ୍ରଦର୍ଶନ କରି ଜାତୀୟ ଚୟନକର୍ତ୍ତାଙ୍କୁ ପ୍ରଭାବିତ କରିପାରିବେ। ମିଡିୟମ ପେସର ସିଦ୍ଧାର୍ଥ କାଉଲଙ୍କୁ ମଧ୍ୟ ଦଳରେ ସାମିଲ କରାଯାଇଛି। ନିକଟ ଅତୀତରେ ଚେପକ୍ ପିଚ୍ ସ୍ପିନରଙ୍କୁ ସାଥ୍ ଦେଇଥିବା ପରିଲକ୍ଷିତ ହୋଇଛି। ତେବେ ଆଗାମୀ ମ୍ୟାଚ୍‌ର ପିଚ୍ ବ୍ୟାଟ୍ସମ୍ୟାନଙ୍କୁ ସୁହାଇବ ବୋଲି ଆଶା କରାଯାଉଛି। ୱେଷ୍ଟଇଣ୍ଡିଜ ବୋଲରଙ୍କ ପ୍ରଦର୍ଶନରେ ସ୍ଥିରତା ରହିନାହିଁ। ଏହା ସତ୍ତ୍ୱେ ଭାରତୀୟ ଦଳର କେତେଜଣ ହାତଗଣତି ବ୍ୟାଟ୍ସମ୍ୟାନଙ୍କୁ ଛାଡ଼ିଦେଲେ ଅନ୍ୟମାନେ ଫାଇଦା ନେଇପାରିନାହାନ୍ତି। ଅଧିନାୟକ ରୋହିତ ଶର୍ମା ଲକ୍ଷ୍ନୌ ମ୍ୟାଚ୍‌ରେ ଚମତ୍କାର ଖେଳିଥିଲେ। ମାତ୍ର ଶିଖର ଧାୱନ, ଲୋକେଶ ରାହୁଲ ଏବଂ ରିଷଭ ପନ୍ତ ଏପର୍ଯ୍ୟନ୍ତ ଶ୍ରେଷ୍ଠ ପ୍ରଦର୍ଶନ ଦେଇପାରିନାହାନ୍ତି। ଟିମ୍ ଇଣ୍ଡିଆର ଅଷ୍ଟ୍ରେଲିଆ ଗସ୍ତ ପୂର୍ବରୁ ଏମାନେ ଚମକ ଦେଖାଇବା ଜରୁରୀ ହୋଇପଡ଼ିଛି। ନିଦାହାସ ଟ୍ରଫି ଫାଇନାଲରେ ଦୀନେଶ କାର୍ତ୍ତିକ ଭାରତ ବିଜୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ। ଚେପକ୍ ପିଚ୍ ତାଙ୍କ ହୋମ୍ ଗ୍ରାଉଣ୍ଡ ହୋଇଥିବାରୁ ଘରୋଇ ଦର୍ଶକଙ୍କ ସମ୍ମୁଖରେ ସେ ଆଉ ଏକ ସ୍ମରଣୀୟ ଇନିଂସ୍ ଖେଳିବେ ବୋଲି ଆଶା ରହିଛି। ବୁମ୍‌ରା ଓ କୁଲଦୀପଙ୍କ ଅନୁପସ୍ଥିତିରେ ଭୁବନେଶ୍ୱର କୁମାର ଓ ଯୁବ ବୋଲର ଖଲିଲ ଅହମ୍ମଦ ଭାରତୀୟ ଦ୍ରୁତ ବୋଲିଂ ବିଭାଗର ନେତୃତ୍ୱ ନେବେ। ସ୍ପିନ୍ ବିଭାଗର ଚ୍ୟାଲେଞ୍ଜ ସମ୍ଭାଳିବେ ଯୁଜବେନ୍ଦ୍ର ଚହଲ, କୃନାଲ ପାଣ୍ଡ୍ୟା। ସ୍ଥାନୀୟ ଖେଳାଳି ୱାଶିଂଟନ ସୁନ୍ଦର ଓ ବ୍ୟାଟ୍ସମ୍ୟାନ ଶ୍ରେୟାସ ଆୟାରଙ୍କ ଉପରେ ମଧ୍ୟ ନଜର ରହିବ।

ଭ୍ରମଣକାରୀ ୱେଷ୍ଟଇଣ୍ଡିଜ ଦଳର ବ୍ୟାଟିଂ କମ୍ବିନେଶନ ଏପର୍ଯ୍ୟନ୍ତ ଠିକ୍ ହୋଇପାରିନାହିଁ। ନିୟମିତ ଓପ୍‌ନର କ୍ରିସ୍ ଗେଲ୍ ଓ ଇଭିନ ଲିୱିସ୍‌ଙ୍କ ଅନୁପସ୍ଥିତିରେ ଅନ୍ୟ କେହି ସ୍ଥିର ପ୍ରଦର୍ଶନ ଦେଇପାରିନାହାନ୍ତି। ଅନେକ ପରୀକ୍ଷା ନିରୀକ୍ଷା କରାଯାଇଥିଲେ ମଧ୍ୟ ସଫଳ ହୋଇନାହିଁ। ଅଧିନାୟକ କାର୍ଲୋସ ବ୍ରାଥ୍‌ୱେଟ ଏହାକୁ ସ୍ୱୀକାର କରିବା ସହ ଉପଲବ୍ଧ ଖେଳାଳିଙ୍କ ମଧ୍ୟରୁ ଶ୍ରେଷ୍ଠ କମ୍ବିନେଶନ ନେଇ ଦଳ ଶେଷ ମ୍ୟାଚ୍‌ରେ ବିଜୟ ହାସଲ ଲାଗି ଉଦ୍ୟମ କରିବ ବୋଲି ପ୍ରକାଶ କରିଛନ୍ତି। ନାମୀ ଖେଳାଳିଙ୍କ ମଧ୍ୟରେ କେରନ ପୋଲାର୍ଡ, ଡାରେନ ବ୍ରାଭୋ ଓ ଦୀନେଶ ରାମଦିନ ଏପର୍ଯ୍ୟନ୍ତ ଦକ୍ଷତା ଅନୁସାରେ ଖେଳ ଦେଖାଇ ପାରିନାହାନ୍ତି। ବୋଲରଙ୍କ ମଧ୍ୟରେ ଓଷାନେ ଥୋମାସ ନିଜ ପେସ୍ ଓ ଉଇକେଟ ହାସଲରେ ଦକ୍ଷତା ଦେଖାଇଥିଲେ ହେଁ ଅନ୍ୟ ବୋଲରମାନେ ତାଙ୍କୁ ଉପଯୁକ୍ତ ସମର୍ଥନ ଦେଇପାରିନାହାନ୍ତି। ୨୦୧୬ରେ କଲିକତାରେ ଅନୁଷ୍ଠିତ ଆଇସିସି ଟି୨୦ ବିଶ୍ୱକପ୍ ଫାଇନାଲର ଶେଷ ଓଭରରେ ଇଂଲଣ୍ଡର ବେନ୍ ଷ୍ଟୋକ୍ସଙ୍କ ବୋଲିଂରେ ୪ଟି ଛକା ମାରି ଚର୍ଚ୍ଚାରେ ରହିଥିବା ବ୍ରାଥ୍‌ୱେଟ ଆଉଥରେ ସେଭଳି ପ୍ରଦର୍ଶନ କରି ମନୋବଳ ହରାଇଥିବା ୱେଷ୍ଟଇଣ୍ଡିଜ ଶିବିରରେ ଉତ୍ସାହ ଭରିବାକୁ ଲକ୍ଷ୍ୟ ରଖିଛନ୍ତି। ସାନ୍ତ୍ୱନାମୂଳକ ବିଜୟ ସହ ସିରିଜ ଶେଷ କରିବା ଭ୍ରମଣକାରୀ ଦଳର ମୁଖ୍ୟ ଲକ୍ଷ୍ୟ।



ଶନିବାର ଅଭ୍ୟାସ ଅବସରରେ ୱେଷ୍ଟଇଣ୍ଡିଜ୍ ଦଳ।

### ତୃତୀୟ ଟି୨୦ ଆଜି

- ଭାରତୀୟ ଦଳ: ରୋହିତ ଶର୍ମା(ଅଧିନାୟକ), ଶିଖର ଧାୱନ, ଲୋକେଶ ରାହୁଲ, ଦୀନେଶ କାର୍ତ୍ତିକ, ମନୀଷ ପାଣ୍ଡେ, ଶ୍ରେୟାସ ଆୟାର, ରିଷଭ ପନ୍ତ, କୃନାଲ ପାଣ୍ଡ୍ୟା, ୱାଶିଂଟନ ସୁନ୍ଦର, ଯୁଜବେନ୍ଦ୍ର ଚହଲ, ଭୁବନେଶ୍ୱର କୁମାର, ଖଲିଲ ଅହମ୍ମଦ, ଶାହାବାଜ ନଦୀମ, ସିଦ୍ଧାର୍ଥ କାଉଲ।
- ୱେଷ୍ଟଇଣ୍ଡିଜ ଦଳ: କାର୍ଲୋସ ବ୍ରାଥ୍‌ୱେଟ(ଅଧିନାୟକ), ଡାରେନ ବ୍ରାଭୋ, ସିମରନ ହେଟମେର, ଶାଇ ହୋପ୍, ଓବେଡେ ମ୍ୟାକକୟ, କେମୋ ପଲ, ଖାରି ପିଏରେ, କେରନ ପୋଲାର୍ଡ, ନିକୋଲାସ ପୁରନ, ରୋଭମାନ ପାୱେଲ, ଦୀନେଶ ରାମଦିନ, ଶେର୍ଫାନେ ରଦରଫୋର୍ଡ, ଓଷାନେ ଥୋମାସ।

ମ୍ୟାଚ ଆରମ୍ଭ: ରାତି ୭ଟା

### କ୍ରିକେଟରୁ ମୁନାଫ ପଟେଲଙ୍କ ଅବସର

ନୂଆଦିଲ୍ଲୀ,୧୦।୧୧

ଦୀର୍ଘ ୧୫ ବର୍ଷ ଧରି ପ୍ରତିଦ୍ୱନ୍ଦ୍ୱିତା ମୂଳକ କ୍ରିକେଟରେ ସକ୍ରିୟ ରହିବା ପରେ ୨୦୧୧ ବିଶ୍ୱକପ୍ ଚାମ୍ପିୟନ ଭାରତୀୟ ଦଳର ସଦସ୍ୟ ମୁନାଫ ପଟେଲ କ୍ରିକେଟରୁ ଅବସର ନେଇଛନ୍ତି। ‘‘ମୋର କୌଣସି ପଶ୍ଚାତାପ ନାହିଁ। ମୁଁ ଯେଉଁ କ୍ରିକେଟରଙ୍କ ସହ ଖେଳିଛି, ସେମାନଙ୍କ ମଧ୍ୟରୁ ପ୍ରାୟ ଅବସର ନେଇ ସାରିଛନ୍ତି। କେବଳ ମହେନ୍ଦ୍ର ସିଂ ଧୋନୀ ଖେଳୁଛନ୍ତି। ସମସ୍ତଙ୍କ ସମୟ ଶେଷ ହୋଇଯାଇଛି। ଏଣୁ କୌଣସି ଦୁଃଖ ନାହିଁ’’ ବୋଲି ମୁନାଫ କହିଛନ୍ତି। ଦୁବାଇରେ ହେବାକୁ ଥିବା ଟି୧୦ ଲିଗ୍‌ରେ ମୁନାଫ ଖେଳିବେ। କ୍ରିକେଟରୁ ଅବସର ପରେ କୋଚିଂରେ କ୍ୟାରିୟର କରିବାକୁ ଇଚ୍ଛା ପ୍ରକାଶ କରିଛନ୍ତି। ଜାତୀୟ ଦଳ ପକ୍ଷରୁ ବହୁତ ବର୍ଷ ହେଲା ଖେଳି ନ ଥିଲେ ମଧ୍ୟ ଅବସର ନିଷ୍ପତ୍ତି ନେବା ସହଜ ନ ଥିଲା। ୩୫ ବର୍ଷୀୟ କ୍ରିକେଟର ଜାତୀୟ ଦଳ ପାଇଁ ଅନ୍ତିମ ଥର ଲାଗି ୨୦୧୧ ଇଂଲଣ୍ଡ ବିପକ୍ଷରେ ଖେଳିଥିଲେ। ଏକଦା ଦେଶର ଦ୍ରୁତତମ ବୋଲର ଭାବେ ଗଣାଯାଉଥିବା ମୁନାଫ ଜାତୀୟ ଦଳ ପକ୍ଷରୁ ୧୩ ଟେଷ୍ଟ, ୭୦ ଦିନିକିଆ ଓ ୩ ଟି୨୦ ମ୍ୟାଚ୍ ଖେଳିଥିଲେ। ସେ ମୋଟ ଉପରେ ୧୨୫ ଉଇକେଟ ନେଇଛନ୍ତି। ସେ ଆଇପିଏଲରେ ମୁମ୍ବାଇ ଇଣ୍ଡିଆନ୍ସ, ରାଜସ୍ଥାନ ରୟାଲ୍ସ ଓ ଗୁଜରାଟ ଲାୟନ୍ସ ପକ୍ଷରୁ ଖେଳିଥିଲେ। ଧୋନୀଙ୍କ ନେତୃତ୍ୱାଧୀନ ବିଶ୍ୱକପ୍ ଚାମ୍ପିୟନ ଭାରତୀୟ ଦଳର ସେ ଅନ୍ୟତମ ସଦସ୍ୟ ଥିଲେ।

# କେନ୍ଦ୍ରୀୟ ବିଦ୍ୟାଳୟ-୪ ଚାମ୍ପିୟନ

ଭୁବନେଶ୍ୱର, ୧୦।୧୧(ସ୍ପୋର୍ଟସ ବ୍ୟୁରୋ)

### ଭୁବନେଶ୍ୱର ଆନ୍ତଃ ବିଦ୍ୟାଳୟ ଭଲିବଲ୍

ରୋଟାରୀ କ୍ଲବ ଅଫ୍ ଭୁବନେଶ୍ୱର ସେଣ୍ଟିନିଆଲ ଏବଂ ଓଡ଼ିଶା ମହାଲେଖାକାର କାର୍ଯ୍ୟାଳୟର କାର୍ଯ୍ୟରତ ଭଲିବଲ ଖେଳାଳିଙ୍କ ସୌଜନ୍ୟରେ ସ୍ଥାନୀୟ ନିୟୁ ଏ.ଜି. କଲୋନୀ ଭଲିବଲ ଗ୍ରାଉଣ୍ଡରେ ଅନୁଷ୍ଠିତ ପ୍ରଥମ ଆନ୍ତଃ ବିଦ୍ୟାଳୟ ଭଲିବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଏଥିରେ କେନ୍ଦ୍ରୀୟ ବିଦ୍ୟାଳୟ (କେ.ଭି.)-୪ ଚାମ୍ପିୟନ ହୋଇଛି। ଫାଇନାଲ ମ୍ୟାଚ୍‌ରେ କେନ୍ଦ୍ରୀୟ ବିଦ୍ୟାଳୟ-୪ ୨-୦ (୨୫-୧୯, ୨୫-୨୦) ସେଟ୍‌ରେ ସେଣ୍ଟ ଜାଭିୟର ହାଇସ୍କୁଲ (ଖଣ୍ଡଗିରି)କୁ ପରାସ୍ତ କରିଛି। ସେହିଭଳି ୩ୟ ଓ ୪ର୍ଥ ସ୍ଥାନ ପାଇଁ ଅନୁଷ୍ଠିତ ମ୍ୟାଚ୍‌ରେ ବିକାଶ ରେସିଡେନ୍ସିଆଲ ସ୍କୁଲ ୨-୦ ସେଟ୍‌ରେ ଓଡିଏମ୍ ସ୍କୁଲକୁ ହରାଇଛି। ଏଥିପୂର୍ବରୁ ଖେଳାଯାଇଥିବା ସେମିଫାଇନାଲ ମ୍ୟାଚ୍‌ରେ କେ.ଭି. ନଂ-୪ ୨-୦ ସେଟ୍‌ରେ ବିକାଶ ରେସିଡେନ୍ସିଆଲ ସ୍କୁଲକୁ ଏବଂ ସେଣ୍ଟ ଜାଭିୟର ୨-୦ ସେଟ୍‌ରେ ଓଡିଏମ୍‌କୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଭୁବନେଶ୍ୱର ରୋଟାରୀ ଗଭର୍ନର ଭବାନୀ ପ୍ରସାଦ ଚୌଧୁରୀ, ଭେଟେରାନ ଫୁଟ୍‌ବଲ ଖେଳାଳି ପ୍ରଫୁଲ୍ଲ କୁମାର ମିଶ୍ର ଅତିଥିଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ଚାମ୍ପିୟନ ଦଳକୁ ଟ୍ରଫି ସହ ୩ ହଜାର, ରନର୍ସଅପ୍ ଦଳକୁ ଟ୍ରଫି ସହ ଦୁଇ ହଜାର ଏବଂ ୩ୟ ସ୍ଥାନ ହାସଲ କରିଥିବା ବିକାଶ ରେସିଡେନ୍ସିଆଲ ସ୍କୁଲକୁ ମାନପତ୍ର ସହ ଏକ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଭଲିବଲ ଖେଳାଳି ରାଜେନ୍ଦ୍ର କୁମାର ତ୍ରିପାଠୀ, ସୁଦର୍ଶନ ପଟ୍ଟନାୟକ, ରମାକାନ୍ତ ମିଶ୍ର, ଏସ୍.ଏସ୍. ମହାନ୍ତି, ଚନ୍ଦ୍ରଶେଖର ପାତ୍ର, ଆଶୁତୋଷ ବର୍ମା, ଅନିଲ କୁମାର ଦାସ, ରୋଟାରୀ କ୍ଲବର ଉଭ-ଗଭର୍ନର ସୁନ୍ତ ମହାପାତ୍ର, ସଭାପତି ରୋଟାରିୟାନ ଶୁଭକାନ୍ତ ସାମନ୍ତସିଂହାର, ସାକ୍ୟସିଂ ଷଡ଼ଙ୍ଗୀ, ଆଦିତ୍ୟ ବଲ୍ଲଭ ମହାନ୍ତି, ରଞ୍ଜିତ ସାମନ୍ତରାୟ, ପ୍ରଭାତ ମହାନ୍ତି, ଶୁଭକାନ୍ତ ପାଢ଼ୀ, ଶିଶିର ମହାପାତ୍ର, ଭବାନୀ ପାଟଯୋଶୀ ପ୍ରମୁଖ ଉପସ୍ଥିତ ରହିଥିଲେ। ସେମିଫାଇନାଲ ଓ ଫାଇନାଲ ମ୍ୟାଚ୍‌କୁ ଅବନୀକାନ୍ତ ଗିରି, ରାଜେଶ ସାହୁ, ବୈଦ୍ୟନାଥ ଦାସ, ବିଶ୍ୱନାଥ ଦାସ, ମାନଭଞ୍ଜନ ସାହୁ, ବିରଞ୍ଚିବିଶ୍ୱାଳ ଓ ରମାକାନ୍ତ ପଟ୍ଟନାୟକ ପରିଚାଳନା କରିଥିଲେ।



ଚାମ୍ପିୟନ୍ କେନ୍ଦ୍ରୀୟ ବିଦ୍ୟାଳୟ-୪ ଦଳର ଖେଳାଳିମାନେ ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି।

# କ୍ରୀଡ଼ାର ବିକାଶ ପାଇଁ ଏମ୍ଓୟୁ ସ୍ୱାକ୍ଷର କରିବେ ରାଜ୍ୟ ସରକାର

ଭୁବନେଶ୍ୱର, ୧୦।୧୧ (ସ୍ପୋର୍ଟସ ବ୍ୟୁରୋ)

ଓଡ଼ିଶାରେ କ୍ରୀଡ଼ାର ବିକାଶ ଏବଂ ରାଜ୍ୟର ପ୍ରତିଭାସମ୍ପନ୍ନ କ୍ରୀଡ଼ାବିତ୍‌ମାନଙ୍କୁ ସହାୟତା ଲାଗି କେତେକ ଅଗ୍ରଣୀ ଶିଳ୍ପ ସଂସ୍ଥା ଆଗଭର ହୋଇଛନ୍ତି। ଏହି ପରିପ୍ରେକ୍ଷୀରେ ସୋମବାର ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମଠାରେ ଓଡ଼ିଶା ସରକାର ଏବଂ ଏହି ଶିଳ୍ପସଂସ୍ଥାଗୁଡ଼ିକ ମଧ୍ୟରେ ବୁଝାମଣାପତ୍ର (ଏମଓୟୁ) ସ୍ୱାକ୍ଷରିତ ହେବ। ୟୁଥ୍ ସ୍ପୋର୍ଟସ ଆଥ୍‌ଲେଟିକ୍ସ ମୂଳଦୁଆ ପ୍ରତିଷ୍ଠା ଲାଗି ରିଲାଏନ୍ସ ଇଣ୍ଡଷ୍ଟ୍ରିଜ; ଫୁଟ୍‌ବଲ ଓ ସନ୍ତରଣ ପାଇଁ ଜେଏସ୍‌ଡବ୍ଲ୍ୟୁ ଗ୍ରୁପ୍; ବ୍ୟାଡ୍‌ମିଣ୍ଟନ ପାଇଁ ଡାଲମିଆ ଭାରତ ଗ୍ରୁପ୍; ଭାରୋତ୍ତୋଳନ ପାଇଁ ଆହଲୁୱାଲିଆ ଗ୍ରୁପ୍; ଶୁଟିଂ ପାଇଁ ଆଦିତ୍ୟ ବିର୍ଲା ଗ୍ରୁପ୍ ଏବଂ ହକି ପାଇଁ ଟାଟା ଗ୍ରୁପ୍ ସହିତ ବୁଝାମଣାପତ୍ର ସ୍ୱାକ୍ଷରିତ ହେବାର କାର୍ଯ୍ୟକ୍ରମ ରହିଛି। ଏହି ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି କ୍ରୀଡ଼ା ସଂସ୍କୃତିର ପ୍ରସାର କ୍ଷେତ୍ରରେ ଶିଳ୍ପ ସଂସ୍ଥାଗୁଡ଼ିକ ଆଗେଇ ଆସିବା ସ୍ୱାଗତଯୋଗ୍ୟ। ମିଳିତ ଉଦ୍ୟମ ଦ୍ୱାରା ଆମେ ବିଶ୍ୱର ଅନ୍ୟତମ ଶ୍ରେଷ୍ଠ କ୍ରୀଡ଼ା ହବ୍ ପ୍ରତିଷ୍ଠା କରିପାରିବା। ଅନ୍ୟପକ୍ଷରେ ରାଜ୍ୟ କ୍ରୀଡ଼ା ମନ୍ତ୍ରୀ ଚନ୍ଦ୍ରସାରଥି ବେହେରା କହିଛନ୍ତି, ଏମ୍ଓୟୁ ଦ୍ୱାରା କ୍ରୀଡ଼ା ପ୍ରତି ଯୁବକମାନଙ୍କର ଆଗ୍ରହ ବୃଦ୍ଧି ପାଇବ। ସୋମବାର ଏମ୍ଓୟୁ ସ୍ୱାକ୍ଷରିତ ହେବା ସାଙ୍ଗକୁ ମୁଖ୍ୟମନ୍ତ୍ରୀ ଏବଂ ଇଣ୍ଟରନ୍ୟାଶନାଲ ହକି ଫେଡେରେଶନ (ଏଫ୍ଆଇଏଚ୍) ସଭାପତିଙ୍କ ଦ୍ୱାରା ପୁରୁଷ ହକି ବିଶ୍ୱକପ୍ ୨୦୧୮ ଟ୍ରଫି ଉନ୍ମୋଚନ ହେବ।

# ଭାରତର ବିଜୟ ଅଭିଯାନ

## ହରମନପ୍ରୀତଙ୍କ ଶତକ

ଗୁୟାନା, ୧୦।୧୧ (ପି.ଟି.)

ମହିଳା ଟି୨୦ ବିଶ୍ୱକପ୍‌ର ଷଷ୍ଠ ସଂସ୍କରଣ ୱେଷ୍ଟଇଣ୍ଡିଜ୍‌ରେ ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ଉଦ୍‌ଘାଟନୀ ମ୍ୟାଚ୍‌ରେ ଭାରତ ଓ ନ୍ୟୁଜିଲାଣ୍ଡ ପରସ୍ପରକୁ ଭେଟିଥିଲେ। ଅଧିନାୟିକା ହରମନପ୍ରୀତ କୌର୍‌ଙ୍କ ରେକର୍ଡ ଶତକୀୟ ପାଳି ବଳରେ ଭାରତ ୩୪ ରନରେ ନ୍ୟୁଜିଲାଣ୍ଡକୁ ହରାଇ ବିଜୟ ଅଭିଯାନ ଆରମ୍ଭ କରିଛି। ଟସ୍ ଜିତି ଭାରତ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୫ ଉଇକେଟ ହରାଇ ୧୯୪ ରନ ସଂଗ୍ରହ କରିଥିଲା। ଜବାବରେ ନ୍ୟୁଜିଲାଣ୍ଡ ୨୦ ଓଭରରେ ୯ ଉଇକେଟ ହରାଇ ୧୬୦ ରନରେ ସୀମିତ ରହି ପରାଜୟ ବରଣ କରିଛି।

ଏଥିସହିତ ହରମନପ୍ରୀତ ପ୍ରଥମ ଭାରତୀୟ ମହିଳା କ୍ରିକେଟର ଭାବେ ଟି୨୦ ଶତକ ହାସଲ କରିବାର ଗୌରବ ଅର୍ଜନ କରିଛନ୍ତି। ୨୯ ବର୍ଷୀୟା ହରମନପ୍ରୀତ୍ ୪୯ଟି ବଲ ଖେଳି ଶତକ ହାସଲ କରିଥିଲେ। ତେବେ ସେ ୫୧ଟି ବଲ୍ ଖେଳି ୭ ଚୌକା ଓ ୮ ଛକା ସହ ୧୦୩ ରନର ଶତକୀୟ ପାଳି ଖେଳି ଆଉଟ ହୋଇଥିଲେ। ମ୍ୟାଚ୍ ବିଜୟୀ ଇନିଂସ ପାଇଁ ହରମନପ୍ରୀତଙ୍କୁ ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଥିଲା।

୧୯୫ ରନ ଟାର୍ଗେଟର ପିଛା କରି ନ୍ୟୁଜିଲାଣ୍ଡ ଭଲ ଆରମ୍ଭ କରିଥିଲେ ମଧ୍ୟ ପରେ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ପ୍ରଥମ ଉଇକେଟ ଯୋଡିରେ ଦୁଇ ଓପନର ସୁଜି ବେଟ୍ସ ଓ ଆନ୍ନା ପିଟରସନ ୫୨ ରନ ସଂଗ୍ରହ କରିଥିଲେ। ପିଟରସନ ୧୪ ରନ କରି ଆଉଟ ହେବା ପରେ ନ୍ୟୁଜିଲାଣ୍ଡ ଇନିଂସ ଭୁଶୁଡ଼ି ପଡିଥିଲା। ସୁଜି ବେଟ୍ସ ୫୦ ବଲରୁ ୮ ଚୌକା ସହ ୬୭ ରନ ସଂଗ୍ରହ କରିଥିଲେ। ବୋଲିଂରେ ଭାରତ ତରଫରୁ ପଦାର୍ପଣ କରିଥିବା ଅଫ୍ ସ୍ପିନର ଦୟାଲାନ ହେମଲତା ଓ ପୁନମ ଯାଦବ ୩ଟି ଲେଖାଏ, ରାଧା ଯାଦବ ୨ ଓ ଅରୁନ୍ଧତୀ ରେଡ୍ଡୀ ଗୋଟିଏ ଉଇକେଟ ହାସଲ କରିଥିଲେ।

ପୂର୍ବରୁ ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିବା ଭାରତର ଟପ୍ ଅର୍ଡରର ବିପର୍ଯ୍ୟୟ ଘଟିଥିଲା। ମାତ୍ର ୪୦ ରନରେ ଭାରତ ୩ ଉଇକେଟ ହରାଇଥିଲା। ଓପନର ତଥା ଉଇକେଟ କିପର ତାନିଆ ଭାଟିଆ ୯, ଅନ୍ୟତମ ଓପନର ସ୍ମୃତି ମନ୍ଧାନା ୨ ଓ ଦୟାଲାନ ହେମଲତା ୧୫ ରନ କରି ପ୍ୟାଭିଲିୟନ ଫେରିଥିଲେ। ତେବେ ଚତୁର୍ଥ ଉଇକେଟ ଯୋଡିରେ ହରମନପ୍ରୀତ ଓ ଜେମିମା ରୋଡ୍ରିଗୁଏଜ୍ ୧୩୪ ରନ ସଂଗ୍ରହ କରି ସ୍ଥିତି ସମ୍ଭାଳିବା ସହ ଦଳ ପାଇଁ ବଡ଼ ସ୍କୋର ହାସଲ କରିବାର ସୁଯୋଗ ସୃଷ୍ଟି କରିଥିଲେ। ରୋଡ୍ରିଗୁଏଜ୍ ୪୫ଟି ବଲ ଖେଳି ୭ ଚୌକା ସହ ୫୯ ରନ କରି ଆଉଟ ହୋଇଥିଲେ। ଏହା ପରେ ହରମନପ୍ରୀତ ଶତକୀୟ ପାଳି ଖେଳି ପ୍ୟାଭିଲିୟନ ଫେରିଥିଲେ। ବେଦା କ୍ରିଷ୍ଣମୂର୍ତ୍ତି ୨ ଓ ରାଧା ଯାଦବ ବିନାସ୍କୋର କରି ଅପରାଜିତ ରହିଥିଲେ। ବୋଲିଂରେ ନ୍ୟୁଜିଲାଣ୍ଡ ତରଫରୁ ଲି ତାହୁହୁ ୨, ଜେସ୍ ୱାଟ୍‌କିନ୍, ଲେ କାସ୍ପେରେକ, ସୋଫି ଡିଭାଇନ ଗୋଟିଏ ଲେଖାଏ ଉଇକେଟ ହାସଲ କରିଥିଲେ।

### ସଂକ୍ଷିପ୍ତ ସ୍କୋର

ଭାରତ ୨୦ ଓଭରରେ ୧୯୪/୫ (ହରମନପ୍ରୀତ- ୧୦୩, ରୋଡ୍ରିଗୁଏଜ୍- ୫୯, ତାହୁହୁ- ୨/୧୮)।
ନ୍ୟୁଜିଲାଣ୍ଡ ୨୦ ଓଭରରେ ୧୬୦/୯ (ସୁଜି-୬୭, ପୁନମ- ୩/୩୩, ହେମଲତା- ୩/୨୬, ରାଧା- ୨/୩୧, ରେଡ୍ଡୀ- ୧/୩୬)।

■ ସର୍ବଭାରତୀୟ ମଳୟ ମୁର୍ମୁ ଦିବାରାତ୍ର ଟି୨୦ ଦ୍ୱିତୀୟ ଦିବସ

# ମର୍ନିଂଷ୍ଟାର, କଳିଙ୍ଗ କ୍ଲବ ବିଜୟୀ

ବାଲେଶ୍ୱର ଅଫିସ,୧୦।୧୧

ବାଲେଶ୍ୱର ପରମିଟ୍ ପଡ଼ିଆରେ କ୍ଲବ ‘ୟୁ ଆଣ୍ଡ ମି’ ପକ୍ଷରୁ ଆୟୋଜିତ ସର୍ବଭାରତୀୟ ଦିବାରାତ୍ର ଟି-୨୦ କ୍ରିକେଟ ଟୁର୍ନାମେଣ୍ଟ ଶନିବାର ଦ୍ୱିତୀୟ ଦିବସରେ ୨ଟି ପର୍ଯ୍ୟାୟରେ ଦୁଇଟି ମ୍ୟାଚ ଅନୁଷ୍ଠିତ ହୋଇଥିଲା। ପ୍ରଥମ ପର୍ଯ୍ୟାୟରେ ବାଲେଶ୍ୱର ମର୍ନିଂଷ୍ଟାର ଏବଂ ବାଲେଶ୍ୱର ରକି କ୍ଲବ, ଦ୍ୱିତୀୟ ପର୍ଯ୍ୟାୟରେ ବାରିପଦା କଳିଙ୍ଗ କ୍ଲବ ଏବଂ ଯାଜପୁର ଇଲେଭେନ ଷ୍ଟାର ମଧ୍ୟରେ ଅନୁଷ୍ଠିତ ହୋଇଥିଲା।

### ଅଜୟ, ରୂପମ୍ ମ୍ୟାନ୍ ଅଫ୍ ଦି ମ୍ୟାଚ୍

ପ୍ରଥମ ମ୍ୟାଚ୍‌ରେ ମର୍ନିଂଷ୍ଟାର ଟସ୍ ଜିତି ରକି କ୍ଲବକୁ ବ୍ୟାଟିଂ ପାଇଁ ନିମନ୍ତ୍ରଣ କରିଥିଲା। ନିର୍ଦ୍ଧାରିତ ୨୦ ଓଭର୍‌ରେ ରକି କ୍ଲବ ୬ଟି ଉଇକେଟ୍ ହରାଇ ୧୫୪ ରନ୍ କରିଥିଲା। ଦଳ ତରଫରୁ ମୁବାରକ ୫୩, ଏସ୍.କେ. ଆକ୍ରାମ ୪୪ ରନ୍ କରିଥିବା ବେଳେ ମର୍ନିଂଷ୍ଟାର ପକ୍ଷରୁ ଅହିତୋଷ ଦାସ ୨ଟି ଉଇକେଟ୍ ନେଇଥିଲେ। ଜବାବରେ ମର୍ନିଂଷ୍ଟାର ୧୮.୪ ଓଭରରେ ୫ ଉଇକେଟ୍ ହରାଇ ନିଜର ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା। ଦଳ ତରଫରୁ ଅଜୟ ପ୍ରଧାନ ୪୨, ଖଗେଶ ମିଶ୍ର ୨୭ ଏବଂ ଅରିନ୍ଦମ ଚକ୍ରବର୍ତ୍ତୀ ୨୯ ରନ କରିଥିଲେ। ରକି କ୍ଲବ ପକ୍ଷରୁ ଅମିତ୍ ରାଉତ ଓ ପ୍ରକାଶ ଦାସ ୨ଟି ଲେଖାଏ ଉଇକେଟ୍ ନେଇଥିଲେ। ଅଜୟ ପ୍ରଧାନଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଘୋଷଣା କରାଯାଇଥିଲା।

ସେହିପରି ଦ୍ୱିତୀୟ ମ୍ୟାଚ୍‌ରେ କଳିଙ୍ଗ କ୍ଲବ ଟସ୍ ଜିତି ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ଇଲେଭେନ ଷ୍ଟାର ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ସମସ୍ତ ଉଇକେଟ୍ ହରାଇ ୧୬୨ ରନ୍ କରିଥିଲା। ଦଳ ପକ୍ଷରୁ ଅଭିଷେକ ରାଉତରାଏ ୨୫, ବି. ପ୍ରଧାନ ୨୩ ରନ୍ କରିଥିବା ବେଳେ କଳିଙ୍ଗ କ୍ଲବ ତରଫରୁ ସତ୍ୟନାରାୟଣ ଜୀଉ, ଦେବାଶିଷ ମହାନ୍ତି ୨ଟି ଲେଖାଏ ଉଇକେଟ୍ ନେଇଥିଲେ। ୧୬୩ ରନ୍ ବିଜୟ ଲକ୍ଷ୍ୟ ନେଇ କଳିଙ୍ଗ କ୍ଲବ ପଡ଼ିଆକୁ ଓହ୍ଲାଇ ୧୭.୩ ଓଭରରେ ୪ଉଇକେଟ୍ ହରାଇ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା। କ୍ଲବ ପକ୍ଷରୁ ରୂପମ୍ ମହାନ୍ତି ଧୂଆଁଧାର ବ୍ୟାଟିଂ କରି ୪୬ ବଲ୍‌ରେ ୮୧ ରନ୍ ଓ ଦେବାଶିଷ ମହାନ୍ତି ୩୬ ରନ୍ କରିଥିଲେ। ଇଲେଭେନ୍ ଷ୍ଟାର ତରଫରୁ ଦିଲୀପ ପଣ୍ଡା ଓ ରାଜା ଧଳ ୨ଟି ଲେଖାଏ ଉଇକେଟ୍ ନେଇଥିଲେ। ରୂପମ୍ ମହାନ୍ତିଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଘୋଷଣା କରାଯାଇଥିଲା। ରାଜେଶ ମହାପାତ୍ର, ଅଶ୍ୱିନୀ ସାମଲ, ଗିରିଜା ସାହୁ ଓ ଶାନ୍ତନୁ ଦାସ ମ୍ୟାଚ୍ ପରିଚାଳନା କରିଥିଲେ।



ଅଜୟ ପ୍ରଧାନ



ରୂପମ ମହାନ୍ତି

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ରବିବାର, ନଭେମ୍ବର ୧୧/୨୦୧୮ Bhubaneswar, Sunday, November 11/ 2018




## ସଂକ୍ଷେପରେ

### ସୁନା ଦୋକାନୀଙ୍କୁ ଆକ୍ରମଣ କରି ଲୁଟ୍

**କୁଜଙ୍ଗ,୧୦।୧୧(ସ୍ୱ.ପ୍ର.):** କୁଜଙ୍ଗ ବଜାରରେ ଏକ ସୁନା ଦୋକାନୀଙ୍କୁ ଶନିବାର ଦୁର୍ବୃତ୍ତମାନେ ଆକ୍ରମଣ କରି ଲକ୍ଷାଧିକ ଟଙ୍କାର ଅଳଙ୍କାର ଲୁଟି ନେଇଥିବା ଅଭିଯୋଗ ହୋଇଛି। ପୂର୍ବ ଶତ୍ରୁତାକୁ ନେଇ ଏହି ଆକ୍ରମଣ କରାଯାଇଥିବା ଜଣାପଡିଛି। ପୋଲିସ ଘଟଣାର ତଦନ୍ତ ଚଳାଇଛି। ଅଭିଯୋଗ ମୁତାବକ, ସୁନା ଦେକାନୀ ଉମେଶ ଚନ୍ଦ୍ର ସାହୁ ନିଜ ଦୋକାନରେ ଥିବାବେଳେ କୋଠିଆ ସାହୀ ଗ୍ରାମର ସୁବାସ ସାହୁ, ରମେଶ ଚନ୍ଦ୍ର ସାହୁ ପ୍ରମୁଖ ୪ଜଣ ତାଙ୍କୁ ଆକ୍ରମଣ କରିଥିଲେ। ଏପରିକି ତାଙ୍କ ଦୋକାନରୁ ନଗଦ ଟଙ୍କା ଓ ଲକ୍ଷାଧିକ ଟଙ୍କାର ସୁନା ଗହଣା ଲୁଟ କରିଥିବା ଉମେଶ ଅଭିଯୋଗରେ ଦର୍ଶାଇଛନ୍ତି। ଦୋକାନରେ ଉପସ୍ଥିତ ତାଙ୍କ ସ୍ତ୍ରୀ ଓ ପୁଅ ମଧ ଆକ୍ରମଣର ଶୀକାର ହୋଇଥିବା ସେ କହିଛନ୍ତି।

### ଗିରି ଗୋବର୍ଦ୍ଧନ ପୂଜା

**ରାହାମା,୧୦।୧୧:** କୁଜଙ୍ଗ ବ୍ଲକ କନ୍ଦମୂଳ ପଡିଆଠାରେ ଥିବା ବଡ଼ମଠଠାରେ ଗିରି ଗୋବର୍ଦ୍ଧନ ପୂଜା ଅନୁଷ୍ଠିତ ହୋଇଛି। ଏହି ଉପଲକ୍ଷେ ମହାପ୍ରଭୁ ଜଗନ୍ନାଥଙ୍କ ନିକଟରେ ୫୬ ପ୍ରକାର ବ୍ୟଞ୍ଜନ ଲାଗି କରାଯାଇଥିଲା। ଦ୍ୱାପର ଯୁଗରେ ଶ୍ରୀକୃଷ୍ଣ ଓ ଇନ୍ଦ୍ରଙ୍କ ମଧରେ ବିବାଦ, ଇନ୍ଦ୍ରଙ୍କୁ ଲାଗି ହେବାକୁ ଥିବା ବ୍ୟଞ୍ଜନ ଶ୍ରୀକୃଷ୍ଣ ଲୁଚାଇ ଖାଇଦେବା, ଇନ୍ଦ୍ର କୋପ କରିବା, ଶ୍ରୀକୃଷ୍ଣ ପାହାଡକୁ ଉଠାଇ ଧରିବା ଆଦି ବିଭିନ୍ନ ପ୍ରଥା ପରମ୍ପରାକୁ ଉଜ୍ଜିବୀତ ରଖିବା ଉଦ୍ଦେଶ୍ୟରେ ପ୍ରତିବର୍ଷ ପାଳିତ ହୁଏ ଗିରି ଗୋବର୍ଦ୍ଧନ ପୂଜା। ବଡ଼ମଠ ମଠାଧିଶ ବାବାଜୀ ଦୟାନିଧି ଦାଶ ମହାରାଜଙ୍କ ତତ୍ତ୍ୱାବଧାନରେ ଉତ୍ସବ ପ୍ରତିବର୍ଷ ପାଳିତ ହୋଇଆସୁଛି।

# ୧୫ରୁ ପାରାଦୀପ-ଏରସମା ବିକାଶ ପରିଷଦର ଆନ୍ଦୋଳନ

**ଜଗତ୍‌ସିଂହପୁର ଅଫିସ,୧୦।୧୧**

- ଆଇଓସିଏଲ୍‌ରେ ନିଯୁକ୍ତି ପାଇଁ ୬୦% ସଂରକ୍ଷଣ ଦାବି
- ପାନୀୟଜଳ ଯୋଗାଣ, ପ୍ରଦୂଷଣ ନିୟନ୍ତ୍ରଣ କର

ପାରାଦୀପ ତୈଳ ବିଶୋଧନାଗାର (ଆଇଓସିଏଲ୍)ରେ ଜଗତ୍‌ସିଂହପୁର ଜିଲାର ଯୁବଗୋଷ୍ଠୀଙ୍କ ନିଯୁକ୍ତି ପାଇଁ ୬୦% ସ୍ଥାନ ସଂରକ୍ଷଣ କର। ଏଥିସହ ବିଶୋଧନାଗାର ନିର୍ମାଣ ପାଇଁ ଜମି ହରାଇଥିବା (୧୭୫୨ ପରିବାର) ପରିବାର ପିଛା ଜଣେ ହିସାବରେ ନିଯୁକ୍ତି ଦିଅ। ଅନୁରୂପ ଭାବେ ବିସ୍ଥାପିତ ପରିବାରରୁ ଜଣେ ହିସାବରେ ସ୍ଥାୟୀ ନିଯୁକ୍ତି ପାଆନ୍ତୁ । ତାହା ନ ହେଲେ ଆନ୍ଦୋଳନ ତୀବ୍ର କରାଯିବ। ଏଭଳି ଚେତାବନୀ ଦେଇଛି ପାରାଦୀପ-ଏରସମା ଶିଳ୍ପାଞ୍ଚଳ ବିକାଶ ପରିଷଦ। ପରିଷଦ ପକ୍ଷରୁ କୁହାଯାଇଛି ଯେ, ଆଇଓସିଏଲ୍ ଯୋଗୁ ପାରାଦୀପ ସମେତ ଜଗତ୍‌ସିଂହପୁର ଜିଲାର ଜଳ ଓ ବାୟୁ ବ୍ୟାପକ ପ୍ରଦୂଷିତ ହେଉଛି। କିନ୍ତୁ ଏହାକୁ ନିୟନ୍ତ୍ରଣ ପାଇଁ ଆବଶ୍ୟକ ପଦକ୍ଷେପ ନିଆଯାଉନି। ତେଣୁ ଜିଲାର ପ୍ରତ୍ୟେକ ପଞ୍ଚାୟତ ସମେତ ପୌରାଞ୍ଚଳରେ ଆଇଓସିଏଲ୍ ପକ୍ଷରୁ ବ୍ୟାପକ ବୃକ୍ଷରୋପଣ କରାଯାଉ। ବିଶୋଧନାଗାର ଚାରିପଟେ ଥିବା ପଞ୍ଚାୟତରେ ପାନୀୟଜଳ ସମସ୍ୟା ଉତ୍କଟ ହୋଇଛି। ଏହାର ପ୍ରତିକାର ପାଇଁ ସିଏସ୍‌ଆର୍ ପାଣ୍ଠି ବିନିଯୋଗ କରାଯାଉ। ଏସବୁ ଦାବି ନେଇ ଆସନ୍ତା ୧୫ ତାରିଖରୁ ଆଇଓସିଏଲ୍ ମୁଖ୍ୟ ଫାଟକ ସମ୍ମୁଖରେ ପରିଷଦ ପକ୍ଷରୁ ଶାନ୍ତିପୂର୍ଣ୍ଣ ଧାରଣା ଦିଆଯିବ। ଦାବି ପୂରଣ ହେବାରେ ବିଳମ୍ବ ହେଲେ ଆନ୍ଦୋଳନକୁ ତୀବ୍ର କରାଯିବ ବୋଲି ପରିଷଦ ସଭାପତି ଅରିନ୍ଦମ ସର୍ଖେଲ(ବାପି) ସୂଚନା ଦେଇଛନ୍ତି। ଏହି ଆନ୍ଦୋଳନରେ କୁଜଙ୍ଗ ଓକିଲ ସଂଘ ସଭାପତି ଏ.ଏନ.ଡି. ଯାଦବ, କୋଠି ସରପଞ୍ଚ କର୍ଣ୍ଣରାଜ ସ୍ୱାଇଁ, ବାଗୋଇ ସରପଞ୍ଚ ଅଧିର ପ୍ରଧାନ, ପାଟପୁର ସରପଞ୍ଚ ଲକ୍ଷ୍ମୀକାନ୍ତ ସ୍ୱାଇଁ, ବାଲିଆ ସରପଞ୍ଚ ପବିତ୍ର ସେଠୀ, ମଲ୍ଲୀସାହି ସରପଞ୍ଚ ମନୋଜ ବେହେରା, ପାରାଦୀପ ଏରସମା ଶିଳ୍ପାଞ୍ଚଳ ବିକାଶ ପରିଷଦ ଉପସଭାପତି ଶେଖ୍ ବସିର ଅଲ୍ଲି ଓ ରଞ୍ଜିତ ଦାସମହାପାତ୍ର, ବିଶ୍ୱାଳି ପୂର୍ବତନ ସରପଞ୍ଚ ନୃସିଂହ ସାମଲ, ଗଣ୍ଡିପୁର ପୂର୍ବତନ ସରପଞ୍ଚ ଅଜୟ ବେହେରା ପ୍ରମୁଖ ସାମିଲ ହେବେ ବୋଲି କୁହାଯାଇଛି।

## ଏସାର ଷ୍ଟିଲ୍ ଆଗରେ ଚାଲିଥିବା ଆନ୍ଦୋଳନ ପ୍ରତ୍ୟାହୃତ

**ପାରାଦୀପ,୧୦।୧୧(ସ୍ୱ.ପ୍ର.)**

ପାରାଦୀପ ଏସାରଷ୍ଟିଲ କମ୍ପାନୀ ଫାଟକ ଆଗରେ ଶୁକ୍ରବାରଠାରୁ ଚାଲିଥିବା ଶ୍ରମିକ ଆନ୍ଦୋଳନ ଶନିବାର ସକାଳୁ ପ୍ରତ୍ୟାହୃତ ହୋଇଛି। କମ୍ପାନୀ କର୍ତ୍ତୃପକ୍ଷ ଉକ୍ତ ଶ୍ରମିକ ସଂଘ ସହ ଆସନ୍ତା ଡିସେମ୍ବରରେ ଆଲୋଚନା କରିବେ ବୋଲି ପ୍ରତିଶ୍ରୁତି ଦେବାପରେ ଶ୍ରମିକମାନେ ଆନ୍ଦୋଳନରୁ ଓହରି ଯାଇଛନ୍ତି। ସୂଚନାଯୋଗ୍ୟ, ଏସାରଷ୍ଟିଲ ଇଣ୍ଡିଆ ଶ୍ରମିକ ୟୁନିୟନ ପକ୍ଷରୁ ୧୫ ଦଫା ଦାବିରେ ଆନ୍ଦୋଳନ କରାଯାଇଥିଲା। ଶ୍ରମିକ ସଂଘ ଦାବିକୁ କମ୍ପାନୀ କର୍ତ୍ତୃପକ୍ଷ ଗତ ମେ ମାସରୁ ବିଭିନ୍ନ ଆଳ ଦେଖାଇ ଭଣ୍ଡୁର କରୁଥିଲେ। ଇପିଏଫ୍, ଇଏସ୍‌ଆଇ, ବୋନସ୍, ବର୍ଦ୍ଧିତ ମଜୁରି ଆଦି ୧୫ ଦଫା ଦାବି ଶ୍ରମିକଙ୍କ ଥିଲା।

# ଓଡ଼ିଶା ଦଳିତ ଶୋଷଣ ମୁକ୍ତି ମଞ୍ଚର ବୈଠକ

**ବିରିଡ଼ି, (ଡି.ଏନ.ଏ.)/ବାଲିଆ, ୧୦।୧୧**



ଓଡ଼ିଶା ଦଳିତ ଶୋଷଣ ମୁକ୍ତି ମଞ୍ଚ ବୈଠକରେ ଉପସ୍ଥିତ ଅତିଥି।

ରାଜ୍ୟରେ ଦଳିତଙ୍କ ଉପରେ ହେଉଥିବା ଅତ୍ୟାଚାର ବନ୍ଦ କରିବା ସହିତ ଦଳିତମାନଙ୍କ ପାଇଁ ଉଦ୍ଦିଷ୍ଟ ଆଇନକୁ ଠିକ ଭାବେ କାର୍ଯ୍ୟକାରୀ କରିବା, ସମାଜରୁ କୁସଂସ୍କାର ଦୂର କରି ଏକ ସୁସ୍ଥ ସମାଜ ପ୍ରତିଷ୍ଠା କରିବା ହେଉଛି ଓଡ଼ିଶା ଦଳିତ ଶୋଷଣ ମୁକ୍ତି ମଞ୍ଚର ଲକ୍ଷ୍ୟ। ମଞ୍ଚର ଜଗତ୍‌ସିଂହପୁର ଜିଲା ଶାଖା ପକ୍ଷରୁ ବିରିଡ଼ି ବ୍ଲକ ୨୨ ମୌଜାସ୍ଥିତ ଚାଷୀଖଣ୍ଡ ବନବିହାରୀ ପାଲା ମଣ୍ଡପଠାରେ ଶନିବାର ଅନୁଷ୍ଠିତ ବୈଠକରେ ଅତିଥିମାନେ ଏହି ମତବ୍ୟକ୍ତ କରିଛନ୍ତି। ଦଳିତ ଶୋଷଣ ମୁକ୍ତି ମଞ୍ଚର ଜିଲା ଆବାହକ ଯୁଧିଷ୍ଠିର ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ବୈଠକରେ ଦଳିତ ଶୋଷଣ ମୁକ୍ତି ମଞ୍ଚର ରାଜ୍ୟ ଆବାହକ ରାମଚନ୍ଦ୍ର ନାୟକ, ସିଆଇଟିୟୁର ରାଜ୍ୟ ସମ୍ପାଦକ ଲୋଭାକାନ୍ତ ସ୍ୱାଇଁ, ସାହିତ୍ୟିକ ବସନ୍ତ ମାଝୀ, ଗଣତାନ୍ତ୍ରିକ ମହିଳା ସମିତିର ନେତ୍ରୀ ପୁଷ୍ପା ଦାଶ, ସିଟୁର ଶ୍ରମିକ ନେତା ବଦ୍ରି ନାରାୟଣ ଦାଶ, ଶ୍ରମିକ ନେତା ନଟବର ପଲେଇ, ଶୁକଦେବ ଭୋଇ, ଆଡଭୋକେଟ ସୁକାନ୍ତ ଭୋଇ, ପୂର୍ବତନ ସରପଞ୍ଚ ଗଣେଶ ଚନ୍ଦ୍ର ମାଣିଆ, ବାଲିପାଟଣାର ପ୍ରଫୁଲ ଭୋଇ, ଜଗତସିଂହପୁରର ନରେନ୍ଦ୍ର ଦାସ ପ୍ରମୁଖ ଯୋଗଦେଇଥିଲେ। ସେମାନେ କ୍ରାଇମ ବ୍ୟୁରୋ ତଥ୍ୟକୁ ଆଧାର କରି ପ୍ରତି ୧୫ ମିନିଟରେ ଜଣେ ଦଳିତ ଆମ ଦେଶରେ ନିର୍ଯାତିତ ହେଉଛନ୍ତି ବୋଲି କହିଥିଲେ। ଗାଁ ଗହଳିରେ ଯୁବତୀ ଯୁବକ ଶିକ୍ଷିତ ହେବା, ସଂଗଠିତ ହେବା ଓ ଅନ୍ୟାୟ ବିରୋଧରେ ଲଢେଇ କରିବାକୁ ସେମାନେ ଆହ୍ୱାନ ଦେଇଥିଲେ।

# ସଙ୍ଗୀତ କଳା ପ୍ରସାରଣ ଶିକ୍ଷାକେନ୍ଦ୍ର ଉଦ୍‌ଘାଟିତ


ସଙ୍ଗୀତ କଳା ପ୍ରସାରଣ ଶିକ୍ଷାକେନ୍ଦ୍ର ଉଦ୍‌ଘାଟନ ଅବସରରେ ଉପସ୍ଥିତ ଅତିଥି।

**ବିରିଡ଼ି, ୧୦।୧୧(ଡି.ଏନ.ଏ.)**

ବିରିଡ଼ି ବ୍ଲକ ହାଜିପୁରଠାରେ ଶନିବାର ସଙ୍ଗୀତ କଳା ପ୍ରସାରଣ ଶିକ୍ଷାକେନ୍ଦ୍ର ଉଦ୍‌ଘାଟିତ ହୋଇଛି। ହାଜିପୁର ସରପଞ୍ଚ ବିମଳ କୁମାର ସେଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସୁରେଶ ଚନ୍ଦ୍ର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉପସଭାପତି ବାମଦେବ ସ୍ୱାଇଁ, ସମ୍ପାଦକ ପତିତପାବନ ଜେନା, କୋଷାଧ୍ୟକ୍ଷ ବିଜୟ କୁମାର ମିଶ୍ର, ଚନ୍ଦନ କୁମାର ଜେନା, ପ୍ରହ୍ଲାଦ ଜେନା, ତ୍ରିଲୋଚନ ଓଝା, ବଳରାମ ନନ୍ଦୀ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଓଡ଼ିଶାର ପ୍ରାଚୀନ କଳା, ଓଡ଼ିଶୀ ନୃତ୍ୟ, ଆଧୁନିକ ନୃତ୍ୟ, ଅଭିନୟ, ତବଲା ଓ ଗୀତାର ସହ ଚିତ୍ରକଳା ଆଦି ଏହି କେନ୍ଦ୍ରରେ ଛାତ୍ରୀଛାତ୍ରଙ୍କୁ ଶିକ୍ଷା ଦିଆଯିବ। ତେଣୁ ଏଭଳି ଅନୁଷ୍ଠାନ ଆଗାମୀ ଦିନରେ ବହୁ ଛାତ୍ରୀଛାତ୍ରଙ୍କୁ ଗଢି ତୋଳିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। କଳା ଶିକ୍ଷୟିତ୍ରୀ ମାନସୀ ଦାସ, ନବକିଶୋର ଦାସ, ସମୀର ସ୍ୱାଇଁ, ପ୍ରଦୀପ୍ତ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଆସନ୍ତା ମାର୍ଚ୍ଚ ମାସରେ ଅନୁଷ୍ଠାନର ବାର୍ଷିକ ଉତ୍ସବ ହେବ ବୋଲି ସର୍ବସମ୍ମତି କ୍ରମେ ନିଷ୍ପତ୍ତି ହୋଇଥିଲା। ଚନ୍ଦନ କୁମାର ଜେନା ଧନ୍ୟବାଦ ଦେଇଥିଲେ।

# ନବନିର୍ମାଣ କୃଷକ ସଂଗଠନ ବୈଠକ

**ବାଲିକୁଦା,୧୦।୧୧(ସ୍ୱ.ପ୍ର.)**

ବାଲିକୁଦା ବ୍ଲକ ବଡ଼ଗାଁ ପଞ୍ଚାୟତର ନୂଆଗାଁସ୍ଥିତ ମା’ କରକେଇ ମନ୍ଦିର ପ୍ରାଙ୍ଗଣରେ ନବ ନିର୍ମାଣ କୃଷକ ସଂଗଠନର ମାସିକ ବୈଠକ ଅନୁଷ୍ଠିତ ହୋଇଛି। ଧର୍ମାନନ୍ଦ ଖଣ୍ଡୁଆଳଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ଜିଲା ସଂଯୋଜକ ଦୁର୍ଗାଚରଣ ସ୍ୱାଇଁ, ଜିଲା କମିଟି ସଦସ୍ୟ ବାବାଜୀ ଚରଣ ଜେନା, ବିଜୟ କୁମାର ପରିଡା, ବ୍ଲକ ସଂଯୋଜକ ରଘୁନାଥ ନାୟକ, କୋଷାଧ୍ୟକ୍ଷ ବ୍ରହ୍ମାନନ୍ଦ ମହାନ୍ତି, ସହସଂଯୋଜକ ଲିଙ୍ଗରାଜ ମହାନ୍ତି, ଗଙ୍ଗାଧର ଖଟୁଆ, ମିଟୁ ଦାସ, ବିଭୁତି ପରିଡା, ସୁଶାନ୍ତ ସେଠୀ, ବୈକୁଣ୍ଠ ବିଶ୍ୱାଳ, ବିଶ୍ୱଜିତ୍ ଦାସ, ଅଶୋକ ରାଉତ ପ୍ରମୁଖ ଯୋଗଦେଇ ସଂଗଠନର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ଏଥିସହ ଆସନ୍ତା ୧୨ ତାରିଖରେ ପ୍ରତ୍ୟେକ ପଞ୍ଚାୟତ କାର୍ଯ୍ୟାଳୟ ଓ ୧୫ ତାରିଖରେ ପ୍ରତ୍ୟେକ ଥାନା ସମ୍ମୁଖରେ ସଂଗଠନ ପକ୍ଷରୁ ହେବାକୁ ଥିବା ଧାରଣା ଓ ସତ୍ୟାଗ୍ରହ ସଫଳ କରିବାକୁ ଆହ୍ୱାନ ଦିଆଯାଇଥିଲା।




# ଜିଲାସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ

**ଜଗତ୍‌ସିଂହପୁର ଅଫିସ,୧୦।୧୧:**

ଜଗତ୍‌ସିଂହପୁର ଜିଲା ବିଦ୍ୟାଳୟ ସମୂହ କ୍ରୀଡ଼ା ସଙ୍ଗଠନ ପକ୍ଷରୁ ଆୟୋଜିତ ୩ ଦିନିଆ କ୍ରୀଡ଼ା ପ୍ରତିଯୋଗିତା ଶନିବାର ଉଦ୍‌ଯାପିତ ହୋଇଛି। ସ୍ଥାନୀୟ ନବକୃଷ୍ଣ ଚୌଧୁରୀ ଷ୍ଟାଡିୟମରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ଜିଲା ଶିକ୍ଷା ଅଧିକାରୀ ପ୍ରତିଭା ମଞ୍ଜରୀ ଦାସ ପୌରୋହିତ୍ୟ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ତିର୍ତ୍ତୋଲ ମଣ୍ଡଳ ଶିକ୍ଷା ଅଧିକାରୀ ସୁକାନ୍ତ କୁମାର ରାୟ, ଶ୍ରୀକୃଷ୍ଣ ଏକାଡେମୀର ପ୍ରଧାନ ଶିକ୍ଷକ ନବ କିଶୋର ସୂତାର, ଜିଲା ବିଜ୍ଞାନ ପରିଦର୍ଶକ ସୁଭାଷ ଚନ୍ଦ୍ର ରାଉତ, କାର୍ଯ୍ୟକାରୀ କମିଟି ସଦସ୍ୟ ନିମାଇଁ ଚରଣ ମଲ୍ଲିକ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ କ୍ରୀଡ଼ାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ପ୍ରତିଯୋଗିତାର ଅନ୍ତିମ ଦିନରେ କ୍ରିକେଟ ମ୍ୟାଚ୍ ହୋଇଥିଲା। ଏଥିରେ ଜିଲାର ୮ଟି ଦଳ ଅଂଶଗ୍ରହଣ କରିଥିଲା। କୁତାମଚଣ୍ଡୀ ବିଦ୍ୟାପୀଠର ପ୍ରଧାନ ଶିକ୍ଷକ ଶରତ ଚନ୍ଦ୍ର ବାରିକ ସ୍ୱାଗତ ଭାଷଣ ଓ ଶାରୀରିକ ଶିକ୍ଷା ପରିଦର୍ଶକ ରାମଚନ୍ଦ୍ର ସ୍ୱାଇଁ ବିବରଣୀ ପାଠ କରିଥିଲେ। ଶେଷରେ ଶିକ୍ଷକ ରାଜ କିଶୋର ସାହୁ ଧନ୍ୟବାଦ ଦେଇଥିଲେ। ଚନ୍ଦନ କୁମାର ବେହେରା, ହରେକୃଷ୍ଣ ଲେଙ୍କା, ଗୁରୁଚରଣ ସ୍ୱାଇଁ, ଦିଲୀପ ଦାସ, ରମେଶ ବିଶ୍ୱାଳ, ଶ୍ରଦ୍ଧା ରାଉତ, ସୁଚୀସ୍ମିତା ସ୍ୱାଇଁ, ଶୁକଦେବ ଜେନା, ଅକ୍ଷୟ ମହାନ୍ତି, ତ୍ରିଲୋଚନ ସାହୁ, ରଶ୍ମିକାନ୍ତ ଦାସ, ଅନନ୍ତ ବିଶ୍ୱାଳ, ଧର୍ମେନ୍ଦ୍ର ଦାସ ପ୍ରମୁଖ ପରିଚାଳନା କରିଥିଲେ।

# ‘ଚାଲ ସ୍କୁଲ ଯିବା’ କାର୍ଯ୍ୟକ୍ରମ

**ବାଲିକୁଦା,୧୦।୧୧(ସ୍ୱ.ପ୍ର.)**

ବାଲିକୁଦା ବ୍ଲକ ଅରିଲୋ ପଞ୍ଚାୟତର ଅମଣିଆ ପାଟଣା ସ୍ଥିତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ପରିସରରେ ବିଜୁ ଯୁବବାହିନୀ ପକ୍ଷରୁ ‘ଚାଲ ସ୍କୁଲ ଯିବା’ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ଅବସରରେ ଆୟୋଜିତ ସଚେତନତା ସଭାରେ ବାଲିକୁଦା-ଏରସମା ଯୁବ ବିଜେଡି ସଭାପତି ଅଲେଖ ସ୍ୱାଇଁ ଅଧ୍ୟକ୍ଷତା କରିଥିଲେ। ସରପଞ୍ଚ ଜ୍ୟୋସ୍ନାରାଣୀ ବାରିକ ମୁଖ୍ୟଅତିଥି, ବିଦ୍ୟାଳୟର ପ୍ରତିଷ୍ଠାତା ଭାସ୍କର ଚନ୍ଦ୍ର ସାହୁ ମୁଖ୍ୟବକ୍ତା, ପୂର୍ବତନ ସରପଞ୍ଚ ପ୍ରଶାନ୍ତ ବାରିକ, ସମିତିସଭ୍ୟା ପ୍ରିୟମ୍ବଦା ପଲାଉର, ପ୍ରଧାନଶିକ୍ଷକ ଦକ୍ଷପ୍ରସାଦ ଦାସ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସରକାରଙ୍କ ଏହି ଜନାଦୃତ ପଦକ୍ଷେପ ଉପରେ ଆଲୋକପାତ କରିଥିଲେ। ଏଥିରେ ଅରିଲୋ ବିଜୁ ଯୁବବାହିନୀ ସଭାପତି ସାରଦା ପ୍ରସାଦ ସାମଲ, ସମ୍ପାଦକ ନିରଞ୍ଜନ ମଲ୍ଲିକ, କୋଷାଧ୍ୟକ୍ଷ ରାଜେଶ ରଞ୍ଜନ ଦାସ, ସଦସ୍ୟ ଶୈଳେନ୍ଦ୍ର ଦାଶ, ବିଶ୍ୱଜିତ୍ ଦାସ, ସୁବଳକାନ୍ତ ଦାସ, ମନୋରଞ୍ଜନ ବାରିକ, ଲାଲୁ ପ୍ରସାଦ ସ୍ୱାଇଁ, ସୂର୍ଯ୍ୟକାନ୍ତ ସାହୁ, ଦୀନବନ୍ଧୁ ସାମଲ, ଦେବାଶିଷ ସାମଲ, ଜୀବନ ଜ୍ୟୋତି ଜେନା ପ୍ରମୁଖ ଯୋଗଦେଇ ବିଦ୍ୟାଳୟର ଉପସ୍ଥାନ ହାର ବଢାଇବା ସହ ଶିକ୍ଷାକୁ ବିକାଶ ଦିଗରେ ଆଗେଇ ନେବାକୁ ପରାମର୍ଶ ଦେଇଥିଲେ। ଶିକ୍ଷକ ନାରାୟଣ ସାହୁ, ସସ୍ମିତା ମହାନ୍ତି, ଅନ୍ନପୂର୍ଣ୍ଣା ସାହୁ, ରଶ୍ମିପ୍ରଭା ଦାସ, ବିଜୟ ବେହେରା, ନେତ୍ରାନନ୍ଦ ସାହୁ, ସରସ୍ୱତୀ ବେହେରା, ମଞ୍ଜରୀପ୍ରଭା ଦାସ, ପ୍ରଭାତ ସ୍ୱାଇଁ, ନିର୍ମଳ ସ୍ୱାଇଁ ପ୍ରମୁଖ ଯୋଜନାକୁ ଆଗେଇ ନେବାକୁ ପ୍ରତିଶ୍ରୁତି ଦେଇଥିଲେ।






3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



ମନୁଷ୍ୟର ନିନ୍ଦା, ପ୍ରଶଂସା ସତ୍ୟର ମାପକାଠି ନୁହେଁ, ସେ ଦୁଇଟି ଆମକୁ ସାହାଯ୍ୟ କରେ ନିଜକୁ ପରୀକ୍ଷା କରିବା ପାଇଁ।
- ଗୁରୁ ନାନକ



## ସଂକ୍ଷେପରେ

### ମୂଳ ଖରସ୍ରୋତା ପୁନରୁଦ୍ଧାର ପାଇଁ ଯୋଜନା

**ରସୁଲପୁର,୧୦।୧୧(ଡି.ଏନ୍.ଏ.):** ରସୁଲପୁର ବ୍ଲକ ଦେଇ ପ୍ରବାହିତ ମୂଳ ଖରସ୍ରୋତା ପୁନରୁଦ୍ଧାର ଆଶା ଉଜ୍ଜୀବିତ ହୋଇଛି। କୋରେଇ ବିଧାୟକ ଆକାଶ ଦାସନାୟକଙ୍କ ପାଇଲଟ ପ୍ରୋଜେକ୍ଟରେ ମୂଳ ଖରସ୍ରୋତାକୁ ଚିରସ୍ରୋତା କରିବା ଯୋଜନା ସ୍ଥାନ ପାଇଛି। କୋରେଇ ବିଧାୟକ ଦାସନାୟକ ଏନେଇ ଅଙ୍ଗୀକାରବଦ୍ଧ ଅଛନ୍ତି। ତାଙ୍କ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ଏକ ଇସ୍ତାହାରପତ୍ରରେ ମୂଳ ଖରସ୍ରୋତା ନଦୀର କଳେବର ବଦଳାଇବା ପାଇଁ ବିଧାୟକଙ୍କ ସ୍ୱପ୍ନର ପ୍ରକଳ୍ପଗୁଡ଼ିକରେ ମଧ୍ୟରେ ସ୍ଥାନିତ କରାଯାଇଛି। ବିଧାୟକଙ୍କ ପ୍ରୟାସକୁ ଖରସ୍ରୋତା ପୁନଃରୁଦ୍ଧାର କମିଟି ପକ୍ଷରୁ ସ୍ୱାଗତ କରାଯାଇଛି। କମିଟିର ସ୍ଥାୟୀ ସଭାପତି ବେଣୁଧର ଦୋବାଇ, ଆବାହକ କୈଳାସ ଚନ୍ଦ୍ର ନାୟକ, ସମାଜସେବୀ ବିଶ୍ୱଜିତ୍ ମହାନ୍ତି, ବରିଷ୍ଠ ନେତା ଲକ୍ଷ୍ମଣ ରାଉତ, ଶିକ୍ଷାବିତ୍ ଶ୍ରୀଧର ସାହୁ, ଦୁର୍ଯୋଧନ ସାହୁ ପ୍ରମୁଖ ବିଧାୟକଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

### ରଶି ଲଗାଇ ଶ୍ରମିକଙ୍କ ଆତ୍ମହତ୍ୟା

**ରସୁଲପୁର,୧୦।୧୧(ଡି.ଏନ୍.ଏ.):** ରସୁଲପୁର ବ୍ଲକ ଅନ୍ତର୍ଗତ ବାରବାଟୀ ପଞ୍ଚାୟତ ଚିତ୍ରକୂଳ ଗ୍ରାମରେ ଶୁକ୍ରବାର ରାତିରେ ଶ୍ରମିକ ନିରଞ୍ଜନ ବେହେରା(୪୬) ବେକରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ମାନସିକ ଅସୁସ୍ଥତା ଓ ରୋଗ ଯନ୍ତ୍ରଣା ଯୋଗୁ ନିରଞ୍ଜନ ଆତ୍ମହତ୍ୟା କରିଥାଇପାରନ୍ତି ବୋଲି ପରିବାର ପକ୍ଷରୁ କୁହାଯାଉଛି। ଏ ସମ୍ପର୍କରେ ଧର୍ମଶାଳା ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ମୁତାବକ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ-୩୪/୧୮) ରୁଜୁ କରାଯାଇଛି। ପୋଲିସ ପକ୍ଷରୁ ତଦନ୍ତ ଜାରି ରହିଛି।

### ବାଇକ୍ ଧକ୍କାରେ ଶ୍ରମିକଙ୍କ ମୃତ୍ୟୁ

**ଧର୍ମଶାଳା,୧୦।୧୧(ଡି.ଏନ୍.ଏ.):** ଧର୍ମଶାଳା-କବାଟବନ୍ଧ ରାସ୍ତାର ପଣ୍ଡୁଆ ଶିବ ମନ୍ଦିର ନିକଟରେ ବାଇକ ଧକ୍କାରେ ଶନିବାର ଜଣେ ସାଇକେଲ ଆରୋହୀଙ୍କ ମୃତ୍ୟୁ ଘଟିଛି। ଜେନାପୁର ଥାନା ଅନ୍ତର୍ଗତ ପନ୍ତୁରୀ ଗ୍ରାମର ମେଘୁଆ ଦଳେଇ (୩୫) ଜାରକାରେ ଜନୈକ ରାଜମିସ୍ତ୍ରୀଙ୍କ ପାଖରେ ହେଲପର୍ କାମ ସାରି ଗ୍ରାମକୁ ଫେରୁଥିବାବେଳେ ତାଙ୍କୁ ଏକ ବାଇକ ଧକ୍କା ଦେଇଥିଲା। ଫଳରେ ସେ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ତେବେ ଚିକିତ୍ସାଧୀନ ଅବସ୍ଥାରେ ମେଘୁଆଙ୍କ ମୃତ୍ୟୁ ଘଟିଥିଲା। ଧର୍ମଶାଳା ପୋଲିସ ମୃତଦେହ ଜବତ କରି ଏକ ଅପମୃତ୍ୟୁ ମାମଲା(ନଂ. ୪୨୯/୧୮) ରୁଜୁ କରି ତଦନ୍ତ ଜାରି ରଖିଛି। ରବିବାର ମୃତଦେହ ବ୍ୟବଚ୍ଛେଦ ହେବ ବୋଲି ପୋଲିସ ସୂଚନା ଦେଇଛି।

### ଚୋରାମଦ ଜବତ ଜଣେ ଗିରଫ

**ଧର୍ମଶାଳା,୧୦।୧୧(ଡି.ଏନ୍.ଏ.):** ଧର୍ମଶାଳା ଥାନା ଆନ୍ତର୍ଗତ କୋତପୁରଠାରେ ଚୋରାରେ ମଦ ବିକ୍ରି ହେଉଥିବା ଖବର ପାଇ ଧର୍ମଶାଳା ପୋଲିସ ଶୁକ୍ରବାର ରାତିରେ ଚଢାଉକରି ବିଦେଶୀ ମଦ ଜବତ କରିବା ସହ ଜଣଙ୍କୁ ଗିରଫ କରିଛି। କୋତପୁର ଗ୍ରାମର ଶେଷଦେବ ରାଉଳଙ୍କ ନିକଟରୁ ୨୮ଲିଟର ବିଦେଶୀ ମଦ ଜବତ କରାଯାଇଛି। ଧର୍ମଶାଳା ପୋଲିସ ଏକ ମାମଲା(ନଂ. ୪୨୮/୧୮) ରୁଜୁ କରି ଅଭିଯୁକ୍ତଙ୍କୁ ଶନିବାର କୋର୍ଟ ଚାଲାଣ କରିଛି।

# ଶିଳ୍ପ ବିକାଶରେ ବାଧକ ସାଜିଛି ଅଯଥା ହସ୍ତକ୍ଷେପ

**ଯାଜପୁର ଅଫିସ,୧୦।୧୧**

କଳିଙ୍ଗନଗର ଶିଳ୍ପାଞ୍ଚଳରେ ସ୍ଥାନୀୟ ରାଜନେତାଙ୍କ ଅଯଥା ହସ୍ତକ୍ଷେପ ଶିଳ୍ପ ବିକାଶରେ ବାଧକ ସାଜିଛି। ଶ୍ରମିକ ସଂଘର ମୁଖ୍ୟ ରାଜନେତାମାନେ ଶିଳ୍ପାୟନ ସହ ଖେଳ ଖେଳୁଛନ୍ତି ବୋଲି କଳିଙ୍ଗନଗର ଶିଳ୍ପ ସଂଘର ମୁଖ୍ୟ ପୁରୁଷୋତ୍ତମ କାଣ୍ଡୋଇ ଏଭଳି ଏକ ସାଂଘାତିକ ଅଭିଯୋଗ ଆଣିଛନ୍ତି। କାଣ୍ଡୋଇଙ୍କ ଏହି ନିଜସ୍ୱ ମତ ପ୍ରଚାର ହେବା ପରେ ଯାଜପୁର ଜିଲା ସମେତ କଳିଙ୍ଗନଗର ଶିଳ୍ପାଞ୍ଚଳରେ ହଇଚଇ ସୃଷ୍ଟି ହୋଇଛି। ଏହିଶିଳ୍ପାଞ୍ଚଳରେ ଗଢ଼ି ଉଠିଥିବା ପ୍ରାୟ ସମସ୍ତ ଶିଳ୍ପର ବରିଷ୍ଠ ଅଧିକାରୀମାନେ କାଣ୍ଡୋଇଙ୍କ ଏହି ମତକୁ ସମର୍ଥନ ଜଣାଇଛନ୍ତି।

୧୯୯୦ରୁ ୨୦୧୦ ମଧ୍ୟରେ କଳିଙ୍ଗନଗର ଷ୍ଟିଲହବ୍ ଅତି କମ୍‌ରେ ୨୦ନିୟୁତ ଟନ୍ ଇସ୍ପାତ ଉତ୍ପାଦନ କରିବ ବୋଲି ରାଜ୍ୟ ସରକାର ଦୃଢ଼ୋକ୍ତି ପ୍ରକାଶ କରିଥିଲେ । ହେଲେ ବିଡ଼ମ୍ବନା ଯେ, କଳିଙ୍ଗନଗର ଶିଳ୍ପ ପ୍ରତିଷ୍ଠାର ୨୫ବର୍ଷ ପରେ ବିଶ୍ୱ ଧାତବ ଶିଳ୍ପ ରାଜଧାନୀ କୁହାଯାଉଥିବା କଳିଙ୍ଗନଗରରୁ ମାତ୍ର ୪ନିୟୁତ ଟନ ଷ୍ଟିଲ ଉତ୍ପାଦନ ହେଉଛି । ଟାଟା ଷ୍ଟିଲ ଓ ଜିନ୍ଦଲ ଷ୍ଟେନଲେସ ଷ୍ଟିଲକୁ ବାଦଦେଲେ ଅନ୍ୟ ଶିଳ୍ପପତିମାନେ କେବଳ ବ୍ୟବସାୟ କରି ଲାଭ ଜଗିବାରେ ବ୍ୟସ୍ତ ରହିଥିବାରୁ ପିଗ୍ ଆଇରନ, ହଟମେଟାଲ, ଚାର୍ଜକ୍ରୋମ, ଫେରୋକ୍ରମ, ସ୍ପଞ୍ଜ ଆଇରନ, ପେଲେଟ ଆଦି ଉତ୍ପାଦନରେ ସୀମିତ ରହିଛି। ଫଳରେ କଳିଙ୍ଗନଗରରେ ସ୍ଥାନୀୟ ନିଯୁକ୍ତି ଯେଉଁ ପରିମାଣରେ ଆଶା କରାଯାଉଥିଲା ତାହାର ୧୦ ପ୍ରତିଶତ ବି ପୂରଣ ହୋଇ ପାରିନାହିଁ। ଏଥିରେ କେତେକ ରାଜନେତାଙ୍କ ଅଯଥା ହସ୍ତକ୍ଷେପ ଦାୟୀ ବୋଲି କେତେକ ବକ୍ତବ୍ୟ ଦେଉଛନ୍ତି । ଜିଲାର ସର୍ବ ପୁରାତନ ଯାଜପୁରରୋଡର ଇଡ଼କଲ ଫେରୋକ୍ରୋମ ଆଣ୍ଡ ଆଲୟେଜ ଲିମିଟେଡ଼ ସମଗ୍ର ଏସିଆ ମହାଦେଶରେ ତାର ଉତ୍ପାଦ ହାଇକାର୍ବନ ଫେରୋକ୍ରୋମ ପାଇଁ ବେଶ ଜଣାଶୁଣା। ରାଜ୍ୟ ସରକାରଙ୍କ ଏହି କାରଖାନାଟି ଶ୍ରମିକ ରାଜନୀତି ଏବଂ ରାଜନେତାଙ୍କ ଠାରୁ କ୍ୱଚିତ ଲାଭ ପାଇଥିବାବେଳେ ଶ୍ରମିକ ସଂଗଠନ ନାଁରେ ରାଜନୀତି ଚଳାଇ ଆସିଥିବା ବ୍ୟକ୍ତିବିଶେଷମାନେ ବର୍ଷ ବର୍ଷ ଧରି ଲୁଟି ଚାଲିଛନ୍ତି । ଫଳତଃ ବହୁବାର କାରଖାନା ଗୁରୁତର ସଙ୍କଟରେ ପଡିଛି। ପରିଚାଳନା କର୍ତ୍ତୃପକ୍ଷ ନେତାଙ୍କ କଥା ନ ମାନିଲେ କାରଖାନାକୁ ବନ୍ଦ କରିଦେବାର ଚକ୍ରାନ୍ତ ଆରମ୍ଭ ହେଉଛି। ବହୁ ବର୍ଷ ଧରି କଂଗ୍ରେସ ପରିଚାଳିତ ଶ୍ରମିକ ସଂଗଠନ ଏଠାରେ ଏକଚାଟିଆ ରାଜୁତି କରି ଭାଇ, ବନ୍ଧୁ, ସହୋଦରଙ୍କୁ ସୁବିଧା ସୁଯୋଗ ଦେବା, ଠିକାଦାରୀ ଦେବା ଭଳି ଅନିୟମିତା ହୋଇଥିଲା। ପରେ କର୍ମଚାରୀ, ଶ୍ରମିକମାନେ କଂଗ୍ରେସ ସମର୍ଥିତ ଶ୍ରମିକ ସଂଗଠନକୁ ଛାଡି ଦେଇଥିଲେ ହେଁ ସଂପ୍ରତି ସଂଗଠନଗୁଡ଼ିକ ଗତ ବର୍ଷଗୁଡ଼ିକରେ ସେମାନଙ୍କ ଦୁର୍ନୀତି ଓ ପ୍ରିୟାପ୍ରୀତିତୋଷଣ ସର୍ବକାଳୀନ ରେକର୍ଡ଼ ଭଙ୍ଗ କରିଛି। ଇଡକଲ ପରିଚାଳିତ ସୁକିନ୍ଦା କ୍ରୋମ୍ ଉପତ୍ୟକାର ତଳଙ୍ଗୀ କ୍ରୋମ ଖଣିକୁ ଉଦାହରଣ ଭାବେ ନିଆଯାଇପାରେ। ଏହା ଶନିବାର ରାତି ୧୨ଟା ପରଠାରୁ ବନ୍ଦ ହୋଇଯିବାର ସୂଚନା ମିଳିଛି। କୌଣସି ନିର୍ଦ୍ଦେଶାନାମା ଶନିବାର ସନ୍ଧ୍ୟା ସୁଦ୍ଧା ନ ଆସିବାରୁ ଖଣି କାର୍ଯ୍ୟ ବନ୍ଦ ହେବ ବୋଲି କାରଖାନା କର୍ତ୍ତୃପକ୍ଷଙ୍କଠାରୁ ସୂଚନା ମିଳିଛି। ଫଳରେ ତଳଙ୍ଗୀର ୯୦୦ ପାଖାପାଖି ଶ୍ରମିକ ସେମାନଙ୍କ ଜୀବିକା ହରାଇବାକୁ ଯାଉଥିବାବେଳେ ୫୦ରୁ ଊର୍ଦ୍ଧ୍ୱ କର୍ମଚାରୀ ଓ ଅଧିକାରୀଙ୍କ ଭବିଷ୍ୟତକୁ ନେଇ ସଂଶୟ ପ୍ରକାଶ ପାଇଛି। ତଥାକଥିତ ଶ୍ରମିକ ନେତା ତଳଙ୍ଗୀ ଖଣି ଉପରେ ଅନେକ ଅଭିଯୋଗ ଦେଇ ଖଣି କାର୍ଯ୍ୟ ବନ୍ଦ ପାଇଁ ଦୀର୍ଘ ଦିନ ଧରି ମସୁଧା ଚଳାଇ ଆସୁଥିଲେ। ଯାହାର ପରିଣାମ ଶନିବାର ମଧ୍ୟରାତ୍ରଠାରୁ ଭୋଗିବାକୁ ପଡିବ ବୋଲି ମତପ୍ରକାଶ ପାଇଛି। ଖାଲି ସେତିକି ନୁହେଁ ଭିସା ଷ୍ଟିଲରେ ଅଯଥା ହସ୍ତକ୍ଷେପ ଯୋଗୁ କାରଖାନାର କେତୋଟି ଗୁରୁତ୍ୱପୂର୍ଣ୍ଣ ୟୁନିଟ୍ ବନ୍ଦ ହୋଇଯାଇଥିଲା। ୨୦୧୬ରୁ ରୋଲିଙ୍ଗ ମିଲ୍ ଏବଂ ଏସ୍‌ଏମ୍‌ଏସ୍ ସାଇଟ ବନ୍ଦ ହୋଇଯାଇଛି। ଏଠାରେ କାର୍ଯ୍ୟରତ ୧୬୦ଅଧିକାରୀ ଓ କର୍ମଚାରୀଙ୍କ ମଧ୍ୟରୁ ପ୍ରାୟ ୧୦୦ଜଣ ପର୍ଯ୍ୟାୟ କ୍ରମେ ବିଦା ହୋଇଥିବାବେଳେ ଆଉ ୬୦ଜଣ ବିଦା ହେବା ଅବସ୍ଥାରେ ଅଛନ୍ତି। ୧ହଜାରରୁ ଊର୍ଦ୍ଧ୍ୱ ଶ୍ରମିକଙ୍କ ରୋଜଗାର ଯାଇଛି। ନୀଳାଚଳ ଇସ୍ପାତ, ବିଆର୍‌ପିଏଲ୍, ଜିନ୍ଦଲ ଆଦି କାରଖାନା ସମେତ ଇମ୍ଫା, ଓଏମ୍‌ସି, ବାଲେଶ୍ୱର ଆଲଏଜ ଖଣିଗୁଡ଼ିକରେ ମଧ୍ୟ ରାଜନୀତି ପଶିବା ଘଟଣାକୁ ସ୍ଥାନୀୟ ଲୋକେ ସହଜରେ ଗ୍ରହଣ କରି ପାରୁ ନାହାନ୍ତି। ନୂତନ ଭାବେ ପାଦ ଥାପୁଥିବା ସିମେଣ୍ଟ କମ୍ପାନୀଗୁଡ଼ିକ ମଧ୍ୟ ରାଜନୈତିକ ହସ୍ତକ୍ଷେପରୁ ମୁକୁଳିପାରୁ ନାହାନ୍ତି। ଶ୍ରମିକ ରାଜନୀତି କରି କେତେକ ନେତା ପଦାଧିକାରୀଙ୍କ ସଲାସୁତୁରାରେ ବହୁ ଦୁର୍ନୀତିରେ ସାମିଲ ହେବା ସହ ସଂସ୍ଥାଗୁଡ଼ିକୁ ରୁଗ୍ଣ କରି ଚାଲିଛନ୍ତି। କାରଖାନା ବଞ୍ଚିଲେ ଶ୍ରମିକ, କର୍ମଚାରୀ ବଞ୍ଚିବେ, ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ବିକାଶ ହେବା ଲକ୍ଷ୍ୟରେ ଶ୍ରମିକ ରାଜନୀତି ଓ ସ୍ଥାନୀୟ ଜନପ୍ରତିନିଧିଙ୍କ ଭୂମିକା ରହିବା ଉଚିତ ବୋଲି ତଥ୍ୟାଭିଜ୍ଞ ମହଲରେ ମତ ପ୍ରକାଶ ପାଇଛି। ଶିଳ୍ପ ସଂସ୍ଥାମାନେ ମଧ୍ୟ ସ୍ଥାନୀୟ ଅଞ୍ଚଳର ଶିକ୍ଷିତ ଯୁବତୀଯୁବକଙ୍କୁ ରାଜନୈତିକ ଊର୍ଦ୍ଧ୍ୱରେ ରହି ନିଯୁକ୍ତି ଦେବାରେ ଆଗ୍ରହ ଦେଖାଇବା ସହ ପାରିପାର୍ଶ୍ୱିକ ଉନ୍ନତିରେ ମନୋନିବେଶ କରିବା ଉଚିତ ବୋଲି କୁହାଯାଉଛି। କିନ୍ତୁ ନିଜ ସ୍ୱାର୍ଥକୁ ଚରିତାର୍ଥ କରିବାକୁ ଶିଳ୍ପାଞ୍ଚଳର ବିକାଶରେ ବାଧକ ନ ହେବା ଉଚିତ ବୋଲି ମତପ୍ରକାଶ ପାଇଛି।

**କଳିଙ୍ଗନଗର ଶିଳ୍ପାଞ୍ଚଳ**
- ମଧ୍ୟରାତ୍ରରୁ ବନ୍ଦ ହୋଇପାରେ ତୈଳଙ୍ଗୀ ଖଣି
- ସ୍ଥାନୀୟ ନିଯୁକ୍ତି, ପାରିପାର୍ଶ୍ୱିକ ଉନ୍ନୟନକୁ ଉପେକ୍ଷା
- ସ୍ୱାର୍ଥ ହାସଲ ପାଇଁ ଚାଲିଛି ଚକ୍ରାନ୍ତ

## ମାଟି ପରିବହନ କରୁଥିବା ୧୭ ଗାଡ଼ି ଜବତ

**ଧର୍ମଶାଳା,୧୦।୧୧(ଡି.ଏନ୍.ଏ.)**

ଧର୍ମଶାଳା ତହସିଲ ଅନ୍ତର୍ଗତ ୧୬ନମ୍ବର ଜାତୀୟ ରାଜପଥ ରଥିଆ ନିକଟରେ ଏକ ଖାଲ ପୋତୁଥିବା ୧୭ଟି ହାଇୱା ଓ ଟିପ୍ପର ଗାଡିକୁ ଶନିବାର ଅତିରିକ୍ତ ତହସିଲଦାର ଦେବୀପ୍ରସାଦ ମହାନ୍ତି ଧର୍ମଶାଳା ଥାନା ଅଧିକାରୀ ଉମାକାନ୍ତ ନାୟକଙ୍କ ସହାୟତାରେ ଜବତ କରିଛନ୍ତି। ଶନିବାର ଛୁଟି ଦିନ ହୋଇଥିବାରୁ ଏହାର ସୁଯୋଗ ନେଇ ରଥିଆ ନିକଟରେ ଏକ ପେଟ୍ରୋଲ୍ ପମ୍ପ ନିର୍ମାଣ ପାଇଁ ଏକ ଖାଲକୁ ମାଟି ପକାଇ ପୋତାଯାଉଥିଲା। ଏହି ଖବର ପାଇ ଧର୍ମଶାଳା ଅତିରିକ୍ତ ତହସିଲଦାର ମହାନ୍ତି ଧର୍ମଶାଳା ପୋଲିସ ସହାୟତାରେ ଚଢାଉ କରି ବେଆଇନ ଭାବେ ମାଟି ଖନନ କରି ପରିବହନ କରୁଥିବା ୧୭ଟି ହାଇୱା ଓ ଟିପ୍ପର ଗାଡ଼ିକୁ ଜାତୀୟ ରାଜପଥରେ ଅଟକ ରଖିବା ସହ ରୟାଲଟି କାଗଜପତ୍ର ମାଗିଥିଲେ। ମାତ୍ର ଗାଡ଼ିଗୁଡ଼ିକ ନିକଟରେ ରୟାଲଟି ଫର୍ମ ନଥିବାରୁ ସେଗୁଡିକୁ ଜବତ କରିଥିଲେ। ଜବତ ଗାଡିଗୁଡିକ ଠାରୁ ଜରିମାନା ଆଦାୟ ହେବ ବୋଲି ମହାନ୍ତି ସୂଚନା ଦେଇଛନ୍ତି।

## ସ୍କୁଲ ଭ୍ୟାନ୍ ସହ ବାଇକ୍ ମୁହାଁମୁହିଁ ଧକ୍କା



ଦୁର୍ଘଟଣାଗ୍ରସ୍ତ ବାଇକ୍।

**ରସୁଲପୁର,୧୦।୧୧(ଡି.ଏନ୍.ଏ.)**

ରସୁଲପୁର ବ୍ଲକ ଅନ୍ତର୍ଗତ ସିଂହାପୁର ପଞ୍ଚାୟତର ଦନେଇପୁର ଗାଁ ନିକଟରେ ଶନିବାର ମଧ୍ୟାହ୍ନରେ ଏକ ସ୍କୁଲ ଭ୍ୟାନ ସହ ବାଇକ୍ ମୁହାଁମୁହିଁ ଧକ୍କା ହେବା ଯୋଗୁ ଜଣେ ଛାତ୍ରଙ୍କ ସମେତ ୩ଜଣ ଆହତ ହୋଇଛନ୍ତି। ଦୁର୍ଘଟଣାରେ ବାଇକ୍ ଚାଳକ ଜେନାପୁର ଥାନା ଅନ୍ତର୍ଗତ କମାଗଡା ପଞ୍ଚାୟତ ଗେଙ୍ଗୁଟିଆ ଗ୍ରାମର ଅଜୟ କୁମାର ସାହୁଙ୍କ ପୁଅ ପପୁ(୨୮)ଙ୍କ ଅବସ୍ଥା ଗୁରୁତର ରହିଛି । ତାଙ୍କୁ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସା କରାଯିବା ପରେ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ପ୍ରକାଶ ଯେ, କୁଆଖିଆ ଥାନା ଅନ୍ତର୍ଗତ ଏକ ପବ୍ଲିକ ସ୍କୁଲର ଭ୍ୟାନ ଛାତ୍ରୀଛାତ୍ରଙ୍କୁ ନେଇ ଘରକୁ ଛାଡିବାକୁ ଯାଉଥିଲା । ଭ୍ୟାନଟି ବାରବାଟୀ ପଞ୍ଚାୟତ ପଦ୍ମପୁର ଗାଁରୁ ପିଲାଙ୍କୁ ଛାଡି ସିଂହାପୁର ପଞ୍ଚାୟତ ବ୍ରାହ୍ମଣବାଡ଼ ଗାଁକୁ ଯାଉଥିଲା। ବ୍ରାହ୍ମଣୀ ନଦୀବନ୍ଧ ରାସ୍ତାରେ ଭ୍ୟାନଟି ଯାଉଥିବା ସମୟରେ ସମ୍ମୁଖରୁ କଲଣ ଆଡୁ ଆସୁଥିବା ଏକ ବାଇକ୍ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଦୁର୍ଘଟଣା ସ୍ଥଳରେ ବାଇକ ଚାଳକ ଗୁରୁତର ଆହତ ହୋଇଥିବାବେଳେ ପଛରେ ବସିଥିବା ଜେନାପୁର ଥାନା ଅନ୍ତର୍ଗତ ଅଣ୍ଟିଆ ଗ୍ରାମର ନାବାଳକ ଅକ୍ଷୟ ସାହୁ ମଧ୍ୟ ଆହତ ହୋଇଛନ୍ତି। ଆହତଙ୍କୁ ସ୍କୁଲ ଭ୍ୟାନରେ ଧର୍ମଶାଳା ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଥିଲା।

## ପ୍ରତିଭା ଅନ୍ୱେଷଣ ସମିତିର ପ୍ରଥମ କାର୍ଯ୍ୟକାରିଣୀ ବୈଠକ

**ଯାଜପୁରରୋଡ, ୧୦।୧୧(ନି.ପ୍ର.):** ସ୍ଥାନୀୟ ଏକ ହୋଟେଲରେ ଶନିବାର ବ୍ୟାସନଗର ପ୍ରତିଭା ଅନ୍ୱେଷଣ ସମିତିର ପ୍ରଥମ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମିତି ସଭାପତି କୁଶଚନ୍ଦ୍ର ପ୍ରଧାନ ସଭାପତିତ୍ୱ କରିଥିଲେ। ସମିତିର ମୁଖ୍ୟ ପରାମର୍ଶଦାତା ପ୍ରଫେସର ପଦ୍ମନାଭ ମଲ୍ଲଙ୍କ ପରାମର୍ଶକ୍ରମେ ଆସନ୍ତା ୨୫ ତାରିଖରେ ସମିତି ତରଫରୁ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହେବ । ସ୍ୱର୍ଗତ ଅମୂଲ୍ୟକୃଷ୍ଣ ରାୟଙ୍କ ବ୍ୟାସନଗର ପାଇଁ ଅବଦାନ ସମ୍ପର୍କରେ ଆଲୋଚନାଚକ୍ରରେ ଆଲୋକପାତ କରାଯିବ । ଏଥିରେ କୋରେଇ ବିଧାୟକ ଆକାଶ ଦାସ ନାୟକ ମୁଖ୍ୟ ଅତିଥି ଓ କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ର ସମ୍ମାନିତ ଅତିଥିଭାବେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ଉପଦେଷ୍ଟା ଅଭିମନ୍ୟୁ ମିଶ୍ର, ସୂର୍ଯ୍ୟମଣି ପାଢୀ ଓ ସାମାଜିକ କର୍ମୀ ପ୍ରମୁଖ ବୈଠକରେ ଯୋଗ ଦେଇଥିଲେ ।

## ଲକ୍ଷାଧିକ ଟଙ୍କା ଲୁଟ୍ କରି ବନ୍ଧାହେଲେ ୨କର୍ମଚାରୀ

**ବିଞ୍ଝାରପୁର,୧୦।୧୧ (ଡି.ଏନ୍.ଏ)**

ମାଲିକଙ୍କ ଟଙ୍କାକୁ ବ୍ୟାଙ୍କରେ ଜମା କରିବାକୁ ଯାଇଥିବାବେଳେ ଲୁଟର ଶିକାର ହେବାର ମିଥ୍ୟା ନାଟକ ରଚିଥିବା ୨କର୍ମଚାରୀ ପୋଲିସ ହାତରେ ଧରାପଡ଼ିଛନ୍ତି। ମିଳିଥବବା ସୂଚନା ଅନୁସାରେ ବିଞ୍ଝାରପୁର ଥାନା ଜରୀ ପଞ୍ଚାୟତର ବିନୋଦ ସାହୁ ସିଂହପୁର ବଜାରରେ ଏକ ଗ୍ରୋସୋରି ଦୋକାନ କରିଛନ୍ତି। ଉକ୍ତ ଦୋକାନରେ କଲରାପାଳ ଗ୍ରାମର ରଞ୍ଜିତ ଦାସ ଓ ଚନ୍ଦନପୁରର ସର୍ବେଶ୍ୱର ପାତ୍ର କାମ କରନ୍ତି। ଦୀର୍ଘ ୧୩ ବର୍ଷ ହେବ ମାଲିକ ପାଖରେ କାମ କରୁଥିବା ସର୍ବେଶ୍ୱର ଜରୁରୀ କାମ ଥିବା କହି ୩ଦିନ ପୂର୍ବରୁ ଛୁଟିରେ ଥିଲେ। ଶୁକ୍ରବାର ମଧ୍ୟାହ୍ନରେ ରଞ୍ଜିତଙ୍କୁ ମାଲିକ ସାହୁ ୧ଲକ୍ଷ ୬୦ହଜାର ଟଙ୍କା ଜମା କରିବାକୁ ସିଂହପୁରଠାରୁ ୭କିମି ଦୂର ବାଲମୁକୁଳିସ୍ଥିତ ୟୁନିୟନ ବ୍ୟାଙ୍କକୁ ପଠାଇଥିଲେ। ରଞ୍ଜିତ ଟଙ୍କା ନେଇ ଗୋଟାଏ ପନ୍ଦରରେ ସିଂହପୁରରୁ ବାଲମୁକୁଳି ଯାଇଥିଲେ।



ଗିରଫ ଅଭିଯୁକ୍ତ।

ଏହାର ଠିକ୍ ଘଣ୍ଟାକ ପରେ ରଞ୍ଜିତ ଦୋକାନୀ ମାଲିକ ସାହୁଙ୍କୁ ଫୋନ କରି ଦୁଇଜଣ ଦୁର୍ବୃତ୍ତ ପୋଖରି ଛକ ନିକଟରେ ତାଙ୍କଠାରୁ ଟଙ୍କା ଛଡାଇ ନେଇଯାଇଥିବା କହିଥିଲେ। ମାଲିକ ସାହୁ ସଙ୍ଗେସଙ୍ଗ ଘଟଣା ସ୍ଥଳରେ ପହଞ୍ଚିବା ସହ ଶଞ୍ଜିତଙ୍କୁ ସାଙ୍ଗରେ ଧରି ଥାନାକୁ ଯାଇ ଅଭିଯୋଗ କରିଥିଲେ। ଅଭିଯୋଗକୁ ଆଧାର କରି ଥାନା ଅଧିକାରୀ ସୁଚିତ୍ରବିର୍ଯ୍ୟ ଦାସ ରଞ୍ଜିତଙ୍କୁ ଜେରାକରି ଘଟଣାର ସତ୍ୟାସତ୍ୟ ବାହାର କରିଥିଲେ। ସ୍ୱାସ୍ଥ୍ୟଗତ ସମସ୍ୟା ଯୋଗୁ ରଞ୍ଜିତଙ୍କୁ ୮୦ହଜାର ଟଙ୍କା ଦରକାର ହେଉଥିଲା। ତେଣୁ ସେ ଅନ୍ୟକିଛି ଉପାୟ ନ ପାଇ ସହଯୋଗୀ ସର୍ବେଶ୍ୱରଙ୍କ ସହ ମିଶି ମାଲିକଙ୍କ ଟଙ୍କା ଲୁଟ୍ କରିବାକୁ ଯୋଜନା କରିଥିଲେ। ଯୋଜନା ମୁତାବକ ସର୍ବେଶ୍ୱର ୩ଦିନ ପାଇଁ ଛୁଟିରେ ଯାଇ ଏହି ଘଟଣାକୁ ନାଟକିୟ ରୂପ ଦେବାରେ ସହଯୋଗ କରିଥିଲେ ବୋଲି ରଞ୍ଜିତ ପୋଲିସ ନିକଟରେ କହିବା ସହ ଟଙ୍କା ବ୍ୟାଗ ପୋଖରିଛକ-ବାଲମୁକୁଳି ମୁଖ୍ୟରାସ୍ତାର ଏକ କଲଭର୍ଟ ତଳେ ରଖିଥିବା ସ୍ୱୀକାର କରିଥିଲେ। ପରେ ଥାନାଧିକାରୀ ଦାସ ବିଳମ୍ବିତ ରାତିରେ ରଞ୍ଜିତଙ୍କୁ ସାଙ୍ଗରେ ନେଇ ଟଙ୍କା ଲୁଚାଯାଇଥିବା ଘଟଣାସ୍ଥଳରୁ ଟଙ୍କା ଉଦ୍ଧାର କରିବା ସହ ମାଷ୍ଟର ମାଇଣ୍ଡ ସର୍ବେଶ୍ୱରଙ୍କୁ ଗିରଫ କରି ଥାନାକୁ ଆଣିଥିଲେ। ଏନେଇ ବିଞ୍ଝାରପୁର ଥାନାରେ ଆଇପିସି ଦଫା ୩୯୨,୪୦୮, ୧୨୦(ବି)/୩୪ରେ ଏକ ମାମଲା(ନଂ.୨୬୧/୨୦୧୮) ରୁଜୁ କରି ଶନିବାର ଦୁଇଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି।

## ଧର୍ମଶାଳା ପୋଲିସ ଦ୍ୱାରା ୩ ଗାଡ଼ି ଜବତ

**ଧର୍ମଶାଳା,୧୦।୧୧(ଡି.ଏନ୍.ଏ.)**

ଧର୍ମଶାଳା ପୋଲିସ ପକ୍ଷରୁ ବେଆଇନ ଭାବେ କଳାପଥର ପରିବହନ କରୁଥିବା ୩ଟି ଟ୍ରକକୁ ଶୁକ୍ରବାର ରାତିରେ ଜବତ କରଛି । ଆଜି ସେଗୁଡିକୁ ତହସିଲକୁ ହସ୍ତାନ୍ତର କରିଛି। ଗତ କାଲି ବିଳମ୍ବିତ ରାତିରେ ଧର୍ମଶାଳା ପୋଲସ ୧୬ ନମ୍ବର ଜାତୀୟ ରାଜପଥରେ ପେଟ୍ରୋଲିଂ କରୁଥିବା ବେଳେ ଭାଲୁଖାଇ ନିକଟରେ ବେଆଇନ ଭାବେ କଳାପଥର ପରିବହନ କରୁଥିବା ୩ଟି ଟ୍ରକକୁ ଜବତ କରିଥିଲେ। ଏହି ଗାଡି ଗୁଡିକୁ ଆଜି ଧର୍ମଶାଳା ତହସିଲକୁ ହସ୍ତାନ୍ତର କରାଯାଇଛି ବୋଲି ଥାନା ଅଧିକାରୀ ଉମାକାନ୍ତ ନାୟକ ସୂଚନା ଦେଇଛନ୍ତି।

## ବାଇକ୍ ଧକ୍କାରେ ମହିଳା ଗୁରୁତର

**ରସୁଲପୁର,୧୦।୧୧(ଡି.ଏନ୍.ଏ.):** ରସୁଲପୁର ବ୍ଲକ ଅନ୍ତର୍ଗତ ବାରବାଟୀ-କୃଷ୍ଣପଡ଼ା ରାସ୍ତାର ସିଂହାପୁର ପଞ୍ଚାୟତ ମାଟିଆ ଶାସନ ଗ୍ରାମ ନିକଟରେ ଶନିବାର ସନ୍ଧ୍ୟା ସାଢେ ୫ଟା ସମୟରେ ଏକ ବାଇକ ଧକ୍କାରେ ପବିତ୍ର ଶତପଥୀଙ୍କ ସ୍ତ୍ରୀ ମୀନତି(୪୮) ଗୁରୁତର ଆହତ ହୋଇଛନ୍ତି । ତାଙ୍କୁ କଟକସ୍ଥିତ ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସା କରାଯାଉଛି। ଘଟଣାରୁ ପ୍ରକାଶ କୁଆଖିଆ ଥାନା ଅନ୍ତର୍ଗତ କଲଣ ପଂଚାୟତ ମଦନ ମଲିକଙ୍କ ପୁଅ କେଦାର ଏକ ବାଇକ୍‌ରେ ଘରକୁ ଫେରୁଥିବାବେଳେ ମୀନତିଙ୍କୁ ଧକ୍କା ଦେଇଥିଲେ। ମହିଳା ଜଣକ ଗୁରୁତର ଆହତ ହୋଇଥିବାବେଳେ ବାଇକ ଚାଳକ ସମାନ୍ୟ ଆହତ ହୋଇଛନ୍ତି।

## ନବୋଦୟ ବିଦ୍ୟାଳୟରେ ନାମ ଲେଖା ପାଇଁ ପ୍ରବେଶିକା ପରୀକ୍ଷା

**ଯାଜପୁର ଅଫିସ,୧୦।୧୧**

ଯାଜପୁର ଜିଲା ପାଣିକୋଇଲିସ୍ଥିତ ଜବାହାର ନବୋଦୟ ବିଦ୍ୟାଳୟରେ ଷଷ୍ଠ ଶ୍ରେଣୀ ନାମଲେଖା ପାଇଁ ଅନ୍‌ଲାଇନ୍ ମାଧ୍ୟମରେ ଆବେଦନ କରିବାକୁ ନବୋଦୟ ବିଦ୍ୟାଳୟ ସମିତି ଆହ୍ୱାନ କରିଛନ୍ତି। ଆଗ୍ରହୀ ବା ଇଚ୍ଛୁକ ବିଦ୍ୟାର୍ଥୀମାନେ ଚଳିତ ମାସ ୩୦ତାରିଖ ସୁଦ୍ଧା www.navodaya.in ଓ www.jnvjajpur.nic.inରେ ଆବେଦନ କରିପାରିବେ ବୋଲି ଜବାହାର ନବୋଦୟ ବିଦ୍ୟାଳୟ ପାଣିକୋଇଲିର ଅଧ୍ୟକ୍ଷ ସରୋଜ କୁମାର ତ୍ରିପାଠୀ ଜଣାଇଛନ୍ତି। ଆବେଦନକାରୀ କୌଣସି ସରକାରୀ ବା ସରକାରୀ ସ୍ୱୀକୃତିପ୍ରାପ୍ତ ବିଦ୍ୟାଳୟରେ ୩ୟ ଓ ୪ର୍ଥ ଶ୍ରେଣୀ ପଢ଼ି ପାଶ୍ କରିଥିବେ। ଯାଜପୁର ଜିଲାର କୌଣସି ସରକାରୀ କିମ୍ବା ସରକାରୀ ସ୍ୱୀକୃତିପ୍ରାପ୍ତ ବିଦ୍ୟାଳୟରେ ୨୦୧୮-୧୯ ବର୍ଷରେ ୫ମ ଶ୍ରେଣୀରେ ଅଧ୍ୟୟନରତ ରହିଥିବେ। ତାଙ୍କର ଜନ୍ମ ତା୧.୫.୨୦୦୬ରିଖଠାରୁ ତା୩୦.୦୪.୨୦୧୦ ରିଖ ମଧ୍ୟରେ ହୋଇଥିବା ଜରୁରୀ। ଏହି ନାମ ଲେଖା ପାଇଁ ଚୟନ ପରୀକ୍ଷା ତା୬.୪.୨୦୧୯ରିଖ ପୂର୍ବାହ୍ନ ସାଢେ ୧୧ରୁ ଅପରାହ୍ନ ସାଢେ ୧ଟା ମଧ୍ୟରେ ଜିଲାର ବିଭିନ୍ନ ବ୍ଲକ ହେଡ୍‌କ୍ୱାର୍ଟର ଶିକ୍ଷାନୁଷ୍ଠାନଗୁଡ଼ିକରେ ଅନୁଷ୍ଠିତ ହେବ ବୋଲି ଅଧ୍ୟକ୍ଷ ତ୍ରିପାଠୀ ସୂଚନା ଦେଇଛନ୍ତି।

## ଷାଠିବାଟିରେ କାଳୀପୂଜା

**ଦଶରଥପୁର,୧୦।୧୧(ଡି.ଏନ୍.ଏ.)**

ଦଶରଥପୁର ବ୍ଲକ ପାଳଟପୁର ପଞ୍ଚାୟତ ଷାଠିବାଟିଠାରେ ଭାଇଚାରା ମଧ୍ୟରେ ୮୦୦ ବର୍ଷରୁ ଊର୍ଦ୍ଧ୍ୱ ହେବ କାଳୀପୂଜା ପାଳିତ ହୋଇଆସୁଛି। ପ୍ରତିବର୍ଷ କାଳୀପୂଜାରେ ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ନିର୍ମାଣ କରାଯାଇ ମା' ଦକ୍ଷୀଣ କାଳୀ ନାମରେ ପୂଜା କରାଯାଏ । ଅନେକ ଶ୍ରଦ୍ଧାଳୁ ମାନସିକ କରି ମା'ଙ୍କ ଦର୍ଶନ ପାଇଁ ଆସିଥାନ୍ତି। ତେବେ ଚଳିତ ବର୍ଷ ଅନୁଷ୍ଠିତ ହୋଇଥିବା ଏହି ପୂଜା ୭ ଦିନ ଧରି ଚାଲିବ ବୋଲି ଅନୁଷ୍ଠାନ ପକ୍ଷରୁ ସୂଚନା ମିଳିଛି । କାଳୀପୂଜା ଅବସରରେ ପ୍ରତ୍ୟହ ସନ୍ଧ୍ୟାରେ ପୂଜା ମଣ୍ଡପ ନିକଟରେ କମିଟି ପକ୍ଷରୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥାଏ। ରଙ୍ଗବେରଙ୍ଗର ବିଦ୍ୟୁତ୍ ଆଲୋକମାଳା ସହ ତୋରଣ ମଣ୍ଡପର ଶୋଭା ବଢାଇଥାଏ। ଅନେକ ଉଠା ବ୍ୟବସାୟୀ ମଣ୍ଡପ ନିକଟରେ ଦୋକାନ ବଜାର ଖୋଲିଥାନ୍ତି। ଅନ୍ୟପକ୍ଷରେ ଗ୍ରାମର ବୟସ୍କ ଲୋକ ମା'ଙ୍କ ପୂଜାକୁ ନେଇ ଐତିହ୍ୟ ସମ୍ପର୍କରେ ତଥ୍ୟ ଦେଇଛନ୍ତି। ତଥ୍ୟ ଅନୁଯାୟୀ, ୮୦୦ ବର୍ଷ ପୂର୍ବରୁ ନାରିଗାଁର ୩ ପତ୍ରୀ ପରିବାର ମଧ୍ୟରୁ ଗୋଟିଏ ପରିବାରର କୌଣସି ସନ୍ତାନ ସନ୍ତତି ନ ହେବାରୁ ଉକ୍ତ ପରିବାରର ମୁଖ୍ୟ କଲିକତାସ୍ଥିତ କାଳୀଘାଟର ମା'କାଳୀଙ୍କ ନିକଟରେ ଧାରଣା ଦେଇଥିଲେ । ତେବେ ଧାରଣାରେ ଥିବା ଉକ୍ତ ବ୍ୟକ୍ତିଙ୍କୁ ମା'ଙ୍କ ସ୍ୱପ୍ନାଦେଶ ହୋଇଥିଲା ଓ ସ୍ୱପ୍ନାଦେଶ ଅନୁଯାୟୀ ସେ ଭଦ୍ରକ ଜିଲା ବ୍ରାହ୍ମଣୀପାଳ ମା' କାଳୀଙ୍କ ପୀଠରୁ କଳସ ଆଣି ଷାଠିବାଟିଠାରେ ପ୍ରତିଷ୍ଠା କରିବାପରେ ତାଙ୍କର ଏକ ପୁତ୍ର ସନ୍ତାନ ଜନ୍ମ ହୋଇଥିଲା। ତାଙ୍କର ନାମ କାଳୀ ପତ୍ରୀ ଅନୁସାରେ କାଳୀପୂଜା ପାଳିତ ହୋଇଆସୁଛି। ପତ୍ରୀ ପରିବାର ମା'ଙ୍କ ପୂଜାବିଧି ଖର୍ଚ୍ଚ ବହନ କରୁଥିବାବେଳେ ଗ୍ରାମବାସୀ ଆନୁଷଙ୍ଗିକ ଖର୍ଚ୍ଚ କରିଥାନ୍ତି। ପୂଜା କମିଟି ସଭାପତି ଅନିରୁଦ୍ଧ ପତ୍ରୀ, ସମ୍ପାଦକ ସୁଦର୍ଶନ ପତ୍ରୀ ଏବଂ ନିଶିକାନ୍ତ ପତ୍ରୀ, ସତ୍ୟଜିତ୍ ପଣ୍ଡା, ବାବୁଲି ପତ୍ରୀ, ବିକାଶ ପଣ୍ଡା, ଶ୍ରୀକାନ୍ତ ବେହେରା, ଅମିୟ ମିଶ୍ର, ଜିତେନ୍ଦ୍ର ପତ୍ରୀ, ଜ୍ଞାନେନ୍ଦ୍ର ପତ୍ରୀ ଓ ଗ୍ରାମବାସୀ ଏହି ପୂଜା କାର୍ଯ୍ୟକୁ ଶୃଙ୍ଖଳାର ସହ ପରିଚାଳନା କରିଆସୁଛନ୍ତି ।



ଷାଠିବାଟିସ୍ଥିତ ମା' କାଳୀ ପୂଜା ମଣ୍ଡପ।

■ ଅଂଶୁମାନ ମେମୋରିଆଲ୍ କ୍ରିକେଟ୍ ସିକୁକପ୍ ଟୁର୍ନାମେଣ୍ଟ

## ପ୍ରଦର୍ଶନୀ ମ୍ୟାଚରେ ହଣ୍ଟର କ୍ଲବ ବିଜୟୀ

**ଧର୍ମଶାଳା,୧୦।୧୧(ଡି.ଏନ୍.ଏ.)**

ଧର୍ମଶାଳା ବ୍ଲକ ଜାରକା ଅଂଶୁମାନ ମେମୋରିଆଲ ଆନୁକୂଲ୍ୟରେ ଧର୍ମଶାଳା ମହୋତ୍ସବ ପଡ଼ିଆରେ ଚାଲିଥିବା ନବମ ସିକୁ କପ୍ କ୍ରିକେଟ ଟୁର୍ନାମେଣ୍ଟ ଅବସରରେ ଶନିବାର ଏକ ପ୍ରଦର୍ଶନୀ କ୍ରିକେଟ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏଥିରେ ବାଇକ୍‌ର କ୍ଲବ ଭୁବନେଶ୍ୱରକୁ ହରାଇ ହଣ୍ଟର କ୍ଲବ ଭୁବନେଶ୍ୱର ୫ଉଇକେଟରେ ବିଜୟୀ ହୋଇଛି। ବାଇକର କ୍ଲବ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରୁ ୭ଉଇକେଟ ହରାଇ ୨୦୩ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ରିତେଶ ସିହ୍ନା ସର୍ବାଧିକ ୬୦ରନ୍ ସଂଗ୍ରହ କରିଥିଲେ। ବିପକ୍ଷ ଦଳର ସୁବ୍ରତ ଜେନା ୩ଟି ଉଇକେଟ ଅକ୍ତିଆର କରିଥିଲେ। ଜବାବରେ ହଣ୍ଟର କ୍ଲବ ବ୍ୟାଟିଂ କରି ୫ଉଇକେଟ ହରାଇ ୧୪.୫ ଓଭରରେ ଆବଶ୍ୟକୀୟ ରନ୍ ସଂଗ୍ରହ କରି ବିଜୟୀ ହୋଇଥିଲା। ଦଳ ପକ୍ଷରୁ ସୁନୀଲ ସ୍ୱାଇଁ ୮୦ରନ୍ ସଂଗ୍ରହ କରିଥିଲେ। ବିପକ୍ଷ ଦଳର ଅନିମେଶ୍ ୨ଟି ଉଇକେଟ ନେଇଥିଲେ। ଉତ୍ତମ ଖେଳ ପ୍ରଦର୍ଶନ ପାଇଁ ସୁନିଲ ସ୍ୱାଇଁଙ୍କୁ ମ୍ୟାନ୍ ଅଫଦି ମ୍ୟାଚ୍ ଘୋଷଣା କରିବା ସହିତ ଟ୍ରଷ୍ଟର ସମ୍ପାଦକ ହିମାଂଶୁ ଶେଖର ସାହୁ ପୁରସ୍କାର ପ୍ରଦାନ କରିଥିଲେ। ଏହି ଖେଳକୁ ଜଗନ୍ନାଥ ଦାସ ଓ ଜୟପ୍ରକାଶ ତ୍ରିପାଠୀ ପରିଚାଳନା କରିଥିଲେ। ଆସନ୍ତା ୧୨ତାରିଖରେ ଇଷ୍ଟକୋଷ୍ଟ ରେଲୱେ ଖୋର୍ଦ୍ଧା ଓ ବିଳାସପୁର ରେଲୱେ ବିଳାସପୁର ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ।



ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳି।

## ସଂକ୍ଷେପରେ

### ହବିଷିଆଳି ଆଶ୍ରୟସ୍ଥଳରେ ଅଭାବନୀୟ ଘଟଣା
## ଗୁଜବରୁ ଆନ୍ଦୋଳନ

**ପୁରୀ ଅଫିସ, ୧୦।୧୧:** ହବିଷିଆଳିଙ୍କ ପାଇଁ ପ୍ରତ୍ୟହ ଜିଲା ପ୍ରଶାସନକୁ ନାକେଦମ ହେବାକୁ ପଡୁଛି। କେତେବେଳେ ହବିଷିଆଳି ଅସୁସ୍ଥ ତ କେତେବେଳେ ବିଭିନ୍ନ ଦାବି ନେଇ ଅନଶନ। ଏ ସବୁର ସାମ୍ନା କରି ପ୍ରଶାସନ ଏକରକମ ଆଣ୍ଠେଇଲାଣି। ଶନିବାର ସନ୍ଧ୍ୟା ୬ଟା ବେଳେ ପୌର କଲ୍ୟାଣମଣ୍ଡପ ଆଶ୍ରୟସ୍ଥଳରେ ଘଟିଛି ଅଭାବନୀୟ ଘଟଣା। ଶନିବାର କେତେଜଣ ହବିଷିଆଳିଙ୍କ ସମ୍ପର୍କୀୟ ଆସିଥିଲେ। ଅନ୍ୟ ହବିଷିଆଳି ଆଶ୍ରୟସ୍ଥଳରେ ହବିଷିଆଳିଙ୍କୁ ଶାଢି ଓ ୧ହଜାର ଟଙ୍କା ଦିଆଯାଉଥିବା କହି ପଳାଇଥିଲେ। ଏହାକୁ ନେଇ ହବିଷିଆଳିଙ୍କ ମଧ୍ୟରେ ଆରମ୍ଭ ହୋଇଥିଲା ଅସନ୍ତୋଷ। ଶାଢି ଓ ଟଙ୍କା ନ ମିଳିଲେ ପ୍ରସାଦ ସେବନ କରିବୁ ନାହିଁ ବୋଲି କେତେଜଣ ହବିଷିଆଳି କହିଥିଲେ। ଅପରାହ୍ନ ୬ଟା ବେଳେ ହବିଷିଆଳିଙ୍କୁ ମହାପ୍ରସାଦ ସେବନ ନିମନ୍ତେ ଡକାଯାଇଥିଲା। ଆଶ୍ରୟସ୍ଥଳରେ ଥିବା ହବିଷିଆଳିଙ୍କ ମଧ୍ୟରୁ ଅଧା ପ୍ରସାଦ ସେବନ ନିମନ୍ତେ ଯାଇଥିଲେ। ଶତାଧିକ ହବିଷିଆଳି ପ୍ରସାଦ ସେବନ କରିବାକୁ ଯାଇ ନ ଥିଲେ। ଗୋଟିଏ ସ୍ଥାନରେ ସେମାନେ ବସି ରହିଥିଲେ। ଶାଢି ଓ ଟଙ୍କା ମିଳିଲେ ଖାଇବାକୁ ଯିବୁ ବୋଲି କହିଥିଲେ। ଉକ୍ତ ଆଶ୍ରୟସ୍ଥଳରେ ଉପସ୍ଥିତ ରେଡକ୍ରସ ସଦସ୍ୟ ଗୀତାଞ୍ଜଳି ପଣ୍ଡା ଓ ଛବିରାଣୀ ମହାନ୍ତି ସେମାନଙ୍କୁ ବୁଝାସୁଝା କରି ଏହା ଏକ ଗୁଜବ ବୋଲି କହିଥିଲେ।

### ■ ରାଜ୍ୟସ୍ତରୀୟ କବି, ଲେଖକ ସମ୍ମିଳନୀ ଓ ପ୍ରତିଭା ସମାରୋହ
# ‘ସାହିତ୍ୟ ସମାଜକୁ ସମୃଦ୍ଧ କରେ’

ପୁରୀ ଅଫିସ, ୧୦।୧୧

ଶାସ୍ତ୍ରୀୟ ମାନ୍ୟତା ଲାଭ ପରେ ଓଡ଼ିଆ ଭାଷାର ପ୍ରାଧାନ୍ୟ ବୃଦ୍ଧି ପାଇଛି। ଭାଷା ହେଉଛି ଗୋଟିଏ ଜାତିର ପରିଚୟ। କୌଣସି ଏକ ଜାତିର ସମୃଦ୍ଧି ତା’ ଭାଷାର ବିକାଶ ଉପରେ ନିର୍ଭର କରେ। ବହୁ ସ୍ରଷ୍ଟା ଓଡ଼ିଆରେ କାଳଜୟୀ ସାହିତ୍ୟ ରଚନା କରିଯାଇଛନ୍ତି। ଓଡ଼ିଆ ସାହିତ୍ୟର ଏକ ସ୍ୱତନ୍ତ୍ରତା ରହିଛି। ସାହିତ୍ୟ ସମାଜକୁ ସମୃଦ୍ଧ କରେ। ଏହାର ପ୍ରଚାର ପ୍ରସାର ଲାଗି ସାମୂହିକ ସ୍ତରରେ ଉଦ୍ୟମ ଆବଶ୍ୟକ ବୋଲି ତ୍ରୈମାସିକ ସାହିତ୍ୟ ପତ୍ରିକା ‘ସୁଲେଖା’ର ୩୮ତମ ବାର୍ଷିକୋତ୍ସବ ଅବସରରେ ଶନିବାର ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ଆୟୋଜିତ ରାଜ୍ୟସ୍ତରୀୟ କବି, ଲେଖକ ସମ୍ମିଳନୀ ଓ ପ୍ରତିଭା ସମାରୋହରେ ମୁଖ୍ୟଅତିଥି ଭାବେ ଯୋଗଦେଇ ପୂର୍ବତନ କେନ୍ଦ୍ରମନ୍ତ୍ରୀ ବ୍ରଜକିଶୋର ତ୍ରିପାଠୀ କହିଛନ୍ତି।

ସୁଲେଖାର ମୁଖ୍ୟ ସମ୍ପାଦକ ସଦାଶିବ ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସମାରୋହରେ ଓଡ଼ିଶା ସାହିତ୍ୟ ଏକାଡେମୀ ସଭାପତି ହରିହର



ଅତିଥିମାନଙ୍କ ଦ୍ୱାରା ସୁଲେଖା ପତ୍ରିକା ଉନ୍ମୋଚନ କରାଯାଉଛି।

### ରଘୁନାଥଙ୍କୁ ଶିଳ୍ପୀ ଓ ୨୮ ଜଣଙ୍କୁ ସାରସ୍ୱତ ସାଧକ ସମ୍ମାନ

ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ କହିଲେ, ସାହିତ୍ୟ ସମାଜକୁ ସଚେତନ କରିବା ସହିତ ପ୍ରଗତିର ବାର୍ତ୍ତା ଦେଇଥାଏ। ରାଜ୍ୟ ସଭା ସଦସ୍ୟ ତଥା ଭାସ୍କର୍ଯ୍ୟ ଶିଳ୍ପୀ ରଘୁନାଥ ମହାପାତ୍ର, ପ୍ରଫେସର ଗଦାଧର ମିଶ୍ର, ପ୍ରଶାସକ ସନ୍ତୋଷ ଶତପଥୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପଦ୍ମବିଭୂଷଣ ରଘୁନାଥ ମହାପାତ୍ରଙ୍କୁ ଶିଳ୍ପୀ ସମ୍ମାନରେ ସମ୍ମାନିତ କରାଯାଇଥିଲା। ସେହିପରି ଡ. ସେନାପତି ପ୍ରଦ୍ୟୁମ୍ନ କେଶରୀଙ୍କୁ ସୁଲେଖା ସମ୍ମାନ, ମିନତି ପଟ୍ଟନାୟକ ଓ ବୀରେନ୍ଦ୍ର ମହାନ୍ତିଙ୍କ ସମେତ ୨୮ ଜଣଙ୍କୁ ସାହିତ୍ୟିକ ସାରସ୍ୱତ ସାଧକ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ସୁଲେଖାର ୩୮ତମ ସଂଖ୍ୟା, କବିତା ମିଶ୍ରଙ୍କ ଶିଶୁ କବିତା ସଂକଳନ ଓ ବଂଶୀଧର ଷଡ଼ଙ୍ଗୀଙ୍କ ପ୍ରବନ୍ଧ ସଙ୍କଳନକୁ ଅତିଥିମାନେ ଲୋକାର୍ପିତ କରିଥିଲେ। ଶିବସୁନ୍ଦର ମିଶ୍ର, ଗୀତାଶ୍ରୀ ପ୍ରିୟମ୍ବଦା, ବାହାଦୁର ପାଟସାହାଣୀ ଓ ବାମଦେବ ସ୍ୱାଇଁଙ୍କ ସଂଯୋଜନାରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା।

# ବ୍ୟବସାୟୀଙ୍କୁ ହତ୍ୟା ମାମଲାରେ ୩ ଗିରଫ

ଜଗନ୍ନାଥପ୍ରସାଦ,୧୦।୧୧

ଜଗନ୍ନାଥପ୍ରସାଦ ଥାନା କୁମ୍ଭାପଡ଼ା ପଞ୍ଚାୟତର ଲୁଣିଢ଼େପ ଗ୍ରାମ କାଜୁ ଜଙ୍ଗଲ ପଡ଼ିଆରେ ବାଳକୃଷ୍ଣ ସାହୁ ନାମକ ଜଣେ କବାଡ଼ି ବ୍ୟବସାୟୀଙ୍କ ମୃତଦେହ ଗତ ୬ ତାରିଖରେ ପୋଲିସ ଉଦ୍ଧାର କରିଥିଲା। ମୃତଦେହରେ କ୍ଷତଚିହ୍ନ ଥିବାରୁ ତାଙ୍କୁ କେହି ହତ୍ୟା କରିଥିବା ଅନୁମାନ କରି ପୋଲିସ ତଦନ୍ତ ଚଳାଇଥିଲା। ହତ୍ୟାକାଣ୍ଡରେ ସମ୍ପୃକ୍ତ ୩ ଜଣଙ୍କୁ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରାଯାଇଛି। ସେମାନେ ହେଲେ ପ୍ରକାଶ କୁମାର ସେଠୀ (ସାଲିନ), ଶିଶିର ବିଶୋଇ, ଓକିଲ ଗୋଲକ ବିହାରୀ ବେହେରା। ଥାନାଧିକାରୀ ଅନିରୁଦ୍ଧ ମୁଦୁଲିଙ୍କ ତଦନ୍ତ ରିପୋର୍ଟ ପ୍ରକାରେ ଓଡ଼ଗାଁ ଥାନା ଓଡ଼ଗାଁ ଧୋବାସାହିର ପ୍ରକାଶଙ୍କ ଭାଇ କୌଣସି ଏକ ମାମଲାରେ ନୟାଗଡ଼ ଜେଲରେ ରହିଛନ୍ତି। ତାଙ୍କର ଜାମିନ ପାଇଁ ପ୍ରକାଶ ତାଙ୍କ ଜଣେ ସାଙ୍ଗ ରଗଡ଼ିମଡ଼ା ଗ୍ରାମର ଲେଦ୍ କାରିଗର ଶିଶିର ବିଶୋୟୀଙ୍କୁ ସାଙ୍ଗରେ ଧରି ଜଗନ୍ନାଥପ୍ରସାଦ ବ୍ଲକ କୁମ୍ଭାପଡ଼ା ପଞ୍ଚାୟତ ଲୁଣିଢ଼େପ ଗ୍ରାମର ଓକିଲ ଗୋଲକଙ୍କ ଦ୍ୱାରସ୍ଥ ହୋଇଥିଲେ। ପ୍ରକାଶଙ୍କ ଭାଇ ଜାମିନ ପାଇଁ ଓକିଲ ୩୦ ହଜାର ଟଙ୍କା ମାଗିଥିଲେ ଏବଂ ଏତେ ଟଙ୍କା ସେମାନଙ୍କ ପାଖରେ ନ ଥିବାରୁ ପରେ ଦେବି ବୋଲି କହି ଫେରି ଆସିଥିଲେ। କିନ୍ତୁ ପ୍ରକାଶ ଯେକୌଣସି ପ୍ରକାରେ ଟଙ୍କା ଯୋଗାଡ଼ ଲକ୍ଷ୍ୟରେ ରଖିଥିଲେ। ତେଣୁ ଶିଶିରଙ୍କ ସହଯୋଗରେ ସ୍ଥାନୀୟ ଅଞ୍ଚଳରେ ଲୁହା ବ୍ୟବସାୟୀ ବାଳକୃଷ୍ଣଙ୍କୁ ମୋହରା କରିଥିଲେ। ଏ ବିଷୟରେ ଓକିଲଙ୍କ ସହ ଆଲୋଚନା କରି ସହାୟତା ଲୋଡ଼ିଥିଲେ। ଓକିଲଙ୍କ ପରାମର୍ଶରେ ବ୍ୟବସାୟୀ ବାଳକୃଷ୍ଣଙ୍କୁ ଶସ୍ତାରେ ପୁରୁଣା ଲୁହା ଯୋଗାଇବାର ଲୋଭ ଦେଖାଇ ୩୫ ହଜାର ଟଙ୍କା ଆଣିବା ପାଇଁ କହିବାରୁ ବାଳକୃଷ୍ଣ ରାଜି ହୋଇଯାଇ ଓଡ଼ଗାଁ ବ୍ୟାଙ୍କରୁ ୨୫ ହଜାର ଓ ଅନ୍ୟାନ୍ୟ ସ୍ଥାନରୁ ମୋଟ ୩୫ ହଜାର ଟଙ୍କା ଧରି ପୂର୍ବ ଯୋଜନା ମୁତାବକ ଶିଶିରଙ୍କ ଲେଦ୍‌ରେ ପହଞ୍ଚିଥିଲେ। ବ୍ୟବସାୟୀଙ୍କ ବାଇକରେ ବାଳକୃଷ୍ଣ ଓ ହତ୍ୟାକାରୀ ଶିଶିର ଏବଂ ଓକିଲଙ୍କ ବାଇକ (ନଂ. ଓଡି୨୫ସି୭୭୦୧)ରେ ପ୍ରକାଶ, ନାଉରିଆଗୁଡ଼ା, କୁମ୍ଭାପଡ଼ା ଗ୍ରାମ ବୁଲି ସାରିବା ପରେ ରାତ୍ର ୮ଟାରେ ଲୁଣିଢ଼େପ ନିକଟ କାଜୁ ଜଙ୍ଗଲ ନିଛାଟିଆ ରାସ୍ତା ଦେଖି ବାଳକୃଷ୍ଣଙ୍କୁ ଗାଡ଼ି ରଖିବା ପାଇଁ କହିଥିଲେ। ହଠାତ୍ ପ୍ରକାଶ ଓ ଶିଶିର ଆକ୍ରମଣ କରି ହାତୁଡ଼ିରେ ବାଳକୃଷ୍ଣଙ୍କ ମୁଣ୍ଡକୁ ପିଟି ମାରି ଦେଇଥିଲେ। ପୋଲିସ ତଦନ୍ତ କରି ୨ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ମାଷ୍ଟର ମାଇଣ୍ଡ ଓକିଲ ଗୋଲକ ବିହାରୀ ଏବଂ ହତ୍ୟାରେ ବ୍ୟବହୃତ ତାଙ୍କ ବାଇକ ଓ ବାଳକୃଷ୍ଣଙ୍କ ନିକଟରୁ ଛଡ଼ାଇ ନେଇଥିବା ୩୫ ହଜାର ୫ଶହ ଟଙ୍କାରୁ ଓକିଲ ନିକଟରେ ୨୦ ହଜାର, ହତ୍ୟାକାରୀ ଶିଶିରଙ୍କ ଘରୁ ୧୫ହଜାର ୫୦୦ ଟଙ୍କା ଜବତ କରିଥିବା ବେଳେ ୩ ଅଭିଯୁକ୍ତଙ୍କୁ ଭଞ୍ଜନଗର କୋର୍ଟକୁ ପଠାଇ ଦିଆଯାଇଥିବା ଥାନାଧିକାରୀ ସୂଚନା ଦେଇଛନ୍ତି। ଏନେଇ ଜଗନ୍ନାଥପ୍ରସାଦ ଥାନାରେ ନଂ. ୧୭୪/୧୮ରେ ଏକ ହତ୍ୟା ମାମଲା ରୁଜୁ ହୋଇଛି।

### ହବିଷିଆଳି ଆଶ୍ରୟସ୍ଥଳ
## ଗରମ ଚା ପଡ଼ି ଯୁବକ ଗୁରୁତର

**ପୁରୀ ଅଫିସ, ୧୦।୧୧:** ପୌର କଲ୍ୟାଣମଣ୍ଡପ ହବିଷିଆଳି ଆଶ୍ରୟସ୍ଥଳରେ ଗରମ ଚା ପଡି ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ତାଙ୍କ ମୁହଁ ଓ ଆଖିରେ ଗରମ ଚା ପଡି ଯାଇଛି। ଆଖିକୁ ଠିକ୍ ଭାବେ ଦେଖାଯାଉ ନ ଥିବା ଜଣାପଡିଛି। ମିଳିଥିବା ସୂଚନା ଅନୁଯାୟୀ, ପୌର କଲ୍ୟାଣମଣ୍ଡପ ହବିଷିଆଳି ଆଶ୍ରୟସ୍ଥଳରେ ହବିଷିଆଳିଙ୍କୁ ହୋଟେଲ ମହାବୀର ସେରାଟନ୍ ପକ୍ଷରୁ ପ୍ରତ୍ୟହ ସକାଳେ ଓ ସନ୍ଧ୍ୟାରେ ଚା ବଣ୍ଟନ କରାଯାଉଛି। ଶନିବାର ସନ୍ଧ୍ୟାରେ ହୋଟେଲ କର୍ମଚାରୀ ବଡଶଙ୍ଖ ଅଞ୍ଚଳର ଅଭିଷେକ ଗୌଡ ଚା ବାଣ୍ଟିବାକୁ ଆସିଥିଲେ। ଏହି ସମୟରେ ହବିଷିଆଳିମାନେ ଚା ପାଇଁ ତାଙ୍କୁ ଘେରି ଯାଇଥିଲେ। ହବିଷିଆଳିଙ୍କୁ ଧାଡିରେ ରହିବା ପାଇଁ ସେ କହିଥିଲେ। ଏହି ସମୟରେ କେତେଜଣ ହବିଷିଆଳି ଠେଲାପେଲା ହୋଇ ତାଙ୍କ ଉପରେ ପଡି ଯାଇଥିଲେ। କ୍ୟାଟିଲ ଢାଙ୍କୁଣି ଖୋଲି ଯିବାରୁ ଚା ଚହଲି ଅଭିଷେକଙ୍କ ମୁଣ୍ଡ ଓ ମୁହଁରେ ପଡିଥିଲା।

## ସଂସ୍କୃତି ଓ ଶିକ୍ଷାଭିତ୍ତିକ କର୍ମଶାଳା ଉଦ୍‌ଯାପିତ

**ପୁରୀ ଅଫିସ, ୧୦।୧୧:** ସାଂସ୍କୃତିକ ସ୍ରୋତ ଓ ପ୍ରଶିକ୍ଷଣ କେନ୍ଦ୍ର ନୂଆଦିଲ୍ଲୀ ସଂଯୋଜନାରେ ପୁରୀ ଜିଲା ସାଂସ୍କୃତିକ ସ୍ରୋତ ଓ ପ୍ରଶିକ୍ଷଣ କେନ୍ଦ୍ର ଆନୁକୂଲ୍ୟରେ ଜିଲା ସ୍କୁଲ ପରିସରରେ ଚାଲିଥିବା ତ୍ରିଦିବସୀୟ କର୍ମଶାଳା ଶନିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଜିଲାର ବିଭିନ୍ନ ବ୍ଲକରୁ ୪୦ଜଣ ଶିକ୍ଷୟିତ୍ରୀ, ଶିକ୍ଷକ ଯୋଗଦାନ କରିଥିଲେ। କାଗଜରେ ବିଭିନ୍ନ ଉପକରଣ ପ୍ରସ୍ତୁତି ଯଥା ପପେଟ ଶୋ, କଣ୍ଢେଇ, ଡଙ୍ଗା, ବ୍ୟାଗ, ଟୋପି ଆଦି ପ୍ରସ୍ତୁତି କରିବା କୌଶଳ ଏବଂ ବିଭିନ୍ନ ରାଜ୍ୟର ଆଞ୍ଚଳିକ ଭାଷାର ସଙ୍ଗୀତ, ହୁଳହୁଳି, ଶଙ୍ଖ ଧ୍ୱନି, ଝୋଟି ସମ୍ପର୍କରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ଜିଲା ସାଧନ ଶିକ୍ଷକ ଶିବ ନାରାୟଣ ଭଞ୍ଜ, ଅଜୟ କୁମାର ପଣ୍ଡା, ବିଦ୍ୟାଧର ମିଶ୍ର ପ୍ରମୁଖ ତାଲିମ ପ୍ରଦାନ କରିଥିଲେ। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଜିଲା ଶିକ୍ଷାଧିକାରୀ ହୃଷୀକେଶ କାଣ୍ଡି, ଜିଲା ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସ, ପୁରୀ ମଣ୍ଡଳ ଶିକ୍ଷାଧିକାରୀ ମମତା ମିଶ୍ର, ଜିଲା ସ୍କୁଲ ପ୍ରଧାନଶିକ୍ଷୟିତ୍ରୀ ଜ୍ୟୋତିର୍ମୟୀ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।


**OFFICE OF THE PANCHAYAT SAMITI, KORAPUT**
**DIST.-KORAPUT**

**Notice No. 3044/18** **Dtd. 08.11.2018**

**QUOTATION CALL NOTICE**

Sealed Limited Quotations are invited from reputed Indian Manufacturers/ Suppliers / Agencies, their authorized dealers/ GeM registered Firms for supply of "Various Furniture Items / Office Gadgets intended for DPRC Building, Koraput". The detail information of which are made available in Koraput Dist. Website i.e. http//www.koraput.nic.in & in DRDA Website http//www.drdakoraput.org.

The date and time of receipt of Sealed quotations are from 12.11.2018 to 19.11.2018 upto 4.00 P.M. on working days only.

**Sd./- Block Development Officer, Koraput**

**SWAMI VIVEKANAND NATIONAL INSTITUTE OF REHABILITATION TRAINING AND RESEARCH**
**(Ministry of Social Justice & Empowerment**
**Department of Empowerment of Persons with Disabilities (Divyangjan), Govt. of India)**
**Olatpur, PO: Bairoi, Dist: Cuttack (Odisha), Pin: 754010, Tel. No: 0671-2805552, 2805778, Fax: 0671-2805862, Website: www.svnirtar.nic.in, E-mail: nirtar@nic.in & svnirtar@gmail.com**

**Ref. No.-AD-5/Advertisement/18-19** **Date: 09.11.2018**

**E-Procurement Tender Notice**

E-Tender is invited for procurement of Physiotherapy, Occupational Therapy, Hospital equipment etc/ hiring of 52 seater bus/ AMC of Computer & Accesories/ Hospital Dressing & Textile i.e. POP/Roller bandage, Cotton, POP Power etc.

Date of availability of bid: 14.11.2018

Closing date of Bid: 04.12.2018

Details can be seen from the Central Public Procurement (CPP) Portal, (http://eprocure.gov.in/eprocure/app)

**Sd./-**
**DIRECTOR**

**OFFICE OF THE PRINCIPAL**
**DEOGARH COLLEGE, DEOGARH**
**At./Po:- Purunagarh, Dist : Deogarh, Pin : 768119 (Orissa)**
**Ph. : 226415 (06641), Email : principaldeo@gmail.com**

**QUOTATION CALL NOTICE**

Sealed quotations are invited from reputed manufacturers / authorized dealers for supply of equipments / Lab. equipments / Computer system etc. The parties should submit valid GST clearance certificate, SRIN/ TIN number registration certificates alongwith quotation whichever is applicable. Details can be obtained on request from the email Id of the college **principaldeo@gmail.com** or in person during office hour **(10.00 A.M. to 4.00 P.M.).** The same can also be viewed from Deogarh district website **www.deogarh.nic.in.** Last date of submission is **15.11.2018** at **1.00 P.M.** Quotations will be opened on the same date at 2.00 P.M. The authority reserves right to cancel any or all quotations without assigning any reason thereof.

**Sd./- Principal, Deogarh College, Deogarh**

**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, JAJPUR**

NATIONAL HEALTH MISSION

**TENDER CALL NOTICE**

**Ref. No: 8152** **Dated: 09.11.18**

"It is for information to all the parties concerned to submit their bid for supply of DEIC Equipments & AIDS for the year 2018-2019" to the office of the CDM&PHO, Jajpur on or before 26.11.2018, 12 Noon by Speed Post, Registered Post only. For terms and conditions regarding Tender Call, please log on to the website: www.jajpur.nic.in.

The interested parties with valid documents may participate in tender process himself or with their representatives with applicable terms and conditions".

**Sd./-**
**Chief District Medical & Public Health Officer, Jajpur**

**ପଞ୍ଚାୟତ ସମିତି କାର୍ଯ୍ୟାଳୟ, କୋକସରା**

**ବିଜ୍ଞପ୍ତି ସଂଖ୍ୟା: ୨୬୧୦** **ତା ୦୮।୧୧।୧୮**

ଏତଦ୍ଦ୍ୱାରା କୋକସରା ପଞ୍ଚାୟତ ସମିତି ଅନ୍ତର୍ଗତ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ଅନ୍ତର୍ଗତ ୨୦୧୭-୧୮ ଆର୍ଥିକ ବର୍ଷ ଅକ୍ଟୋବର ୨୦୧୭ରୁ ମାର୍ଚ୍ଚ ୨୦୧୮ ମଧ୍ୟରେ ସମ୍ପାଦିତ ହୋଇଥିବା ପ୍ରକଳ୍ପଗୁଡ଼ିକର ସାମାଜିକ ସମୀକ୍ଷା ବିବରଣୀ ଉପରେ ଆସନ୍ତା ତା୧୪।୧୧।୨୦୧୮ ରିଖ ଦିନ ବ୍ଲକ ଅଫିସ ପରିସର ମଧ୍ୟରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାର ବ୍ଲକସ୍ତରୀୟ ଜନଶୁଣାଣି ଶିବିର ଅନୁଷ୍ଠିତ ହେବ। ଏଣୁ ଉକ୍ତ ସଭାରେ ସମ୍ପୃକ୍ତ ଗ୍ରାମ ଶାସନ ଅନ୍ତର୍ଗତ ସମସ୍ତ ସରପଞ୍ଚ, ସମସ୍ତ ସଭ୍ୟ/ସଭ୍ୟା, ସ୍ୱୟଂ ସହାୟକ ଗୋଷ୍ଠୀ, ପଞ୍ଚାୟତ କର୍ମଚାରୀ, ଗ୍ରାମ ମେଟ୍, ଜବ୍‌କାର୍ଡଧାରୀ ଶ୍ରମିକ, ତଦାରଖ କମିଟିର ସଭ୍ୟମାନେ ଏବଂ ବିଭିନ୍ନ Line Deptt. ର କର୍ମଚାରୀ ସକାଳ ୧୦.୦୦ ଘ. ମଧ୍ୟରେ ଉପସ୍ଥିତ ରହିବେ।

**MGNREGA ବ୍ଲକସ୍ତରୀୟ ଜନଶୁଣାଣି ଶିବିର**
**୨୦୧୭-୧୮ କାର୍ଯ୍ୟସୂଚୀ**

| କ୍ରମିକ ସଂଖ୍ୟା | ବ୍ଲକ ଅଫିସ୍‌ର ନାମ | ସଭା ତାରିଖ | ସମୟ | ସ୍ଥାନ |
|---|---|---|---|---|
| ୧ | କୋକସରା | ୧୪।୧୧।୨୦୧୮ | ପୂ. ୧୦.୦୦ | ବ୍ଲକ କାର୍ଯ୍ୟାଳୟ ପରିସର |

**ସ୍ୱା./- ଗୋଷ୍ଠୀ ଉନ୍ନୟନ ଅଧିକାରୀ**
**ତଥା କାର୍ଯ୍ୟକ୍ରମ ଅଧିକାରୀ, କୋକସରା**

**STONEMART - 2019**

Applications are hereby invited from Entrepreneurs / Artisans dealing with Stone Carving Craft of the State for participation in up coming **STONEMART - 2019**, to be held from **31.01.2019** to **03.02.2019** at **Jaipur (Rajasthan).** Interested Entrepreneurs / Artisans may apply to **SIDAC** on or before **27.11.2018** giving details as follows : Name, detail address with contact numbers, type of business, product to be displayed, type of stone used, annual turnover and past experience in execution of export order (if any) etc. Only selected Entrepreneurs/Artisans will be allowed to participate in the event.

**Member Secretary**

**State Institute for Development of Arts & Crafts**
Handlooms, Textiles & Handicrafts Department, Government of Odisha
Handicrafts Complex, Gandamunda, P.O.: Khandagiri, Bhubaneswar-30
Tel./Fax No.: +91 (0) 674-2350318, 2350310
**E-mail: sidacorissa@gmail.com, Website: www.sidacodisha.org.in**

**ODISHA LIFT IRRIGATION CORPORATION LIMITED**
**(A GOVT. OF ODISHA UNDERTAKING)**
**OFFICE OF THE EXECUTIVE ENGINEER, L. I. DIVISION, NUAPADA**
"E"Mail address - eeolicnpd@gmail.com
**SHORT TENDER CALL NOTICE NO .05 DATE. 08.11.2018**

The Executive Engineer, L.I Division, Nuapada, on behalf of Odisha Lift Irrigation Corporation Ltd, Bhubaneswar invites PERCENTAGE RATES bids for Extention of distribution system of LIPs as per detailed in the table from eligible contractors registered with the State Govt and contractors of equivalent grade / Class registered with Central Govt. / MES / Railways for execution of works detailed in table to be eventually drawn up in PWD form F-2 on PERCENTAGERATE Contract on production of definite prove from the appropriate authority. The Bidders must submit bids of works in separate envelope for each work.

| Sl. No. | Name of the Block | Package No. | Name of work | Approximate value of work | EMD(1%) to be deposited in Rs. | Cost of Tender paper in Rs. (Non-Refundable) | Class of contractors | Period of completion |
|---|---|---|---|---|---|---|---|---|
| 1 | Boden & Khariar | 1 | Extention of distribution system of Anlabhata–I, Sukulighata-III, Dharanimal, Chandel – IV R/L Projects | 403613 | 4036 | 2000 | D & Above | 60 Days |
| 2 | Khariar | 2 | Extention of distribution system of Tukla – VI, Tukla – VII, Bahalpadar – III, Chandgiri - IV R/L Projects | 417082 | 4171 | 2000 | D & Above | 60 Days |
| 3 | Sinapali | 3 | Extention of distribution system of Sinapali – III, Jogenpadar – III, Kapsi – V, Kapsi – VI, Kapsi - VII R/L Projects | 374710 | 3747 | 2000 | D & Above | 60 Days |
| | | 4 | Extention of distribution system of Hirapur, Gorla – I, Nilji – IV R/L Projects | 346091 | 3461 | 2000 | D & Above | 60 Days |
| | | 5 | Extention of distribution system of Adkighat – I, Jhakarguda – I, Jhakarguda – II, Gandabahali – IV, Ranimunda, Jamugaon – IV R/L Projects | 479706 | 4797 | 2000 | D & Above | 60 Days |
| 4 | Nuapada | 6 | Extention of distribution system of Jangula – I, Jangula – II, Negipali – IV, Jhitiki – V, Jhitiki – VI R/L Projects | 476644 | 4766 | 2000 | D & Above | 60 Days |
| | | 7 | Extention of distribution system of Dianmunda – II, Dianmunda – III, Kurumunda – III R/L Projects | 182149 | 1822 | 600 | D & Above | 60 Days |
| | | 8 | Extention of distribution system of Beheradihi – IV, Bhera – I, Bhera – II, Bhaleswar – VI, Budhipali – I, Jenjera – V R/L Projects | 456147 | 4561 | 2000 | D & Above | 60 Days |

The tender paper for all the works along with terms and conditions, scope of works, technical specifications etc. can be obtained from the office of the Executive Engineer, L. I. Division, Nuapada on payment of the cost of the tender papers (Non-refundable) as per the detailed tender call notice in shape of Bank Draft drawn in favour of the Executive Engineer, Lift Irrigation Division, Nuapada to be drawn at Nuapada on any Nationalized Bank on any working day (**10.30 AM to 3.00 PM**) from **13.11.2018** to**19.11.2018**. The tender paper will be sold on receipt of written request (mentioning the name of the work) to the Executive Engineer, L.I. Division, Nuapada along with the Xerox copies of the valid license of required class GST Certificate and PAN Card. No Tender paper will be sold on the date of receipt of tender i.e. on **dt.20.11.2018**.

All Tender papers will be received by L.I. Division, Nuapada from **10.30 AM** to **3.00 P.M** on **dt.20.11.2018** and will be opened on **27.11.2018** at **3.30 PM** in the Office of the Executive Engineer, Nuapada Lift Irrigation Division, Nuapada in presence of the Tenderers or their authorized representatives if any. Tender through Post / Courier will be accepted which should reach the Division Office by date **20.11.2018** up to **3.00 PM**. The Authority will not be held responsible for any Postal / Courier delay for receipt of Tender beyond the above stipulated date and time.

The E.M.D @ 1 % of the estimated cost has to be deposited along with the Tender paper (work wise) in shape of NSC / STDR duly pledged in favour of the Executive Engineer, Lift Irrigation Division, Nuapada on any Nationalized Bank, in absence of which the Tender will summarily be rejected. The contractor who have taken works in the Division & failed to complete the same in time need not apply for new works.

The undersigned reserves the right to increase or decrease the quantity of work accept or reject any or all the tenders without assigning any reasons thereof.

**Sd./- (Binod Kumar Das)**
**EXECUTIVE ENGINEER, L.I.DIVISION, NUAPADA**

NANDANKANAN

**NANDANKANAN ZOOLOGICAL PARK**

**SHORT QUOTATION NOTICE NO. 12 of 2018-19**
**Date: 10.11.2018**

Sealed quotations are invited from interested reputed travel agencies/ tour operators/ vehicle owners for providing Innova Crysta passenger vehicle & eicher pro 1100 transportation vehicle or any equivalent or better Vehicles, which shall confirm to the terms and Conditions (Annexure I & II). Interested travel agencies/ tour operators/ Animals transporters may submit offers in prescribed format as in Annexure-II. The quotations along with all the mandatory enclosures should reach the undersigned on or before 3 PM of 17th November, 2018. The EOI will be opened at 4.00 PM on 17th November, 2018.

The detailed quotation call notice and the format for use in offer along with the terms and conditions of engagement of vehicle will be made available at website of Nandankanan (www.nandankanan.org) w.e.f 11.00 A.M. on 11.11.2018 onwards for information of all concerned. Interested agencies should submit their offers in person/Speed Post/ Registered Post in sealed covers superscribed 'EXPRESSION OF INTEREST FOR PROVIDING OF VEHICLE TO NANDANKANAN ZOOLOGICAL PARK' and addressed to Deputy Director, Nandankanan Zoological Park.

**Sd./- Deputy Director**
**Nandankanan Zoological Park**

**GOVERNMENT OF ODISHA** **No.723-A**
**e-Procurement Notice**
**OFFICE OF THE SUPERINTENDING ENGINEER**
**SOUTHERN MINOR IRRIGATION CIRCLE, BERHAMPUR**
**Bid Identification No.: SESMIC-03/2018-19**

| | | | |
|---|---|---|---|
| 1. | No. of Work | : | 2 Nos of M.I. Division Ganjam No.I, Berhampur. |
| 2. | Estimated Cost | : | From 142.00 Lakh to 298 Lakh. |
| 3. | E.M.D. required | : | As per Column -4 of summary of DTCN |
| 4. | Class of Contractor | : | As per Column -7 of summary of DTCN |
| 5. | Period of Completion | : | 11 (Eleven Calendar Months). |
| 6. | Availability of tender online for bidding. | : | From 14.11.2018 to 05.12.2018 up to 5.00 pm |
| 7. | Date & time of opening of Technical bid. | : | On 06.12.2018 at 12.30 pm |
| 8. | Name and Address of the OIT | : | Superintending Engineer, Southern Minor Irrigation Circle, Berhampur, In front of De-Paul School, Engineering School Road, Berhampur-760010, Ganjam. Email: smicbam@yahoo.co.in. Details can also be seen from the Government website http://www.tendersodisha.gov.in. |

32045/11/0006/1819